# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ନଭେମ୍ବର ୨୩/୨୦୨୩ (୧୬ ପୃଷ୍ଠା) | Bhubaneswar, Thursday, November 23/2023 | Page 16 | ₹ 7.00

୪୯ଶ ଭାଗ ୩୫୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 49 ISSUE 357 | ମୂଲ୍ୟ ₹୭/-





# ରିଜର୍ଭ ବ୍ୟାଙ୍କ - ସମନ୍ୱିତ ଲୋକପାଳ ଯୋଜନା

ଅଭିଯୋଗ ଦାଏର କରିବା ପାଇଁ
**https://cms.rbi.org.in**
କୁ ଯାଆନ୍ତୁ

## ଆରବିଆଇ ଦ୍ୱାରା ନିୟନ୍ତ୍ରିତ ସଂସ୍ଥା ବିରୁଦ୍ଧରେ ଅଭିଯୋଗ ନିବାରଣର ଏକକ ସୁବିଧା

30 ଦିନ ଭିତରେ ଅଭିଯୋଗର ସମାଧାନ ନ ହେବା କିମ୍ବା ଆରବିଆଇ ଦ୍ୱାରା ନିୟନ୍ତ୍ରିତ ବ୍ୟାଙ୍କ/ଏନବିଏଫସି/କ୍ରେଡିଟ ଇନଫରମେସନ କମ୍ପାନୀ/ପେମେଣ୍ଟ ସିଷ୍ଟମ ଅଶଂଗ୍ରହଣକାରୀ ମାନଙ୍କ ଦ୍ୱାରା ସନ୍ତୋଷଜନକ ସମାଧାନ ନ ହେବା କ୍ଷେତ୍ରରେ ଆପଣ ଏହାର ଅଭିଯୋଗ ଆରବିଆଇ (ଓମ୍ବୁଡସମ୍ୟାନ) ଲୋକପାଳଙ୍କ ନିକଟରେ ଦାଏର କରିପାରିବେ

ଅପବର୍ଜନ ସୂଚୀରେ ଥିବା ଅଭିଯୋଗ ବ୍ୟତୀତ ବ୍ୟାପ୍ତ ସେବାରେ ତ୍ରୁଟି ଜନିତ ସମସ୍ତ ଅଭିଯୋଗ

https://cms.rbi.org.in ରେ ଅନଲାଇନ କିମ୍ବା କେନ୍ଦ୍ରୀଭୁତ ରସିଦ ଏବଂ ପ୍ରକ୍ରିୟାକରଣ କେନ୍ଦ୍ର, ଭାରତୀୟ ରିଜର୍ଭ ବ୍ୟାଙ୍କ, ଚଣ୍ଡିଗଡ଼ – 160017 କୁ ପତ୍ର ପ୍ରେରଣ ଦ୍ୱାରା ଅଭିଯୋଗ ଦାଏର କରନ୍ତୁ

ଅଭିଯୋଗ ପ୍ରବନ୍ଧନ ପ୍ରଣାଳୀ (https://cms.rbi.org.in) ରେ ନିଜର ଅଭିଯୋଗର ବାସ୍ତବିକ ସ୍ଥିତି ଟ୍ରାକ କରନ୍ତୁ

ଅଧିକ ସୂଚନା ପାଇଁ କଲ୍ କରନ୍ତୁ **14448**
ସମୟ: ଜାତୀୟ ଛୁଟିଦିନ ଗୁଡ଼ିକୁ ଛାଡ଼ି ସପ୍ତାହର ସବୁଦିନ:
- ଇଁରାଜୀ ଏବଂ ହିନ୍ଦୀ ପାଇଁ ସକାଳ 8:00 ରୁ ରାତି 10:00
- 10 ଟି ଆଞ୍ଚଳିକ ଭାଷା (ଆସାମୀ, ବଙ୍ଗାଳୀ, ଗୁଜୁରାଟୀ, କନ୍ନଡ଼, ମରାଠୀ, ମାଲାୟଲମ, ଓଡ଼ିଆ, ପଞ୍ଜାବୀ, ତେଲେଗୁ ଏବଂ ତାମିଲ) ପାଇଁ ସକାଳ 9:30 ରୁ ସନ୍ଧ୍ୟା 5:15




ଜନହିତରେ ଜାରି
**ଭାରତୀୟ ରିଜର୍ଭ ବ୍ୟାଙ୍କ**
**RESERVE BANK OF INDIA**
www.rbi.org.in

ଅଧିକ ଜାଣିବା ପାଇଁ **https://rbikehtahai.rbi.org.in/** କୁ ଯାଆନ୍ତୁ
ଫିଡବ୍ୟାକ ପାଇଁ **rbikehtahai@rbi.org.in** କୁ ଯାଆନ୍ତୁ

# ୪ ଦିନ ଯୁଦ୍ଧ ବନ୍ଦ


ୱେଷ୍ଟ ବ୍ୟାଙ୍କର ତୁଲକରେମ୍‌ରେ ମୃତକଙ୍କ ଶେଷକୃତ୍ୟ ବେଳେ ଦୁଇ ପାଲେଷ୍ଟିନୀୟ ମହିଳା କାନ୍ଦୁଛନ୍ତି।

## ୫୦ ପଣବନ୍ଦୀଙ୍କୁ ଛାଡ଼ିବ ହମାସ୍ ■ ଇସ୍ରାଏଲ ଜେଲରୁ ମୁକୁଳିବେ ୧୫୦ ପାଲେଷ୍ଟିନୀୟ

**ଗାଜା ସିଟି/ଜେରୁଜେଲମ୍,୨୨।୧୧**

ଗାଜାରେ ମାନବୀୟ ସହାୟତା ଯୋଗାଣ ନିମନ୍ତେ ଅନ୍ୟୂନ ୪ ଦିନ ପାଇଁ ଅସ୍ତ୍ରବିରତି କରାଯିବ। ହମାସ୍ ଆତଙ୍କବାଦୀମାନେ ପଣବନ୍ଦୀ ରଖିଥିବା ଅନ୍ୟୂନ ୫୦ ଜଣଙ୍କୁ ଛାଡ଼ିଦେବେ। ଏହା ବଦଳରେ ଇସ୍ରାଏଲର ବିଭିନ୍ନ ଜେଲରେ ବନ୍ଦୀ ଥିବା ୧୫୦ ପାଲେଷ୍ଟିନୀୟଙ୍କୁ ମୁକ୍ତ କରାଯିବ। ଏନେଇ ଇସ୍ରାଏଲ ଓ ହମାସ୍ ମଧ୍ୟରେ ବୁଧବାର ସହମତି ପ୍ରକାଶ ପାଇଛି।

ପ୍ରାୟ ୭ ସପ୍ତାହ ଧରି ଯୁଦ୍ଧ ଚାଲିଥିବାବେଳେ କାତାର ମଧ୍ୟସ୍ଥତାରେ ପ୍ରଥମ ଥର ପାଇଁ ସନ୍ଧି ଚୁକ୍ତି ସଫଳ ହୋଇଛି। ଫଳରେ ଗାଜାବାସୀଙ୍କ ଦୁର୍ଦ୍ଦଶା କିଛିମାତ୍ରାରେ ଦୂର ହେବା ଆଶା ଉଜ୍ଜୀବିତ ହୋଇଛି। ଏଥିସହ ହମାସ୍ କବଳରେ ଥିବା ୨୩୬ ପଣବନ୍ଦୀଙ୍କ ମଧ୍ୟରୁ ୫୦ ଇସ୍ରାଏଲୀ ନିଜ ଘରକୁ ଫେରିବା ବାଟ ମଧ୍ୟ ଫିଟିଛି। ତେବେ ସମସ୍ତ ପଣବନ୍ଦୀଙ୍କୁ ହମାସ୍ ମୁକ୍ତ ନ କରିବା ଯାଏ ଯୁଦ୍ଧ ଜାରି ରହିବ ବୋଲି ଇସ୍ରାଏଲ କହିଛି।

ଅକ୍ଟୋବର ୭ରେ ହମାସ୍ ସଶସ୍ତ୍ର ବଳ ଇସ୍ରାଏଲୀ ସହରଗୁଡ଼ିକୁ ଅନୁପ୍ରବେଶ କରି ପ୍ରାୟ ୨୪୦ ଜଣଙ୍କୁ ଅପହରଣ କରିନେଇଥିଲେ। ସେମାନଙ୍କ ମଧ୍ୟରୁ ୪ ଜଣଙ୍କୁ ଛଡ଼ାଯାଇଛି। ଅନ୍ୟମାନଙ୍କୁ ଛଡ଼ାଇବା ପାଇଁ ଉଦ୍ୟମ ଜାରି ରହିଛି। ଏହି କ୍ରମରେ ଗୁରୁବାରଠାରୁ ୪ ଦିନ ଭିତରେ ୫୦ ପଣବନ୍ଦୀ ମୁକ୍ତ ହେବା ସହ ଅସ୍ତ୍ରବିରତି ଆରମ୍ଭ ସମୟ ଘୋଷଣା କରାଯିବ। ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ କହିଛନ୍ତି, ୪ ଦିନରେ ୫୦ ମହିଳା ଓ ଶିଶୁଙ୍କୁ ଛଡ଼ାଯିବ। ହମାସ୍ ଅଧିକ ପଣବନ୍ଦୀଙ୍କୁ ମୁକ୍ତ କଲେ ଅସ୍ତ୍ରବିରତି ଅବଧି ବୃଦ୍ଧି କରାଯାଇପାରେ।

ଇଜିପ୍ଟର ସରକାରୀ ଟିଭି ଚ୍ୟାନେଲ କାହେରା ରିପୋର୍ଟ ଅନୁସାରେ ଏହି ସନ୍ଧି ଗୁରୁବାର ସ୍ଥାନୀୟ ସମୟ ପୂର୍ବାହ୍ନ ୧୦ଟାରୁ ଲାଗୁହେବ। ସୂତ୍ରରୁ ଜଣାପଡ଼ିଛି ଯେ, ଆମେରିକାର ମଧ୍ୟପ୍ରାଚ୍ୟ ରାଷ୍ଟ୍ରଦୂତ ବ୍ରେଟ୍ ମେକ୍‌ଗୁର୍କ ଏହି ସନ୍ଧିକୁ ସଫଳ କରିବା ପାଇଁ କାତାର ପ୍ରଧାନମନ୍ତ୍ରୀ ଶେଖ୍ ମହମ୍ମଦ ବିନ୍ ଅବଦୁଲରହମାନ ବିନ୍ ଜାସିମ୍ ଅଲ୍ ଥାନିଙ୍କୁ ପ୍ରତିଦିନ ସକାଳେ ଫୋନ୍ କରୁଥିଲେ। ସେ ଆମେରିକାର ଜାତୀୟ ସୁରକ୍ଷା ପରାମର୍ଶଦାତା ଜେକ୍ ସୁଲ୍ଲିଭାନ୍‌ଙ୍କ ନିକଟରେ ଏନେଇ ରିପୋର୍ଟ କରୁଥିଲେ। ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କୁ ଅଗ୍ରଗତି ସମ୍ପର୍କରେ ଦୈନନ୍ଦିନ ଭିତ୍ତିରେ ଅବଗତ କରାଯାଉଥିଲା। ଏହି ୨ ମଧ୍ୟସ୍ଥଙ୍କ ଯୋଗୁ ଇସ୍ରାଏଲ-ହମାସ୍ ସନ୍ଧି ସଫଳ ହୋଇଥିବା କୁହାଯାଉଛି।

> “ଗାଜାରେ ପଣବନ୍ଦୀମାନଙ୍କୁ ମୁକ୍ତ କରିବା ପାଇଁ ଇସ୍ରାଏଲ ଓ ହମାସ୍ ମଧ୍ୟରେ ହୋଇଥିବା ରାଜିନାମା ସ୍ୱାଗତଯୋଗ୍ୟ। ଉଚିତ ଦିଗରେ ଏହା ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। କିନ୍ତୁ ଏହାଠୁ ଆହୁରି ଅଧିକ ଉଦ୍ୟମ ଆବଶ୍ୟକ।
> **-ଆଣ୍ଟୋନିଓ ଗୁଟେରସ୍, ଜାତିସଂଘ ମହାସଚିବ**

> “ଏହି ସଂଘର୍ଷ ଆଉ ଯୁଦ୍ଧରେ ସୀମିତ ହୋଇ ରହିନାହିଁ। ଏହା ଏବେ ଆତଙ୍କବାଦ ଆଡ଼କୁ ଗଲାଣି। ଫଳରେ ଉଭୟ ପକ୍ଷ ନାହିଁ ନ ଥିବା ଦୁର୍ଦ୍ଦଶା ଭୋଗୁଛନ୍ତି।
> **-ପୋପ୍ ଫ୍ରାନ୍ସିସ୍, କ୍ୟାଥୋଲିକ୍ ଧର୍ମଗୁରୁ**

## ଇସ୍ରାଏଲ-ହମାସ୍ ସନ୍ଧିର ମୁଖ୍ୟ ୩ ମଧ୍ୟସ୍ଥ


ବ୍ରେଟ୍ ମେକ୍‌ଗୁର୍କ


ଶେଖ୍ ମହମ୍ମଦ ବିନ୍ ଅବଦୁଲରହମାନ ବିନ୍ ଜାସିମ୍ ଅଲ୍ ଥାନି


ଜେକ୍ ସୁଲ୍ଲିଭାନ୍।

## ଜାନୁୟାରୀରୁ ‘ଦେଶଦ୍ରୋହ’ ଶୁଣାଣି

**ନୂଆଦିଲ୍ଲୀ,୨୨।୧୧(ପି.ଟି.)**

ଭାରତୀୟ ଦଣ୍ଡବିଧି ଆଇନ (ଆଇପିସି)ରେ ଥିବା ଦେଶଦ୍ରୋହ ସମ୍ପର୍କିତ ନିୟମର ସାମ୍ବିଧାନିକ ବୈଧତାକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟରେ ଏକାଧିକ ପିଟିଶନ ଦାଖଲ ହୋଇଛି। ସର୍ବୋଚ୍ଚ ଅଦାଲତ ଆସନ୍ତା ଜାନୁୟାରୀରେ ଏହାର ଶୁଣାଣି କରିବେ ବୋଲି ବୁଧବାର ସିଜେଆଇ ଡି.ୱାଇ. ଚନ୍ଦ୍ରଚୂଡ଼ କହିଛନ୍ତି। ଉପନିବେଶ ଯୁଗୀୟ ଏହି ଦଣ୍ଡବିଧାନକୁ ଉଚ୍ଛେଦ କରିବା ପାଇଁ କେନ୍ଦ୍ର ସରକାର ପାର୍ଲାମେଣ୍ଟରେ ବିଲ୍ ଆଗତ କରିବାର କିଛି ସପ୍ତାହ ପରେ ସୁପ୍ରିମକୋର୍ଟ ଏହି ନିଷ୍ପତ୍ତି ନେଇଛନ୍ତି। ଏଥିସହ ଆଇନଜୀବୀ ପ୍ରସନ୍ନ ଏସ୍. ଏବଂ ପୂଜା ଧରଙ୍କୁ କେସ୍ ଲ’ ପ୍ରସ୍ତୁତି ଲାଗି ନୋଡାଲ କାଉନ୍‌ସେଲ ନିଯୁକ୍ତ କରିଛନ୍ତି।

## ଆତଙ୍କବାଦୀ ଲିଙ୍କ୍: ୪ ସରକାରୀ କର୍ମଚାରୀ ବିଦା

**ଜମ୍ମୁ,୨୨।୧୧:** ଆତଙ୍କବାଦୀଙ୍କ ସହ ସମ୍ପର୍କ ରଖିବା ଅଭିଯୋଗରେ ଜମ୍ମୁ-କଶ୍ମୀର ପ୍ରଶାସନ ବୁଧବାର ଜଣେ ଡାକ୍ତର ଓ ପୋଲିସଙ୍କ ସମେତ ୪ ସରକାରୀ କର୍ମଚାରୀଙ୍କୁ ଚାକିରିରୁ ବହିଷ୍କାର କରିଛି। ସେମାନେ ହେଲେ ଶ୍ରୀନଗରସ୍ଥିତ ଏସ୍‌ଏମ୍‌ଏଚ୍‌ଏସ୍ ହସ୍ପିଟାଲ ଆସିଷ୍ଟାଣ୍ଟ ପ୍ରଫେସର ନାସିର-ଉଲ୍-ହାସନ, କନ୍‌ଷ୍ଟେବଲ ଅବଦୁଲ ମାଜିଦ ଭଟ୍ଟ, ଉଚ୍ଚ ଶିକ୍ଷା ବିଭାଗ ଲାବୋରେଟୋରି ବିଅରର୍ ଅବଦୁଲ ସଲାମ ରାଥେର ଏବଂ ଅନ୍ୟ ଜଣେ ଶିକ୍ଷକ ଫାରୁକ୍ ଅହମଦ ମିର। ଭାରତୀୟ ସମ୍ବିଧାନର ଅନୁଚ୍ଛେଦ ୩୧୧ ବଳରେ ଏମାନଙ୍କୁ ବହିଷ୍କାର କରାଯାଇଥିବା କେନ୍ଦ୍ରଶାସିତ ଅଞ୍ଚଳର ପ୍ରଶାସନ ପକ୍ଷରୁ କୁହାଯାଇଛି।

ଗତ ୩ ବର୍ଷ ମଧ୍ୟରେ ଜମ୍ମୁ-କଶ୍ମୀର ପ୍ରଶାସନ ଅନୁଚ୍ଛେଦ ୩୧୧ (୨) (ସି) ପ୍ରୟୋଗ କରି ୫୦ରୁ ଊର୍ଦ୍ଧ୍ୱ କର୍ମଚାରୀଙ୍କୁ ବହିଷ୍କାର କରିସାରିଲାଣି। ଏହି କର୍ମଚାରୀମାନେ ସରକାରଙ୍କଠାରୁ ଦରମା ନେଇ ସରକାର ବିରୋଧୀ କାର୍ଯ୍ୟ କରୁଥିବା ଅଭିଯୋଗ ରହିଛି। ଏହି କର୍ମଚାରୀମାନେ ପାକିସ୍ତାନୀ ଆତଙ୍କବାଦୀ ସଙ୍ଗଠନଗୁଡ଼ିକୁ ସହଯୋଗ, ଆତଙ୍କବାଦ ଚିନ୍ତାଧାରା ବିସ୍ତାର, ପାଣ୍ଠି ଯୋଗାଣ ଓ ବିଚ୍ଛିନ୍ନତାବାଦୀ କାର୍ଯ୍ୟକଳାପରେ ସମ୍ପୃକ୍ତ ଥିବା ବିଷୟ ଜଣାପଡ଼ିବା ପରେ ଜମ୍ମୁ-କଶ୍ମୀର ଉପରାଜ୍ୟପାଳ ମନୋଜ ସିହ୍ନା ଏହି କାର୍ଯ୍ୟାନୁଷ୍ଠାନ ନେଇଛନ୍ତି।

## ସାନ୍ ଫ୍ରାନ୍‌ସିସ୍କୋର ଭାରତୀୟ କନ୍‌ସୁଲେଟ୍ ଆକ୍ରମଣ: ପଞ୍ଜାବ, ହରିୟାଣାର ୧୪ ସ୍ଥାନରେ ଏନ୍‌ଆଇଏ ଚଢ଼ାଉ

**ନୂଆଦିଲ୍ଲୀ,୨୨।୧୧:** କିଛି ମାସ ତଳେ ଆମେରିକାର ସାନ୍ ଫ୍ରାନ୍‌ସିସ୍କୋସ୍ଥିତ ଭାରତୀୟ ବାଣିଜ୍ୟିକ ଦୂତାବାସ ଉପରେ ଖଲିସ୍ତାନୀ ସମର୍ଥକମାନେ ଆକ୍ରମଣ କରିଥିଲେ। ଏହି ମାମଲାର ତଦନ୍ତ କରୁଥିବା ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ପକ୍ଷରୁ ଏନେଇ ବୁଧବାର ପଞ୍ଜାବ ଓ ହରିୟାଣାର ୧୪ ସ୍ଥାନରେ ଚଢ଼ାଉ କରାଯାଇଛି। ଜଣେ ଏନ୍‌ଆଇଏ ମୁଖପାତ୍ର କହିଛନ୍ତି, ମାର୍ଚ୍ଚ ୧୯ ଓ ଜୁଲାଇ ୨ରେ ଭାରତୀୟ କନ୍‌ସୁଲେଟ୍ ଆକ୍ରମଣର ସମ୍ପୂର୍ଣ୍ଣ ପର୍ଦ୍ଦାଫାଶ କରିବା ପାଇଁ ପଞ୍ଜାବର ମୋଗା, ଜଲନ୍ଧର, ଲୁଧିଆନା, ଗୁର୍‌ଦାସପୁର, ମୋହାଲି ଓ ପଟିଆଲା ଏବଂ ହରିୟାଣାର କୁରୁକ୍ଷେତ୍ର, ଯମୁନାନଗର ଜିଲା ଅନ୍ତର୍ଗତ ୧୪ ସ୍ଥାନରେ ଚଢ଼ାଉ କରାଯାଇଛି। ଚଢ଼ାଉ ବେଳେ କେତେକ ଆପତ୍ତିଜନକ ଦସ୍ତାବିଜ ଓ ଡିଜିଟାଲ ଡେଟା ଜବତ କରାଯାଇଛି। ଭାରତ ବିରୋଧୀ ତତ୍ତ୍ୱଙ୍କ କଡ଼ା ସନ୍ଦେଶ ଦେବା ପାଇଁ ଏନ୍‌ଆଇଏ ଏହି ଆକ୍ରମଣକାରୀମାନଙ୍କୁ ଚିହ୍ନଟ ଉଦ୍ୟମ ଜାରି ରଖିଛି। ଗତ ଅଗଷ୍ଟରେ ଏନ୍‌ଆଇଏର ଏକ ଟିମ୍ ସାନ୍ ଫ୍ରାନ୍‌ସିସ୍କୋ ଯାଇ ତଦନ୍ତ ଆରମ୍ଭ କରିଥିଲା।

### ଫୁର୍‌ସତ୍

## ବୟସ ୭୦, କାମ ୩୦ ବର୍ଷୀୟାଙ୍କ ଭଳି

**ଲଣ୍ଡନ**

୬୦ ବର୍ଷ ପରେ ମଣିଷ ଶରୀରର ଅଙ୍ଗପ୍ରତ୍ୟଙ୍ଗ ଦୁର୍ବଳ ହେବାକୁ ଲାଗେ। ଅନେକେ ଅଣ୍ଟା ସଳଖି ଚାଲିପାରୁ ନ ଥିବା ଦେଖିବାକୁ ମିଳେ। ହେଲେ ଇଂଲଣ୍ଡର ଜଣେ ୭୦ ବର୍ଷୀୟା ମହିଳାଙ୍କ ଫିଟ୍‌ନେସକୁ ଦେଖିଲେ ଏହି କଥା ଉପରେ ବିଶ୍ୱାସ କରିବା କଷ୍ଟ ହେବ। ତାଙ୍କୁ ଦେଖିଲେ ଏହା ଲାଗିବ ଯେ ସେ ଜଣେ ଯୁବତୀ। କାରଣ ତାଙ୍କ ବେଶଭୂଷା ଏବଂ ଜୀବନଶୈଳୀ ଆଦୌ ୭୦ ବର୍ଷୀୟାଙ୍କ ପରି ନୁହେଁ। ସେ ଯୁବତୀଙ୍କ ଭଳି ଛୋଟ ଡ୍ରେସ ଏବଂ ଜିନ୍‌ସ ପିନ୍ଧୁଛନ୍ତି। ୭୦ବର୍ଷୀୟା ଜୁଲି ଫୋର୍ଡଙ୍କ ଫିଟ୍‌ନେସ କାରଣରୁ ସେ ୩୦ ବର୍ଷୀୟା ଯୁବତୀଙ୍କ ଭଳି ଶକ୍ତିଶାଳୀ ଅନୁଭବ କରୁଥିବା କହିଛନ୍ତି। ରିପୋର୍ଟ ମୁତାବକ, ଜୁଲି ପାର୍ଟଟାଇମ୍ ଫିଜିକାଲ ଏଜୁକେଶନ ଟିଚର ଅଛନ୍ତି। ସେ ଗୋଟିଏ ସ୍ଥାନରେ ବସିବା ଅପେକ୍ଷା ବିଭିନ୍ନ ଜାଗାରେ ବୁଲିବାକୁ ପସନ୍ଦ କରନ୍ତି। ସେ ୧୧ ବର୍ଷ ବୟସରୁ ହିଁ ତାଙ୍କ କ୍ୟାରିୟର ଚୟନ କରିନେଇଥିଲେ। ୩୦ ବର୍ଷ ବୟସରେ ଜୁଲି ମା’ ହୋଇଥିବାବେଳେ ମଧ୍ୟ ସେ ନାଚରେ ଭାଗ ନେବା ଏବଂ ଟ୍ରେନିଂ କ୍ଲାସ୍ ଭଳି ରୁଟିନ୍‌କୁ ଆପଣାଇଥିଲେ। ସେ ତାଙ୍କ ପିଲାମାନଙ୍କ ନେଟ୍‌ବଲ୍, ହକି ମଧ୍ୟ ଖେଳନ୍ତି। ଏବେ ସେ ବୃଦ୍ଧାବୃଦ୍ଧଙ୍କ ପାଇଁ ଏକ୍ସରସାଇଜ୍ କ୍ଲାସ ଚଳାଉଛନ୍ତି। ବାହାର ଲୋକଙ୍କୁ ମଧ୍ୟ ଏକ୍ସରସାଇଜ୍ ଶିଖାଉଛନ୍ତି। ୨୦୧୬ ସେପ୍ଟେମ୍ବରରେ ୬୩ ବର୍ଷ ବୟସରେ ଜୁଲିଙ୍କୁ ୨ୟ ଷ୍ଟେଜ୍ ସ୍ତନ କର୍କଟ ହୋଇଥିଲା। କର୍କଟ ଚିକିତ୍ସା ସମୟରେ ସେତେବେଳେ ତାଙ୍କୁ ଏକ୍ସରସାଇଜ୍ ଅଧିକ କାମ ଦେଇଥିଲା। ସେବେଠାରୁ ଫିଟ୍‌ନେସକୁ ନେଇ ତାଙ୍କ ନଜର ବଦଳିଗଲା। ଏହାପରେ ସେ ବିଭିନ୍ନ ପ୍ରକାର ଏକ୍ସରସାଇଜ୍ କଲେ। ଏହାର ପରିଣାମ ସ୍ୱରୂପ ତାଙ୍କ ଶରୀରରେ ଅନେକ ପରିବର୍ତ୍ତନ ଦେଖାଗଲା।



## ୨୧ରେ ଆସିବ ଶାହରୁଖ୍‌ଙ୍କ ‘ଡଙ୍କି’

**ମୁମ୍ବାଇ:** ବଲିଉଡ୍ ଅଭିନେତା ଶାହରୁଖ୍ ଖାନ୍‌ଙ୍କ ‘ପଠାନ’ ଓ ‘ଜୱାନ’ ପରେ ଚଳିତବର୍ଷର ତୃତୀୟ ଫିଲ୍ମ ‘ଡଙ୍କି’କୁ ପ୍ରଶଂସକ ଅପେକ୍ଷା କରିଛନ୍ତି। ହେଲେ ସିନେମାର ରିଲିଜ୍ ତାରିଖରେ ଦ୍ୱନ୍ଦ୍ୱ ଉପୁଜିଥିଲା। ପ୍ରଥମେ ଫିଲ୍ମ ଡିସେମ୍ବର ୨୨ରେ ପରଦାକୁ ଆସିବ ଏବଂ ବିଦେଶରେ ନଭେମ୍ବର ୨୧ରେ ରିଲିଜ୍ ହେବ ବୋଲି ଜଣାପଡ଼ିଥିଲା। ହେଲେ ମଙ୍ଗଳବାର ସନ୍ଧ୍ୟାରେ ଫିଲ୍ମ ନିର୍ମାତା ରାଜକୁମାର ହିରାନୀ ନୂତନ ପୋଷ୍ଟର ସହ ଫିଲ୍ମର ରିଲିଜ୍ ତାରିଖ ଘୋଷଣା କରିଛନ୍ତି। ବିଶ୍ୱବ୍ୟାପୀ ‘ଡଙ୍କି’ ଡିସେମ୍ବର ୨୧ରେ ପ୍ରେକ୍ଷାଳୟକୁ ଆସିବ। ଫିଲ୍ମର ପ୍ରଥମ ଟିଜର ରିଲିଜ ହୋଇଯାଇଥିବାବେଳେ ବୁଧବାର ୨ୟ ଟିଜର ‘ଡଙ୍କିଡ୍ରପ୍ ୨’ ଓ ଗୀତ ‘ଲୁଟ୍ ପୁଟ୍ ଗୟା’ ଲଞ୍ଚ କରିଛି। ଏହି ସିନେମାରେ ଶାହରୁଖ ଓ ତାପସୀଙ୍କ ସହ ବୋମନ ଇରାନୀ, ଭିକ୍କି କୌଶଲ, ବିକ୍ରମ କୋଚର ଓ ଅନିଲ ଗ୍ରୋଭର ଅଭିନୟ କରିଛନ୍ତି।



## ୭ ଦିନ କଫିନରେ ୟୁଟ୍ୟୁବର



**ୱାଶିଂଟନ**

ଲୋକେ କିଛି ଭିନ୍ନ କରିବା ଉଦ୍ଦେଶ୍ୟରେ ଏପରି କିଛି କାର୍ଯ୍ୟ କରିଥାନ୍ତି, ଯାହା ଅତ୍ୟନ୍ତ ଅବିଶ୍ୱସନୀୟ। ଜଣେ ବ୍ୟକ୍ତି ଏପରି କିଛି କରିବାକୁ ଯାଇ ନିଜକୁ ୭ ଦିନ ପର୍ଯ୍ୟନ୍ତ ମାଟିରେ ପୋତି ଦେଇଥିଲେ। ବ୍ୟକ୍ତି ଜଣଙ୍କ ୭ ଦିନ ଏପରି ରହିବା ପରେ ତାଙ୍କର ମାନସିକ ସ୍ଥିତି ଏବେ ଭଲ ନ ଥିବା କହିଛନ୍ତି। ନିକଟରେ ଏହାର ଏକ ଭିଡିଓ ଭାଇରାଲ ହୋଇଥିଲା। ଯେଉଁଥିରେ ସେ ୭ ଦିନ ପର୍ଯ୍ୟନ୍ତ ଏକ କଫିନ ଭିତରେ ପୋତାହୋଇ ରହିଥିବା ଦେଖିବାକୁ ମିଳିଥିଲା। ବହୁତ ଲୋକ ଏଥିରେ ଭିନ୍ନ କମେଣ୍ଟ କରିଛନ୍ତି। ତେବେ ଏପରି କାମ ପ୍ରସିଦ୍ଧ ୟୁଟ୍ୟୁବର ମିଷ୍ଟର ବିଷ୍ଟ କରିଛନ୍ତି।

### ରେକର୍ଡ ନିଶା

ତାଙ୍କ ପ୍ରକୃତ ନାମ ଜିମ୍ମି ଡୋନାଲ୍ଡ। ୨୫ ବର୍ଷୀୟ ଜିମ୍ମି ଏପରି ବିପଦପୂର୍ଣ୍ଣ ଷ୍ଟଣ୍ଟ କରିବା ପରେ ଏହାକୁ ଘରେ ପ୍ରୟାସ ନ କରିବାକୁ ସମସ୍ତଙ୍କୁ ଅନୁରୋଧ କରିଛନ୍ତି। ସେ ଜଣେ ପ୍ରସିଦ୍ଧ ୟୁଟ୍ୟୁବର ହୋଇଥିବାବେଳେ ସେ ମାସକୁ ପ୍ରାୟ ୩ରୁ ୫ ମିଲିୟନ ଡଲାର ରୋଜଗାର କରିଥାନ୍ତି। ଭିଡିଓରେ ଜିମ୍ମି ଏକ କଫିନରେ ଶୋଇଥିବା ଦେଖିବାକୁ ମିଳିଛି ଏବଂ ସେହି କଫିନ ଭିତରେ ତାଙ୍କ ଖାଦ୍ୟ- ପାନୀୟର ସମସ୍ତ ସୁବିଧା ମଧ୍ୟ ରହିଛି। ପ୍ରଥମେ ଗାତ ଖୋଳା ଗଲା। ଏହାପରେ ଜିମ୍ମି ଶୋଇଥିବା କଫିନକୁ ତା’ ଭିତରେ ରଖାଯାଇ ତା’ ଉପରେ ମାଟି ପକାଇ ତାକୁ ସମ୍ପୂର୍ଣ୍ଣ ପୋତି ଦିଆଗଲା। ସେ ସେହି କଫିନ ଭିତରେ ଥାଇ ମଧ୍ୟ କିଛି ଭିଡିଓ କରିଛନ୍ତି। ୨୦୨୧ରେ ଏପରି ଥରେ ସେ ନିଜକୁ କଫିନ ମଧ୍ୟରେ ପୋତିଥିଲେ। ସେତେବେଳେ ସେ ନିଜକୁ ପ୍ରାୟ ୫୦ ଘଣ୍ଟା ପର୍ଯ୍ୟନ୍ତ ପୋତିଥିଲେ। ତେବେ ସେ ଏବେ ସେହି ରେକର୍ଡକୁ ଭାଙ୍ଗି ଏକ ନୂଆ ରେକର୍ଡ କରିଛନ୍ତି।

## ସବୁଠୁ ସରୁ ହୋଟେଲ ‘ପିଟୁରୁମ୍‌ସ’

**ଜାକର୍ତ୍ତା:** ବାହାର ଲୋକଙ୍କ ରହଣି ପାଇଁ ଅନେକ ହୋଟେଲ ରହିଛି। ସବୁଗୁଡ଼ିକ ଆକାରରେ ଭିନ୍ନ ହୋଇଥାଏ। ତେବେ ଇଣ୍ଡୋନେସିଆ ସେଣ୍ଟ୍ରାଲ ଜାୱାର ସାଲାଟିଗା ସହରରେ ଏପରି ଏକ ହୋଟେଲ ଅଛି, ଯାହା ସବୁଠୁ ସରୁ। ଏହାକୁ ଦୁନିଆର ସବୁଠୁ ସରୁ ହୋଟେଲ କୁହାଯାଉଛି। ଏହାର ନାମ ‘ପିଟୁରୁମ୍‌ସ’। ୯ ଫୁଟ ଚଉଡ଼ା ୫ ମହଲା ବିଶିଷ୍ଟ ଏହି ହୋଟେଲରେ ଆରାମଦାୟକ ସୁବିଧା ରହିଛି। ଏହି ହୋଟେଲରେ ବାସ କରୁଥିବା ଲୋକେ କିଛି ଅଲଗା ଅନୁଭୂତି ନେଇ ଯାଇଥାନ୍ତି। ଏହାର ଡିଜାଇନ ଏବଂ ସବୁ ରୁମ୍‌ର କାମ ଅଲଗା ହୋଇଥାଏ। ରିପୋର୍ଟ ମୁତାବକ, ଏହି ହୋଟେଲ ଏକ ପରିତ୍ୟକ୍ତ ଭାବେ ପଡ଼ିଥିବା ସ୍ଥାନରେ କରାଯାଇଛି। ଏହି ସ୍ଥାନ ଘର ଏବଂ ଗଳି ଭିତରେ ରହିଛି। ଏହାକୁ ଲୋକେ ଘରର ଅଳିଆ ପକାଇବାରେ ବ୍ୟବହାର କରୁଥିଲେ। ତେବେ ଏପରି ସ୍ଥାନରେ ଏକ ହୋଟେଲ କରିବା ସହଜ ନ ଥିଲା। ହେଲେ ଏପରି କାମ ଆର୍କିଟେକ୍ଟ ଏରି ଇନ୍ଦ୍ରା କରିବାରେ ସଫଳ ହୋଇଛନ୍ତି। ଇନ୍ଦ୍ରାଙ୍କ ଜନ୍ମ ସାଲାଟିଗା ସହରରେ ହୋଇଥିଲା। ସେ ସିଙ୍ଗାପୁର ଏବଂ ଜାକର୍ତ୍ତାରେ ଆର୍କିଟେକ୍ଟ ଭାବେ ପ୍ରଶିକ୍ଷଣ ନେଇଛନ୍ତି। ଏହି ହୋଟେଲରେ ୭ଟି ରୁମ୍ ରହିଛି। କାରଣ ଜାଭାନିସ ଭାଷାରେ ପିଟୁର ଅର୍ଥ ୭। ଏହାକୁ ଇନ୍ଦ୍ରା ୨୦୨୨ରେ ନିର୍ମାଣ କରିଥିଲେ।



DHARITRI

ଭୁବନେଶ୍ୱର, ଗୁରୁବାର, ନଭେମ୍ବର ୨୩/୨୦୨୩ | Bhubaneswar, Thursday, November 23/2023



**ଓଟିଟି ପ୍ଲାଟ୍‌ଫର୍ମରେ ହୁମା**

ଓଟିଟି ପ୍ଲାଟ୍‌ଫର୍ମରେ ପାଦ ଥାପିବାକୁ ଯାଉଛନ୍ତି ବଲିଉଡ୍ ଅଭିନେତ୍ରୀ ହୁମା କ୍ୟୁରେସି। ଏନେଇ ସେ ପୂର୍ବରୁ ଆଶା ରଖିଥିଲେ।

୧୦

୧୨

**ଗମ୍ଭୀର କେକେଆର୍ ମେଣ୍ଟର**

ଇଣ୍ଡିଆନ ପ୍ରିମିୟର ଲିଗ୍‌ରେ କୋଲକାତା ନାଇଟ ରାଇଡର୍ସ ଦଳର ମେଣ୍ଟର ହୋଇଛନ୍ତି ପୂର୍ବତନ ଅଧିନାୟକ ଗୌତମ ଗମ୍ଭୀର।



# ଆଦିବାସୀ ଜମି କିଣାବିକା ପ୍ରସଙ୍ଗ | ବିଧାନସଭା ହୁଲ୍‌ସ୍ଥୁଲ

ଭୁବନେଶ୍ୱର,୨୨।୧୧(ଅନିଲ ଦାସ)

ଆଦିବାସୀଙ୍କ ଜମି କିଣାବିକା ସମ୍ପର୍କିତ କ୍ୟାବିନେଟ ନିଷ୍ପତ୍ତି ପ୍ରତ୍ୟାହାର ଦାବିରେ ବିଧାନସଭା ହୁଲସ୍ଥୁଲ ହୋଇଛି। ଏହି ପ୍ରସଙ୍ଗ ଉଠାଇ ବିରୋଧୀ ଭାଜପା ଓ କଂଗ୍ରେସ ରାଜ୍ୟ ସରକାରଙ୍କୁ ଘେରିଛନ୍ତି। କ୍ୟାବିନେଟ ନିଷ୍ପତ୍ତିକୁ ତୁରନ୍ତ ପ୍ରତ୍ୟାହାର କରାଯାଉ। ଆଦିବାସୀ ଜମି ଅଧିକାର ସମ୍ପର୍କିତ ମୋଶନ ଅଣାଯାଇ ଆଲୋଚନା କରାଯାଉ ବୋଲି ଦାବିକରି ଭାଜପା ସଭ୍ୟମାନେ ଗୃହରେ ହୋହଲ୍ଲା କରିଛନ୍ତି। ଅନ୍ୟପକ୍ଷରେ ପେସା ଆଇନ କାର୍ଯ୍ୟକାରୀ କରିବା ଦାବିରେ କଂଗ୍ରେସ ମଧ୍ୟ ସରକାରଙ୍କୁ ସଣ୍ଡୁଆଶି ଆକ୍ରମଣ କରିଛି। ବିରୋଧୀଙ୍କ ହୋହଲ୍ଲା ଯୋଗୁ ପ୍ରଶ୍ନକାଳ, ଶୂନ୍ୟକାଳ ବରବାଦ ହୋଇଯାଇଛି। ଏହି ପ୍ରସଙ୍ଗକୁ ନେଇ ଗୃହରେ ହଟ୍ଟଗୋଳ ହେବାରୁ ବାଚସ୍ପତି ବିଭିନ୍ନ ପର୍ଯ୍ୟାୟରେ ଗୃହକୁ ଗୁରୁବାର ପୂର୍ବାହ୍ନ ୧୦ଟା ୩୦ ମିନିଟ୍ ଯାଏ ମୁଲତବୀ ଘୋଷଣା କରିଛନ୍ତି।

ବୁଧବାର ପୂର୍ବାହ୍ନ ୧୦ଟା ୩୦ ମିନିଟ୍‌ରେ ଗୃହ କାର୍ଯ୍ୟ ଆରମ୍ଭ ହୋଇଥିଲା। ବାଚସ୍ପତି ପ୍ରମିଳା ମଲ୍ଲିକ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଆରମ୍ଭ କରିବା ମାତ୍ରେ ଭାଜପା ସଦସ୍ୟମାନେ ହାତରେ ବ୍ୟାନର ଧରି ଗୃହର ମଧ୍ୟଭାଗକୁ ଆସି ଆଦିବାସୀ ଜମି କିଣାବିକା ନେଇ କ୍ୟାବିନେଟରେ ହୋଇଥିବା ନିଷ୍ପତ୍ତିକୁ ତୁରନ୍ତ ପ୍ରତ୍ୟାହାର କରିବାକୁ ଦାବି କରିଥିଲେ। 'ସରକାର ଯଦି କ୍ୟାବିନେଟ ନିଷ୍ପତ୍ତି ନ କରନ୍ତି ପ୍ରତ୍ୟାହାର, ଜମି ହରାଇ ଅନୁସୂଚିତ ଜନଜାତି ହୋଇଯିବେ ଛାରଖାର' ପ୍ରସଙ୍ଗରେ ଆଲୋଚନା ପାଇଁ ଭାଜପା ପକ୍ଷରୁ ମୋଶନ ଦିଆଯାଇଥିଲା। ତେବେ ବାଚସ୍ପତି ଏହାକୁ ଅଗ୍ରାହ୍ୟ କରିବାରୁ ବିରୋଧୀ ଦଳ ସଦସ୍ୟମାନେ ଗୃହରେ ହୋହଲ୍ଲା କରିଥିଲେ। ସମସ୍ତ ଗୃହ କାର୍ଯ୍ୟ ବନ୍ଦ କରି ମୋଶନ ଆଣି ଏହି ପ୍ରସଙ୍ଗରେ ଆଲୋଚନା କରିବାକୁ ଅଡ଼ି ବସିଥିଲେ। ସରକାରୀ ବିରୋଧୀ ସ୍ଲୋଗାନ ଦେଇ ଗୃହରେ ପ୍ରବଳ ହଟ୍ଟଗୋଳ କରିଥିଲେ। କଂଗ୍ରେସ ସଦସ୍ୟମାନେ ମଧ୍ୟ ପେସା ଆଇନ କାର୍ଯ୍ୟକାରୀ କରିବାକୁ ଦାବି କରି ଭାଜପା ସହିତ ତାଳ ଦେଇଥିଲେ। ବାଚସ୍ପତି ବାଧହୋଇ ଗୃହକୁ ପୂର୍ବାହ୍ନ ୧୦ଟା ୩୧ରେ ମଧ୍ୟାହ୍ନ ୧୨ଟା ଯାଏ ମୁଲତବୀ ଘୋଷଣା କରିଥିଲେ। ଗୃହକୁ ସ୍ୱାଭାବିକ କରିବାକୁ ବାଚସ୍ପତି ସର୍ବଦଳୀୟ ବୈଠକ ଡାକି ଗୃହକୁ ୧୨ଟା ୪୫ ମିନିଟ୍ ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ। ତେବେ ବୈଠକରେ କୌଣସି ନିର୍ଯ୍ୟାସ ନ ବାହାରିବାରୁ ବିରୋଧୀ ସଦସ୍ୟମାନେ ପୁଣି ଗୃହରେ ହୋହଲ୍ଲା କରିଥିଲେ। ବାଚସ୍ପତି ବାଧହୋଇ ଗୃହକୁ ୧୨ଟା ୪୭ରୁ ଅପରାହ୍ନ ୪ଟା ଯାଏ ମୁଲତବୀ ଘୋଷଣା କରିଥିଲେ। ଅପରାହ୍ନରେ ମଧ୍ୟ ଗୃହ ସ୍ୱାଭାବିକ ହୋଇପାରି ନ ଥିଲା। ବିରୋଧୀଙ୍କ ହଟ୍ଟଗୋଳ ମଧ୍ୟରେ ଆଇନ ମନ୍ତ୍ରୀ ଜଗନ୍ନାଥ ସାରକା ଓଡ଼ିଶା ମାନବିକ ଅଧିକାର କମିଶନଙ୍କ ୨୦୧୯-୨୦ ବାର୍ଷିକ ରିପୋର୍ଟ ଉପସ୍ଥାପନ କରିଥିବା ବେଳେ ରାଜସ୍ୱ ମନ୍ତ୍ରୀ ସୁଦାମ ମାର୍ଣ୍ଡି ଓଡ଼ିଶା ଭୂସଂସ୍କାର(ଦ୍ୱିତୀୟ) ବିଲ୍-୨୦୨୩କୁ ଗୃହର ଅନୁମୋଦନ ପାଇଁ ଉପସ୍ଥାପନ କରିଛନ୍ତି। ବିରୋଧୀଙ୍କ ହଟ୍ଟଗୋଳ ଜାରି ରହିବାରୁ ବାଚସ୍ପତି ଗୃହକୁ ଗୁରୁବାର ଯାଏ ମୁଲତବୀ ଘୋଷଣା କରିଛନ୍ତି।

ବିଧାନସଭା ବାହାରେ ଗଣମାଧ୍ୟମକୁ ରାଜସ୍ୱ ମନ୍ତ୍ରୀ କହିଛନ୍ତି, ଆଦିବାସୀ ଜମି ହସ୍ତାନ୍ତର ନେଇ କ୍ୟାବିନେଟ ନିଷ୍ପତ୍ତିକୁ ମୁଖ୍ୟମନ୍ତ୍ରୀ ସ୍ଥଗିତ ରଖିଛନ୍ତି । ଆଦିବାସୀଙ୍କ ବିକାଶରେ ମୁଖ୍ୟମନ୍ତ୍ରୀ ସବୁବେଳେ ଆଗରେ ଅଛନ୍ତି। ବିରୋଧୀ କେବଳ ଶସ୍ତା ରାଜନୀତି କରୁଛନ୍ତି ବୋଲି ସେ କହିଛନ୍ତି । ରାଜ୍ୟ ସରକାରଙ୍କୁ ଆଦିବାସୀ ବିରୋଧୀ କହି ଭାଜପା ଗୃହ ଭିତରେ ହୋହଲ୍ଲା କରିବା ସହ ବାହାରେ ମଧ୍ୟ ବିକ୍ଷୋଭ ପ୍ରଦର୍ଶନ କରିଥିଲା। କ୍ୟାବିନେଟ ନିଷ୍ପତ୍ତି ସ୍ଥଗିତ ନୁହେଁ, ସମ୍ପୂର୍ଣ୍ଣ ପ୍ରତ୍ୟାହାର କରିବାକୁ ଭାଜପା ଦାବି କରିଛି। ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ମାଝି କହିଛନ୍ତି, ସରକାର ଆଦିବାସୀମାନଙ୍କ ଜମିକୁ ହଡ଼ପ କରିବାକୁ ଷଡ଼ଯନ୍ତ୍ର କରିଛନ୍ତି। ଏହା ଏକ ସମ୍ବେଦନଶୀଳ ବିଷୟ। ଯଦି ନିଷ୍ପତ୍ତି ପ୍ରତ୍ୟାହାର ନ ହେବ ତେବେ ଆଗାମୀ ଦିନରେ ଆଦିବାସୀମାନେ ଭୂମିହୀନ ହୋଇଯିବେ। କ୍ୟାବିନେଟରେ ନିଆଯାଇଥିବା ନିଷ୍ପତ୍ତିକୁ ସ୍ଥଗିତ ନ ରଖି ସମ୍ପୂର୍ଣ୍ଣ ପ୍ରତ୍ୟାହାର କରାଯାଉ ବୋଲି ସେ ଦାବି କରିଛନ୍ତି। କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ଗଣମାଧ୍ୟମକୁ କହିଛନ୍ତି ଯେ ଥରେ କ୍ୟାବିନେଟ ନିଷ୍ପତ୍ତି ହେବା ପରେ ମନ୍ତ୍ରୀ ଏହାକୁ ଝୁଲାଇ ରଖିପାରିବେ ନାହିଁ। କେବଳ କ୍ୟାବିନେଟରେ ଉକ୍ତ ନିଷ୍ପତ୍ତିକୁ ବଦଳାଯାଇ ପାରିବ। ବିନା ଆଲୋଚନାରେ କାହିଁକି କ୍ୟାବିନେଟ୍‌ରେ ଏଭଳି ନିଷ୍ପତ୍ତି ନିଆଗଲା। ଏ ବିଷୟରେ ଗୃହରେ ଆଲୋଚନା ହେବା ଦରକାର ବୋଲି ସେ କହିଛନ୍ତି।

## ୨ କ୍ୟାପ୍‌ଟେନ, ୨ ଯବାନ ଶହୀଦ

### ଜଙ୍ଗଲରେ ଏନ୍‌କାଉଣ୍ଟର, ଆତଙ୍କବାଦୀଙ୍କ ଗୁଳି

ଜମ୍ମୁ,୨୨।୧୧

ଜମ୍ମୁ-କଶ୍ମୀରର ରାଜୌରି ଜିଲାସ୍ଥିତ କାଲାକୋଟ୍ ଜଙ୍ଗଲରେ ବୁଧବାର ଭାରତୀୟ ସେନା ପକ୍ଷରୁ ଏନ୍‌କାଉଣ୍ଟର ଚାଲିଥିବାବେଳେ ଆତଙ୍କବାଦୀଙ୍କ ଗୁଳିମାଡ଼ରେ ୨ କ୍ୟାପ୍‌ଟେନ୍ ଓ ୨ ଯବାନ ଶହୀଦ ହୋଇଛନ୍ତି। ଗୁଳି ବିନିମୟ ଜାରି ରହିଥିବାବେଳେ ୨ ଆତଙ୍କବାଦୀଙ୍କୁ ଯବାନମାନେ ଘେରି ରହିଥିବା କୁହାଯାଇଛି। ଧରମସାଲ ଅନ୍ତର୍ଗତ ବାଜିମାଲ ଅଞ୍ଚଳରେ ଆତଙ୍କବାଦୀଙ୍କ ଉପସ୍ଥିତି ନେଇ ସେନାକୁ ଗୋଇନ୍ଦା ସୂଚନା ମିଳିଥିଲା। ସେନାର ସ୍ୱତନ୍ତ୍ର ବଳ ଓ ଜମ୍ମୁ-କଶ୍ମୀର ପୋଲିସ ପକ୍ଷରୁ କାଲାକୋଟ୍‌ର ପିର ପଞ୍ଜାଲ ଜଙ୍ଗଲରେ ମିଳିତ ତଲାସି ଅଭିଯାନ ଚାଲିଥିଲା। ଆତଙ୍କବାଦୀମାନେ ସୁରକ୍ଷା ବଳକୁ ଟାର୍ଗେଟ କରି ଗୁଳି କରିଥିଲେ। ଏଥିରେ ୨ କ୍ୟାପ୍‌ଟେନ ଓ ୨ ଜଣ ଯବାନ ଶହୀଦ ହୋଇଛନ୍ତି। ଆହତ ହୋଇଥିବା ଅନ୍ୟ ଜଣେ ଯବାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ପ୍ରକାଶ ଯେ, ଏହା ଏକ ଜଙ୍ଗଲ ଘଞ୍ଚ ହୋଇଥିବାରୁ ଆତଙ୍କବାଦୀମାନେ ଏଠାରେ ନିଜ ଅସ୍ତ୍ରଶସ୍ତ୍ର ଲୁଚାଇ ରହିଥାଆନ୍ତି। ☞ପୃଷ୍ଠା-୯

**ଆଜିର ସମ୍ପାଦକୀୟ**

**ନିର୍ଗମନମୁକ୍ତ ଇସ୍ପାତ ଉତ୍ପାଦନ**

**ବହୁ କୋଟି ଠକିନେଲେ ମୋଟିଭେଶନାଲ ସ୍ପିକର** | ପୃଷ୍ଠା-୩






**ଆଜିର ମନ୍ତବ୍ୟ**

“ଗାଜାରେ ସ୍ଥାୟୀ ଶାନ୍ତି ଆଣିବା ପାଇଁ ଚାଲିଥିବା ଅନ୍ତର୍ଜାତୀୟ ଉଦ୍ୟମ ଲାଗି ବ୍ରିକ୍ସ ରାଷ୍ଟ୍ରଗୁଡ଼ିକ ଏକାଠି ହୋଇ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବା ଉଚିତ।
– ସିରିଲ୍ ରାମାଫୋସା, ଦକ୍ଷିଣ ଆଫ୍ରିକା ରାଷ୍ଟ୍ରପତି



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ତେଲି, ଗୁଡ଼ିଆ;**
**ବାର ମାସରେ ବାର କୁଡ଼ିଆ।**

ସାଧାରଣତଃ ତେଲି ଏବଂ ଗୁଡ଼ିଆ ଜାତି ବ୍ୟକ୍ତିମାନଙ୍କର ମୌଳିକ ବୃତ୍ତି ବର୍ଷସାରା ଜମି ରହିଥାଏ। ବିଭିନ୍ନ ପର୍ବପର୍ବାଣିରେ ଏମାନେ ନିଜ ନିଜର ବେପାର କରି ଭଲ ଦି'ପଇସା ରୋଜଗାର କରୁଥିବାବେଳେ ବିଭିନ୍ନ ଅଞ୍ଚଳ ବା ସ୍ଥାନରେ ପଡୁଥିବା ଜାନିଯାତରାରେ ମଧ୍ୟ ଭାଗ ନେବା ଲାଗି ତତ୍ପରତା ଦେଖାଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ତୁଚ୍ଛାକୁ ତୁଚ୍ଛା !**
**ତୁଚ୍ଛା କାଞ୍ଜିପାଣି ମନ ମୁରୁଛା।**

ଅଭାବଗ୍ରସ୍ତ ଘର। ଭଲରେ ଗଣ୍ଡେ ଖାଇବା, ପିଇବା କି ଖଣ୍ଡେ ପିନ୍ଧିବା ସ୍ୱପ୍ନ। ଗରିବ ହେଲେ ଅନେକ ଦୁଃଖକଷ୍ଟ ସହ୍ୟ କରିବାକୁ ପଡ଼େ। ଜିଇବା ପାଇଁ ସଂଘର୍ଷ କରିବାକୁ ପଡ଼େ। ଅର୍ଥାଭାବରୁ ତରକାରି କରିବାକୁ ପରିବା ମିଳୁ ନ ଥିବା ସ୍ଥଳେ ଭୋକ ଦାଉରୁ ବର୍ତ୍ତିବା ପାଇଁ କାଞ୍ଜିପାଣି କରି ସେଥିରେ ମନ ବୁଝାଇ ଦିନ ବିତାଇବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ





ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ୪୨୬ ପଞ୍ଚାୟତରେ ହାଇସ୍କୁଲ ନାହିଁ

**ଭୁବନେଶ୍ୱର,୨୨।୧୧(ଅନିଲ ଦାସ)**

ରାଜ୍ୟର ୭୯୯୮ ପଞ୍ଚାୟତରେ ୮୦୯୯ ହାଇସ୍କୁଲ ରହିଛି। ତେବେ ୪୨୬ ପଞ୍ଚାୟତରେ କୌଣସି ହାଇସ୍କୁଲ ନାହିଁ। ସେହି ପଞ୍ଚାୟତର ପିଲାମାନେ ନିକଟସ୍ଥ ପଞ୍ଚାୟତରେ ଥିବା ହାଇସ୍କୁଲରେ ପଢୁଛନ୍ତି। ବିଜେଡି ସଭ୍ୟ ଭୂପିନ୍ଦର ସିଂଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ସୁଦାମ ମାର୍ଣ୍ଡି ବୁଧବାର ବିଧାନସଭାରେ ଏହି ସୂଚନା ଦେଇଛନ୍ତି। ଭୂପିନ୍ଦର ପଚାରିଥିଲେ ଯେ ରାଜ୍ୟରେ କେତେସଂଖ୍ୟକ ପ୍ରାଥମିକ, ଉଚ୍ଚପ୍ରାଥମିକ, ସେକେଣ୍ଡାରି ଓ ହାୟର ସେକେଣ୍ଡାରି ସ୍କୁଲ ଅଛି। ଚଳିତବର୍ଷ ଏହି ଶିକ୍ଷାନୁଷ୍ଠାନରେ କେତେ ନିଯୁକ୍ତି ଦେବାର ବ୍ୟବସ୍ଥା ହୋଇଛି ଏବଂ କେତୋଟି ପଞ୍ଚାୟତରେ ହାଇସ୍କୁଲ ନାହିଁ। ମନ୍ତ୍ରୀ କହିଛନ୍ତି, ରାଜ୍ୟରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନରେ ୫୨,୮୦୭ ସ୍କୁଲ ରହିଛି। ଚଳିତ ବର୍ଷ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ସ୍କୁଲରେ ଆବଶ୍ୟକ ଥିବା ୨୦,୦୦୦ କନିଷ୍ଠ ଶିକ୍ଷକ ପଦବୀ ପୂରଣ ପାଇଁ ବିଜ୍ଞାପନ ପ୍ରକାଶ ପାଇବା ସହ ନିଯୁକ୍ତି ପ୍ରକ୍ରିୟା ଜାରି ରହିଛି। ସେହିପରି ସରକାରୀ ଉଚ୍ଚ ବିଦ୍ୟାଳୟରେ ୭,୫୪୦ ଶିକ୍ଷକ ପଦବୀ ପୂରଣ ପାଇଁ ଓଡ଼ିଶା ଷ୍ଟାଫ୍ ସିଲେକ୍ସନ କମିଶନ (ଓଏସ୍‌ଏସ୍‌ସି) ଜରିଆରେ ନିଯୁକ୍ତି ପାଇଁ ବ୍ୟବସ୍ଥା ହୋଇଛି। ସେହିଭଳି ୬୯୦ ପୂର୍ଣ୍ଣ ଅନୁଦାନପ୍ରାପ୍ତ ହାଇସ୍କୁଲ ପାଇଁ ୨୦୬୪ ଶିକ୍ଷକ ପଦବୀ ପୂରଣ ନିମନ୍ତେ ଏସ୍‌ଏସ୍‌ବି ଜରିଆରେ ନିଯୁକ୍ତି ପ୍ରକ୍ରିୟା ଜାରି ରହିଛି। ଚଳିତ ବର୍ଷ ସରକାରୀ ହାଇସ୍କୁଲରେ ୯୨ଟି ପ୍ରଧାନଶିକ୍ଷକ ପଦବୀରେ ଯୋଗ୍ୟ ବିବେଚିତ ଓଇଏସ୍ ପ୍ରାର୍ଥୀଙ୍କୁ ନିଯୁକ୍ତି ଦିଆଯାଇଛି। ସରକାରୀ ଉଚ୍ଚ ମାଧ୍ୟମିକ ସ୍କୁଲରେ ପ୍ରଥମ ପର୍ଯ୍ୟାୟରେ ବିଭିନ୍ନ ବିଷୟରେ ୩୩୫ ପିଜିଟି ପଦବୀ ପୂରଣ ନିମନ୍ତେ ଓପିଏସ୍‌ସି ଜରିଆରେ ଚୟନ କରାଯାଇ ୩୨୭ ପିଜିଟି ପଦବୀରେ ନିଯୁକ୍ତି ଦିଆଯାଇଛି। ଏହାଛଡ଼ା ୧୦୦୮ ପିଜିଟି ପଦବୀ ପୂରଣ ନିମନ୍ତେ ପଦକ୍ଷେପ ନିଆଯାଉଛି। ଏତଦ୍‌ବ୍ୟତୀତ ୨୨୬ ପୂର୍ଣ୍ଣ ଅନୁଦାନପ୍ରାପ୍ତ ହାଇସ୍କୁଲ ପାଇଁ ୧୫୪୩ ପିଜିଟି ଶିକ୍ଷକ ପଦବୀ ସୃଷ୍ଟି କରାଯାଇଛି। ଉକ୍ତ ପଦବୀ ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ୫୫୫ ପଦବୀ ପୂରଣ ନିମନ୍ତେ ଏସ୍‌ଏସ୍‌ବି ମାଧ୍ୟମରେ ପ୍ରକ୍ରିୟା ଜାରି ରହିଛି ବୋଲି ମନ୍ତ୍ରୀ କହିଛନ୍ତି।

## ୧୦ ବର୍ଷରେ ୭ ହଜାର ସ୍କୁଲ ବନ୍ଦ

ଗତ ୧୦ ବର୍ଷରେ ରାଜ୍ୟର ୭,୪୭୮ ସ୍କୁଲକୁ ବନ୍ଦ କିମ୍ବା ଅନ୍ୟ ସ୍କୁଲରେ ମିଶ୍ରଣ କରାଯାଇଛି। ଭାଜପା ସଭ୍ୟ ନବ ଚରଣ ମାଝିଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ସୁଦାମ ମାର୍ଣ୍ଡି ଏହି ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି, ଏହି ସ୍କୁଲରେ ଥିବା ଶିକ୍ଷକମାନଙ୍କୁ ନିକଟସ୍ଥ ସ୍କୁଲରେ ନିୟୋଜିତ କରାଯାଇଛି। ଗଜପତି ଜିଲାରେ ସର୍ବାଧିକ ୬୦୪ ସ୍କୁଲ

**ଗଜପତିରେ ସର୍ବାଧିକ**

ବନ୍ଦ/ମିଶ୍ରଣ ହୋଇଥିବା ବେଳେ ମୟୂରଭଞ୍ଜରେ ୫୩୬, କଟକ ୫୨୯, ଗଞ୍ଜାମରେ ୪୯୩, କନ୍ଧମାଳ ୪୬୦, କୋରାପୁଟ ୪୨୫, ବରଗଡ଼ରେ ୩୦୮, କେନ୍ଦ୍ରାପଡ଼ା ୨୩୭, ଖୋର୍ଦ୍ଧା ୨୨୪, ରାୟଗଡ଼ା ୨୫୮, ସମ୍ବଲପୁର ୨୦୮, ସୁନ୍ଦରଗଡ଼ରେ ୨୪୫ ସ୍କୁଲ ବନ୍ଦ ହୋଇଥିବା ମନ୍ତ୍ରୀ କହିଛନ୍ତି।

# ଯୁବକଙ୍କୁ ହତ୍ୟାକଲେ ମାଓବାଦୀ

**ମାଲକାନଗିରି,୨୨।୧୧**
**(ଦୁର୍ଯ୍ୟୋଧନ ପାତ୍ର)**

ଛତିଶଗଡର କାଙ୍କେର ଜିଲାରେ ପୁଣି ଥରେ ମାଓବାଦୀଙ୍କ ଲାଲତାଣ୍ଡବ ଦେଖିବାକୁ ମିଳିଛି। କାଙ୍କେର ଜିଲା କୋୟାଲିବେଡା ଅଞ୍ଚଳର ମାଓବାଦୀମାନେ ବୁଧବାର ଜଙ୍ଗଲରେ ଜନ ଅଦାଲତରେ ପୋଲିସ ସୂଚନାଦାତା ଅଭିଯୋଗରେ ଜଣେ ଯୁବକଙ୍କୁ ହତ୍ୟା କରିଛନ୍ତି। ମୃତ ଯୁବକ ହେଲେ ଅମର ସିଂ ଉଇକା। ହତ୍ୟା ପରେ ଘଟଣାସ୍ଥଳରେ ଏକ ବ୍ୟାନର ଲଗାଇଛନ୍ତି। ଏହି ବ୍ୟାନରରେ ଅମର ସିଂ ଡିଆର୍‌ଜି ଯବାନଙ୍କୁ ମିଥ୍ୟା ସୂଚନା ଦେଇ ୨ ଗ୍ରାମବାସୀଙ୍କୁ ମାଓବାଦୀ କହି ହତ୍ୟା କରିଥିବା ଅଭିଯୋଗ କରିଛନ୍ତି। ଅମର ସିଂଙ୍କୁ ହତ୍ୟା କରିଥିବା ମାଓବାଦୀ ସଂଗଠନ ରାବଘାଟ ଏରିଆ କମିଟି ବ୍ୟାନରରେ ସ୍ୱୀକାର କରିଛନ୍ତି। କାଙ୍କେର ଜିଲା ଏସ୍‌ପି ଦିବ୍ୟାଙ୍ଗ ପଟେଲ ଖବର ପାଇବା ପରେ ଘଟଣାସ୍ଥଳକୁ ପୋଲିସ, ସୁରକ୍ଷାବାହିନୀ ଯବାନମାନେ ଯାଇ ତଦନ୍ତ ଆରମ୍ଭ କରିଥିବା ସୂଚନା ଦେଇଛନ୍ତି।

# କାର୍ ଧକ୍କାରେ ଚାଲିଗଲା ୨ ଜୀବନ

**ଦିଗପହଣ୍ଡି/ପାଟପୁର,୨୨।୧୧**
**(ଅଶେଷନାଥ ମିଶ୍ର/ସୀମାଞ୍ଚଳ ସାହୁ)**

ଗଞ୍ଜାମ ଜିଲା ପାଟପୁର ଥାନା ଅନ୍ତର୍ଗତ ପୋଡ଼ାମାରି ବସ୍‌ଷ୍ଟାଣ୍ଡ ସମ୍ମୁଖରେ ମଙ୍ଗଳବାର ରାତିରେ କାର୍ ଧକ୍କା ଦେବାରୁ ୨ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଜଣେ ଗୁରୁତର ଆହତ ହୋଇଛନ୍ତି। ମୃତକଦ୍ୱୟ ହେଲେ ସାନଖେମୁଣ୍ଡି ବ୍ଲକ ପି.ରାମଚନ୍ଦ୍ରପୁର ଗ୍ରାମର ନିରଞ୍ଜନ ମହାନ୍ତି ଏବଂ ପୋଡ଼ାମାରି ଗ୍ରାମର ସୀମାଞ୍ଚଳ ପ୍ରଧାନ। ପୋଡ଼ାମାରି ଗ୍ରାମ ନିକଟ ପଦ୍ମପୁର ଗ୍ରାମର ଅମିର ନାୟକ ଆହତ ହୋଇଛନ୍ତି। ଦୁର୍ଘଟଣା ଘଟାଇଥିବା କାର୍‌କୁ ପୋଲିସ ଜବତ କରିଥିବା ବେଳେ ଚାଳକ ଫେରାର୍ ଅଛନ୍ତି।


ଦୁର୍ଘଟଣା ଘଟାଇଥିବା କାର୍।

ପ୍ରକାଶ ଯେ, ପୋଡାମାରି ଯାତ୍ରୀ ବିଶ୍ରାମାଗାର ସମ୍ମୁଖରେ ମଙ୍ଗଳବାର ରାତି ପ୍ରାୟ ୧୨ଟାରେ କେତେଜଣ ଲୋକ ଭୁବନେଶ୍ୱର ଯିବାପାଇଁ ବସ୍‌କୁ ଅପେକ୍ଷା କରି ଠିଆ ହୋଇଥିଲେ। ଏହି ସମୟରେ ଦିଗପହଣ୍ଡିରୁ ଗଜପତି ଜିଲା ମୋହନା ଅଭିମୁଖେ ଦ୍ରୁତ ଗତିରେ ଯାଉଥିବା ଧଳା ରଙ୍ଗର କାର୍ ( ଓଡି ୦୭ ଏକେ -୯୯୭୪) ସେମାନଙ୍କୁ ଧକ୍କା ଦେଇ ମାଡ଼ି ଯାଇଥିଲା। ଏଥିରେ ନିରଞ୍ଜନ, ସୀମାଞ୍ଚଳ ଏବଂ ଅମିର ଗୁରୁତର ହୋଇଥିବା ବେଳେ ୨ଜଣ ମହିଳା ଆହତ ହୋଇଥିଲେ। ଖବରପାଇ ସାନଖେମୁଣ୍ଡି ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ସମସ୍ତଙ୍କୁ ଉଦ୍ଧାର କରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ନିରଞ୍ଜନ ଓ ସୀମାଞ୍ଚଳଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଗୁରୁତର ଆହତ ଅମିରଙ୍କୁ ପ୍ରାଥମିକ ଚିକିତ୍ସା ପରେ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ପାଟପୁର ପୋଲିସ ବୁଧବାର ସକାଳେ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଦୁଇ ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ପଠାଇଥିଲା। ବ୍ୟବଚ୍ଛେଦ ପରେ ମୃତଦେହକୁ ସେମାନଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# ବୃଦ୍ଧାଙ୍କୁ କଚାଡ଼ି ମାରିଲା ଷଣ୍ଢ, ଶିକ୍ଷୟିତ୍ରୀ ଗୁରୁତର

**ଭଦ୍ରକ,୨୨।୧୧(ସନାତନ ରାଉତ)**

ଭଦ୍ରକ ଚରମ୍ପା ହାପିହୋମ ସ୍କୁଲ ନିକଟରେ ବୁଧବାର ସକାଳେ ଏକ ଷଣ୍ଢ ଆକ୍ରମଣରେ ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଥିବା ବେଳେ ଜଣେ ଶିକ୍ଷୟିତ୍ରୀ ଗୁରୁତର ହୋଇଛନ୍ତି। ମୃତ ବୃଦ୍ଧା ହେଲେ ପଥରଆଡ଼ି ସାହିର ଶାନ୍ତିଲତା ପଣ୍ଡା(୭୫)। ସେ ଉକ୍ତ ସ୍କୁଲ ନିକଟ ହନୁମାନ ମନ୍ଦିର ପାଖରେ ଫୁଲ ତୋଳୁଥିବା ବେଳେ ଷଣ୍ଢ ଆକ୍ରମଣ କରିଥିଲା। ଷଣ୍ଢଟି ତାଙ୍କୁ ଶିଙ୍ଗରେ ଟେକି କଚାଡ଼ି ଦେବା ପରେ ବାରମ୍ବାର ଭୁସି ଚାଲିଥିଲା। ଏପରିକି ସେ ତଳେ ପଡ଼ିଯିବା ପରେ ଦଳି ଚକଟି ମାଂସ ପିଣ୍ଡୁଳା କରିଦେଇଥିଲା।

ସେହିପରି କୋଡ଼ବରୁଆଁ ପଲ୍ଲିଶ୍ରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ ପଥରଆଡ଼ି ସାହିର ସାଇପ୍ରସନ୍ନା ଦାଶ(୪୮) ମନ୍ଦିରକୁ ଆସୁଥିବା ବେଳେ ଉକ୍ତ ଷଣ୍ଢ ଅତର୍କିତ ଭାବେ ତାଙ୍କୁ ଆକ୍ରମଣ କରିଥିଲା। ତାଙ୍କ ଡାହାଣ ହାତ ବାହୁରେ ଶିଙ୍ଗ ଭୁସି ହୋଇ ଗଭୀର କ୍ଷତ ହୋଇଛି।


ଡାକ୍ତରଖାନାରେ ଚିକିତ୍ସାଧୀନ ଶିକ୍ଷୟିତ୍ରୀ।

ସ୍ଥାନୀୟ ଲୋକେ ଷଣ୍ଢ କବଳରୁ ତାଙ୍କୁ ଉଦ୍ଧାର କରି ଭଦ୍ରକ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି। ସାଇପ୍ରସନ୍ନା ଜିଲା କଂଗ୍ରେସ ସଭାପତି ଅଶୋକ ଦାଶଙ୍କ ଭଉଣୀ। ଗ୍ରାମାଞ୍ଚଳ ଥାନା ପୋଲିସ ପହଞ୍ଚି ମାଇକ୍ ଯୋଗେ ଲୋକଙ୍କୁ ଘରୁ ନ ବାହାରିବା ପାଇଁ ସତର୍କ କରାଇଥିଲା। ପରେ ଭଦ୍ରକ ଅଗ୍ନିଶମ ବାହିନୀ ସ୍ଥାନୀୟ ଲୋକଙ୍କ ସହାୟତାରେ ଷଣ୍ଢକୁ କାବୁ କରିଛି। ଅପରପକ୍ଷେ ପୋଲିସ ବୃଦ୍ଧାଙ୍କ ମୃତଦେହ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା।

# ହତ୍ୟା ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡାଦେଶ

**କାମାକ୍ଷାନଗର,୨୨।୧୧**
**(ସୁଧୀର ପରିଡ଼ା)**

ଢେଙ୍କାନାଳ ଜିଲା କାମାକ୍ଷାନଗର ଅତିରିକ୍ତ ଜିଲା ଦୌରାଜଜ୍ ମଧୁମିତା ମହାନ୍ତି ବୁଧବାର ଏକ ହତ୍ୟା ମାମଲାର ଶୁଣାଣି କରି ଅଭିଯୁକ୍ତ ରବୀନ୍ଦ୍ର ମଲ୍ଲିକଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ କାରାଦଣ୍ଡାଦେଶ ପ୍ରଦାନ କରିଛନ୍ତି। ମାମଲାରୁ ପ୍ରକାଶ ଯେ, ଭୁବନ ଥାନା ଅସୁରବନ୍ଧ ଗ୍ରାମର ଅଭିମନ୍ୟୁ ମଲ୍ଲିକ ୨୩ ଅଗଷ୍ଟ ୨୦୨୦ରେ ଧାନ ଜଗିବାକୁ ଯାଇଥିବା ବେଳେ ତାଙ୍କ ସ୍ତ୍ରୀ ଲିଲି ମଲ୍ଲିକଙ୍କ ବେକକୁ ସାନ ଭାଇ ରବୀନ୍ଦ୍ର ମଲ୍ଲିକ ଟାଙ୍ଗିଆରେ ହାଣି ଦେଇଥିଲେ। ଅଭିମନ୍ୟୁ ସ୍ତ୍ରୀଙ୍କୁ ୧୦୮ ଆମ୍ବୁଲାନ୍ସରେ ଭୁବନ ମେଡିକାଲ ନେଇଥିଲେ। ହେଲେ ସେଠାରେ ଡାକ୍ତର ଲିଲିଙ୍କୁ ମୃତ ଘୋଷଣା କରିଥିଲେ। ଘଟଣା ସମ୍ପର୍କରେ ଅଭିମନ୍ୟୁ ୨୪ ତାରିଖରେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନମ୍ବର ୨୩୫/୨୦ରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ସରକାରଙ୍କ ତରଫରୁ ଆଇନଜୀବୀ ଦେବରାଜ ବେହେରା ମାମଲା ପରିଚାଳନା କରିଥିଲେ।

# ୯ ବିପ୍ଳବୀ କିସମ ଧାନ ଉନ୍ମୋଚନ କଲା ଏନ୍‌ଆର୍‌ଆର୍‌ଆଇ

**କଟକ,୨୨।୧୧**
**(ସୁପ୍ରିୟା ପ୍ରିୟଦର୍ଶିନୀ)**

■ ନୂତନ ଧାନ ଗବେଷଣାରେ ସଫଳ
■ ୩ କିସମରେ ରହିଛି ମରୁଡି ସହନଶୀଳତା ଗୁଣ

ଜାତୀୟ ଧାନ ଗବେଷଣା ଅନୁଷ୍ଠାନ (ଏନ୍‌ଆର୍‌ଆର୍‌ଆଇ) ଗୋଟିଏ ବର୍ଷରେ ୯ଟି ନୂଆ କିସମ ଧାନ ବିକଶିତ କରି ଏକ ଅଭୂତପୂର୍ବ ସଫଳତା ହାସଲ କରିଛି। ଏହି କିସମଗୁଡିକ ହେଲା ସିଆର୍ ଧାନ ୮୦୭, ସିଆର୍ ଧାନ ୮୦୪, ସିଆର୍ ଧାନ ୮୦୮, ସିଆର୍ ଧାନ ୨୧୧, ସିଆର୍ ଧାନ ୨୧୨, ସିଆର୍ ଧାନ ୨୧୪, ସିଆର୍ ଧାନ ୩୨୨, ସିଆର୍ ଧାନ ୩୨୯ ଏବଂ ସିଆର୍ ଧାନ ୩୩୧। ଆସାମର ଜୋରହାଟରେ ଆୟୋଜିତ ବାର୍ଷିକ ବୈଠକରେ ଅଖିଳ ଭାରତୀୟ ସମନ୍ୱିତ ଚାଉଳ ଅନୁସନ୍ଧାନ ପ୍ରକଳ୍ପର କିସମ ପରିଚୟନ ସମିତି ଦ୍ୱାରା ଏହି କିସମଗୁଡିକୁ ଚିହ୍ନଟ କରାଯାଇଥିଲା। ଫସଲ ମାନକ, ଅଧିସୂଚନା ଏବଂ କିସମ ଉନ୍ମୋଚନ ପାଇଁ ଗଠିତ କେନ୍ଦ୍ରୀୟ ଉପ ସମିତି ମଙ୍ଗଳବାର ଏହାର ଅନୁମୋଦନ ପ୍ରଦାନ କରିଛନ୍ତି। ପ୍ରତ୍ୟେକ କିସମ ୨ରୁ ୭ଟି ରାଜ୍ୟରେ ଚାଷ ପାଇଁ ଉପଯୁକ୍ତ। ଏହି କିସମଗୁଡିକ ଏକାଧାରରେ ୧୧ଟି ରାଜ୍ୟ ଯଥା ଉତ୍ତରପ୍ରଦେଶ, ଓଡ଼ିଶା, ବିହାର, ଝାଡ଼ଖଣ୍ଡ, ଛତିଶଗଡ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ଗୁଜରାଟ, ଆନ୍ଧ୍ରପ୍ରଦେଶ, ତେଲଙ୍ଗାନା ଏବଂ ତାମିଲନାଡୁରେ ଚାଷ ପାଇଁ ଉପଯୋଗୀ।

ଉଲ୍ଲେଖଯୋଗ୍ୟ, ଉନ୍ମୋଚିତ ୩ଟି କିସମ ମରୁଡ଼ି ସହନଶୀଳତା ସହିତ ଜଳବାୟୁ ପ୍ରତିରୋଧୀ ଗୁଣ ପ୍ରଦର୍ଶନ କରେ। ସେଗୁଡିକ ମଧ୍ୟରୁ ସିଆର୍ ଧାନ ୮୦୭ ହେଉଛି ଏକ ଅଗ୍ରଣୀ କିସମ। ଏହା ଏକ ଅଣବାସୁମତି ଚାଉଳ କିସମ। ଯାହା ଘାସମରା ଔଷଧ ଇମାଜେଥାପିର ପ୍ରତିରୋଧୀ ଏବଂ ମରୁଡି ସହନଶୀଳତା ପାଇଁ ଶ୍ରେଷ୍ଠ। ଏହା ଏକ ଅଣଜିଏମଓ କିସମ, ଯାହାକି ସ୍ୱଦେଶୀ ପ୍ରଚେଷ୍ଟାରେ ବିକଶିତ ଘାସମରା ପ୍ରତିରୋଧୀ କିସମ ଏବଂ ଏହା ମଧ୍ୟ ପ୍ରାରମ୍ଭିକ ସିଧାବୁଣା ପାଇଁ ଉପଯୁକ୍ତ। ଯାହାଦ୍ୱାରା ପାରମ୍ପରିକ ଧାନଚାଷରେ ରୁଆର ଖର୍ଚ୍ଚକୁ ପ୍ରାୟ ୫୦% ହ୍ରାସ କରିବାର କ୍ଷମତା ଥିବା ପରୀକ୍ଷିତ ଏବଂ ଏହା ମଧ୍ୟ କୃଷକଙ୍କ ଚାଷଜମିରେ ସଫଳ ହେବାର ଆଶା କରାଯାଉଛି। ଉଭୟ ଜଳମଗ୍ନତା ଏବଂ ମରୁଡ଼ି ସହନଶୀଳତା ଗୁଣ ବିଶିଷ୍ଟ ଅନ୍ୟ ଏକ ଉପଯୁକ୍ତ କିସମ ହେଉଛି ସିଆର୍ ଧାନ ୮୦୪, ଯାହାର ଦାନା ସୂକ୍ଷ୍ମ ଓ ପତଳା। ୭ଟି ରାଜ୍ୟରେ ଚାଷ ପାଇଁ ଉପଯୁକ୍ତ ହୋଇଥିବା ଏହି କିସମ, ବହୁଳ ଭାବରେ ରପ୍ତାନି-ଗ୍ରେଡ୍ ଚାଉଳ ଆଇଆର୍ ୬୪ ବଦଳରେ ଚାଷ କରାଯାଇପାରେ। ଏହା ମଧ୍ୟ ପ୍ରାରମ୍ଭିକ ପ୍ରତ୍ୟକ୍ଷ ବିହନ ବ୍ୟବସ୍ଥା ପାଇଁ ଉପଯୁକ୍ତ। ମରୁଡ଼ି ସହନଶୀଳ ସିଆର୍ ଧାନ ୮୦୮ ବିହାର ଏବଂ ଝାଡ଼ଖଣ୍ଡ ପାଇଁ ଉନ୍ମୋଚନ କରାଯାଇଛି, ଯାହାକି ଲୋକପ୍ରିୟ ଅଞ୍ଜଳି କିସମ ବଦଳରେ ଚାଷ କରାଯାଇପାରେ। ବିହାର ଏବଂ ଓଡ଼ିଶାରେ ସୀମିତ ଜଳସେଚନ ଚାଷ ପାଇଁ ଉପଯୁକ୍ତ ତିନୋଟି ଏରୋବିକ କିସମ, ସିଆର୍ ଧାନ ୨୧୧, ସିଆର୍ ଧାନ ୨୧୨ ଏବଂ ସିଆର୍ ଧାନ ୨୧୪ ବିକଶିତ କରାଯାଇଛି। ବହୁମୁଖିତା ଏବଂ ଅନୁକୂଳନୀୟତା ବୈଶିଷ୍ଟ୍ୟ ସହିତ ସିଆର୍ ଧାନ ୨୧୪ ଝାଡ଼ଖଣ୍ଡ, ଛତିଶଗଡ଼, ମହାରାଷ୍ଟ୍ର ଏବଂ ଗୁଜରାଟ ପାଇଁ ଉନ୍ମୋଚନ କରାଯାଇଛି। ଗୁଜରାଟ ଏବଂ ମହାରାଷ୍ଟ୍ରରେ ଜଳସେଚିତ ଜମି ପାଇଁ ତିନୋଟି ଉଚ୍ଚ ଅମଳକ୍ଷମ କିସମ ସିଆର୍ ଧାନ ୩୨୨, ସିଆର୍ ଧାନ ୩୨୯ ଏବଂ ସିଆର୍ ଧାନ ୩୩୧ ବିକଶିତ କରାଯାଇଛି। ବିଶେଷ ଉଲ୍ଲେଖନୀୟ ହେଉଛି ଯେ କଞ୍ଚା ଧାନର କୁଟଣ ପରେ ଅସାଧାରଣ ଭାବରେ ୬୬-୭୦% ମୁଖ୍ୟ ଚାଉଳ ମିଳିଥାଏ ଯାହାକି ଶିଳ୍ପଗୁଡିକୁ ଅତିକ୍ରମ କରିଛି। ସିଆର୍ ଧାନ ୩୩୧ରେ ୭୦% ଉଲ୍ଲେଖନୀୟ ମୁଖ୍ୟ ଚାଉଳ ମିଳିବା ସହିତ ଏହାର ଦାନା ଛୋଟ ଏବଂ ମୋଟା ଥିବାବେଳେ ସିଆର୍ ଧାନ ୩୨୨ର ଦାନା ଲମ୍ବା, ପତଳା ଏବଂ ମୁଖ୍ୟ ଚାଉଳ ୬୭% ମିଳିଥାଏ। ସିଆର୍ ଧାନ ୩୨୯ ମହାରାଷ୍ଟ୍ର, ଗୁଜରାଟ, ଓଡ଼ିଶା ଓ ବିହାରରେ ଚାଷ ପାଇଁ ପ୍ରଯୁଜ୍ୟ। ଏହା ମଧ୍ୟ ଜଳସେଚିତ ରବିଋତୁ ପାଇଁ ଉଷ୍ମ ସହନଶୀଳ କିସମ।

ଅଖିଳ ଭାରତୀୟ ସମନ୍ୱିତ ଚାଉଳ ଅନୁସନ୍ଧାନ ପ୍ରକଳ୍ପ ଅଧୀନରେ ଦେଶବ୍ୟାପୀ ବ୍ୟାପକ ବହୁମୁଖୀ ପରୀକ୍ଷଣର ଫଳାଫଳ ହେଉଛି ଏହି ୯ କିସମ। କେନ୍ଦ୍ରୀୟ ଉନ୍ମୋଚନ ବ୍ୟତୀତ, ଏନ୍‌ଆର୍‌ଆର୍‌ଆଇ ଅତିରିକ୍ତ ଭାବରେ ୨୦୨୩ରେ ଓଡ଼ିଶା ପାଇଁ ୧୧ଟି କିସମ ବିକଶିତ କରିଛି ଏବଂ ଏହା ଏକ ଅଦ୍ୱିତୀୟ ସଫଳତା। ଉତ୍ପାଦନକାରୀ ଏବଂ ସଂରକ୍ଷଣ ପ୍ରଯୁକ୍ତିବିଦ୍ୟା ମାନକ, ପ୍ରଜନନକାରୀ ବିହନ ଯୋଗାଇବା, କୃଷକ ଉତ୍ପାଦକ ସଙ୍ଗଠନ ଏବଂ ବେସରକାରୀ କ୍ଷେତ୍ର ସହିତ ସହଭାଗିତା ପାଇଁ ଏହି ବିହନଗୁଡିକର ବ୍ୟାପକ ଉପଲବ୍ଧତାକୁ ନିଶ୍ଚିତ କରିବା ପାଇଁ ଅନୁଷ୍ଠାନ ଚେଷ୍ଟା ଜାରି ରଖିଛି। ଅନୁଷ୍ଠାନର ସଫଳତା ଭାରତୀୟ କୃଷି ଅନୁସନ୍ଧାନ ପରିଷଦର ଗୁରୁତ୍ୱପୂର୍ଣ୍ଣ ସହଯୋଗ ତଥା ଅତୀତ ଓ ବର୍ତ୍ତମାନର ନିର୍ଦ୍ଦେଶକଙ୍କ ନେତୃତ୍ୱରେ ଏହାର ବୈଜ୍ଞାନିକ ଓ ସହାୟକ କର୍ମଚାରୀଙ୍କ ଉତ୍ସର୍ଗୀକୃତ ପ୍ରୟାସର ପ୍ରମାଣ ଅଟେ। ଏନେଇ ବୁଧବାର ଏନ୍‌ଆର୍‌ଆର୍‌ଆଇ ପରିସରରେ ଏକ ଖବରଦାତା ସମ୍ମିଳନୀରେ ନିର୍ଦ୍ଦେଶକ ଅମରେଶ କୁମାର ନାୟକ ସୂଚନା ଦେଇଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ବନ୍ଧୁଙ୍କ ହସ୍ତକ୍ଷେପ ଫଳରେ ପାରିବାରିକ ସମସ୍ୟା ସମାଧାନ ହୋଇଯିବ। ରାଜନୀତି, ସଭାସମିତି ଓ ସାଙ୍ଗଠନିକ କାର୍ଯ୍ୟରେ ପ୍ରଶଂସିତ ହେବେ। ବ୍ୟବସାୟ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। କୌଣସି ଗୁରୁତ୍ୱପୂର୍ଣ୍ଣ କାମ କ୍ଷେତ୍ରରେ ପୂର୍ବରୁ ଥିବା ସମସ୍ୟା ନେଇ ଚିନ୍ତା କରିପାରନ୍ତି।

**ବୃଷ** ଆଜି ସମ୍ପର୍କରେ ବୈରମନୋଭାବ, ଜମିଜମା କାରବାରରେ କଳହର ସମ୍ମୁଖୀନ ହେବେ। ବିଶେଷ ଭ୍ରମଣ ଓ ମସଲାଯୁକ୍ତ ଖାଦ୍ୟ ହୁଏତ ସ୍ୱାସ୍ଥ୍ୟହାନିର କାରଣ ହେବା ସାଙ୍ଗକୁ କାର୍ଯ୍ୟ ସାଧନ ସକାଶେ ତତ୍ପରତା ବଢ଼ିପାରେ। କଚେରି ମାମଲାରେ ଆଶାଜନକ ଫଳ ପାଇବେ। ମାଦକଦ୍ରବ୍ୟ ସେବନ, ନୀଚସଙ୍ଗରୁ ଅସୁବିଧାର ସମ୍ମୁଖୀନ ହେବେ।

**ମିଥୁନ** କର୍ମକ୍ଷେତ୍ରରେ କୌଣସି କାମ ଅଟକିବ ନାହିଁ ଏବଂ ଆଶା କରୁଥିବା ଦିଗରୁ ଅର୍ଥଲାଭ ହେବ। ବନ୍ଧୁଙ୍କ ସହ ଭୁଲ୍ ବୁଝାମଣା ସୃଷ୍ଟି ହୋଇପାରେ କିନ୍ତୁ ଲକ୍ଷ୍ୟ ଅବଶ୍ୟ ପୂରଣ ହେବ। ରାଜନୀତି, କଳା ସାହିତ୍ୟ, ଆନୁଷ୍ଠାନିକ କାମ ତଥା ସାଂଗଠନିକ କ୍ଷେତ୍ରରେ ଆଗେଇଯିବେ। ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ ଓ ପ୍ରଶଂସିତ ମଧ୍ୟ ହେବେ।

**କର୍କଟ** ଆଜି କୌଣସି ଶୁଭ ଖବର ପାଇ ମନ ସକାଳୁ ସକାଳୁ ଖୁସି ହୋଇଯିବ। ଭୋଗବିଳାସ, କଳା ସାହିତ୍ୟ, କ୍ରୀଡ଼ା, ଚଳଚ୍ଚିତ୍ର ଓ ମଉଜ ମଜଲିସ୍ ସକାଶେ ମନ ବଳାଇବେ। କର୍ମକ୍ଷେତ୍ରରେ ଆଲୋଚନା ଦ୍ୱାରା ସମସ୍ୟାର ସରଳ ସମାଧାନ ହୋଇଯିବ। ମିଥ୍ୟା ଅଭିଯୋଗ ଲାଗି ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି।

**ସିଂହ** ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ ଏବଂ ନୂତନ ଦାୟିତ୍ୱ ହାତକୁ ନେଇପାରନ୍ତି। କୌଣସି ନୂତନ କାର୍ଯ୍ୟାରମ୍ଭ ସକାଶେ ବନ୍ଧୁଙ୍କ ସହ ଆଲୋଚନା କରିପାରନ୍ତି। ଅଫିସ୍‌ରେ ମିଥ୍ୟା ଭାଷଣରୁ ସମାଲୋଚନାର ପାତ୍ର ହେବାକୁ ପଡ଼ିପାରେ। ବିବାଦୀୟ ଘଟଣାରେ ବିଜୟଲାଭ ଅବଶ୍ୟମ୍ଭାବୀ।

**କନ୍ୟା** ପରିବାରରେ ଭୁଲ୍ ନିଷ୍ପତ୍ତି ନେଇ ପରେ ଅନୁତାପ କରିବାକୁ ପଡ଼ିପାରେ। ଖଳ ଲୋକମାନଙ୍କ ମିଥ୍ୟା ଗୁଜବରେ ପ୍ରତିକ୍ରିୟା ହଠାତ୍ ପ୍ରକାଶ କରନ୍ତୁ ନାହିଁ। ବନ୍ଧୁ ପ୍ରତିଶ୍ରୁତି ରକ୍ଷାକରି ଠିକ୍ ସମୟରେ ଆସିବାରେ ହେଳା କରିବେ। ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ବିବାଦର ସମାଧାନ ହୋଇଯିବ।

**ତୁଳା** କର୍ମକ୍ଷେତ୍ରରେ କୌଣସି ବନ୍ଧୁଙ୍କ ସହ ସମ୍ପର୍କ ବୃଦ୍ଧି ଦେଖି ବିଭିନ୍ନ ପ୍ରକାର କଥା ଶୁଣିବାକୁ ପଡ଼ିପାରେ। ସରକାରୀ କାମ ଓ ପଦସ୍ଥ ବ୍ୟକ୍ତିବିଶେଷଙ୍କ ସହଯୋଗରୁ ଉପକୃତ ହେବେ। କଠିନ ଶ୍ରମଜନିତ ସ୍ୱାସ୍ଥ୍ୟହାନି କାରଣରୁ କାମ ପାଇଁ ନିରୁତ୍ସାହତା ଦେଖାଦେବ। ମିଠାକଥା କହି ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କାମ ହାସଲ କରିବାରେ ସମର୍ଥ ହୋଇପାରନ୍ତି।

**ବିଛା** ସମ୍ପର୍କୀୟମାନେ ଈର୍ଷାପରାୟଣ ହୋଇ ପଛରୁ ଗୋଡ଼ ଟାଣିପାରନ୍ତି। ପରିବାରରେ ବିରୋଧାଭାସ କାରଣରୁ ଯୋଜନାଗୁଡ଼ିକ ସମ୍ପୂର୍ଣ୍ଣ ହେବନାହିଁ। ବିଭିନ୍ନ ସମସ୍ୟା ଥିଲେ ମଧ୍ୟ ନିର୍ମାଣ, ପରିବହନ, ମରାମତି, ଜମିଜମା କାମରେ ସାହାଯ୍ୟ ଅବଶ୍ୟ ପାଇବେ। ଅଧିକାଂଶ ସମୟ ବନ୍ଧୁଙ୍କ ସହ ଆଳାପ ଆଲୋଚନାରେ କଟାଇବେ।

**ଧନୁ** ଆଜି ଆଶା କରୁଥିବା ଦିଗରୁ ଅର୍ଥ ଓ ଆବଶ୍ୟକ ସହଯୋଗ ଆଶା ଭଙ୍ଗୁର ହୋଇଯାଇପାରେ। କର୍ମକ୍ଷେତ୍ର, ପ୍ରତିଦ୍ୱନ୍ଦ୍ୱିତାରେ ମନର ବଳ ଟାଣ ରହିବ ଏବଂ ଜିଦ୍‌ରେ ଅଟଳ ରହିପାରନ୍ତି। କେତେକ ବ୍ୟକ୍ତିଗତ କାରଣରୁ ଅବହେଳିତ କାର୍ଯ୍ୟ ସକାଶେ ଅନୁତାପ କରିପାରନ୍ତି। ମାଲିମକଦ୍ଦମାରେ ଖର୍ଚ୍ଚାନ୍ତ ସାଙ୍ଗକୁ ମନସ୍ତାପ କରିବାକୁ ପଡ଼ିବ।

**ମକର** ଆଜିର ପ୍ରତ୍ୟୁଷ ଯାତ୍ରାରେ ଜିନିଷପତ୍ର ପ୍ରତି ସତର୍କ ରୁହନ୍ତୁ। ଆଗାମୀ ଆନୁଷ୍ଠାନିକ କାମ ସକାଶେ ପ୍ରସ୍ତୁତିରୁ ଖୁସି ରହିବେ। କେତେକ ମନଗଢ଼ା କଥା କହି ବନ୍ଧୁଙ୍କ ମନରେ ବିଶ୍ୱାସ ହେଲାଭଳି କାମ କରିବେ। ବିବାଦୀୟ କଥା ଚିନ୍ତାକରି ମନକୁ ଭାରାକ୍ରାନ୍ତ କରିପାରନ୍ତି।

**କୁମ୍ଭ** ଆଜି ଆପଣ ପ୍ରତ୍ୟେକ ଦିଗରୁ ଅସୁବିଧା ଭିତର ଦେଇ କାମ ହାସଲ କରିବେ। ଏପରିକି ଅତି ଭଲ ସମ୍ପର୍କ ନ ଥିବା ବନ୍ଧୁ ଅସୁବିଧାରେ ପକାଇପାରନ୍ତି। ବୃଥା ଚିନ୍ତାକରି ଭାବପ୍ରବଣତା ଯୋଗୁ ମନୋବଳ କ୍ରମଶଃ ହ୍ରାସ ପାଇପାରେ। ତଥାପି ଶିଳ୍ପ, ବାଣିଜ୍ୟ ପ୍ରତିଦ୍ୱନ୍ଦ୍ୱିତା କ୍ଷେତ୍ରରେ ସଫଳତା ହାସଲ କରିବେ।

**ମୀନ** ଆଜି ଅଧିକାଂଶ ସମୟ ବନ୍ଧୁମେଳରେ କଟାଇବାର ସୌଭାଗ୍ୟ ଲାଭ କରିବେ, ଯଦ୍ଦ୍ୱାରା କି ମନରେ ସରସତା ଭରିଯିବ। କୌଣସି କ୍ଷେତ୍ରରେ ତରବରିଆ ପଦକ୍ଷେପ ନେବା ଠିକ୍ ହେବନାହିଁ। ଆକସ୍ମିକ ଭାବେ ଦୂରଯାତ୍ରାଜନିତ ଭ୍ରମଣ ହେତୁକ କ୍ଲାନ୍ତି ଓ ଅବସାଦ ଦେଖାଦେଇପାରେ। ସାଂଗଠନିକ କ୍ଷେତ୍ରରେ ଭାବୁଥିବା କାମଟିକୁ ଶେଷ କରିପାରିବେନି।

ଆଜି କାର୍ତ୍ତିକ ଶୁକ୍ଳପକ୍ଷର ସର୍ବସମ୍ମତ ଦେବୋତ୍ଥାପନୀ ବଡ଼ ଏକାଦଶୀ ଗୁରୁବାର, ଲକ୍ଷ୍ମୀନାରାୟଣ ଏକାଦଶୀ ବ୍ରତ, ଶ୍ରୀଜୀଉଙ୍କ ଠିଆକିଆ ବେଶ, ଭୀଷ୍ମପଞ୍ଚକ ବା ବକ ପଞ୍ଚକ ଆରମ୍ଭ, ଶରତ୍ ରାସ ଆରମ୍ଭ, ଚାତୁର୍ମାସ୍ୟା ଗୁରୁବାର ବ୍ରତ, ନଭେମ୍ବର ୨୩ ତାରିଖ, ମହାକବି କାଳିଦାସ ଓ ଭକ୍ତ ଦାସିଆ ଜୟନ୍ତୀ, ସତ୍ୟସାଇ ବାବାଙ୍କ ଜୟନ୍ତୀ, ନବକୃଷ୍ଣ ଚୌଧୁରୀଙ୍କ ଜୟନ୍ତୀ, ସାର୍ ଜଗଦୀଶ୍ ଚନ୍ଦ୍ର ବୋଷ୍‌ଙ୍କ ତିରୋଧାନ ଦିବସ, ରାଶି ନକ୍ଷତ୍ର-ଉତ୍ତରଭାଦ୍ରବ/ମୀନ, ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୬।୦୩ମି. ଗତେ ଘ.୦୭।୩୧ମି. ମଧ୍ୟେ ଶୁଦ୍ଧ ଶୁଭବେଳା॥ ଦିବା ଘ.୧୨।୫୫ମି. ଗତେ ଘ.୦୨।୧୭ମି. ମଧ୍ୟେ ରାହୁକାଳ॥

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ନଭେମ୍ବର ୨୩/୨୦୨୩ | Bhubaneswar, Thursday, November 23/2023


# ୪୧ ଶ୍ରମିକଙ୍କ ଉଦ୍ଧାର ଆଶା ଉଜ୍ଜୀବିତ

## ଉତ୍ତରାଖଣ୍ଡ ସୁଡ଼ଙ୍ଗରେ ୧୧ ଦିନ ହେଲା ଫସି ରହିଛନ୍ତି



**ଉତ୍ତରକାଶୀ/ନୂଆଦିଲ୍ଲୀ,୨୨।୧୧**

ଉତ୍ତରାଖଣ୍ଡର ଉତ୍ତରକାଶୀସ୍ଥିତ ସିଲ୍‌କ୍ୟାରା ଟନେଲ୍‌ରେ ଗତ ୧୨ ତାରିଖରୁ ଫସିରହିଥିବା ୫ ଓଡ଼ିଆଙ୍କ ସମେତ ୪୧ ଶ୍ରମିକ ଜୀବିତ ଉଦ୍ଧାର ହେବା ଆଶା ଉଜ୍ଜୀବିତ ହୋଇଛି। ସୁଡ଼ଙ୍ଗରୁ ଯଥାଶୀଘ୍ର ସମ୍ଭବ ସେମାନଙ୍କୁ ଉଦ୍ଧାର କରିବା ପାଇଁ ବିଭିନ୍ନ ସଂସ୍ଥା ପକ୍ଷରୁ ରେସ୍କ୍ୟୁ ଅପରେଶନ୍‌କୁ ତ୍ୱରାନ୍ୱିତ କରାଯାଇଛି। ଉଦ୍ଧାର କାର୍ଯ୍ୟର ତଦାରଖ କରୁଥିବା ଅଧିକାରୀମାନେ ବୁଧବାର ଅପରାହ୍ଣ ୪ଟାରେ ଏକ ଖବରଦାତା ☞ପୃଷ୍ଠା-୯

### ପରିବାର ଲୋକଙ୍କ ସହ କଥା ହେଲେ ଓଡ଼ିଆ ଶ୍ରମିକ

**ବାରିପଦା(ନୀଳାଦ୍ରି ବିହାରୀ ଦଣ୍ଡପାଟ)/ବାଙ୍ଗିରିପୋଷି (ସଞ୍ଜୟ ଅଗ୍ରୱାଲ)-୨୨।୧୧**

ଉତ୍ତରାଖଣ୍ଡର ଉତ୍ତରକାଶୀରେ ନିର୍ମାଣାଧୀନ ଟନେଲରେ ଫସି ରହିଥିବା ମୟୂରଭଞ୍ଜ ଜିଲାର ୩ ଶ୍ରମିକଙ୍କ ପରିବାର ଲୋକଙ୍କୁ ଆଶ୍ୱସ୍ତି ମିଳିଛି। ବୁଧବାର ଏହି ଶ୍ରମିକମାନେ ପରିବାର ଲୋକଙ୍କ ସହିତ କଥା ହୋଇଛନ୍ତି। ୧୦ ଦିନ ତଳେ ଟନେଲ ଭୁଶୁଡି ପଡ଼ିବାରୁ ୪୧ଜଣ ଶ୍ରମିକ ଫସି ରହିଛନ୍ତି। ଏହି ଶ୍ରମିକମାନଙ୍କ ମଧ୍ୟରେ ଓଡ଼ିଶାରୁ ମୋଟ ୫ଜଣ ରହିଛନ୍ତି। ଶ୍ରମିକମାନଙ୍କୁ ଉଦ୍ଧାର ପାଇଁ ଜୋରସୋରରେ କାମ ଚାଲିଛି। ବାଙ୍ଗିରିପୋଷି ବ୍ଲକ ଚନ୍ଦନପୁର ପଞ୍ଚାୟତ ଯୋଗୀବନ୍ଧ ଗ୍ରାମର ବିଶ୍ୱେଶ୍ୱର ନାଏକ ତାଙ୍କ ସ୍ତ୍ରୀ ସୁକାନ୍ତି ଓ ପରିବାର ଲୋକଙ୍କ ସହ କଥା ହୋଇଛନ୍ତି। ପିଲାଛୁଆ ଓ ମା' ବାପା କେମିତି ଅଛନ୍ତି। ମୁଁ ଭଲରେ ଅଛି । ଚିନ୍ତା କରନାହିଁ। ଏସ୍‌ଏଚ୍‌ଜି ଗ୍ରୁପ୍ ଟଙ୍କା ଦେଇଛୁ କି ନାହିଁ। ଏହିଭଳି ଅନେକ କଥା ସ୍ତ୍ରୀ ସୁକାନ୍ତିଙ୍କ ସହିତ ବିଶ୍ୱେଶ୍ୱର କଥା ହୋଇଛନ୍ତି। ସେହିପରି ଜିଲାର ଅନ୍ୟ ଦୁଇ ଶ୍ରମିକଙ୍କ ☞ପୃଷ୍ଠା-୯

### ୨୯ ନିର୍ମାଣାଧୀନ ଟନେଲ୍‌ର ସୁରକ୍ଷା ଯାଞ୍ଚ ହେବ

**ନୂଆଦିଲ୍ଲୀ,୨୨।୧୧**

ଦେଶର ବିଭିନ୍ନ ଭାଗରେ ଥିବା ସମସ୍ତ ୨୯ ନିର୍ମାଣାଧୀନ ଟନେଲ୍‌ର ସୁରକ୍ଷା ଯାଞ୍ଚ କରାଯିବ। ଭାରତର ଜାତୀୟ ରାଜପଥ କର୍ତ୍ତୃପକ୍ଷ (ଏନ୍‌ଏଚ୍‌ଏଆଇ)କୁ ଏହି ଯାଞ୍ଚ ଦାୟିତ୍ୱ ଦିଆଯିବ ବୋଲି ବୁଧବାର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଉତ୍ତରାଖଣ୍ଡର ସିଲ୍‌କ୍ୟାରା ଟନେଲରେ ଗତ ୧୨ ତାରିଖରୁ ୪୧ ଶ୍ରମିକ ଫସିରହିଥିବାବେଳେ କେନ୍ଦ୍ର ସରକାର ଏହି ନିଷ୍ପତ୍ତି ନେଇଛନ୍ତି। ଏନ୍‌ଏଚ୍‌ଏଆଇ ଅଧିକାରୀ ଓ ଦିଲ୍ଲୀ ମେଟ୍ରୋ ରେଳ ନିଗମ (ଡିଏମ୍‌ଆର୍‌ସି)ର ଏକ ମିଳିତ ବିଶେଷଜ୍ଞ ଟିମ୍ ଏହି ଟନେଲ ପ୍ରକଳ୍ପଗୁଡ଼ିକୁ ନିରୀକ୍ଷଣ କରିବେ। ସେମାନେ ୭ ଦିନ ମଧ୍ୟରେ ମନ୍ତ୍ରଣାଳୟ ନିକଟରେ ରିପୋର୍ଟ ଦାଖଲ କରିବେ। ଏହି ୨୯ ଟନେଲର ମୋଟ ଲମ୍ବ ୭୯ କି.ମି. ହେବ। ସେଥିରୁ ହିମାଚଳ ପ୍ରଦେଶରେ ୧୨, ଜମ୍ମୁ-କଶ୍ମୀରରେ ୬, ମହାରାଷ୍ଟ୍ର, ରାଜସ୍ଥାନ ଓ ଓଡ଼ିଶାରେ ୨ଟି ଲେଖାଏ, ମଧ୍ୟପ୍ରଦେଶ, ☞ପୃଷ୍ଠା-୯

# ଘର ଆଗରେ ନିଜକୁ ଜାଳିଦେଲେ ଯୁବକ



ଯୁବକ ନିଜ ଦେହରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଆତ୍ମହତ୍ୟା କରିବା ବେଳର ସିସିଟିଭି ଦୃଶ୍ୟ।

## ରାଜଧାନୀରେ ଅଭାବନୀୟ ଘଟଣା

**ଭୁବନେଶ୍ୱର,୨୨।୧୧ (ସତ୍ୟଜିତ୍ ରାଉତ)**

ରାଜଧାନୀରେ ଏକ ଅଭାବନୀୟ ଘଟଣା ଘଟିଛି। ଘର ଆଗରେ ଜଣେ ଯୁବକ ନିଜ ଉପରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଆତ୍ମହତ୍ୟା କରିଛନ୍ତି। ମଙ୍ଗଳବାର ଅପରାହ୍ଣରେ ଭୁବନେଶ୍ୱର ବଡ଼ଗଡ଼ ଥାନା ଅନ୍ତର୍ଗତ କେଶୁରା ଗ୍ରାମରେ ଏହି ହୃଦୟବିଦାରକ ଘଟଣା ଘଟିଛି। ନିଆଁରେ ପୋଡ଼ି ହୋଇ ଗୁରୁତର ଯୁବକଙ୍କ ଚିକିତ୍ସାଧୀନ ଅବସ୍ଥାରେ ବୁଧବାର ଏମ୍‌ସରେ ମୃତ୍ୟୁ ହୋଇଛି। ମୃତ ଯୁବକ ହେଲେ ଲକ୍ଷ୍ମଣ ପ୍ରଧାନ (୩୫)। ପାରିବାରିକ ସମସ୍ୟା ପାଇଁ ଲକ୍ଷ୍ମଣ ଏଭଳି ଚରମ ନିଷ୍ପତ୍ତି ନେଇଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ତେବେ ଲକ୍ଷ୍ମଣ କିଭଳି ଏହି ଘଟଣା ଘଟାଇଲେ, ତାଙ୍କ ଘର ଆଗରେ ଥିବା ସିସିଟିଭି କ୍ୟାମେରାରେ ଏହାର ସମସ୍ତ ଦୃଶ୍ୟ କଏଦ୍ ହୋଇଛି। ଏହି ଘଟଣାକୁ କେନ୍ଦ୍ର କରି ଲକ୍ଷ୍ମଣଙ୍କ ବଡ଼ଭାଇ ରାମ ପ୍ରଧାନ ବଡ଼ଗଡ଼ ଥାନାରେ ଏତଲା ଦେଇଛନ୍ତି। ପୋଲିସ ଏନେଇ ଏକ ଅପମୃତ୍ୟୁ ମାମଲା (ନଂ. ୩୭/୨୦୨୩) ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି।

ଭାଇରାଲ ହେଉଥିବା ସିସିଟିଭି ଦୃଶ୍ୟରୁ ଜଣାପଡ଼ିଛି, ମଙ୍ଗଳବାର ୪ଟା ୪୦ ସମୟରେ ଲକ୍ଷ୍ମଣ ଏକ ଧଳା ସ୍କୁଟିରେ ଆସି ଘର ଆଗରେ ଠିଆ ହୋଇଥିଲେ। ସେ ହଠାତ୍ ସାଙ୍ଗରେ ଆଣିଥିବା ଏକ ବୋତଲରୁ ନିଜ ☞ପୃଷ୍ଠା-୯

# ଜାନୁୟାରୀ ୧୫ରୁ ବରଗଡ଼ ଧନୁଯାତ୍ରା

**ବରଗଡ଼,୨୨।୧୧ (ପ୍ରେମାନନ୍ଦ ଖମାରୀ)**

ବୃହତ୍ ମୁକ୍ତାକାଶ ରଙ୍ଗମଞ୍ଚ ବରଗଡ଼ ଧନୁଯାତ୍ରା ମହୋତ୍ସବ ଆସନ୍ତା ୨୦୨୪ ଜାନୁୟାରୀ ୧୫ରୁ ଆରମ୍ଭ ହେବ। ଏହା ଦୀର୍ଘ ୧୧ଦିନ ବ୍ୟାପୀ ହେବ। ଜାନୁୟାରୀ ୨୫ ପର୍ଯ୍ୟନ୍ତ ଏହା ଚାଲିବ ବୋଲି ବୁଧବାର ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଧନୁଯାତ୍ରା ମହୋତ୍ସବ ସମିତିର ସାଧାରଣ ପରିଷଦ ବୈଠକରେ ସମିତିର ସଭାପତି ତଥା ଜିଲାପାଳ ମୋନିଷା ବାନାର୍ଜୀ ସୂଚନା ଦେଇଛନ୍ତି। ଅନ୍ୟବର୍ଷ ତୁଳନାରେ ଏଥର ମହୋତ୍ସବକୁ ଅଧିକ ଆକର୍ଷଣୀୟ ତଥା ଶୃଙ୍ଖଳିତ, ସୁରକ୍ଷିତ ଭାବେ ସମାପନ କରିବା ଦିଗରେ ଗୁରୁତ୍ୱ ଦିଆଯିବ ବୋଲି ସେ କହିଥିଲେ। ସମିତିର ଆବାହକ ତଥା ସମ୍ପାଦକ ସୁରେଶ୍ୱର ଶତପଥୀ ଗତ ଧନୁଯାତ୍ରା ମହୋତ୍ସବର ଆୟବ୍ୟୟ ବିବରଣୀ ଉପସ୍ଥାପନ କରିଥିଲେ। ଗତବର୍ଷ ଧନୁଯାତ୍ରାରେ ☞ପୃଷ୍ଠା-୯

# ସୁଜାତା କାର୍ତ୍ତିକେୟନଙ୍କୁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଅତିରିକ୍ତ ଦାୟିତ୍ୱ

**ଭୁବନେଶ୍ୱର,୨୨।୧୧ (ଅନିଲ ଦାସ)**



ସୁଜାତା ରାଉତ କାର୍ତ୍ତିକେୟନ

୨୦୦୦ ମସିହା ବ୍ୟାଚ୍ ଆଇଏଏସ୍ ଅଫିସର ତଥା ମିଶନ ଶକ୍ତି ବିଭାଗ ସଚିବ ସୁଜାତା ରାଉତ କାର୍ତ୍ତିକେୟନଙ୍କୁ ରାଜ୍ୟ ସରକାର ଆଉ ଏକ ବିଭାଗର ଅତିରିକ୍ତ ଦାୟିତ୍ୱ ପ୍ରଦାନ କରିଛନ୍ତି। ସେ ମିଶନ ଶକ୍ତି ବିଭାଗ ସହିତ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇବେ। ବୁଧବାର ଏନେଇ ସାଧାରଣ ☞ପୃଷ୍ଠା-୯






ଧର୍ମ ରହିଥାଏ ନିଜକୁ ସଂକୁଚିତ କରି ତା'ର ବାହ୍ୟ ଆଙ୍ଗିକଗୁଡିକ ଉପରେ- ତା'ର ନିର୍ଦ୍ଦିଷ୍ଟ ସଂସ୍କୃତି ଭିତରେ ଓ କେତେକ ଭାବାଦର୍ଶ ଭିତରେ। କିନ୍ତୁ ଧର୍ମର ମହାନତା ଘଟେ ସେତିକି ବେଳେ, ଯେତେବେଳେ କେତେକ ଯଥାର୍ଥ ଅସାଧାରଣ ବ୍ୟକ୍ତି ସତକୁ ସତ ତାଙ୍କ ଜୀବନରେ କିଛି ଅଧ୍ୟାତ୍ମ ଉପଲବ୍ଧି ଅର୍ଜନ କରିଥାନ୍ତି। -ଶ୍ରୀମା



# ନିର୍ଗମନମୁକ୍ତ ଇସ୍ପାତ ଉତ୍ପାଦନ



କ୍ରିସ୍ ବାଟାଏଲି
ରିସର୍ଚ୍ଚ ଫେଲୋ, କଲମ୍ବିଆ ସେଣ୍ଟର ଅନ୍ ଗ୍ଲୋବାଲ ଏନର୍ଜି ପଲିସି



ଗେର୍ନଟ ୱାଗନର
କ୍ଲାଇମେଟ ଇକୋନୋମିଷ୍ଟ, କଲମ୍ବିଆ ବିଜ୍‌ନେସ୍ ସ୍କୁଲ

ଲୁହା ଉତ୍ପାଦନ ପାଇଁ ମୌଳିକ ରାସାୟନିକ ପ୍ରକ୍ରିୟା (ଲୁହା ପଥର + କୋଇଲା = ଲୁହା + କାର୍ବନ ଡାଇଅକ୍ସାଇଡ୍) ସମ୍ବନ୍ଧୀୟ ଜ୍ଞାନ ପିରିଅଡିକ୍ ଟେବୁଲ ବା ପର୍ଯ୍ୟାୟ ସାରଣୀଠାରୁ ପୁରାତନ। ଏହି କାର୍ବନ ଡାଇଅକ୍ସାଇଡ୍ ଜଳବାୟୁ ପରିବର୍ତ୍ତନ କ୍ଷେତ୍ରରେ ଲୁହା ଏବଂ ଇସ୍ପାତ ଶିଳ୍ପର ନିର୍ଗମନକୁ ଦର୍ଶାଏ। ବିଶ୍ୱରେ ମୋଟ କାର୍ବନ ନିର୍ଗମନର ୮% ଷ୍ଟିଲ୍ ବା ଇସ୍ପାତ ଯୋଗୁ ହେଉଛି। ଇସ୍ପାତ ଲାଗି ଆବଶ୍ୟକ ବିଦ୍ୟୁତ୍ ଉତ୍ପାଦନ ଓ କୋଇଲା ଖନନକୁ ଯଦି ବିଚାରକୁ ନିଆଯାଏ ତେବେ ନିର୍ଗମନ ୧୦%ରୁ ଅଧିକ ହେବ। ସୌଭାଗ୍ୟର କଥା, ଉଭୟ ବୈଷୟିକ ଏବଂ ଆର୍ଥିକ ଦୃଷ୍ଟିକୋଣରୁ ଲୁହା ଓ ଇସ୍ପାତ ଉତ୍ପାଦନରେ କାର୍ବନ ଡାଇଅକ୍ସାଇଡ୍ ନିର୍ଗମନ ଦୂରକରିବା ସମ୍ଭବ ହୋଇପାରିବ। ତାହା ହାସଲ କରିବା ଲାଗି ଏକ ଲକ୍ଷ୍ୟଭିତ୍ତିକ ନୀତି ପାଇଁ ଆଗକୁ ବଢ଼ିବାକୁ ହେବ। ପ୍ରଥମରେ, ଲୁହା ଓ ଅମ୍ଳଜାନରେ ଗଠିତ ଖଣିଜ ଲୁହା (ଆଇରନ ଓର୍)ର ଖୋଦନ ଓ ରାସାୟନିକ ପ୍ରକ୍ରିୟାରେ ସେଥିରୁ ଅମ୍ଳଜାନକୁ ଅଲଗା କରାଗଲେ ପ୍ରାରମ୍ଭିକ ପର୍ଯ୍ୟାୟରେ ୮୦% ନିର୍ଗମନ ହ୍ରାସ ହୋଇପାରିବ। ଦ୍ୱିତୀୟରେ ଯେତେ ଅଧିକ ଲୁହା ଓ ଷ୍ଟିଲ୍‌ର ରିସାଇକ୍ଲିଂ ବା ପୁନଃ ବ୍ୟବହାର କରାଯିବ ସେତେ ବେଶି ନିର୍ଗମନ କମିବ। ଆମେରିକାରେ ଲୁହା ଓ ଷ୍ଟିଲ୍ ରିସାଇକ୍ଲିଂ ହାର ପାଖାପାଖି ୮୦-୯୦% ଥିବାବେଳେ ବିଶ୍ୱରେ ଏହା ୮୦%ରୁ ଅଧିକ। ଉଲ୍ଲେଖନୀୟ, ଷ୍ଟିଲ୍ ୧୦୦% ରିସାଇକ୍ଲିଂ ଯୋଗ୍ୟ। ଏଣୁ ଶତ ପ୍ରତିଶତ ରିସାଇକେଲ କରିବା ଲାଗି ଡିଜାଇନରମାନେ ସହଜରେ ଖଣ୍ଡବିଖଣ୍ଡ ହେଉଥିବା ତଥା କପର ୱାରିଂ ଏବଂ ଅନ୍ୟ ଦୂଷିତ ପଦାର୍ଥ ଅଲଗା କରାଯାଇପାରୁଥିବା ଉତ୍ପାଦ ପ୍ରସ୍ତୁତ କରିବା ଆବଶ୍ୟକ।

ଅନ୍ୟ ଏକ ମୁଖ୍ୟ ବିଷୟ ହେଉଛି କମ୍ ଷ୍ଟିଲ୍ ବ୍ୟବହାର ଦ୍ୱାରା ନିର୍ଗମନ ହ୍ରାସ କରାଯାଇପାରିବ। ଏଥିପାଇଁ ଆର୍କିଟେକ୍ଟ ଏବଂ ଷ୍ଟ୍ରକ୍ଚରାଲ ଇଞ୍ଜିନିୟରମାନେ ସେମାନଙ୍କ ଡିଜାଇନରେ ଏହାର ବ୍ୟବହାର ହ୍ରାସ କରିବାକୁ ହେବ। ଭିତ୍ତିଭୂମି କ୍ଷେତ୍ରରେ ସବୁଠୁ ଅଧିକ ନିବେଶ କରୁଥିବା ସରକାରଗୁଡ଼ିକର ମଧ୍ୟ ଏ କ୍ଷେତ୍ରରେ ପ୍ରମୁଖ ଭୂମିକା ରହିଛି। ଏଥିରେ ମଧ୍ୟ ସ୍ଥପତି ଓ ଇଞ୍ଜିନିୟର ବୃତ୍ତିଧାରୀ ଏବଂ କାର୍ ଉତ୍ପାଦକଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଯଦି ପ୍ରତ୍ୟେକ ସରକାର ଷ୍ଟିଲ୍ ଯୋଗାଣ ଶୃଙ୍ଖଳରେ ପ୍ରତିଟି ସ୍ତରକୁ ଲକ୍ଷ୍ୟକରି ନୀତି ପ୍ରଣୟନ କରିବେ, ତେବେ ଉତ୍ପାଦନ ଓ ଉପଯୋଗ ଅର୍ଥ ବ୍ୟବସ୍ଥାରେ ଏହା ଏକ ବହୁମୂଲ୍ୟ ପଦାର୍ଥ ହୋଇପାରିବ। ଉଭୟ ପୁନଃ ବ୍ୟବହାର ଏବଂ କମ୍ କଞ୍ଚାମାଲ ଓ କମ୍ ବର୍ଜ୍ୟ ସୃଷ୍ଟି କରୁଥିବା ଉତ୍ପାଦନ ପଦ୍ଧତିରେ ପ୍ରକୃତିଗତ, ଯୋଜନାଗତ ଏବଂ ପରିଚାଳନାଗତ ଜଟିଳତା ଅଧିକ ଅଛି। କିନ୍ତୁ ଏଥିରେ କ୍ଷତି କମ୍ ହେଉଥିଲେ ବି ଶିଳ୍ପଗୁଡ଼ିକ ସ୍ୱଇଚ୍ଛାରେ ଏହାକୁ ଗ୍ରହଣ କରିବେ ନାହିଁ। ଅର୍ଥାତ୍ ନିର୍ମାଣ ଏବଂ ଯାନ ଉତ୍ପାଦନ ସମ୍ପର୍କିତ ନିୟମରେ ଉନ୍ନତି ଆଣିବା ସହ ଇସ୍ପାତ ଗ୍ରାହକଙ୍କୁ ସମସ୍ତ ସ୍କ୍ରାପ୍ ପୁନଃ ବ୍ୟବହାର କରିବାକୁ ପ୍ରେରିତ କରିବାକୁ ହେବ। ଆଗକୁ ଲୁହା ଏବଂ ଇସ୍ପାତ କାରଖାନାକୁ କାର୍ବନ ନିର୍ଗମନ ଶୂନ୍ୟ କରିବାକୁ ହେଲେ ନୂତନ ଭାବେ ଅତ୍ୟଧିକ ପୁଞ୍ଜିନିବେଶର ଆବଶ୍ୟକତା ରହଛି ଓ ଏଥିପାଇଁ ସରକାର ଭିନ୍ନ ପଦକ୍ଷେପ ନେବା ଉଚିତ। ଏହା ଛୋଟ କାମ ନୁହେଁ। ନିର୍ଗମନ ଶୂନ୍ୟ ଲୁହା ଓ ଷ୍ଟିଲ୍ ଉତ୍ପାଦନ ପାଇଁ ଆମେ ପୁରୁଣା ଢାଞ୍ଚାର ବ୍ଲାଷ୍ଟ ଫର୍ନେସ ଏବଂ ଅମ୍ଳଜାନ ଚୁଲାକୁ ବଦଳାଇବାକୁ ହେବ।



ଲୁହାକୁ ଷ୍ଟିଲ୍‌ରେ ପରିଣତ କରିବା ଲାଗି ଇଲେକ୍ଟ୍ରିକ ଆର୍କ ଫର୍ନେସ ଏକ ପ୍ରଭାବୀ ଉପାୟ। ଏହାଦ୍ୱାରା ଆମେରିକାରେ ୭୦%ରୁ ଅଧିକ ଷ୍ଟିଲ୍ ଉତ୍ପାଦନ ହେଉଛି। ୧୯୭୦ରେ ଏହା ୧୫% ଏବଂ ୨୦୦୦ରେ ୫୦% ରୁ କମ୍ ଥିଲା। ତେବେ କୋଇଲା ବ୍ୟବହାର ହେଉଥିବା ବ୍ଲାଷ୍ଟ ଫର୍ନେସକୁ ବଦଳାଇବା ପାଇଁ ଏବେ ଦୁଇଟି ବିକଳ୍ପ ଅଛି। ପ୍ରଥମରେ ଖଣିଜ ଲୁହାରୁ ଅମ୍ଳଜାନ ବାହାର କରିବା ପାଇଁ କମ୍ କାର୍ବନ ହାଇଡ୍ରୋଜେନ ଉପରେ ନିର୍ଭର କରୁଥିବା ଫର୍ନେସ ଏବଂ ଦ୍ୱିତୀୟଟି ହେଉଛି ଇଲେକ୍ଟ୍ରୋକେମିକାଲ ପ୍ରକ୍ରିୟା ଯାହା ବିଦ୍ୟୁତ୍ ଦ୍ୱାରା ହୋଇପାରିବ। ଉଦ୍‌ଜାନ ଆଧାରିତ ବିକଳ୍ପ (୧୯୭୦ ଦଶକରେ ପ୍ରଥମେ ବିକାଶ କରାଯାଇଥିଲା) ତାହା ପାରମ୍ପରିକ ବ୍ଲାଷ୍ଟ ଫର୍ନେସ ତୁଳନାରେ ବ୍ୟୟସାପେକ୍ଷ ଏବଂ ବୈଶ୍ୱିକ ଇସ୍ପାତ ଉତ୍ପାଦନ ୫% ଏହି ପଦ୍ଧତିରେ ହେଉଛି।

ତେବେ ଇସ୍ପାତ ଉତ୍ପାଦନକୁ କାର୍ବନ ନିର୍ଗମନମୁକ୍ତ କରିବା ପାଇଁ ଆବଶ୍ୟକ ହେଉଛି ଏକ ବୃହତ୍ ତଥା ଅଧିକ ଧ୍ୟାନ ଆକର୍ଷଣକାରୀ ନୀତିଗତ ରଣନୀତି। ପ୍ରଥମ ପର୍ଯ୍ୟାୟରେ ପାଖାପାଖି ଶୂନ-ନିର୍ଗମନ ସ୍ତରର କାରଖାନା ନିର୍ମାଣ କରିବାକୁ ପଡ଼ିବ, ଯାହାଦ୍ୱାରା ସେଗୁଡ଼ିକ ନୂତନ ମାନକ ହୋଇପାରିବେ। ବିଶ୍ୱର ପ୍ରଥମ ପୂର୍ଣ୍ଣାକୃତି ସ୍ୱଚ୍ଛ ଉଦ୍‌ଜାନ ଷ୍ଟିଲ୍ ପ୍ଲାଣ୍ଟ ସୁଇଡେନ୍‌ର ଆର୍କଟିକ ସର୍କଲର ଦକ୍ଷିଣରେ ଥିବା ବୋଡେନ୍‌ରେ ଏଚ୍-ଟୁ ଗ୍ରୀନ୍ ଷ୍ଟିଲ ଦ୍ୱାରା ନିର୍ମାଣ କରାଯାଉଛି। ଏହା ପାଇଁ ସମ୍ପୂର୍ଣ୍ଣ ନୀତି ସର୍ତ୍ତ ରହିଛି। ସୁଇଡେନ୍‌ର ଶକ୍ତି ଏବଂ ଇସ୍ପାତ କ୍ଷେତ୍ରଗୁଡ଼ିକ ୟୁରୋପୀୟ ୟୁନିୟନର ଏମିଶନ ଟ୍ରେଡିଂ ସିଷ୍ଟମ୍ (ଇଟିଏସ୍)ରେ ଅନ୍ତର୍ଭୁକ୍ତ ହେବା ସହ ଉତ୍ତର ସ୍କାଣ୍ଡିନେଭିଆରେ କମ୍ କାର୍ବନ ନିର୍ଗମନ ଦ୍ୱାରା ଜଳ ଓ ପବନରୁ ଅଧିକ ବିଦ୍ୟୁତ୍ ଉତ୍ପାଦନ କରାଯାଉଛି। ଏହା ମଧ୍ୟ ଶସ୍ତା ଏବଂ ନରୱେ ଷ୍ଟାଟ୍‌କ୍ରାଫ୍ଟ ସହ କିଲୋୱାଟ-ଆୱାର ପ୍ରତି ୦.୦୩ ଡଲାରରୁ କମ୍‌ରେ ବିଦ୍ୟୁତ୍ ଯୋଗାଣ ପାଇଁ ଏକ ଦୀର୍ଘକାଳୀନ ଶକ୍ତି କ୍ରୟ ଚୁକ୍ତି ପାଇଁ ସୁଯୋଗ ଦେଇଛି।

ପବନ ଏବଂ (ବିଶେଷକରି)ସୂର୍ଯ୍ୟାଲୋକରୁ ମିଳୁଥିବା ଅଧିକାଂଶ ବିଦ୍ୟୁତ୍ ୦.୦୩ ଡଲାରରୁ କମ୍ ରହିବା ସମ୍ଭବ। ଏହାଦ୍ୱାରା କଲରାଡୋସ୍ଥିତ ଷ୍ଟାର୍ଟଅପ୍ ଇଲେକ୍ଟ୍ରାକୁ ପାରମ୍ପରିକ ଲୁହା ଉତ୍ପାଦନ ପଦ୍ଧତି ବଦଳରେ ଇଲେକ୍ଟ୍ରୋକେମିକାଲ ପ୍ରକ୍ରିୟା ଗ୍ରହଣ କରିବା ପାଇଁ ଅନୁମତି ଦେଇଛି। କମ୍ପାନୀ ବର୍ତ୍ତମାନ ଘରୋଇ ଭାଗୀଦାରିରେ ୮୫ ମିଲିୟନ ଡଲାର ନିବେଶ କରିଛି। ନୀତି ନିର୍ଦ୍ଧାରଣକାରୀମାନେ ଏଚ୍-ଟୁ ଗ୍ରୀନ୍ ଷ୍ଟିଲ୍ ଏବଂ ଇଲେକ୍ଟ୍ରା ଭଳି ଟେକ୍ନୋଲୋଜିକୁ ସାହାଯ୍ୟ କରିବାପାଇଁ ପଦକ୍ଷେପ ନେବାକୁ ପଡ଼ିବ। ସ୍ୱଳ୍ପ ମୂଲ୍ୟର, ସ୍ୱଳ୍ପ ଅଙ୍ଗାରକାମ୍ଳ ନିର୍ଗମନରେ ଉତ୍ପାଦିତ ବିଦ୍ୟୁତ୍ ଯୋଗାଇବା ଏବଂ ନୂତନ ପ୍ରଯୁକ୍ତିବିଦ୍ୟା ପାଇଁ ପୁଞ୍ଜି ଖର୍ଚ୍ଚ ହ୍ରାସ କରିବା ଉପରେ ଧ୍ୟାନଦେବା ଆବଶ୍ୟକ। ଏଥିପାଇଁ ସେମାନେ ମୌଳିକ ଅର୍ଥନୀତି-ଜଳବାୟୁ ସମ୍ପର୍କିତ ନୀତି ଠାରୁ ଅଧିକ କିଛି କରିବାକୁ ହେବ। ଆମେରିକାର ଇନ୍‌ଫ୍ଲାଶନ ରିଡକ୍‌ଶନ ଆକ୍ଟ ବା ମୁଦ୍ରାସ୍ଫୀତି ହ୍ରାସ ଆଇନ କମ୍ ମୂଲ୍ୟରେ ଓ କମ୍ କାର୍ବନ ନିର୍ଗମନ ଦ୍ୱାରା ଉତ୍ପାଦିତ ବିଦ୍ୟୁତ୍ ଯୋଗାଇବାରେ ସାହାଯ୍ୟ କରେ ; ହେଲେ ଏହା ବୈପ୍ଳବିକ ଲୁହା ଉତ୍ପାଦନ ପ୍ରଯୁକ୍ତିବିଦ୍ୟାକୁ ସିଧାସଳଖ ସମର୍ଥନ କରେନାହିଁ। ଥରେ ନୂତନ ପ୍ରଯୁକ୍ତିରେ ଘରୋଇ ଅର୍ଥ ଯୋଗାଣ ହେଲେ, ଅତିରିକ୍ତ ଖର୍ଚ୍ଚ ନିୟନ୍ତ୍ରଣ ହୋଇପାରିବ।

ଏହି ସମୟରେ ସମସ୍ତେ ସହଯୋଗ କରିବା ସହ ଏ ସମ୍ପର୍କିତ ଚୁକ୍ତି କରାଯିବା ଦରକାର। ଏସିଆରେ ଅଧିକ କାର୍ବନ ନିର୍ଗମନ କରୁଥିବା ବ୍ଲାଷ୍ଟଫର୍ନେସ୍ ଦ୍ୱାରା ବିଶ୍ୱର ୭୫% ଲୁହା ଉତ୍ପାଦନ ହେଉଛି ଏବଂ ୨୦୨୫ ପରେ ଏଗୁଡ଼ିକୁ ମରାମତି ସହ ନୂଆ କରି ଗଢ଼ିବା ବ୍ୟୟବହୁଳ ହୋଇଯିବ। ଏହା ନୂଆ ବ୍ଲାଷ୍ଟ ଫର୍ନେସ୍ ତିଆରି କରିବା ଖର୍ଚ୍ଚର ୮୦%ରୁ ଅଧିକ ହେବ। ଏଣୁ ଉତ୍ତମ ଟେକ୍ନୋଲୋଜିରେ ନୂଆ ବ୍ଲାଷ୍ଟ ଫର୍ନେସ ତିଆରିକରିବା ପାଇଁ ଏକ ସୁଯୋଗ ଆସିଛି। ଏଥିପାଇଁ ୟୁରୋପୀୟ ସଂଘର କାର୍ବନ ବୋର୍ଡର ଆଡଜଷ୍ଟମେଣ୍ଟ ମେକାନିଜମ୍ ଏବଂ ଆମେରିକାର ଇନ୍‌ଫ୍ଲାଶନ ରିଡକ୍‌ଶନ ଆକ୍ଟ ସାହାଯ୍ୟ କରିବ। କିନ୍ତୁ ଏକ ନୂତନ ପ୍ରଯୁକ୍ତିର ମୂଲ୍ୟ ଦର୍ଶାଇବାକୁ ହେଲେ ସରକାରଗୁଡ଼ିକ ସେଥିରେ ଅଧିକରୁ ଅଧିକ ପ୍ରତ୍ୟକ୍ଷ ଭାବେ ପୁଞ୍ଜିନିବେଶ କରିବାକୁ ପଡ଼ିବ।

## ଉତ୍ତର ଅପେକ୍ଷାରେ



ଉମା ଶଙ୍କର ପ୍ରସାଦ

ଅନେକ ଅସମାହିତ ପ୍ରଶ୍ନର ଉତ୍ତର ବୁଢ଼ିଆଣୀ ଜାଲ ଭିତରେ ଘେରି ହୋଇଛି ଆମର ଏ ଭାରତ ଭୂଖଣ୍ଡ! ଅନେକ ଅସରନ୍ତି, ଅମାପ, ଅସହିଷ୍ଣୁତାର ସମସ୍ୟାରେ ଏ ଭାରତବର୍ଷ ଥରହର, ବେଦନାଶିକ୍ତ, ଅସୁରକ୍ଷିତ ଆଉ ବାଦବିବାଦରେ ବିଭେଦଗ୍ରସ୍ତ, ଯାହାର ସମାଧାନର ପନ୍ଥା ଏବେ ସୁଦ୍ଧା ମିଳିପାରିନି! ଉପରୋକ୍ତ କାରଣରୁ ଆଜିର ଭାରତ ଭୂଖଣ୍ଡ ବହୁ ଭାଗରେ ବିଭକ୍ତ। ମନୁଷ୍ୟକୃତ ଜାତି, ଧର୍ମ, ଲିଙ୍ଗ, ବର୍ଣ୍ଣ, ଅଞ୍ଚଳ, ଭାଷାରେ ପରିପୁଷ୍ଟ ଏ ହିନ୍ଦୁସ୍ଥାନ। ଆର୍ଯ୍ୟ, ଅନାର୍ଯ୍ୟ, ଦ୍ରାବିଡ଼ଙ୍କୁ ନେଇ ବିଭାଜିତ। କ୍ଷୁଧା, ଅନାହାର, କୁପୋଷଣ, ଅପପୁଷ୍ଟି, ଖାଦ୍ୟାଭାବ କାରଣରୁ ପ୍ରତି ମୁହୂର୍ତ୍ତରେ ଜନସାଧାରଣ ମୃତ୍ୟୁମୁଖରେ ପଡ଼ନ୍ତି। ଆଜି ବେକାରି, ନିଶା ବେପାରୀ, ଦୁରାଚାରୀ, କପଟାଚାରୀ ଓ ଶୋଷକମାନଙ୍କର ସଂଖ୍ୟା ଗାଣିତିକ ବେଗରେ ବଢ଼ିବାରେ ଲାଗିଛି। ନୀତି, ନୈତିକତା, ତ୍ୟାଗ, ସେବା, ଭଲପାଇବା, ଦୟା, ଅନୁକମ୍ପା ମଣିଷ ହୃଦୟରୁ ଲୋପ ପାଇଛି। ଜାତୀୟତାର ସଂଜ୍ଞା ଏବେ ବିଚ୍ଛିନ୍ନତା। ଅଞ୍ଚଳ ଅଞ୍ଚଳକୁ ନେଇ ଆଜି ଆଞ୍ଚଳିକତା ବଢ଼ିଚାଲିଛି। ଧର୍ମକୁ ନେଇ ଧର୍ମାନ୍ଧତା, ଜାତିକୁ ନେଇ ବାଚ୍ଛନ୍ଦ, ବର୍ଣ୍ଣକୁ ନେଇ ବିଭକ୍ତୀକରଣ, ଭାଷାକୁ ନେଇ ଆନ୍ଦୋଳନ। ଯୋଗ୍ୟତା ବଛାଯାଉଛି ପ୍ରିୟାପ୍ରୀତିରେ। ମୌଳିକତା ହରାଉଛି ଆଧ୍ୟାତ୍ମିକ ବିଜ୍ଞାନ। ବ୍ୟକ୍ତିଗତ ଚରିତ୍ର ବଦଳୁଛି ବିକଳାଙ୍ଗ ମାନସିକତାରେ। ସ୍ୱାସ୍ଥ୍ୟ ଓ ସୁରକ୍ଷା ପହଞ୍ଚିପାରିନି ଅଧାରୁ ଅଧିକ ସାଧାରଣ ଜନତାଙ୍କ ପାଖରେ। ଦାଦନ ଶ୍ରମିକର ସଂଜ୍ଞା ଓ ଉପାଧି ଧାରଣ କଲେଣି କୃଷିଜୀବୀମାନେ। ଅଣୁଅସ୍ତ୍ରରେ ଖର୍ଚ୍ଚ ହେଉଛି ଅର୍ବୁଦ ଅର୍ବୁଦ ଟଙ୍କା, କଷ୍ଟ ଉପାର୍ଜିତ ସାଧାରଣ ଜନତାଙ୍କ ଝାଳବୁହା ଅର୍ଥରେ! ମଣିଷ ତିଆରି କାରଖାନାର ତତ୍ତ୍ୱାବଧାରକମାନେ ଗୁରୁ, ଶିକ୍ଷକ, ଅଧ୍ୟାପକ ଏବେ ଗୋତିଶ୍ରମିକ। ଚାଲାକ୍, ଚତୁର ଗଳିପଶା ଶିକ୍ଷକ, ଅଧ୍ୟାପକମାନେ ଗୋରୁ ଚରାଇଲା ପରି ଆଜି ଘରୋଇ ପାଠଶାଳାରେ ବ୍ୟସ୍ତ।

ମାଗଣାରେ ବଣ୍ଟାଚାଲିଛି ଆଜି ଅଶିକ୍ଷା, କୁଶିକ୍ଷା। ଡାକ୍ତର ଅଭାବରୁ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ। ବିଦେଶୀ ପୁଞ୍ଜି ଲାଗୁଛି ସ୍ୱଦେଶୀ ଅନୁଷ୍ଠାନରେ। ଲକ୍ଷ୍ୟହୀନ, କକ୍ଷଚ୍ୟୁତ ଜନପ୍ରତିନିଧି ଅପରାଧୀ ଅଭିଯୁକ୍ତ, ଲାଞ୍ଚଖୋର ଓ ନିଶାଖୋର। ଏଭଳି ଅଗଣିତ ସମସ୍ୟା ମୁଣ୍ଡେଇ ଚାଲିଛନ୍ତି ଦରିଦ୍ର, ଅବହେଳିତ, ଦୁଃସ୍ଥ, ପତିତ, ନିର୍ଯାତିତ ଜନତାମାନେ। ଯୋଜନା କୋଟିଏ, ମାତ୍ର ସମ୍ପୂର୍ଣ୍ଣ ହୁଏନା ଗୋଟିଏ! ବ୍ୟତିକ୍ରମ ଘଟୁଛି ମଣିଷର ଭାବନାରେ। ସମାଜବାଦ ଓ ସାମ୍ୟବାଦ କଥା କହୁଥିବା ବ୍ୟକ୍ତିବିଶେଷ ଆଜି ସ୍ଥିରତା ଓ ଶିଥିଳତା ଆଡ଼କୁ ପାଦ ବଢ଼ାଇଲେଣି।

ବର୍ତ୍ତମାନ ଆମ ଦେଶରେ ୧୬୧୮ଟି ଭାଷାଭାଷୀ ଜନତା, ୬୪୦୦ ଜାତି, ପ୍ରଜାତି, ଉପଜାତି, ୧୧ଟି ପ୍ରମୁଖ ବିଶ୍ୱଧର୍ମ ଓ ୩୧ଟି ପ୍ରମୁଖ ପର୍ବପର୍ବାଣି। ଏତେ ଭିନ୍ନତା ଭିତରେ ଆମେ ଅନ୍ତତଃ ୭୫ ବର୍ଷ ଧରି ଐକ୍ୟଭାବରେ ରହିପାରିଛୁ, ଏହା ଆଶ୍ଚର୍ଯ୍ୟର କଥା ନୁହେଁ କି? ଏ ସବୁ ଭିତରେ ସର୍ବାଧିକ ଲଢ଼େଇ ଧର୍ମକୁ ନେଇ। ଦୁଃଖ ଓ ପରିତାପର ବିଷୟ ସମଷ୍ଟିଗତ, ସାମଗ୍ରିକ, ବିଶ୍ୱହିତ ଲାଗି କାହାର ପ୍ରୟାସ ନାହିଁ। ଅଶାନ୍ତ ବିଶ୍ୱକୁ ଶାନ୍ତ କରାଇବା ଲାଗି ସବୁ ଦେଶ ଗୁଳିଗୋଳା, ବାରୁଦ, କମାଣ, ଅଣୁ, ପରମାଣୁ ବୋମା ତଥା ତା'ଠାରୁ ଆହୁରି ଅଧିକ ଶକ୍ତିଶାଳୀ ଅସ୍ତ୍ର ତିଆରି କରିବାରେ ଲାଗିଛନ୍ତି। ଶାନ୍ତି ଓ ସୁରକ୍ଷା ପାଇଁ କ'ଣ ଏ ବିନାଶକାରୀ ଯୁଦ୍ଧାସ୍ତ୍ର ନିହାତି ପ୍ରୟୋଜନ? ଏ ପ୍ରଶ୍ନକୁ ନେଇ କେଉଁଠି ଆଲୋଚନା ହୁଏନି! ଅନ୍ୟର ଅହିତ କରାଇ ନିଜ ହିତ ଲାଗି ଆଲୋଚନା ହୁଏ। ସବୁଧର୍ମର ବାର୍ତ୍ତା ଏକ୍ ବୋଲି ମାନି ନେଇଛନ୍ତି ସବୁ ଧର୍ମଗ୍ରନ୍ଥ। ଈଶ୍ୱର ଏକ ଓ ଈଶ୍ୱରଙ୍କ ସନ୍ତାନ ମଧ୍ୟ ଏକ। ଜାତି ତ ଗୋଟିଏ, ମଣିଷ ଜାତି ଭଗବାନଙ୍କର ସର୍ବୋତ୍କୃଷ୍ଟ ସୃଷ୍ଟି। ଗୋଟିଏ ଧର୍ମ ମାନବ ଧର୍ମ, ଗୋଟିଏ ଅଞ୍ଚଳ ବିଶ୍ୱବ୍ରହ୍ମାଣ୍ଡ ଓ ଗୋଟିଏ ଭାଷା ଦର୍ଶନ। ଏ କଥା ଆମେ କାହିଁକି ଭୁଲିଯାଉଛୁ। ଧର୍ମ, ଅଞ୍ଚଳ, ଭାଷାକୁ ନେଇ ଏତେ ବୈଷମ୍ୟ କାହିଁକି? କିଏ ଏହାର ସୂତ୍ରଧର?

ଏ ସମସ୍ୟାର କ'ଣ ସମାଧାନ ନାହିଁ? ସମସ୍ତଙ୍କୁ ପ୍ରଶ୍ନ, ମଣିଷକୁ ବାୟୁରେ ଅମ୍ଳଜାନ ଦରକାର ନା କୁବେର ସମ୍ପତ୍ତି ଦରକାର? ସ୍ୱାଧୀନ ଚେତନାରେ ସ୍ୱଅଧୀନରେ ରହିବା ନା ନିଧନ ହେବା ପର ଅଧୀନରେ? ଆସନ୍ତୁ ଉପରୋକ୍ତ ପ୍ରଶ୍ନର ଉତ୍ତର ଦେଉଥିବା ମଣିଷମାନଙ୍କୁ ଆହୁରି ଶକ୍ତ କରିବା, ପୃଥିବୀକୁ ବଦଳାଇବା ମାନବ ଧର୍ମରେ। ଗୋଟିଏ ଭାଷା ହେଉ ''ବସୁଧୈବ କୁଟୁମ୍ବକମ୍।'' ଅଜ୍ଞାନ ଦୂର କରାଯାଉ। ମଣିଷକୁ ମଣିଷ ପରି ଗଢ଼ିବା ଲାଗି ମଣିଷ ତିଆରି କାରଖାନାର ବିଦ୍ଧାଣିମାନେ ପ୍ରୟାସ କରନ୍ତୁ। ଏ କଥା ଆମ ନେତୃବର୍ଗ, ବୁଦ୍ଧିଜୀବୀ ଓ ପ୍ରଧାନ ସେବକ ବୁଝି କରିପାରିଲେ ହୁଏତ ଏକ ସୁନ୍ଦର ସମାଜ ଗଢ଼ିଉଠନ୍ତା।

ସମ୍ପାଦକ, ମାର୍ଗଦର୍ଶୀ, ଖୋର୍ଦ୍ଧା
ମୋ-୬୩୭୦୬୭୫୫୬୨

## ଏଇ ଭାରତରେ

ବୟସ କହିଲେ ୧୦ ବର୍ଷ। କିନ୍ତୁ ବୃକ୍ଷରୋପଣ କରି ୧୬୭ଟି ପୁରସ୍କାର ଜିତି ଏକ ଉଦାହରଣ ସୃଷ୍ଟି କରିଛନ୍ତି ମେରଠର ଇୟା ଦୀକ୍ଷିତ। ସେ ୨୮୩ ସପ୍ତାହ ହେଲା ସପ୍ତାହାନ୍ତରେ ଗଛ ଲଗାଇ ଆସୁଛନ୍ତି। କେବଳ ଏତିକି ନୁହେଁ ଗତ ୫ ବର୍ଷ ହେଲା ସେ ଗଛ ଲଗାଇ ତାଙ୍କ ଜନ୍ମଦିନ ପାଳନ କରୁଛନ୍ତି। ଇୟା କାର୍ଟୁନ ଚ୍ୟାନେଲରେ ଗଛ ଲଗାଇବା ଓ ବଢିବା ଦୃଶ୍ୟ ଦେଖିବା ପରେ ଗଛ ଲଗାଇବା ଲାଗି ମନ ବଳାଇଥିଲେ। ପ୍ରଥମେ ସେ ଏକ ନିମ୍ବଗଛ ଲଗାଇଥିଲେ। ପରେ ତାଙ୍କ ସ୍କୁଲ ଓ ଆଖପାଖ ଅଞ୍ଚଳରେ ସେ ଗଛ ଲଗାଇବା ଆରମ୍ଭ କରିଦେଲେ। ସେ ତାଙ୍କ ପଞ୍ଚମ ଜନ୍ମଦିନରେ ୧୦୦୮ ଏବଂ ଷଷ୍ଠ ଜନ୍ମଦିନରେ ୨୫୦୦ ଗଛ ଲଗାଇଛନ୍ତି। ମୋଟ୍‌ରେ ଏବେ ସୁଦ୍ଧା ୨୦,୦୦୦ ଗଛ ଲଗାଇସାରିଲେଣି। ଏଥିପାଇଁ ସେ ଗ୍ରୀନ୍ ଇୟା ସ୍ମାଇଲ କ୍ଲବ୍ ଗଠନ କରିଛନ୍ତି। ସେ ମେରଠ ସହର ବ୍ୟତୀତ ଦିଲ୍ଲୀ -ଗାଜିପୁରରେ ଥିବା ଏସିଆର ସର୍ବବୃହତ୍ ଡମ୍ପିଂ ୟାର୍ଡ ସମେତ ଲକ୍ଷ୍ନୌ, ଇନ୍ଦୋର ଓ ଗୁରୁଗ୍ରାମରେ ମଧ୍ୟ ଗଛ ଲଗାଇ ତାହାର ରକ୍ଷଣାବେକ୍ଷଣ କରୁଛନ୍ତି। ଏହି କାର୍ଯ୍ୟରେ ସେ ତାଙ୍କ ସାଥୀ ତଥା ଆଖପାଖର ପିଲାମାନଙ୍କୁ ସାମିଲ କରିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୨୩ ନଭେମ୍ବର ୧୯୯୮

- ପ୍ରଖ୍ୟାତ 'ନଜରୁଲ ଗୀତି' ବିଶାରଦ ବିମଳ ଭୂଷଣ ମୁଖାର୍ଜୀଙ୍କ ୭୭ ବର୍ଷ ବୟସରେ ପରଲୋକ।
- ବେଆଇନ ଭାବେ ବସବାସ କରୁଥିବା ନାଗରିକଙ୍କୁ ନିଜ ଦେଶକୁ ପଠାଇବା ଲାଗି ଭାରତ ଓ ବାଂଲାଦେଶ ମଧ୍ୟରେ ପୂର୍ବରୁ ହୋଇଥିବା ଦ୍ୱିପାକ୍ଷିକ ଚୁକ୍ତିକୁ ପୁନର୍ବାର କାର୍ଯ୍ୟକାରୀ କରିବା ନେଇ ଉଭୟ ଦେଶ ସହମତ।
- କୋର୍ଟରେ ବ୍ୟକ୍ତିଗତ ଭାବେ ହାଜର ହେବାରୁ ବାଂଲାଦେଶର ବିବାଦୀୟ ଲେଖିକା ତସ୍‌ଲିମା ନସରିନ୍‌ଙ୍କୁ ଜାମିନ ପ୍ରଦାନ।

## su | do | ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | | | | 4 |
| | | 3 | | | 8 | 2 | | 5 |
| | 9 | 6 | | | 3 | | | |
| 5 | 7 | | 4 | | | | | 8 |
| | 2 | | | 1 | | | | 9 |
| | | | | | 7 | | | 3 |
| | | | | | | 5 | | |
| | | 7 | | | | | | 1 |
| 1 | 6 | | | 5 | 9 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 6 | 9 | 1 | 4 | 7 | 8 | 3 | 5 |
| 4 | 8 | 7 | 5 | 3 | 2 | 9 | 1 | 6 |
| 5 | 1 | 3 | 6 | 8 | 9 | 4 | 7 | 2 |
| 9 | 5 | 1 | 3 | 2 | 8 | 7 | 6 | 4 |
| 7 | 3 | 6 | 4 | 5 | 1 | 2 | 8 | 9 |
| 8 | 2 | 4 | 9 | 7 | 6 | 3 | 5 | 1 |
| 3 | 9 | 2 | 7 | 6 | 5 | 1 | 4 | 8 |
| 1 | 7 | 5 | 8 | 9 | 4 | 6 | 2 | 3 |
| 6 | 4 | 8 | 2 | 1 | 3 | 5 | 9 | 7 |

ଗତକାଲିର ଉତ୍ତର

# ଦୁର୍ନୀତିର ଚକ୍ରବ୍ୟୂହ



ଡ. ସନ୍ତୋଷ କୁମାର ମହାପାତ୍ର

ଦୁର୍ନୀତି ହ୍ରାସ ବିରୋଧରେ ସବୁ ଦଳ ଓ ରାଜନେତା, ପ୍ରଶାସକ କହୁଛନ୍ତି, କିନ୍ତୁ ଦୁର୍ନୀତି ହ୍ରାସ ପାଇବା ପରିବର୍ତ୍ତେ ବୃଦ୍ଧି ପାଉଛି। ଆଶ୍ଚର୍ଯ୍ୟର ବିଷୟ ହେଉଛି ଅନେକ ଲୋକ ଭୋଟ ଦେବା ପାଇଁ ଅର୍ଥ ନେଲାବେଳେ ରାଜନେତା ଦୁର୍ନୀତିମୁକ୍ତ ଓ ସ୍ୱଚ୍ଛ ହୁଅନ୍ତୁ ବୋଲି ଚାହାନ୍ତି। ରାଜନେତା ନିର୍ବାଚନ ପ୍ରଚାର, ରାଲି, ସଭାସମିତି ଓ ଅନୁଷ୍ଠାନ ପାଇଁ ଲକ୍ଷ ଲକ୍ଷ ଟଙ୍କା ବ୍ୟୟ କଲାବେଳେ ସେହି ଟଙ୍କା କେଉଁଠୁ ଆଣୁଛନ୍ତି ତାହା କାହାକୁ କହୁନାହାନ୍ତି। ପ୍ରଥମେ ରାଜନେତା ଭୋଟରଙ୍କ ମନରେ (ସମସ୍ତେ ନୁହେଁ) ଦୁର୍ନୀତିର ମାନସିକତା ଭରିଦେଲେ। ବର୍ତ୍ତମାନ ଲୋକମାନେ ନେତାଙ୍କଠାରୁ ଅର୍ଥ ଚାହୁଁଛନ୍ତି। ଜନତା ସାମୂହିକ କାର୍ଯ୍ୟ ପାଇଁ ରାଜନେତାଙ୍କୁ ଅନୁରୋଧ କରିବା ପରିବର୍ତ୍ତେ ବ୍ୟକ୍ତିଗତ ସ୍ୱାର୍ଥ ପାଇଁ କହୁଛନ୍ତି। ଏହା ଏକ ଦୁର୍ନୀତିର ଚକ୍ରବ୍ୟୂହ ସୃଷ୍ଟି କରିଛି, ଯାହା ଭାଙ୍ଗିବା ସହଜ ନୁହେଁ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦୁର୍ନୀତି ମୋ ଦେଶକୁ ଟର୍ମାଇଟ୍ ଭଳି ଖାଉଛି ଏବଂ ପ୍ରିୟାପ୍ରୀତି ତୋଷଣ ଅନ୍ୟମାନଙ୍କୁ ତାଙ୍କ ନ୍ୟାଯ୍ୟ ସୁଯୋଗରୁ ବଞ୍ଚିତ କରୁଛି ବୋଲି କହିଥିଲେ। କିନ୍ତୁ ସେ ଦୁର୍ନୀତିର ମୂଳଉତ୍ସକୁ ଉତ୍ପାଟନ କରୁନାହାନ୍ତି। ବାସ୍ତବରେ ସେ ବିମୁଦ୍ରୀକରଣ ପଦକ୍ଷେପ ନେଲାବେଳେ କହିଥିଲେ ଏହା ଦୁର୍ନୀତି ଓ କଳାଟଙ୍କାର ବିଲୋପ ଘଟାଇବ କିନ୍ତୁ ଲୋକ ଅସୁବିଧାରେ ପଡ଼ିଲେ ଏବଂ କଳାଟଙ୍କା ଲୋକ ଧଳା କରିଦେଲେ। ପୁନଶ୍ଚ ବିଦେଶରେ କଳାଟଙ୍କା ରଖିଥିବା କିଛି ଧନୀ, ସେଲିବ୍ରିଟି, ରାଜନେତାଙ୍କ ନାମ ପାନାମା ଓ ପାଣ୍ଡୋରା ପେପରରେ ଉଲ୍ଲେଖ ହୋଇଥିଲା। କିନ୍ତୁ ସରକାର ସେମାନଙ୍କ ବିରୋଧରେ କିଛି ପଦକ୍ଷେପ ନେଲେନାହିଁ। ୨୦୨୩, ନଭେମ୍ବର ୨୦ରେ ଭାରତର ନିର୍ବାଚନ ଆୟୋଗଙ୍କ ପ୍ରଦତ୍ତ ତଥ୍ୟ ଅନୁସାରେ, ୫ଟି ରାଜ୍ୟ ଯଥା ମିଜୋରାମ, ଛତିଶଗଡ଼, ମଧ୍ୟପ୍ରଦେଶ, ରାଜସ୍ଥାନ ଏବଂ ତେଲଙ୍ଗାନାରେ ଅନୁଷ୍ଠିତ ହୋଇଥିବା ନିର୍ବାଚନ ପ୍ରକ୍ରିୟାରେ ନଗଦ ଟଙ୍କା, ଗହଣା, ଡ୍ରଗ୍ସ, ମଦ ଆଦି ବାବଦରେ ୧୭୬୦ କୋଟି ଟଙ୍କା ଇଡି (କାର୍ଯ୍ୟକାରୀ ନିର୍ଦ୍ଦେଶାଳୟ) ଜବତ କରିଛି। ଏହା ପୂର୍ବ ୨୦୧୮ ନିର୍ବାଚନ ତୁଳନାରେ ୬୩୬% ଅଧିକ। ସେତେବେଳେ ମାତ୍ର ୨୩୯.୧୫ କୋଟି ଟଙ୍କା ଜବତ ହୋଇଥିଲା।

ପୁନଶ୍ଚ ନିର୍ବାଚନୀ ବଣ୍ଡରେ ଯେଉଁ ରାଜନୈତିକ ଦଳ ପ୍ରଚୁର ଅର୍ଥ ପାଉଛନ୍ତି, ତାହା କିଏ ଦେଉଛି ପ୍ରକାଶ କରିବାକୁ ସରକାର ଅନିଚ୍ଛୁକ କାହିଁକି? ୨୦୧୭-୧୮ରୁ ୨୦୨୧-୨୨ ମଧ୍ୟରେ ଏ ବାବଦରେ ପ୍ରାପ୍ତ ଅର୍ଥ ୭୪୩% ବୃଦ୍ଧି ପାଇଛି। ୭ଟି ଜାତୀୟ ଦଳ ଓ ୨୪ଟି ଆଞ୍ଚଳିକ ଦଳ ମୋଟ ୯୧୮ କୋଟି ଟଙ୍କା ପାଇଥିଲା ବେଳେ ଭାଜପା ୫୨୭୨ କୋଟି ଟଙ୍କା ବା ୫୭% ପାଇଛି। କଂଗ୍ରେସ ୯୫୨ କୋଟି ଟଙ୍କା ପାଇଛି। ଗତ କିଛି ବର୍ଷରେ ଭାଜପାର ସମ୍ପତ୍ତି ବହୁଗୁଣ ବୃଦ୍ଧିପାଇଛି। ୨୦୨୧-୨୨ରେ ୮ଟି ଦଳର ସମ୍ପତ୍ତି ୮୮୨୯.୧୫ କୋଟି ଟଙ୍କା ହୋଇଥିଲା ବେଳେ ଭାଜପାର ସମ୍ପତ୍ତି ୬୯% ବା ୪୯୯୦.୧୯ କୋଟି ଟଙ୍କାରେ ପହଞ୍ଚିଛି। କଂଗ୍ରେସର ସମ୍ପତ୍ତି ୬୯୧.୧୧ କୋଟି ଟଙ୍କାରେ ପହଞ୍ଚିଛି। ଏମିତି କିଏ ଦୟାଳୁ ଅଛି ଯିଏ ବିନା ସ୍ୱାର୍ଥରେ କୋଟି କୋଟି ଟଙ୍କା ଖୁସିରେ କୌଣସି ରାଜନୈତିକ ଦଳକୁ ଦେବ। ଯଦି ଜଣେ ଟଙ୍କାଟିଏ ଦେବ ସେ ୧୦୦୦ ଟଙ୍କାର ଫାଇଦା ନିଶ୍ଚୟ ଉଠାଇବ। ଏହା ସତ୍‌ଉପାୟରେ କେବେ ଅର୍ଜିତ ଅର୍ଥ ହୋଇ ନ ଥିବ।

ବାସ୍ତବରେ ଦୁର୍ନୀତିର ମୂଳ କାରଣ ହେଉଛି ତ୍ରୁଟିପୂର୍ଣ୍ଣ ନିର୍ବାଚନ ବ୍ୟବସ୍ଥା। ଆମ ଦେଶର ନିର୍ବାଚନ ପ୍ରକ୍ରିୟା ଏତେ ବ୍ୟୟବହୁଳ ଓ କଳୁଷିତ ହେଲାଣି ଯେ ବିନା ଅର୍ଥ ଓ ବାହୁବଳରେ ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହେବା ସମ୍ଭବ ନୁହେଁ। ଏହା ଦୁର୍ନୀତିକୁ ଜନ୍ମ ଦେଉଛି। ସେଣ୍ଟର ଫର୍ ମିଡିଆ ଷ୍ଟଡିଜ୍ (ସିଏମ୍‌ଏସ୍)ଦ୍ୱାରା ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ, ୨୦୧୯ ଲୋକ ସଭା ନିର୍ବାଚନରେ ରାଜନୈତିକ ଦଳଗୁଡିକ ଦ୍ୱାରା ହୋଇଥିବା ମୋଟ୍ ଖର୍ଚ୍ଚ ପରିମାଣ ପ୍ରାୟ ୬୦,୦୦୦ କୋଟି ଟଙ୍କା ହେବ। ଭାଜପା ପ୍ରାୟ ୨୭,୦୦୦ କୋଟି ଟଙ୍କା ଖର୍ଚ୍ଚ କରିଛି। ସିଏମ୍‌ଏସ୍ ଅଧ୍ୟକ୍ଷ ଏନ୍. ଭାସ୍କରା ରାଓଙ୍କ ଅନୁଯାୟୀ, ଏହି ହାରରେ ଯଦି ଖର୍ଚ୍ଚ ହୁଏ ତେବେ ୨୦୨୪ ସାଧାରଣ ନିର୍ବାଚନରେ ବ୍ୟୟ ୧ ଲକ୍ଷ କୋଟି ଟଙ୍କା ଅତିକ୍ରମ କରିପାରେ। ନିର୍ବାଚନରେ ଯେଉଁ କୋଟି କୋଟି ଟଙ୍କା ବିଭିନ୍ନ ଦଳ ଓ ପ୍ରାର୍ଥୀ ଖର୍ଚ୍ଚ କରୁଛନ୍ତି ତାହା କେଉଁଠୁ ଆଣୁଛନ୍ତି? ତେଣୁ ପ୍ରତି ୧ ଟଙ୍କା ସରକାର ବ୍ୟୟ କରାଗଲା ବେଳେ ତା'ର ମୁଖ୍ୟଭାଗ ଲାଞ୍ଚ ଆକାରରେ ବିଭିନ୍ନ ପକେଟକୁ ଯାଉଛି।

ବର୍ତ୍ତମାନ କୋଟି କୋଟି ଟଙ୍କା ବ୍ୟୟ ନ କଲେ ନିର୍ବାଚନ ଜିତିବା ସମ୍ଭବ ନୁହେଁ। ସେମିତି କାଁ ଭାଁ କିଏ ଜିତିପାରେ। କିନ୍ତୁ ସବୁବେଳେ ସମ୍ଭବ ନୁହେଁ। ପୁନଶ୍ଚ ଅପରାଧରେ ଜଡ଼ିତ ଲୋକଙ୍କର ନିର୍ବାଚନରେ ଜିତିବା ସମ୍ଭାବନା ଅଧିକ ରହୁଛି। ହାରାହାରି ୪୦% ସାଂସଦଙ୍କ ନାମରେ ଅପରାଧର ଅଭିଯୋଗ ରହିଥିଲା ବେଳେ ୨୫%ଙ୍କ ନାମରେ ସାଙ୍ଘାତିକ ଅପରାଧର ଅଭିଯୋଗ ରହିଛି। ଯେତିକି ତଥ୍ୟ ପ୍ରାପ୍ତ ହୋଇଛି, ସେହି ଅନୁସାରେ ୭୬୩ ସାଂସଦଙ୍କ ହାରାହାରି ସମ୍ପତ୍ତି ୨୯.୨୫ କୋଟି ଟଙ୍କା। ସେଥିରୁ ୨୨୫ ରାଜ୍ୟ ସଭା ସଦସ୍ୟଙ୍କ ସମ୍ପତ୍ତି ୮୦.୯୩ କୋଟି ଟଙ୍କା। ଏହା ଦର୍ଶାଉଛି ଯେ ଅର୍ଥ ଓ ବାହୁବଳ ନ ଥିଲେ ନିର୍ବାଚନ ଲଢ଼ିବା ଅସମ୍ଭବ, ଯାହା ପରୋକ୍ଷରେ ଦୁର୍ନୀତି ପ୍ରକ୍ରିୟାକୁ ପ୍ରୋତ୍ସାହିତ କରୁଛି।

ଆଜି ସମଗ୍ର ଭାରତରେ କୌଣସି ସରକାରୀ ଅଫିସ୍‌ରେ କାର୍ଯ୍ୟ ପଡ଼ିଲେ ବିନା ଲାଞ୍ଚରେ କାମ କରାଇବା ସହଜ ନୁହେଁ। ପ୍ରାୟ ଯୁଗେ ଯୁଗେ କ୍ଷମତାଶାଳୀ, ବିତ୍ତଶାଳୀଙ୍କ ବ୍ୟକ୍ତିଗତ ଖରାପ ଚରିତ୍ର, ଦୁର୍ନୀତି ଓ ଭ୍ରଷ୍ଟାଚାରର ଖବର ଯଦି କିଏ ଲୋକଲୋଚନକୁ ଆଣିଛି ସେ ଆକ୍ରୋଶର ଶିକାର ହୋଇଛି। ଆଗରୁ ସାହସ କରୁଥିଲେ, କିନ୍ତୁ ବର୍ତ୍ତମାନ କେହି ସାହସ କରୁନାହାନ୍ତି। ଇନ୍‌ଭେଷ୍ଟିଗେଟିଂ ସାମ୍ବାଦିକତା ଆଜି ପ୍ରାୟତଃ ମୃତ। ଟ୍ରାନ୍ସପରେନ୍ସି ଇଣ୍ଟରନ୍ୟାଶନାଲର ଦୁର୍ନୀତି ଧାରଣା ସୂଚକାଙ୍କ (ସିପିଆଇ) ୨୦୧୬ରେ ଭାରତର ସ୍ଥାନ ୭୯ ଥିଲା। ୨୦୨୩ ସୂଚକାଙ୍କରେ ୧୮୦ଟି ଦେଶ ମଧ୍ୟରେ ଭାରତ ୮୫ତମ ସ୍ଥାନରେ ରହିଛି। ଏହାର ଅର୍ଥ ଦୁର୍ନୀତି ହଟାଇବାରେ ଭାରତ ୮୪ଟି ଦେଶ ପଛରେ ଅଛି। ଦୁର୍ନୀତି ସହିତ ବ୍ୟାଙ୍କ ଜାଲିଆତି ବୃଦ୍ଧି ପାଇଛି। ଧନୀ ଋଣ ନ ଶୁଝିବା ଯୋଗୁ ବ୍ୟାଙ୍କର ଅଚଳ ସମ୍ପତ୍ତି ବା ଖରାପ ଋଣ ବୃଦ୍ଧି ପାଇଛି। ୨୦୧୪-୧୫ରୁ ୯ ବର୍ଷ ମଧ୍ୟରେ ବ୍ୟାଙ୍କଗୁଡିକ ୧୪.୫୬ ଲକ୍ଷ କୋଟି ଟଙ୍କା ମୂଲ୍ୟର ଖରାପ ଋଣ 'ରାଇଟ୍ ଅଫ୍' କରିଛନ୍ତି, ସେଥିରୁ ମାତ୍ର ୧୪% ଉଦ୍ଧାର ହୋଇଛି ଏବଂ ଏହାର ଅବଶିଷ୍ଟ ଲୁଟ୍ ହୋଇଛି। ବ୍ୟାଙ୍କ ଠକେଇରେ ଜଡ଼ିତ ପ୍ରତ୍ୟକ ଦିନ ବ୍ୟାଙ୍କଗୁଡ଼ିକ ୧୦୦ କୋଟି ଟଙ୍କା ପାଖାପାଖି ହରାଉଛନ୍ତି। ଦିଲ୍ଲୀର ଏକ ମାର୍କେଟ ରିସର୍ଚ୍ଚ କମ୍ପାନୀ ରିପୋର୍ଟ ଅନୁସାରେ, ଯେତିକି ଲୋକ ବ୍ୟାଙ୍କ ଜାଲିଆତିର ଶିକାର ହୋଇଛନ୍ତି ତାହାର ୭୪% ତାଙ୍କ ଅର୍ଥ ଫେରିପାଇନାହାନ୍ତି। ଏହା ଚିନ୍ତାର ବିଷୟ। ବାସ୍ତବରେ ଯଦି ଉପସ୍ତରରୁ ସଂସ୍କାର ଆରମ୍ଭ ହେବ ତେବେ ତଳସ୍ତରରେ ଦୁର୍ନୀତି ଆପେ ଆପେ ହ୍ରାସ ପାଇବ। କିନ୍ତୁ ବିରାଡ଼ି ବେକରେ ଘଣ୍ଟି କିଏ ବାନ୍ଧିବ?



ସ୍ତମ୍ଭକାର ତଥା ଅର୍ଥନୀତିଜ୍ଞ
ମୋ: ୯୪୩୭୨୦୮୭୬୨

## ପାଠକ ଶ୍ରେଷ୍ଠ ବିଚାରକ

### ଲାଇଫ୍ ଜ୍ୟାକେଟ ପିନ୍ଧନ୍ତୁ

ମହାଶୟ,

ପର୍ଯ୍ୟଟନ ଋତୁ ପାଖେଇ ଆସିଲାଣି। ଏ ସମୟରେ ଚିଲିକା, ସାତପଡ଼ା,ଭିତରକନିକା,ସାତକୋଶିଆରେ ପର୍ଯ୍ୟଟକଙ୍କ ଭିଡ଼ ଜମେ। ଏସବୁ ଜଳାଶୟରେ ନୌକା ଭ୍ରମଣର ମଜା ଉଠାଇବା ବେଳେ ଲାଇଫ୍ ଜ୍ୟାକେଟ ପିନ୍ଧିବାକୁ କେହି ଗୁରୁତ୍ୱ ଦିଅନ୍ତି ନାହିଁ। ଡଙ୍ଗା ଚାଳକ ମଧ୍ୟ ଏହି ଦିଗ ପ୍ରତି ସତର୍କ ନୁହନ୍ତି। ଯାହା ଫଳରେ ଦୁର୍ଘଟଣାର ଶିକାର ହୁଅନ୍ତି ପର୍ଯ୍ୟଟକ। ଯଦି ପୂର୍ବରୁ ସଚେତନ ହୋଇ ଲାଇଫ୍ ଜ୍ୟାକେଟ ପିନ୍ଧି ଚିଲିକା ବୁଲିବା ତେବେ ଜୀବନ ପ୍ରତି ବିପଦ ରହିବ ନାହିଁ। ୨୦୨୦ରେ ସାରା ଦେଶରେ ଡଙ୍ଗା ବୁଡ଼ି ମୃତ୍ୟୁରେ ଓଡିଶା ତୃତୀୟ ସ୍ଥାନରେ ଥିଲାବେଳେ ୨୦୨୧ ରେ ଓଡ଼ିଶାରେ ଡଙ୍ଗା ବୁଡିରେ ସର୍ବାଧିକ ୭୯ ଜଣଙ୍କ ମୃତ୍ୟୁ ହୋଇଛି। ଚିଲିକା ବୁଲିବାକୁ ଆସୁଥିବା ପର୍ଯ୍ୟଟକମାନେ ଏଥିପ୍ରତି ସଚେତନ ହେବା ଦରକାର ଏବଂ ସେଠାକାର ପର୍ଯ୍ୟଟନ ଅଧିକାରୀ ବି ଏଥିପ୍ରତି ଦୃଷ୍ଟି ଦେବା ଆବଶ୍ୟକ।

-ରଞ୍ଜନା ନାୟକ, ଆଇଆଇଏମସି, ଢେଙ୍କାନାଳ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ହମା ରବ ଛାଡି ଛୁଆକୁ ଆଗରେ ଚାହିଁ
ଫେରୁଥିବ ପରା ଗୋଠୁଁ ତା'ର କାଳୀଗାଈ।
କେଉଁ ରମଣୀର ନୟନ ତାହାରି ପଥ
ଚାହିଁ ଚାହିଁ ପୁଣି ଫେରୁଥିବ ଅବିରତ।
-(ଏହି ଯେ ପାହାଡ଼)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ‘କ୍ଲାଇମେଟ୍ ଚେଞ୍ଜ: ଦି ପାଥ୍ ଆହେଡ୍’

**ସାରା ବିଶ୍ୱ ପାଇଁ ଜଳବାୟୁ ପରିବର୍ତ୍ତନ ଏବେ ଆହ୍ୱାନ ସୃଷ୍ଟି କରିଛି। ଏହାର ମୁକାବିଲା କ୍ଷେତ୍ରରେ ଯୁବପିଢ଼ିଙ୍କର ବଡ଼ ଭୂମିକା ରହୁଛି। ସେମାନେ କିପରି ସଚେତନ ହୋଇ ଅନ୍ୟମାନଙ୍କୁ ଏ କ୍ଷେତ୍ରରେ ସହଭାଗୀ କରାଇବେ, ସେଥିପାଇଁ ‘ଧରିତ୍ରୀ’ ଆୟୋଜନ କରୁଛି ‘ଯୁବ ସମ୍ମିଳନୀ’ ବା ‘ୟୁଥ୍ କନ୍‌କ୍ଲେଭ୍’। ଚଳିତବର୍ଷର ପ୍ରସଙ୍ଗ ରହିଛି ‘କ୍ଲାଇମେଟ୍ ଚେଞ୍ଜ: ଦି ପାଥ୍ ଆହେଡ୍’। ରାଜ୍ୟର ଯୁବପିଢ଼ିଙ୍କ ମଧ୍ୟରେ ଜଳବାୟୁ ପରିବର୍ତ୍ତନ ନେଇ ସଚେତନତା ସୃଷ୍ଟି କରିବା ପାଇଁ ଆସନ୍ତା ୨୪ ତାରିଖରେ ‘ଯୁବ ସମ୍ମିଳନୀ’ର ତୃତୀୟ ସଂସ୍କରଣ ଅନୁଷ୍ଠିତ ହେବ। ‘ଧରିତ୍ରୀ’ର ୫୦ତମ ଜନ୍ମବାର୍ଷିକୀ ପାଳନ ଅବସରରେ ହେବାକୁ ଥିବା ଏହି ୟୁଥ୍ କନ୍‌କ୍ଲେଭ୍‌ରେ ରାଜ୍ୟ ଓ ଦେଶର ବିଭିନ୍ନ ପ୍ରାନ୍ତରରୁ ଯୁବ ପରିବେଶବିତ୍‌ମାନେ ଯୋଗଦେବେ।**

# ରିକିଙ୍କ ସଙ୍ଗୀତରେ ପରିବେଶ

‘ଧରିତ୍ରୀ’ ପକ୍ଷରୁ ଆୟୋଜନ ହେଉଥିବା ଯୁବ ସମ୍ମିଳନୀରେ ଯୋଗଦେବେ ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଭାରତୀୟ ମ୍ୟୁଜିକ୍ କମ୍ପୋଜର ରିକି କେଜ୍। ଜଣେ ପରିବେଶବିତ୍ ଭାବେ ମଧ୍ୟ ତାଙ୍କର ଆଉ ଏକ ପରିଚୟ ରହିଛି। ତିନିଥର ଗ୍ରାମୀ ଆୱାର୍ଡ ପାଇଥିବା ରିକି ତାଙ୍କ ସଙ୍ଗୀତରେ ପରିବେଶକୁ ସ୍ଥାନ ଦେଇଥାନ୍ତି। ନ୍ୟୁୟର୍କ, ଜେନେଭାସ୍ଥିତ ଜାତିସଂଘ କାର୍ଯ୍ୟାଳୟ ସମେତ ୩୦ ରାଷ୍ଟ୍ରରେ ସେ ସଙ୍ଗୀତ ପରିବେଷଣ କରି ବିଶ୍ୱବାସୀଙ୍କ ହୃଦୟ ଜିଣିଛନ୍ତି। ୨୦୧୫ରେ ଆୟୋଜିତ ୫୭ତମ ଗ୍ରାମୀ ଆୱାର୍ଡ୍ସରେ ‘ଉଇଣ୍ଡ୍ସ ଅଫ୍ ସମ୍‌ସାର’ ପାଇଁ ସେ ପ୍ରଥମଥର ପୁରସ୍କାର ପାଇଥିଲେ। ଏହାପରେ ୨୦୨୨ ଓ ୨୦୨୩ରେ ‘ଡିଭାଇନ୍ ଟାଇଡ୍ସ’ର ମ୍ୟୁଜିକ୍ କମ୍ପୋଜ୍ କରି ସେ ଲଗାତର ୨ବର୍ଷ ଗ୍ରାମୀ ଆୱାର୍ଡ ହାସଲ କରିଛନ୍ତି। ୨୦୨୦ରେ ଜିକ୍ୟୁ ମାଗାଜିନ୍ ପକ୍ଷରୁ ତାଙ୍କୁ ‘ଜିକ୍ୟୁ ହିରୋ’ ନାମରେ ନାମିତ କରାଯାଇଥିଲା। ଏଥିସହ ସେ ୨୦ ଦେଶରୁ ୧୦୦ରୁ ଅଧିକ ପୁରସ୍କାର ଓ ସମ୍ମାନ ପାଇଛନ୍ତି। ୧୯୮୧ ମସିହା ଅଗଷ୍ଟ ୫ରେ ଭାରତୀୟ ବଂଶୋଦ୍ଭବ ମାତାପିତାଙ୍କଠାରୁ ରିକି ଆମେରିକାର ଉତ୍ତର କରୋଲିନାଠାରେ ଜନ୍ମଗ୍ରହଣ କରିଥିଲେ। ସେତେବେଳେ ତାଙ୍କ ବାପା ଡ. ଜ୍ଞାନ କେଜ୍ ସେଠାରେ ଜଣେ ଜେନେରାଲ୍ ଫିଜିସିଆନ୍ ଥିଲେ। ମା’ଙ୍କ ନାଁ ପମି କେଜ୍। ୧୯୮୬ରେ ପରିବାର ସହ ରିକି ଭାରତ ଫେରିଥିଲେ। ଏହାପରେ ୮ବର୍ଷ ବୟସରେ ରିକି ବେଙ୍ଗାଲୁରୁସ୍ଥିତ ‘ବିଶପ୍ କଟନ ବୟଜ୍’ ସ୍କୁଲରେ ଶିକ୍ଷାଲାଭ କଲେ। ଏଥିସହ ସେଠାରେ ଅକ୍ସଫୋର୍ଡ ଡେଣ୍ଟାଲ କଲେଜରେ ପାଠ ପଢ଼ିଥିଲେ।

ଡାକ୍ତର ପରିବାରରେ ଜନ୍ମ ନେଇଥିଲେ ମଧ୍ୟ ସଙ୍ଗୀତ ପ୍ରତି ତାଙ୍କର ଦୁର୍ବଳତା ଥିଲା। ତେଣୁ ସେ ସଙ୍ଗୀତକୁ କ୍ୟାରିଅର କଲେ। କଲେଜରେ ପଢୁଥିବା ସମୟରୁ ହିଁ ସେ ବ୍ୟାଣ୍ଡରେ ଯୋଗଦେଇ ମ୍ୟୁଜିକ୍ କମ୍ପୋଜ କରିବା ଆରମ୍ଭ କରିଦେଇଥିଲେ। ଜଣେ କିବୋର୍ଡ ଆର୍ଟିଷ୍ଟ ଭାବେ କ୍ୟାରିୟର ଆରମ୍ଭ କରିଥିବା ରିକି ୨ବର୍ଷ ପରେ ଜଣେ ଫୁଲ୍‌ଟାଇମ୍ କମ୍ପୋଜର ଭାବେ ପରିଚିତି ହାସଲ କରିଥିଲେ। ସେତେବେଳକୁ ଅର୍ଥାତ୍ ୨୦୦୩ରେ ସେ ବେଙ୍ଗାଲୁରୁରେ ରାଭେଲ୍ୟୁଶନ୍ ନାମକ ଏକ ବ୍ୟାଣ୍ଡ୍ ଆରମ୍ଭ କରିସାରିଥିଲେ। ପ୍ରଥମେ ସେ ବିଜ୍ଞାପନ ଏବଂ କାନାଡ଼ା ଫିଲ୍ମ ପାଇଁ କମ୍ପୋଜ୍ କଲେ। ୨୦୦୮ରେ ଜିଙ୍ଗଲ-ଟ୍ରିଜ ଫର୍ ଫ୍ରି, ୨୦୦୯ରେ ଜିଙ୍ଗଲ-ସେଭେଣ୍ଟି ଏମ୍ଏମ୍ ମୁଭି ରେଣ୍ଟାଲ୍‌ସ, ୨୦୧୦ରେ ଶାନ୍ତି ଅର୍କେଷ୍ଟ୍ରା, ୨୦୧୩ରେ ଫର୍ ଏଭର, ୨୦୧୫ରେ ଉଇଣ୍ଡସ୍ ଅଫ୍ ସମ୍‌ସାର, ମହାତ୍ମା, ନିୟୁ ଆର୍ଥ କଲିଙ୍ଗ, ପାନାସୋନିକ ପି୮୧, ୨୦୧୭ରେ ଗଙ୍ଗା, ୨୦୧୯ରେ ୱାନ୍ ଉଇଥ୍ ଆର୍ଥ ସଙ୍ଗ, ମାଇଁ ଆର୍ଥ ସଙ୍ଗ, ବ୍ରେଦ୍ ଲାଇଫ୍ ଭଳି ଲୋକପ୍ରିୟ ସଙ୍ଗୀତ ଓ ଆଡ୍ କମ୍ପୋଜ୍ କରିଛନ୍ତି। ୨୦୧୮ରେ ଜାତିସଂଘରୁ ବଛା ଯାଇଥିବା ରିୟଲ ଲିଡର୍ସ ୧୦୦ ମଧ୍ୟରେ ଭାରତରୁ ରିକି ହିଁ ଏକମାତ୍ର ପ୍ରତିନିଧିତ୍ୱ କରିଥିଲେ। ୧୭ଟି ନିରନ୍ତର ବିକାଶ ଲକ୍ଷ୍ୟକୁ ନେଇ ସେ ‘ମାଇଁ ଆର୍ଥ’ ଗୀତ ପ୍ରସ୍ତୁତ କରିଥିଲେ। ଏହି ଗୀତକୁ ୟୁନିସେଫ୍ ଲଞ୍ଚ କରିବା ସହ ଇଂଲିଶ, ହିନ୍ଦୀ ଓ କନ୍ନଡ଼ ଭାଷାରେ ପାଖାପାଖି ୫ମିଲିୟନ୍‌ରୁ ଅଧିକ ପୁସ୍ତକରେ ଏହା ପ୍ରକାଶ ପାଇଛି। ରିକିଙ୍କ ୧୭ଟି ଷ୍ଟୁଡିଓ ଆଲବମ୍ ରିଲିଜ ହୋଇଛି। ମାତ୍ର ସବୁଗୁଡ଼ିକ ୟୁନାଇଟେଡ୍ ଷ୍ଟେଟ୍‌ସରେ ରିଲିଜ ହୋଇଥିବାବେଳେ ନିଜ ଦେଶରେ ଗୋଟିଏ ବି ହୋଇନାହିଁ। ଏ ନେଇ ରିକିଙ୍କ ମତ ଯେ ଭାରତରେ ସଙ୍ଗୀତକୁ କିଣିବା ଭଳି ଏକ ପୋର୍ କଲ୍‌ଚର ରହିଛି। ଏଥିସହ ହିନ୍ଦୀ ଫିଲ୍ମ ଇଣ୍ଡଷ୍ଟ୍ରିର ଡୋମିନାଣ୍ଟ ପ୍ରେଜେନ୍ସ ପାଇଁ ସେ ଭାରତରେ କମ୍ପୋଜ୍ କରନ୍ତି ନାହିଁ ବୋଲି କହିଛନ୍ତି। ୨୦୧୪ରେ ରିକି ବର୍ଷା ଗୌଡ଼ାଙ୍କୁ ବିବାହ କରିଥିଲେ।


ରିକି କେଜ୍

DHARITRI YOUTH CONCLAVE 2023 CLIMATE CHANGE: THE PATH AHEAD

## ୨ଜଣଙ୍କୁ ହତ୍ୟା ଘଟଣାରେ ୬ ଅଟକ

ବରଗଡ଼,୨୨।୧୧(ପ୍ରେମାନନ୍ଦ ଖମାରୀ)

ବରଗଡ଼-ଭେଡେନ ରାସ୍ତାରୁ ସାହୁଟିକ୍ରା-ଧାଙ୍ଗେର ପଟକୁ ଯାଇଥିବା ରାସ୍ତାରେ ମଙ୍ଗଳବାର ଦିନ ଦ୍ୱିପ୍ରହରରେ ୨ଯୁବକଙ୍କୁ ହତ୍ୟା ଘଟଣା ଜିଲାବାସୀଙ୍କୁ ସ୍ତବ୍ଧ କରି ପକାଇଛି। ଏହି ଘଟଣାରେ ପୋଲିସ ୬ଜଣଙ୍କୁ ଥାନାରେ ଅଟକ ରଖି ପଚରାଉଚୁରା କରୁଥିବା ସୂଚନା ମିଳିଛି। ଅନ୍ୟପଟେ ହତ୍ୟାକାଣ୍ଡରେ ସମ୍ପୃକ୍ତ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ ଦାବିରେ ବୁଧବାର ଦିନ ୧୦ଟାରୁ ମଧ୍ୟାହ୍ନ ପ୍ରାୟ ସାଢ଼େ ୧୨ଟା ପର୍ଯ୍ୟନ୍ତ ମୃତକଙ୍କ ପରିବାର ତଥା ପଡ଼ାବାସୀ ବରଗଡ଼-ଭେଡେନ ରାସ୍ତାର ପୁରୁଣା ରିଜର୍ଭ ଆଗରେ ରାସ୍ତାରୋକୋ କରିଥିଲେ। ଫଳରେ ଦୀର୍ଘ ଅଢ଼େଇ ଘଣ୍ଟା ଧରି ଉକ୍ତ ରାସ୍ତାରେ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ପରେ ଏସ୍‌ଡିପିଓ ପଦାରବିନ୍ଦ ତ୍ରିପାଠୀଙ୍କ ସମେତ ଅନ୍ୟ ପୋଲିସ ଅଧିକାରୀ ସେଠାରେ ପହଞ୍ଚି ଆଲୋଚନା କରିଥିଲେ। ହତ୍ୟାକାଣ୍ଡରେ ସମ୍ପୃକ୍ତ ଥିବା ସମସ୍ତ ଅଭିଯୁକ୍ତଙ୍କୁ ଚିହ୍ନଟ କରାଯିବ ବୋଲି ସେ ନିର୍ଭର ପ୍ରତିଶ୍ରୁତି ଦେଇଥିଲେ। ଏହା ପରେ ରାସ୍ତାରୋକୋ ହଟିଥିଲା। ମଙ୍ଗଳବାର ସାହୁଟିକ୍ରା-ଧାଙ୍ଗେର ରାସ୍ତାରେ ଚୋର ସନ୍ଦେହରେ ସ୍ଥାନୀୟ କିଛିଲୋକେ ସଂଘବଦ୍ଧ ଆକ୍ରମଣ କରିଥିଲେ। ଫଳରେ ବରଗଡ଼ ପଣ୍ଡରୀପଥର ନିବାସୀ ବିଜୟ ବାଗ ଓ ବିକୁ ଜାଲଙ୍କ ମୃତ୍ୟୁ ହୋଇଥିଲା।

# ବହୁ କୋଟି ଠକିନେଲେ ମୋଟିଭେଶନାଲ ସ୍ପିକର

## ଇଓଡବ୍ଲ୍ୟୁରେ ଅଭିଯୋଗ କଲେ ୧୭ରୁ ଅଧିକ ବ୍ୟକ୍ତି

ଭୁବନେଶ୍ୱର,୨୨।୧୧
(ସୂର୍ଯ୍ୟକାନ୍ତ ବେହେରା)

ଜୀବନରେ କେମିତି ସଫଳତା ପାଇବେ? ବୁଡି ଯାଇଥିବା ବ୍ୟବସାୟ କେମିତି ଟ୍ରାକ୍‌କୁ ଫେରିବ? ଡିପ୍ରେସନରୁ କେମିତି ବାହାରିବେ? ରୋଗ କିଭଳି ଶୀଘ୍ର ଭଲ ହେବ, ପାରିବାରକ ଅଶାନ୍ତି ଆଦି ସମସ୍ୟାର ସମାଧାନ ନାଁରେ ବଡ଼ ଧରଣର ଠକେଇ ହୋଇଛି। ମୋଟିଭେଶନାଲ ସ୍ପିକର ଡକ୍ଟର ନୀତୀନ ମୋହନ ଲାଲ ୟୁଟ୍ୟୁବ୍ ଓ ବିଭିନ୍ନ ସୋସିଆଲ ମିଡିଆରେ ସମସ୍ୟା ସମାଧାନର ମନ୍ତ୍ର ଦେଇ ସାଧାରଣ ଲୋକଙ୍କଠାରୁ ବହୁ କୋଟି ଟଙ୍କା ଠକିନେଇଛନ୍ତି। ଏନେଇ ଠକେଇର ଶିକାର ହୋଇଥିବା ଓଡ଼ିଶା, ବିହାର ସମେତ ବିଭିନ୍ନ ରାଜ୍ୟରୁ ୧୭ରୁ ଅଧିକ ପୁରୁଷ ଓ ମହିଳା ବୁଧବାର ଭୁବନେଶ୍ୱରସ୍ଥିତ କ୍ରାଇମବ୍ରାଞ୍ଚ ଅର୍ଥନୈତିକ ଶାଖା (ଇଓଡବ୍ଲ୍ୟୁ)ରେ ଅଭିଯୋଗ କରିଛନ୍ତି।

ଠକେଇର ଶିକାର ହୋଇଥିବା ଓଡିଶାର ଜି.ଭେଙ୍କଟେଶଙ୍କ କହିବାନୁସାରେ, ୟୁଟ୍ୟୁବ୍‌ରୁ ମୋଟିଭେଶନାଲ ସ୍ପିକର ଡକ୍ଟର ନୀତୀନ ମୋହନ ଲାଲ୍‌ଙ୍କ ସମ୍ପର୍କରେ ଜାଣିବାକୁ ପାଇଥିଲେ। ପରେ ତାଙ୍କ ୟୁଟ୍ୟୁବ୍ ଚ୍ୟାନେଲ ଲିଙ୍କ୍‌ରେ କ୍ଲିକ୍ କରିଥିଲେ। ପରବର୍ତ୍ତୀ ସମୟରେ ନୀତୀନ ଫୋନ୍ କରି ଜୀବନରେ କ’ଣ ଚ୍ୟାଲେଞ୍ଜ ଅଛି ବୋଲି ପଚାରିବାରୁ ଭେଙ୍କଟେଶ ନିଜର ଆର୍ଥିକ ସମସ୍ୟା ସମ୍ପର୍କରେ କହିଥିଲେ। ତେଣୁ ଏହାର ସମାଧାନ ପାଇଁ ନୀତୀନ ତାଙ୍କୁ ୫୦ ହଜାର ଟଙ୍କାର କୋର୍ସ କରିବାକୁ ପରାମର୍ଶ ଦେଇଥିଲେ। ଭେଙ୍କଟେଶ ଉକ୍ତ ଟଙ୍କା ଜମା କରିବା ପରେ କିଛି ଦିନ ପର୍ଯ୍ୟନ୍ତ ତାଙ୍କୁ ବିଭିନ୍ନ ବିଷୟରେ ପରାମର୍ଶ ଓ ବାର୍ତ୍ତା ଦିଆଯାଇଥିଲା। ଏପରିକି ବିଭିନ୍ନ ପର୍ଯ୍ୟାୟରେ ନାନା ବାହାନା କରାଯାଇ ତାଙ୍କଠାରୁ ନୀତୀନ ୮ ଲକ୍ଷରୁ ଅଧିକ ଟଙ୍କା ନେଇଯାଇଥିଲେ ମଧ୍ୟ ଜୀବନରେ ଦେଖାଯାଉଥିବା ସମସ୍ୟା ସମାଧାନ କରିପାରି ନ ଥିଲେ। ତେଣୁ ନୀତୀନଙ୍କୁ ଫୋନ କରି ଟଙ୍କା ଫେରାଇବାକୁ ଭେଙ୍କଟେଶ କହିଥିଲେ। ଏହାସହ ଟଙ୍କା ନ ଦେଲେ ନେଣଦେଣର ପୋଲ ଖୋଲିଦେବେ ବୋଲି ଧମକ ଦେଇଥିଲେ ଜି.ଭେଙ୍କଟେଶ। ଏଥିରେ ଡରି ଯାଇ ନୀତୀନ ଗଣେଶ ପୂଜାରେ ଜି.ଭେଙ୍କଟେଶଙ୍କୁ ଦିଲ୍ଲୀ ଡାକି ୮ ଲକ୍ଷ ୧୩ ହଜାର ଟଙ୍କା ଫେରାଇଥିଲେ। ଟଙ୍କା ଫେରି ପାଇବା ପରେ ଠକାମିରେ ଶିକାର ହୋଇଥିବା ଅନ୍ୟମାନଙ୍କୁ ଏକାଠି କରି ବୁଧବାର ଭୁବନେଶ୍ୱରସ୍ଥିତ ଇଓଡବ୍ଲ୍ୟୁ କାର୍ଯ୍ୟାଳୟରେ ପହଞ୍ଚି ଅଭିଯୋଗ କରିଥିଲେ।

DADLS-55



ବିଶିଷ୍ଟ ଜନନାୟକ ତଥା ପୂର୍ବତନ
ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ
ରାଜ୍ୟସ୍ତରୀୟ ଜୟନ୍ତୀ
୨୩ ନଭେମ୍ବର, ୨୦୨୩
ସନ୍ଧ୍ୟା ୬ ଘଟିକା | ସାଧାରଣ ସଭା | ଜୟଦେବ ଭବନ

ମୁଖ୍ୟ ଅତିଥି
ଶ୍ରୀଯୁକ୍ତ ପ୍ରଦିପ କୁମାର ଅମାତ
ମାନ୍ୟବର ମନ୍ତ୍ରୀ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ପଞ୍ଚାୟତିରାଜ ଓ ପାନୀୟ ଜଳ, ସୂଚନା ଓ ଲୋକସମ୍ପର୍କ

ବିଶିଷ୍ଟ ଅତିଥି
ଶ୍ରୀଯୁକ୍ତ ପ୍ରଶାନ୍ତ ମୁଦୁଲି
ମାନ୍ୟବର ସରକାରୀ ମୁଖ୍ୟ ସଚେତକ, ଓଡ଼ିଶା ବିଧାନସଭା

ସମ୍ମାନନୀୟା ଅତିଥି
କସ୍ତୁରୀ ମହାପାତ୍ର
ସମ୍ପାଦକ, ଉତ୍କଳ ପ୍ରସଙ୍ଗ ଏବଂ ଓଡ଼ିଶା ରିଭ୍ୟୁ

ମୁଖ୍ୟ ବକ୍ତା
ଶ୍ରୀଯୁକ୍ତ ଶୈଳଜ ରବି
ବିଶିଷ୍ଟ ଲେଖକ ଏବଂ ଗାନ୍ଧୀବାଦୀ ଚିନ୍ତକ

ଅଗ୍ରଣୀ ପଞ୍ଚକଳା ପ୍ରତିଷ୍ଠାନ ଗୋପାଳ ଦାସ ସ୍ମାରକୀ କଳା ମନ୍ଦିର (ଗଡ଼ମେଳର) ପଟାମୁଣ୍ଡାଇ, କେନ୍ଦ୍ରାପଡ଼ାର ଆକାଶ ବାଣୀ ସ୍ୱୀକୃତିପ୍ରାପ୍ତ କଳାକାରମାନଙ୍କ ଦ୍ୱାରା ବୃନ୍ଦ ଗାନ, ଭଜନ ଏବଂ ଦେଶାତ୍ମବୋଧକ ସଙ୍ଗୀତ ପରିବେଷଣ।

ସୂଚନା ଓ ଲୋକ ସମ୍ପର୍କ ବିଭାଗ ଆନୁକୂଲ୍ୟରେ ଆୟୋଜିତ ଏହି ସମାରୋହରେ ଯୋଗ ଦେବାକୁ ବିନମ୍ର ଅନୁରୋଧ।

ନିର୍ଦ୍ଦେଶକ
ସୂଚନା ଓ ଲୋକ ସମ୍ପର୍କ ବିଭାଗ
ଓଡ଼ିଶା ସରକାର

OIPR-15001/13/0201/2324

G20 2023 INDIA ONE EARTH • ONE FAMILY • ONE FUTURE
Azadi Ka Amrit Mahotsav

ଟିକସଦାତାଗଣ ଦୟାକରି ଧ୍ୟାନ ଦିଅନ୍ତୁ

ସମୟସୀମା ସମ୍ପର୍କରେ ସଚେତନ ରୁହନ୍ତୁ

ନିର୍ଦ୍ଧାରଣ ବର୍ଷ ୨୦୨୧-୨୨ ପାଇଁ ୩୧ ମାର୍ଚ୍ଚ, ୨୦୨୪ ସୁଦ୍ଧା ଅପ୍‌ଡେଟେଡ୍ ଆୟକର ରିଟର୍ନ (ଆଇଟିଆର୍-ୟୁ) ଦାଖଲ କରନ୍ତୁ

ଅପ୍‌ଡେଟେଡ୍ ଆଇଟିଆର୍ କେବେ ଦାଖଲ କରାଯିବା ଆବଶ୍ୟକ?

- ମୂଳ ଏବଂ/ କିମ୍ବା ସଂଶୋଧିତ ରିଟର୍ନ ଦାଖଲ କରି ନ ଥିବା ଟିକସଦାତା
- ଆୟ ସଠିକ୍ ଭାବେ ଘୋଷଣା କରାଯାଇ ନ ଥିବା କାରଣରୁ ମୂଳ ରିଟର୍ନକୁ ସଂଶୋଧନ କରିବାକୁ ଚାହୁଁଥିବା ଟିକସଦାତା, ଯାହା ମଧ୍ୟରେ ନିମ୍ନଲିଖିତ ମାମଲା ଅନ୍ତର୍ଭୁକ୍ତ
  - ଭୁଲ୍ ଆୟ ଶୀର୍ଷକ ଚୟନ କରାଯିବା କିମ୍ବା ଭୁଲ୍ ଦରରେ ଟିକସ ପୈଠ କରାଯିବା
  - ଅଗ୍ରେନୀତ କ୍ଷତି କିମ୍ବା ଅଣସମଯୋଜିତ ମୂଲ୍ୟହ୍ରାସରେ ହ୍ରାସ ଆବଶ୍ୟକ ହେବା
  - ଏମ୍ଏଟି/ଏଏମ୍‌ଟି କ୍ରେଡିଟ୍ ହ୍ରାସ ଆବଶ୍ୟକ ହେବା

| ତା୩୧।୦୩।୨୦୨୪ରିଖ ସୁଦ୍ଧା ଅପ୍‌ଡେଟେଡ୍ ଆଇଟିଆର୍-ୟୁ ଦାଖଲ କରନ୍ତୁ | ପୈଠଯୋଗ୍ୟ ଅତିରିକ୍ତ ଆୟକର |
|---|---|
| ନିର୍ଦ୍ଧାରଣ ବର୍ଷ ୨୦୨୧-୨୨ ପାଇଁ | ଆୟକର ଅଧିନିୟମର ଧାରା ୧୪୦ ବି(୩)ର ପ୍ରାବଧାନ ଅନୁଯାୟୀ ସର୍ବମୋଟ ପୈଠଯୋଗ୍ୟ ଟିକସ ଓ ସୁଧର ୫୦% |
| ନିର୍ଦ୍ଧାରଣ ବର୍ଷ ୨୦୨୨-୨୩ ପାଇଁ | ଆୟକର ଅଧିନିୟମର ଧାରା ୧୪୦ ବି(୩)ର ପ୍ରାବଧାନ ଅନୁଯାୟୀ ସର୍ବମୋଟ ପୈଠଯୋଗ୍ୟ ଟିକସ ଓ ସୁଧର ୨୫% |

ଅଧିକ ସୂଚନା ପାଇଁ ଦୟାକରି ଆୟକର ଅଧିନିୟମ, ୧୯୬୧ର ଧାରା ୧୩୯ (୮ଏ) ଏବଂ ୧୪୦ ବି(୩) ଦେଖନ୍ତୁ

ଆୟକର ବିଭାଗ
କେନ୍ଦ୍ରୀୟ ପ୍ରତ୍ୟକ୍ଷ ଟିକସ ପରିଷଦ
ଅଧିକ ସୂଚନା ପାଇଁ ଦୟାକରି ପରିଦର୍ଶନ କରନ୍ତୁ www.incometax.gov.in
ଇ-ବ୍ରୋଚର୍ ପାଇଁ, କ୍ୟୁଆର୍ କୋଡ୍ ସ୍କାନ୍ କରନ୍ତୁ
INCOME TAX DEPARTMENT
@IncomeTaxIndia @IncomeTaxIndia.Official @IncomeTaxIndiaofficial @IncomeTaxIndia.Official Incometaxindia.gov.in
cbc15401/13/0017/2324

## ଆଜି କ'ଣ କେଉଁଠି

**ଧର୍ମଶାଳା**

- ଜାରକା ସତ୍ୟସାଇ ସେବା ସମିତି ପକ୍ଷରୁ ଶ୍ରୀସତ୍ୟସାଇ ବାବାଙ୍କ ଜନ୍ମ ବାର୍ଷିକୀ ପାଳନ, ସ୍ଥାନ-ଜାରକା, ସମୟ-ପ୍ରାତ ୬ ଘଟିକା।

# ଅର୍ଥ ଫେରାଇଲେ, କାର୍ଯ୍ୟାନୁଷ୍ଠାନକୁ ଅପେକ୍ଷା

ଯାଜପୁର,୨୨।୧୧(ହର୍ଷବର୍ଦ୍ଧନ ବେହେରା):

ଯାଜପୁର ଜିଲା ଦଶରଥପୁର ବ୍ଲକ୍ ବିରିପଟା ପଞ୍ଚାୟତର ୨୪ ଜଣ ମୃତକଙ୍କ ନାମରେ ଭତ୍ତା ଆତ୍ମସାତ୍ ଅଭିଯୋଗ ସତ ହୋଇଛି। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ପ୍ରଶାସନିକ ତଦନ୍ତ ହେବା ପରେ ଏହା ସ୍ପଷ୍ଟ ହୋଇଛି। ଏହିକ୍ରମରେ ମୃତ ବୃଦ୍ଧାବୃଦ୍ଧଙ୍କ ନାମରେ ହୋଇଥିବା ଭତ୍ତା ହଡପ ଅର୍ଥ ଜମା କରିବାକୁ ବିଡିଓ ନିର୍ଦ୍ଦେଶ ଦେବା ପରେ ୪ ଜଣ ନିର୍ବାହୀ ଅଧିକାରୀ (ପିଇଓ) ବୀରେନ୍ଦ୍ର ମଲିକ ୧ ଲକ୍ଷ ୧୨ ହଜାର ୨ ଶହ ଟଙ୍କା, ପୂର୍ବତନ ପିଇଓ ସ୍ନିଗ୍ଧା ସାହୁ ୫୮ ହଜାର ୫ ଶହ ଟଙ୍କା, ସୂର୍ଯ୍ୟମଣୀ ପଟ୍ଟନାୟକ ୫୪ ହଜାର ୧ ଶହ ଟଙ୍କା ଓ ଶ୍ୟାମସୁନ୍ଦର ଟିଉ ୩ ହଜାର ୭ ଶହ ଟଙ୍କା ବ୍ଲକ ପ୍ରଶାସନ ନିକଟରେ ଜମା କରିଛନ୍ତି। ତେବେ ହଡପ ଭତ୍ତା ଅର୍ଥ ଜମା କରିବା ପରେ ସମ୍ପୃକ୍ତ ଦୁର୍ନୀତିଗ୍ରସ୍ତ ପିଇଓମାନଙ୍କୁ କ୍ଷମା କରି ଦେବାକୁ ଚକ୍ରାନ୍ତ ହେଉଥିବା ସୂଚନା ମିଳିଛି। ଦୁର୍ନୀତିଗ୍ରସ୍ତ ଅଧିକାରୀମାନଙ୍କ ବିରୋଧରେ କେବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ସେ ନେଇ ଅଭିଯୋଗକାରୀମାନେ ଅପେକ୍ଷାରେ ରହିଛନ୍ତି। ତେବେ କେବଳ ହଡପ ଅର୍ଥ ଫେରାଇବାରେ ସୀମିତ ଭଳି କୋହଳ କାର୍ଯ୍ୟାନୁଷ୍ଠାନ ଯୋଗୁ ଜିଲାରେ ସରକାରୀ ଅର୍ଥ ହରିଲୁଟ ଘଟଣା ବଢିବାରେ ଲାଗିଛି ବୋଲି ମତପ୍ରକାଶ ପାଇଛି।

ସାଧାରଣରେ ହେଉଥିବା ଅଭିଯୋଗ ଅନୁଯାୟୀ, ଦୁର୍ବଳ ପ୍ରଶାସନିକ ନିୟନ୍ତ୍ରଣ କାରଣରୁ ଯାଜପୁର ଜିଲାରେ ମଧୁବାବୁ ପେନସନ ଯୋଜନା, ବିଧବାଭତ୍ତା ଓ ଭିନ୍ନକ୍ଷମ ଭତ୍ତା ଯୋଜନାରେ ବ୍ୟାପକ ହେରାଫେରି ହେଉଛି। ୬୦ ବର୍ଷ ନ ପୁରୁଣୁ ଭେଣ୍ଡିଆ ଟୋକା ଏବଂ ମୃତ ବ୍ୟକ୍ତିଙ୍କ ନାମରେ ଭତ୍ତା ପ୍ରଦାନ କରାଯାଉଛି। ଏନେଇ ଅଭିଯୋଗ ହେବା ପରେ ରାଜ୍ୟ ସରକାରଙ୍କ ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ତଦନ୍ତ ନିର୍ଦ୍ଦେଶ ଦେଉଛନ୍ତି। କିନ୍ତୁ କେତେକ କ୍ଷେତ୍ରରେ ସେହିସବୁ ତଦନ୍ତ ଫାଇଲ ଭିତରେ ଚାପି ଦିଆଯାଉଛି। ୨୦୨୨ ନଭେମ୍ବରରେ ବଡ଼ଚଣା ବ୍ଲକ କୋଲଣଗିରି ପଞ୍ଚାୟତରେ ବୟସ ହୋଇ ନ ଥିବା ୧୫ ଜଣ ଲୋକଙ୍କୁ ମଧୁବାବୁ ପେନସନ ଯୋଜନାରେ ସାମିଲ କରାଯାଇବା ଅଭିଯୋଗ ହୋଇଥିଲା। ଏହାସହ ୧ ବର୍ଷରୁ ଊର୍ଦ୍ଧ୍ୱ ସମୟ ହେବ ୨ ଜଣ ମୃତ ବ୍ୟକ୍ତି ବାର୍ଦ୍ଧକ୍ୟ ଭତ୍ତା ପାଉଥିଲେ। ଏହି ସମ୍ପର୍କରେ ଗତ ୨୬।୯।୨୦୨୨ରେ ଅଞ୍ଚଳବାସୀ ବିଭାଗୀୟ ସଚିବଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ତଦନୁସାରେ ତଦନ୍ତ ନିର୍ଦ୍ଦେଶ ହୋଇଥିଲା। ଏହାପରେ ଜିଲାପାଳ ତଦନ୍ତ କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲା ସାମାଜିକ ସୁରକ୍ଷା ଅଧିକାରୀଙ୍କୁ ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଉକ୍ତ ତଦନ୍ତ ନିର୍ଦ୍ଦେଶ ଉପରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ହୋଇ ପାରିଲା ନାହିଁ। ଅନୁରୂପ ଭାବେ ଜିଲାର ଏକାଧିକ ପଞ୍ଚାୟତରେ ମୃତ ବ୍ୟକ୍ତି ଏବଂ ବୟସ ହୋଇ ନ ଥିବା ହିତାଧିକାରୀଙ୍କୁ ଏହି ଯୋଜନାରେ ସାମିଲ କରାଯାଇଛି। ଯେଉଁଠି ଅଭିଯୋଗ ଏବଂ ତଦନ୍ତ ହେଉଛି ସେଠାକାର ଦୁର୍ନୀତି ଲୋକଲୋଚନକୁ ଆସି ପାରୁଛି। ନଚେତ୍ ସରକାରଙ୍କ ଏହି ମହତ୍ ଯୋଜନାର ଫଳପ୍ରଦ ଠିକ ଭାବେ ହୋଇ ପାରୁ ନ ଥିବା ଚର୍ଚ୍ଚା ହେଉଛି। ଦଶରଥପୁର ବ୍ଲକ ଘଟଣାରେ ବିଡ଼ିଓ ଆକାଶ ପଟ୍ଟନାୟକ ପତ୍ର ସଂଖ୍ୟା ୭୦୫୬/୯।୧୧।୨୦୨୩ରେ ଭତ୍ତା ହଡପ ଅର୍ଥ ଜମା କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏଥି ନିମନ୍ତେ ସେମାନଙ୍କୁ ୩ ଦିନର ମହଲତ ପ୍ରଦାନ କରାଯାଇଥିଲା। କିନ୍ତୁ ସମ୍ପୃକ୍ତ ପିଇଓମାନେ ଅଧିକ ଆଉ ୭ ଦିନ ସମୟ ମାଗିଥିଲେ । ମଙ୍ଗଳବାର ୭ ଦିନର ଅବଧି ପୁରିବା ପରେ ଭତ୍ତା ଅର୍ଥ ରାଶି ବ୍ଲକ କର୍ତ୍ତୃପକ୍ଷଙ୍କ ନିକଟରେ ଜମା କରିଥିବା ସୂଚନା ମିଳିଛି। ଏ ସଂକ୍ରାନ୍ତରେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରିଣୀ ସ୍ୱାଧୀନ କ୍ରିଷ୍ଟାବାଳାଙ୍କୁ ପଚାରିବାରୁ ସେ କହିଛନ୍ତି, ମୃତକଙ୍କ ନାମରେ ହୋଇଥିବା ହଡପ ଭତ୍ତା ଅର୍ଥ ଜମା ହୋଇ ସାରିଛି। ଏହାପରେ ବିହିତ କାର୍ଯ୍ୟାନୁଷ୍ଠାନ ପାଇଁ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି।

## ବୈରୀ ବନ ବିଭାଗ ପକ୍ଷରୁ ଚଢ଼ାଉ, ୨ ହାଇୱା ଜବତ

ଛତିଆ,୨୨।୧୧(ସୌମ୍ୟ ରଞ୍ଜନ ସାହୁ):

କଟକ ବନଖଣ୍ଡ ଅନ୍ତର୍ଗତ ବୈରୀଠାରେ ଥିବା ଡାଳିଯୋଡ଼ା ବନାଞ୍ଚଳର ବଳରାମପୁର ପ୍ରାଥମିକ ସଂରକ୍ଷିତ ଜଙ୍ଗଲରେ କଟକ ଭିଜିଲାନ୍ସ ଓ ବୈରୀ ବନ ବିଭାଗ ମିଳିତ ଭାବରେ ଚଢ଼ାଉ କରି ୨ କଳାପଥର ବୋଝେଇ ହାଇୱା ଜବତ କରିଛନ୍ତି। ଜଙ୍ଗଲରେ ବେଆଇନ କଳାପଥର ଉତ୍ତୋଳନ କରାଯାଉଥିବା ଖବର ପାଇ କଟକ ଭିଜିଲାନ୍ସ ଡିଏଫ୍‌ଓ ରଜନୀକାନ୍ତ ମହାନ୍ତି, କଟକ ବନଖଣ୍ଡର ସହକାରୀ ବନସଂରକ୍ଷକ ଅନିଲ କୁମାର ରାୟ, ରେଞ୍ଜର ହିମାଂଶୁ ଶେଖର ପୃଷ୍ଟି, ଶଶୀକାନ୍ତ ବେହେରା, ଫରେଷ୍ଟର ମାଣିକ ମୁଣ୍ଡା, ମହମ୍ମଦ ସାକିର ହୁସେନ ଓ ଅଶ୍ୱିନୀ କୁମାର ସାହୁ ପ୍ରମୁଖ ଚଢ଼ାଉ କରିଥିଲେ। ଏହି ସମୟରେ କଳାପଥର ବୋଝେଇ କରିଥିବା ହାଇୱା ୨ଟିକୁ ଜବତ କରିଥିଲେ। ଜବତ ହାଇୱାକୁ ବୈରୀ ଜଙ୍ଗଲ ବିଭାଗ କାର୍ଯ୍ୟାଳୟରେ ରଖାଯାଇଛି। ଜଙ୍ଗଲ ବିଭାଗ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଡିଏଫ୍‌ଓ ମହାନ୍ତି ପ୍ରକାଶ କରିଛନ୍ତି।

## ଜାନୁୟାରୀ ୧୫ରୁ ଅମରାବତୀ ମହୋତ୍ସବ

ଛତିଆ,୨୨।୧୧(ସୌମ୍ୟରଞ୍ଜନ ସାହୁ):

ବଡ଼ଚଣା ବ୍ଲକ ଅନ୍ତର୍ଗତ ଛତିଆଠାରେ ଅବସ୍ଥିତ ମାଳିକା ପ୍ରସିଦ୍ଧ ଐତିହାସିକ ଅମରାବତୀ କଟକଠାରେ ପ୍ରଥମ କରି ଅମରାବତି ମହୋତ୍ସବ ଆସନ୍ତା ଜାନୁୟାରୀ ୧୫ ଆରମ୍ଭ ହୋଇ ୧୯ ତାରିଖରେ ଶେଷ ହେବ। ଏନେଇ ଚତୁର୍ଥ ବୈଠକରେ ନିଷ୍ପତ୍ତି ନିଆଯାଇଥିବା ଅମରାବତୀ ମହୋତ୍ସବ କମିଟି ପକ୍ଷରୁ ସୂଚନା ଦିଆଯାଇଛି। କାର୍ଯ୍ୟକାରୀ କମିଟି ଉପସଭାପତି ସନ୍ତୋଷ ମହାନ୍ତିଙ୍କ ସଭପତିତ୍ୱରେ ଅନୁଷ୍ଠିତ ବୈଠକରେ ଉକ୍ତ ମହୋତ୍ସବକୁ କିଭଳି ସରସସୁନ୍ଦର ଓ ଅଧିକ ଆକର୍ଷଣୀୟ କରାଯାଇ ପାରିବ ସେ ସମ୍ପର୍କରେ ଆଲୋଚନା କରାଯାଇଛି। ଏଥିସହ ପରାମର୍ଶ କମିଟ ଓ କାର୍ଯ୍ୟକାରୀ ଭଳି ଦୁଇଟି କମିଟି ଗଠନ କରାଯାଇଛି। ପରାମର୍ଶ କମିଟିର ପରାମର୍ଶ ନେଇ ଆଗାମୀ କାର୍ଯ୍ୟକ୍ରମ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। କାର୍ଯ୍ୟକାରୀ କମିଟି ସଭାପତି ଭାବେ ପ୍ରତାପ ସାହୁ ଓ ସମ୍ପାଦକ ଭାବେ ବାସୁଦେବ ସ୍ୱାଇଁଙ୍କୁ ମନୋନୀତ କରାଯାଇଛି। କୋଷାଧ୍ୟକ୍ଷ ଭାବେ ଅମରେଶ ନନ୍ଦଙ୍କୁ ଚୟନ କରାଯାଇଛି। ବୈଠକରେ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନର ସଦସ୍ୟ, ସ୍ଥାନୀୟ ଅଞ୍ଚଳର ବହୁ ବରିଷ୍ଠ ନାଗରିକ. ବୁଦ୍ଧିଜୀବୀ, ରାଜନେତା ଓ ଯୁବକମାନେ ଅମରାବତୀ କଟକ ପ୍ରାଙ୍ଗଣରେ ଉପସ୍ଥିତ ରହି ମହୋତ୍ସବ ସମ୍ପର୍କରେ ରହି ନିଜ ମତ ରଖିଥିଲେ।

# ଜାତୀୟ ଶିଶୁ ବିଜ୍ଞାନ କଂଗ୍ରେସରେ ଭାଗନେବେ ୨ ଛାତ୍ର



ଛାତ୍ର ରଶ୍ମିରଞ୍ଜନ ଦାସଙ୍କୁ ପୁରସ୍କୃତ କରାଯାଉଛି।

ରସୁଲପୁର,୨୨।୧୧(ରଞ୍ଜିତ ରାଉତ):

**'ସ୍ୱଳ୍ପ ଖର୍ଚ୍ଚରେ ପ୍ରାକୃତିକ କୃଷି ପ୍ରଣାଳୀ' ପ୍ରକଳ୍ପ ଜାତୀୟସ୍ତର ବିଜ୍ଞାନମେଳାକୁ ମନୋନୀତ**

ରସୁଲପୁର ବ୍ଲକ ଅଧୀନ ଖଣ୍ଡିତର ସରକାରୀ ଉଚ୍ଚ ବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ର ରଶ୍ମିରଞ୍ଜନ ଦାଶ ଓ ରାଜେଶ ଦାଶ ଜାତୀୟ ଶିଶୁ ବିଜ୍ଞାନ କଂଗ୍ରେସରେ ଭାଗନେବେ।

ଉଭୟ ରାଜ୍ୟସ୍ତରୀୟ ଶିଶୁ ବିଜ୍ଞାନ କଂଗ୍ରେସରେ ପାରାକାଷ୍ଠା ପ୍ରଦର୍ଶନ କରିଛନ୍ତି। ସେମାନେ 'ସ୍ୱଳ୍ପ ଖର୍ଚ୍ଚରେ ପ୍ରାକୃତିକ କୃଷି ପ୍ରଣାଳୀ' ଶୀର୍ଷକ ପ୍ରକଳ୍ପ କରି ରାଜ୍ୟସ୍ତରର ଚୟନ କର୍ତ୍ତାଙ୍କ ଦୃଷ୍ଟି ଆକର୍ଷଣ କରାଇବାରେ ସକ୍ଷମ ହୋଇପାରିଛନ୍ତି। ଭୁବନେଶ୍ୱରସ୍ଥିତ ଡୁନ୍ ଇଣ୍ଟର ନ୍ୟାଶନାଲ ସ୍କୁଲ ଆନୁକୂଲ୍ୟରେ ଚଳିତମାସ ୧୮ ଓ ୧୯ ଦୁଇଦିନ ଧରି ଆୟୋଜିତ ଏହି ରାଜ୍ୟସ୍ତରୀୟ ଶିଶୁ ବିଜ୍ଞାନ କଂଗ୍ରେସରେ ବିଭିନ୍ନ ଜିଲାରୁ ୧୦୦ରୁ ଊର୍ଦ୍ଧ୍ୱ ପ୍ରକଳ୍ପଧାରୀ ଅଂଶଗ୍ରହଣ କରିଥିଲେ। ସେଥିମଧ୍ୟରୁ ୨୬ ପ୍ରକଳ୍ପ ଜାତୀୟସ୍ତରର ପ୍ରତିଯୋଗିତାକୁ ମନୋନୀତ ହୋଇଛି। ଯାଜପୁର ଜିଲାରୁ ଖଣ୍ଡିତର ଉଚ୍ଚ ବିଦ୍ୟାଳୟର ପ୍ରକଳ୍ପ ସ୍ଥାନ ପାଇଥିବା ଖବରକୁ ନେଇ ବିଦ୍ୟାଳୟରେ ଖୁସିର ଲହରି ଖେଳିଯାଇଛି। ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ଅଟଳ ବିହାରୀ ବେହେରାଙ୍କ ମାର୍ଗଦର୍ଶନରେ ପ୍ରକଳ୍ପ ପ୍ରସ୍ତୁତ କରାଯାଇଛି। ସାମ୍ପ୍ରତିକ ପରିସ୍ଥିତିରେ ସମଗ୍ର ବିଶ୍ୱରେ ବିଶୁଦ୍ଧ ଖାଦ୍ୟ ସାମଗ୍ରୀ ପ୍ରସ୍ତୁତି ଉପରେ ଗୁରୁତ୍ୱ ଦିଆଯାଉଛି। କୃଷିରେ ରାସାୟନିକ ସାର, କୀଟନାଶକ କମ୍ ବ୍ୟବହାର ପାଇଁ ପରାମର୍ଶ ଦିଆଯାଉଛି। ଆଧୁନିକ ଚାଷକୁ ଜୈବିକ ଉପାୟରେ କରାଯାଇ କୃଷକ ଅଧିକ ଲାଭବାନ ହୋଇପାରିବା ସହ ପ୍ରକୃତି ଉପଯୋଗୀ ଉନ୍ନତ ଚାଷ କିଭଳି କରାଯାଇ ପାରିବ ତା' ଉପରେ ଗୁରୁତ୍ୱ ଦିଆଯାଇ ପ୍ରକଳ୍ପ ପ୍ରସ୍ତୁତ କରାଯାଇଛି। ଉକ୍ତ ପ୍ରକଳ୍ପ ନିର୍ମାଣର ଶୈଳୀ ଓ ଛାତ୍ରମାନଙ୍କର ଉଚ୍ଚକୋଟୀର ଉପସ୍ଥାପନା ବିଚାରକମାନଙ୍କ ଧ୍ୟାନ ଆକର୍ଷଣ କରିଛି। ଜାତୀୟସ୍ତରର ପ୍ରତିଯୋଗିତା ଚଳିତବର୍ଷ ଡିସେମ୍ବର ଶେଷ ସପ୍ତାହରେ ଅନୁଷ୍ଠିତ ହେବ। ଉକ୍ତ ପ୍ରତିଯୋଗିତାରେ ପ୍ରକଳ୍ପଧାରୀ ଛାତ୍ର ଦ୍ୱୟଙ୍କ କିପରି ଉପସ୍ଥାପନା ଆହୁରି ଅଧିକ ପ୍ରଭାବଶାଳୀ ହୋଇପାରିବ ସେ ଦିଗରେ ଗାଇଡ୍ ଶିକ୍ଷକ ବେହେରା ଅଧିକ ଗୁରୁତ୍ୱ ଦେଉଛନ୍ତି। ଏ ଦିଗରେ ସମସ୍ତ ସହଯୋଗ ବିଦ୍ୟାଳୟ ପକ୍ଷରୁ ଯୋଗାଇ ଦିଆଯିବ ବୋଲି ପ୍ରଧାନଶିକ୍ଷକ ସୁନନ୍ଦ ରାଉତ ସୂଚନା ଦେଇଛନ୍ତି। ପ୍ରକଳ୍ପର ସଫଳତା ସମ୍ପର୍କରେ ଅବଗତ ହୋଇ ଜିଲା ଶିକ୍ଷାଧିକାରୀ ନିବେଦିତା ପାଣି, ମଣ୍ଡଳ ଶିକ୍ଷାଧିକାରୀ ନିଳାମ୍ବର ମିଶ୍ର, ଜିଲା ବିଜ୍ଞାନ ନିରୀକ୍ଷକ ବିଷ୍ଣୁଚରଣ ପଣ୍ଡା, ଜାତୀୟ ଶିଶୁ ବିଜ୍ଞାନ କଂଗ୍ରେସର ଜିଲା ସଂଯୋଜକ ଡ. ଅକ୍ଷୟ କୁମାର ପଣ୍ଡା, ପ୍ରଧାନଶିକ୍ଷକ ସୁନନ୍ଦ ରାଉତ ମାର୍ଗଦର୍ଶନ ଶିକ୍ଷକ ଓ ଦୁଇ ଶିଶୁ ବୈଜ୍ଞାନିକଙ୍କୁ ଶୁଭେଚ୍ଛା ଏବଂ ଅଭିନନ୍ଦନ ଜ୍ଞାପନ କରିଛନ୍ତି। ସେମାନେ ଜାତୀୟସ୍ତରରେ ସଫଳତା ହାସଲ କରି ବିଦ୍ୟାଳୟ ଓ ତାଙ୍କ ରାଜ୍ୟ ପାଇଁ ଗୌରବ ଆଣନ୍ତୁ ବୋଲି ଆଶାପୋଷଣ କରିଛନ୍ତି।

## ଟ୍ରାକ୍ଟର ଓଲଟି ବୃଦ୍ଧ ମୃତ

ଛତିଆ,୨୨।୧୧(ସୌମ୍ୟ ରଞ୍ଜନ ସାହୁ): ବୈରୀ ଥାନା ଅନ୍ତର୍ଗତ ଶାଳପଡ଼ା ପଞ୍ଚାୟତ ବାଉଁଶମୁଳୀ ଗ୍ରାମର ମୁଖ୍ୟ ଛକଠାରେ ବୁଧବାର ଏକ ଟ୍ରାକ୍ଟର ଓଲଟି ପଡ଼ିବାରୁ ଜଣେ ବୃଦ୍ଧଙ୍କର ମୃତ୍ୟୁ ହୋଇଛି। ମୃତକ ହେଲେ ବାଉଁଶମୁଳୀ ଗ୍ରାମର କୁମର ମଲ୍ଲିକ।

ଉକ୍ତ ଗ୍ରାମର ଜଣେ ବ୍ୟକ୍ତିଙ୍କ ଟ୍ରାକ୍ଟର ଧାନ ବୋଝେଇ କରି ଗୋପାଳପୁର ଆଡ଼କୁ ଯାଉଥିବାବେଳେ କୌଣସି ଏକ କାମ କରୁଥିବା ସମୟରେ କୁମାରଙ୍କ ଉପରେ ଟ୍ରାକ୍ଟର ଚଢ଼ିଯାଇ ଓଲଟି ପଡ଼ିଥିଲା। ଫଳରେ କୁମର ଘଟଣାସ୍ଥଳରେ ଗୁରୁତର ହୋଇଥିଲେ। ତାଙ୍କୁ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇଛି। ଏଥିସହିତ ଦୁର୍ଘଟଣା ଘଟାଇଥିବା ଟ୍ରାକ୍ଟରକୁ ଜବତ କରି ତଦନ୍ତ ଆରମ୍ଭ କରିଛି। ଟ୍ରାକ୍ଟର ଚାଳକ ଫେରାର ହୋଇ ଯାଇଛନ୍ତି।

## ଚୋରି ସାମଗ୍ରୀ ଜବତ, ୨ ଗିରଫ

ଛତିଆ,୨୨।୧୧(ସୌମ୍ୟ ରଞ୍ଜନ ସାହୁ): ବୈରୀ ଥାନା ପୋଲିସ ଚୋରି ସାମଗ୍ରୀ ଜବତ କରିବା ସହ ୨ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ନୟାପାଟଣା ଗ୍ରାମର ବଳରାମ ବେହେରା ଓ ମନୋଜ କୁମାର ସାହୁ। ଉକ୍ତ ଥାନା ଅନ୍ତର୍ଗତ ଛତିଆ ବଜାର ନିକଟରେ ଥିବା ଏକ ଆଇସ୍‌କ୍ରିମ୍ କମ୍ପାନୀରୁ ପାଣିପମ୍ପ ଓ ଓଜନ କଣ୍ଟା ମେଶିନ ଗତ ସପ୍ତାହରେ ଚୋରି ହୋଇଥଲା। ଏନେଇ କମ୍ପାନୀ ମାଲିକ ପୂର୍ଣ୍ଣଚନ୍ଦ୍ର ସାହୁ ଥାନାରେ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା ନମ୍ବର ୨୨୦/୨୩ ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

# ଭୋଟକା ପଞ୍ଚାୟତରେ ବିଶ୍ୱ ପାଇଖାନା ଦିବସ



ଜଣେ ହିତାଧିକାରୀଙ୍କୁ ସରପଞ୍ଚ କାର୍ଯ୍ୟାଦେଶ ପ୍ରଦାନ କରୁଛନ୍ତି।

ରସୁଲପୁର,୨୨।୧୧(ରଞ୍ଜିତ ରାଉତ)

ରସୁଲପୁର ବ୍ଲକ ଅନ୍ତର୍ଗତ ଭୋଟକା ପଞ୍ଚାୟତରେ ବିଶ୍ୱ ପାଇଖାନା ଦିବସ-୨୦୨୩ ପାଳିତ ହୋଇଯାଇଛି। ଏହି ଅବସରରେ ଯୋଗ୍ୟ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି। ସରପଞ୍ଚ ସ୍ମୃତିରେଖା ରାଉତଙ୍କ ନେତୃତ୍ୱରେ ହିତାଧିକାରୀଙ୍କୁ ସଚେତନ କରାଯାଇଛି। କାର୍ଯ୍ୟକ୍ରମ ସମ୍ପର୍କରେ ଏମ୍‌ବିକେ ସସ୍ମିତା ଆଏଚ ମାର୍ଗଦର୍ଶନ କରିଥିଲେ। ସିଆର୍‌ପି ସୁବାସିନୀ ମଲିକ, ସୁଚିସ୍ମିତା ପତି, ଅନିମା ପଣ୍ଡା, ଉମା ସେଠୀ, ବସୁମତି ବେହେରା ଓ ସସ୍ମିତା ଆଏଚ ପ୍ରମୁଖ ହିତାଧିକାରୀଙ୍କୁ ପ୍ରୋତ୍ସାହିତ କରିବା ସହ ତୁରନ୍ତ ପାଇଖାନା ନିର୍ମାଣ କାର୍ଯ୍ୟ ଶେଷ କରିବାକୁ କହିଥିଲେ। ହିତାଧିକାରୀ ସୁଶାନ୍ତ ଦାସ, ମହେଶ୍ୱର ସାହୁ, ରତ୍ନାକର ପତି, ବାଇଧର ସାହୁ, ନୃସିଂହ ମଲିକ, ପାର୍ବତୀ ଦାସ, ରତ୍ନାକର ମଲିକ ଓ କୃପାସିନ୍ଧୁ ବେହେରା ପ୍ରମୁଖଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି। ପ୍ରତ୍ୟେକ ପରିବାରକୁ ୧୨୦୦୦ଟଙ୍କା ପ୍ରୋତ୍ସାହନରାଶି ପ୍ରଦାନ କରାଯାଉଛି। ଏହାଛଡ଼ା ନୂତନ ଭାବରେ ପାଇଖାନା ନିର୍ମାଣ କରୁଥିବା ହିତାଧିକାରୀମାନେ ଦୁଇଟି ଟାଙ୍କି ନିର୍ମାଣ କରିବାକୁ ପରାମର୍ଶ ଦିଆଯାଇଛି। ଟୁଇନ୍ ପିଟ୍ ପାଇଁ ପଞ୍ଚାୟତ ତରଫରୁ ୩ ହଜାର ଟଙ୍କା ପ୍ରୋତ୍ସାହନ ରାଶି ଯୋଗାଇ ଦିଆଯିବାକୁ ସରପଞ୍ଚ ରାଉତ ସୂଚନା ଦେଇଛନ୍ତି।

# ମଣ୍ଡଳସ୍ତରୀୟ ବିଜ୍ଞାନମେଳା




ବିଜ୍ଞାନମେଳାରେ ମଞ୍ଚାସୀନ ଅତିଥି।

ଝୁମ୍ପୁରୀ,୨୨।୧୧(ସରୋଜ ନାୟକ):

ଦଶରଥପୁର ବ୍ଲକ୍ ଅଧୀନ ମଙ୍ଗଳପୁର ମହତାବ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ମଣ୍ଡଳସ୍ତରୀୟ ବିଜ୍ଞାନମେଳା ବୁଧବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ୍ ଶିକ୍ଷାଧିକାରୀ ଅନ୍ନଦା ପ୍ରସାଦ ରଣାଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥିଭାବେ ଯାଜପୁର ବିଧାୟକଙ୍କ ପ୍ରତିନିଧି କର୍ଣ୍ଣାଟ କେଶରୀ ଦାସ ଯୋଗଦେଇ ମେଳାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ବ୍ଲକ୍ ଅଧ୍ୟକ୍ଷ ଦିଗାମ୍ବର ମଲ୍ଲିକ, ଜିଲା ପରିଷଦ ସଭ୍ୟା ମାମିନା ମଲ୍ଲିକ, ମଙ୍ଗଳପୁର ସମିତିସଭ୍ୟା ସରିତା ପଣ୍ଡା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅନୁପମା ବେହେରା, ଅବସରପ୍ରାପ୍ତ ସହଶିକ୍ଷାଧିକାରୀ ରବିନାରାୟଣ ତ୍ରିପାଠୀ, ମହତାବ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ରଜନୀକାନ୍ତ ବେହେରା, ବିଜ୍ଞାନ ସଙ୍ଗଠନ ସଭାପତି ମନୋରଞ୍ଜନ ସାମଲ, ବ୍ଲକ୍ ସହଶିକ୍ଷାଧିକାରୀ ଅଜିତ କୁମାର ଜେନା ଓ ସାବିତ୍ରୀ ସେଠୀ ପ୍ରମୁଖ ଯୋଗଦେଇଥିଲେ। ମେଳାରେ ବ୍ଲକ୍‌ର ବିଭିନ୍ନ ଉଚ୍ଚ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟର ପ୍ରାୟ ୧୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଭାଗନେଇ ସେମାନଙ୍କ ବିଜ୍ଞାନ ସମ୍ବନ୍ଧୀୟ ବିଷୟବସ୍ତୁ ପ୍ରଦର୍ଶିତ କରିଥିଲେ। ବିଚାରକମାନେ ପ୍ରତିଯୋଗୀମାନଙ୍କ ମଧ୍ୟରୁ ଶ୍ରେଷ୍ଠ ୩ ପ୍ରତିଯୋଗୀଙ୍କୁ ଚୟନ କରି ପୁରସ୍କୃତ କରିଥିଲେ। ସେମାନେ ଜିଲାସ୍ତରୀୟ ବିଜ୍ଞାନମେଳା ପ୍ରତିଯୋଗିତାରେ ଭାଗନେବାକୁ ମନୋନୀତ ହୋଇଛନ୍ତି। ଶିକ୍ଷକ ବିଶ୍ୱରଞ୍ଜନ ପୃଷ୍ଟି ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଶିକ୍ଷକ ବିଜୟ କୁମାର ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ଶିକ୍ଷକ ବିଭୂତି ଭୂଷଣ ରଣା ଧନ୍ୟବାଦ ଦେଇଥିଲେ। ବିଦ୍ୟାଳୟ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ମେହେର ସାହିତ୍ୟର ଭିତ୍ତି ଓ ଭୂମି ଶୀର୍ଷକ ଆଲୋଚନାଚକ୍ର



ଆଲୋଚନାଚକ୍ରରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

ବଡ଼ଚଣା,୨୨।୧୧(ଦିଲୀପ କୁମାର ମହାନ୍ତି):

ବଡ଼ଚଣା ବ୍ଲକ ଅନ୍ତର୍ଗତ ନୂଆହାଟସ୍ଥିତ ବିଷ୍ଣୁ ସାମନ୍ତରାୟ ମହାବିଦ୍ୟାଳୟର ଓଡ଼ିଆ, ଭାଷା ସାହିତ୍ୟ ବିଭାଗ ଆନୁକୂଲ୍ୟରେ ମେହେର ସାହିତ୍ୟର ଭିତ୍ତି ଓ ଭୂମି ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ବିଭାଗୀୟ ମୁଖ୍ୟ ଅଧ୍ୟାପକ ପ୍ରଦୀପ କୁମାର ବରାଳଙ୍କ ସଭାପତିତ୍ୱରେ ମହାବିଦ୍ୟାଳୟ ଅଧ୍ୟକ୍ଷ ପବିତ୍ର ମୋହନ ମାହାଲା ମୁଖ୍ୟଅତିଥି, ବାବା ଭୈରବାନନ୍ଦ ସ୍ୱୟଂଶାସିତ ମହାବିଦ୍ୟାଳୟର ଓଡ଼ିଆ ବିଭାଗ ମୁଖ୍ୟ ଅଧ୍ୟାପିକା ସୁକେଶିନି ସାମଲ ମୁଖ୍ୟବକ୍ତା ଭାବେ ଯୋଗଦେଇ ଆଲୋଚନାଚକ୍ରକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ମାହାଲା ଗଙ୍ଗାଧରଙ୍କ ସାରସ୍ୱତ ସାଧନା, କାବ୍ୟିକ ଚିନ୍ତାଧାରା କେତେ ଉଚ୍ଚ କୋଟିର ତା'ର ଉଦାହରଣ ଦେଇ କହିଥିଲେ। ଛାତ୍ରୀଛାତ୍ର ନିଜର ପଠନ ପକ୍ରିୟା ଜାରି ରଖି ଆଗାମୀ ଜିବନରେ ସଫଳତା ଲାଭ କରି ଶିକ୍ଷାନୁଷ୍ଠାନର ଗୌରବ ବଢାଇବା ପାଇଁ ପ୍ରେରଣା ଦେଇଥିଲେ। ମୁଖ୍ୟବକ୍ତା ସାମଲ ତାଙ୍କ ଅଭିଭାଷଣରେ ମେହେର ସାହିତ୍ୟର ଭିତ୍ତି ଯେପରି ଗଭୀର ଏହାର ଭୂମି ସେହପରି ସୁଦୂର ପ୍ରସାରୀ ବୋଲି ଅଭିମତ ଦେଇଥିଲେ। ବିଭାଗୀୟ ଅଧ୍ୟାପକ ଡ. ଦୀପକ ମିଶ୍ର ବିଷୟ ଭିତ୍ତିକ ସନ୍ଦର୍ଭ ପାଠ କରି ମେହେରଙ୍କ ଶିକ୍ଷା କିପରି ଭାରତୀୟ ପରମ୍ପରାଭିମୁଖୀ ସାହିତ୍ୟ ସୃଷ୍ଟି କରିଛି ତାହା ଦର୍ଶାଇଥିଲେ। ଅଧ୍ୟାପିକା ଡ. ସରିତା ସେଠୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଛାତ୍ରୀ ସାନୁ ମହାରଣା ଓ ହରପ୍ରିୟା ବଳ ନିଜ ନିଜର ସନ୍ଦର୍ଭ ପାଠ କରିଥିଲେ। ଅଧ୍ୟାପକ ନାରାୟଣ ଚନ୍ଦ୍ର ମୁଦୁଲି, ସାନ୍ତନୁ କୁମାର ରାଉତରାୟ, ଡ. ଭାଗ୍ୟଧର ନାୟକ, ସମ୍ଭୁନାଥ ହେମ୍ବ୍ରମ, ପୂର୍ଣ୍ଣଚନ୍ଦ୍ର ସାହୁ, ଅଧ୍ୟାପିକା ନିରୁପମା ସ୍ୱାଇଁ ପ୍ରମୁଖ ମେହେର ସାହିତ୍ୟର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଅଧ୍ୟାପକ କିଶୋର କୁମାର ସାହୁ ଧନ୍ୟବାଦ ଦେଇଥିଲେ।

## ଟ୍ରକ୍ ଭିତରେ ଚାଳକଙ୍କ ମୃତ୍ୟୁ

ପାଣିକୋଇଲି,୨୨।୧୧(ବିକାଶ ମଲ୍ଲିକ):

ପାଣିକୋଇଲିସ୍ଥିତ ଏକ କମ୍ପାନୀରେ କାର୍ଯ୍ୟରତ ଜଣେ ଟ୍ରକ୍ ଚାଳକଙ୍କର ବୁଧବାର ଗାଡ଼ି ଭିତରେ ଆକସ୍ମିକ ମୃତ୍ୟୁ ହୋଇଛି। ମୃତକ ହେଲେ ପୁରୀ ଜିଲା ସତ୍ୟବାଦୀ ଟିପୁରୀ କଣାସ ଅଞ୍ଚଳର ପ୍ରହ୍ଲାଦ ପ୍ରଧାନଙ୍କ ପୁଅ ଚିତ୍ତରଞ୍ଜନ ପ୍ରଧାନ(୨୭)। ସେ (ଓଡି-୦୨-ବିପି-୭୬୫୪) ଟ୍ରକ୍ ଚାଳକ ଭାବେ ଦେଢ ମାସ ହେବ କାମ କରୁଥିଲେ। ସକାଳ ସାଢେ ୭ଟା ବେଳେ ଗାଡିରେ ତେଲ ପକାଇବାକୁ ଡାକିବାରୁ ଚିତ୍ତରଞ୍ଜନ କୌଣସି ଉତ୍ତର ଦେଇ ନ ଥିଲେ। ଗାଡ଼ିର ଷ୍ଟେରିଙ୍ଗ ଉପରେ ନିସ୍ତେଜ ଅବସ୍ଥାରେ ଶୋଇଥିଲେ। ପରେ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ସଂସ୍ଥାର ମ୍ୟାନେଜର ପୁରୀ ଗୋପ ଥାନା ଅଞ୍ଚଳର ତପନ କୁମାର ବେଉରା ଥାନାରେ ଜଣାଇଥିଲେ। ପୋଲିସ ଏକ ଅପମୃତ୍ୟୁ ମାମଲା କରିବା ସହ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇଥିଲା। ପରେ ଏଏସ୍ଆଇ ପ୍ରତାପ କୁମାର ଗଡ଼ନାୟକ ତାଙ୍କ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରିଥିଲେ।

# ଜାରକା ରୋଟାରି କ୍ଲବର ପ୍ରତିଷ୍ଠା ଦିବସ

ଧର୍ମଶାଳା, ୨୨।୧୧ (ବଟକୃଷ୍ଣ ପରିଡ଼ା):

ଧର୍ମଶାଳା ବ୍ଲକ ଅଧୀନ ଜାରକା ରୋଟାରି କ୍ଲବର ୧୨ ତମ ପ୍ରତିଷ୍ଠା ଦିବସ ଜାରକାସ୍ଥିତ କାର୍ଯ୍ୟାଳୟରେ ପାଳିତ ହୋଇଯାଇଛି। କ୍ଲବ ସଭାପତି ଇଂ. ବିପିନ ଷଡ଼ଙ୍ଗୀଙ୍କ ପୌରୋହିତ୍ୱରେ ଅନୁଷ୍ଠିତ ଉତ୍ସବରେ ପ୍ରତିଷ୍ଠାତା ସଭାପତି ରୋଟାରିଆନ ପ୍ରଦୀପ୍ତ କୁମାର ବରାଳ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ପ୍ରତିଷ୍ଠାତା ସମ୍ପାଦକ ପ୍ରଫେସର ଜୟନ୍ତ କୁମାର ସାହୁ ଦୀର୍ଘ ୧୨ ବର୍ଷରେ ରୋଟାରି କ୍ଲବ ଜାରକା ବହୁ ସେବାମୂଳକ କାର୍ଯ୍ୟ କରିଆସିଛି ବୋଲି କହିଥିଲେ। ମାତ୍ର ୨୦ ଜଣ ସଦସ୍ୟଙ୍କୁ ନେଇ ପ୍ରତିଷ୍ଠା କରାଯାଇଥିବା ଏହି କ୍ଲବରେ ଏବେ ୪୦ ଜଣ ସଦସ୍ୟ ରହି ସେବା କାର୍ଯ୍ୟ କରୁଛନ୍ତି। ଜାରକା ରୋଟାରି କ୍ଲବ ବହୁ ସାମାଜିକ ଓ ଜନସେବା କାର୍ଯ୍ୟ କରି ସାଧାରଣ ଲୋକମାନଙ୍କ ପାଖରେ ଆଦୃତ ହୋଇପାରିଛି ବୋଲି ମତପ୍ରକାଶ ପାଇଥିଲା। କାର୍ଯ୍ୟକ୍ରମରେ ପ୍ରାକ୍ତନ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ବିଜୟ କୁମାର ଶତପଥୀ, ଅବସରପ୍ରାପ୍ତ ଅଧ୍ୟକ୍ଷ ପ୍ରଫେସର ଲକ୍ଷ୍ମୀକାନ୍ତ ଚ୍ୟାଉପଟ୍ଟନାୟକ, ରୋଟାରିଆନ ଅଜାମ୍ବର ସାହୁ, କ୍ୟାପଟେନ ତ୍ରିଲୋଚନ ବିଶ୍ୱାଳ, ସୁକାନ୍ତ ସ୍ୱାଇଁ, ଦୀପକ ଜେନା, ଜୟପ୍ରକାଶ ତ୍ରିପାଠୀ, ପ୍ରଶାନ୍ତ ପୃଷ୍ଟି, ପ୍ରମୋଦ ସାମଲ, ନିରଞ୍ଜନ ପାଣିଗ୍ରାହୀ, ରଶ୍ମୀରଞ୍ଜନ ରାୟ, ଇନରହୁଇଲର ସଭାପତି ଶୁଭଲକ୍ଷ୍ମୀ କର, ସମ୍ପାଦିକା ବିଶ୍ୱମିତ୍ରା ସାହୁ, ପୂର୍ବତନ ସଭାପତି ମାଧୁରୀ ଶତପଥୀ, ମିନତି ସାହୁ ଓ ଇନ୍ଦୁପ୍ରଭା ସାମଲ ପ୍ରମୁଖ ସମସ୍ତ ସଦସ୍ୟ ଯୋଗଦେଇ ପ୍ରତିଷ୍ଠା ଦିବସକୁ ଧୁମ୍‌ଧାମରେ ପାଳନ କରିଥିଲେ। ସମ୍ପାଦକ ଜୟଗୁରୁ ପାତ୍ର ଧନ୍ୟବାଦ ଦେଇଥିଲେ। ପରେ ସଙ୍ଗୀତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।




ରୋଟାରି କ୍ଲବର ପ୍ରତିଷ୍ଠା ଦିବସ ପାଳନ ଅବସରରେ ଉପସ୍ଥିତ ସଦସ୍ୟମାନେ।

**ଥାନାରେ ୨ ମାମଲା: ଜଣେ କୋର୍ଟଚାଲାଣ, ଜଣେ ଫେରାର**

ବାଲିକୁଦା, (ତାପସ ସ୍ୱାଇଁ) ବାଲିକୁଦା ଥାନାରେ ବୁଧବାର ୨ଟି ଚୋରା ମଦ ମାମଲା ରୁଜୁ ହୋଇଛି। ଘଟଣାରେ ଜଣେ ଚୋରା ମଦ ବେପାରୀ ଫେରାର୍ ହୋଇ ଯାଇଥିବାବେଳେ ଅନ୍ୟ ଜଣକୁ ପୋଲିସ କୋର୍ଟ ଚାଲାଣ କରିଛି। ଗିରଫ ଚୋରା ମଦ ବେପାରୀ ଜଣକ ହେଉଛନ୍ତି ବଡ଼ଗାଁ ପଞ୍ଚାୟତ ଈଶ୍ୱରପୁର ଗାଁର ମନୋଜ ଲେଙ୍କା। ତାଙ୍କ ଠାରୁ ୮.୪ ଦେଶୀ ମଦ ଜବତ ହୋଇଥିବା ବେଳେ ତାଙ୍କ ନାମରେ ନଂ. ୫୩୧/୨୩ରେ ମାମଲା ରୁଜୁ କରି କୋର୍ଟ ଚାଲାଣ କରାଯାଇଛି। ଅନ୍ୟ ଅଭିଯୁକ୍ତ ଜଣକ ହେଉଛନ୍ତି ମୁଲୁଗାଁ ପଞ୍ଚାୟତ ଦଲଣା ଗାଁର ଧୋବେଇ ସ୍ୱାଇଁ ବୋଲି ପୋଲିସ ସୂଚନା ଦେଇଛି। ଧୋବେଇଠାରୁ ଏକ ବାଇକ୍ ଜବତ ସହ ୫.୪ ବିଦେଶୀ ମଦ ଜବତ ସହ ନଂ.୫୩୦/୨୩ରେ ମାମଲା ରୁଜୁ ହୋଇଛି।



## ସଂକ୍ଷେପରେ

### ବିରାଟକଟକ ପାଣିଟାଙ୍କିରୁ ୪ ଜିଆଇ ପାଇପ ଚୋରି

ରଘୁନାଥପୁର, ୨୨।୧୧ (ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ବ୍ଲକ ଗ୍ରାମ୍ୟ ଜଳ ପରିମଳ ବିଭାଗ ଅଧୀନରେ ଥିବା ବିରାଟକଟକ ନୂଆ ପାଣିଟାଙ୍କିରୁ ୪ଟି ଜିଆଇ ପାଇପ ଚୋରି ହେବା ନେଇ ଯନ୍ତ୍ରୀ ଦୀପାଳିକା ବିଶ୍ୱାଳ ରଘୁନାଥପୁର ଥାନାରେ ଅଭିଯୋଗ କରିଛନ୍ତି। ସକାଳୁ ସ୍ଥାନୀୟ ଗ୍ରାମର ବିଭାଗୀୟ ଏସଇଏମ୍ ପାଇପ ଚୋରି ସମ୍ପର୍କରେ ଯନ୍ତ୍ରୀଙ୍କୁ ଖବର ଦେଇଥିଲେ। ସୂଚନାଯୋଗ୍ୟ, କିଛିଦିନ ପୂର୍ବରୁ ଧରାଧାରପୁର ପାଣିଟାଙ୍କିରୁ ଲକ୍ଷାଧିକ ଟଙ୍କାର ସୋଲାର ପ୍ଲେଟ ଚୋରି ହୋଇଥିବାବେଳେ ଅଦ୍ୟାବଧି ତା'ର ସାମାନ୍ୟତମ ସୁରାକ ପୋଲିସ ପାଇନି। ବାରମ୍ବାର ବିଭିନ୍ନ ଗ୍ରାମରେ ଥିବା ପାନୀୟଜଳ ପ୍ରକଳ୍ପର ଯନ୍ତ୍ରାଂଶ ଚୋରି ହେଉଥିଲେ ସୁଧା ଏହା ରହସ୍ୟ ଘେରରେ ରହିଯାଉଛି। ଏଥିରେ ଗ୍ରାମ୍ୟ ସ୍ତରରେ ନିୟୋଜିତ ଥିବା କର୍ମଚାରୀଙ୍କ ହାତ ରହୁଥିବାବେଳେ ଜାଣିଶୁଣି ଦାୟିତ୍ୱରେ ଥିବା ଅଧିକାରୀମାନେ ସେମାନଙ୍କୁ ଘଣ୍ଟ ଘୋଡାଉଛନ୍ତି ବୋଲି ଅଭିଯୋଗ ହେଉଛି। ଅନ୍ୟପକ୍ଷେ ପୋଲିସ ତଦନ୍ତରେ ଶିଥିଳ ଯୋଗୁ ବାରମ୍ବାର ଅଞ୍ଚଳରେ ଚୋରିର ମାତ୍ରା ବୃଦ୍ଧି ପାଉଛି ବୋଲି କୁହାଯାଉଛି। କାର୍ଯ୍ୟ କରୁଥିବା ଠିକାଦାର ଜିଆଇ ପାଇପଗୁଡିକ ଖୋଲି ଅଫିସରେ ଜିମା ଦେବା ପରିବର୍ତ୍ତେ ଉକ୍ତ ସ୍ଥାନରେ ରଖିଦେବାରୁ ଏପରି ଘଟିଲା ବୋଲି ଯନ୍ତ୍ରୀ ବିଶ୍ୱାଳ କହିଛନ୍ତି। ତେବେ ଚୋରି ପଛରେ କର୍ମଚାରୀଙ୍କ ହାତ ଥିବା ସେ ଜାଣିନାହାନ୍ତି ବୋଲି କହିଛନ୍ତି। ବିଧିବଦ୍ଧ ତଦନ୍ତ କରାଯାଇ ଚୋରି କରିଥିବା ଦୁର୍ବୃତ୍ତଙ୍କୁ ଲୋକଲୋଚନକୁ ଆଣିବାକୁ ସ୍ଥାନୀୟ ଗ୍ରାମବାସୀ ଦାବି କରିଛନ୍ତି।

### କୁଜଙ୍ଗ ମହାବିଦ୍ୟାଳୟରେ ରକ୍ତଦାନ ଶିବିର: ୬୨ ୟୁନିଟ୍ ରକ୍ତ ସଂଗ୍ରହ



କୁଜଙ୍ଗ ୨୨।୧୧ (ମନୋଜ ପ୍ରଧାନ)

ନୂଆ ଓ ଯୁବ ଓଡ଼ିଶା ନବୀନ ଓଡ଼ିଶା ଯୋଜନାରେ କୁଜଙ୍ଗ ମହାବିଦ୍ୟାଳୟର ସୋସିଆଲ କ୍ଲବ ଓ ଯୁବ ରେଡକ୍ରସ ଆନୁକୂଲ୍ୟରେ ବୁଧବାର ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ୬୨ ୟୁନିଟ ରକ୍ତ ସଂଗ୍ରହ ହୋଇଛି। ସମନ୍ୱିତ ଯୁବ ବିକାଶ ଯୋଜନାର ନୋଡାଲ ଅଫିସର ଅଧ୍ୟାପକ ଶିଶିର ଚନ୍ଦ୍ର ସ୍ୱାଇଁଙ୍କର ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ରକ୍ତଦାନ ଶିବିର ଆୟୋଜନ ହୋଇଯାଇଛି। ଏହି ରକ୍ତଦାନ ଶିବିରରେ ମହାବିଦ୍ୟାଳୟର ଅଧ୍ୟାପିକାଅଧ୍ୟାପକଙ୍କ ସମେତ ଛାତ୍ରୀଛାତ୍ର ରକ୍ତଦାନ କରିଥିଲେ। ଅଧ୍ୟାପିକା ସସ୍ମିତା ସାହୁ, ଶ୍ରୁତିଶ୍ରୀ ମହାନ୍ତି, ରଶ୍ମିତା ବେହେରା, ଦୀପ୍ତିମୟି ରାଉତରାୟ, ସୌଦାମିନୀ ସ୍ୱାଇଁ, ଅଧ୍ୟାପକ ସୋଲେମନ ସାହୁ, ଶୁଭ୍ରାଂସୁ ଶେଖର ସାହୁ, ବିବେକାନନ୍ଦ ରାଉତ, ଏସ୍‌ପି ନନ୍ଦ ଶର୍ମା, ବିନୋଦ ଦାସ ପ୍ରମୁଖ ରକ୍ତଦାନ କରିବା ସହ ଶିବିର ପରିଚାଳନା କରିଥିଲେ। ଉକ୍ତ ରକ୍ତଦାନ ଶିବିରରେ କଟକ ବ୍ଲଡ ବ୍ୟାଙ୍କର ଡାକ୍ତର ଓ କର୍ମଚାରୀମାନେ ଉପସ୍ଥିତ ରହି ରକ୍ତଦାତାଙ୍କଠାରୁ ରକ୍ତ ସଂଗ୍ରହ କରିଥିଲେ। ମହାବିଦ୍ୟାଳୟର କର୍ମଚାରୀ ହରେକୃଷ୍ଣ ରାଉତ ଓ ଶିବ ଚରଣ ଦାସ ସହାୟତା କରିଥିଲେ।

# ବିଲୁପ୍ତପ୍ରାୟ ମତ୍ସ୍ୟ ପ୍ରଜାତିର ପୁନରୁଦ୍ଧାର ପାଇଁ ଆହ୍ୱାନ

ଜଗତ୍‌ସିଂହପୁର, ୨୨।୧୧ (ପ୍ରମୋଦ କୁମାର ନାୟକ)

**ଜିଲାସ୍ତରୀୟ ବିଶ୍ୱ ମତ୍ସ୍ୟ ଦିବସ**
- ଅର୍ଥନୀତିରେ ମତ୍ସ୍ୟ ଚାଷର ପ୍ରମୁଖ ଭୂମିକା ରହିଛି
- ଲୁଣି ସହ ମଧୁର ଜଳରେ ଚାଷ ଅଧିକ ହେଉ

ଅର୍ଥନୈତିକ ସମୃଦ୍ଧିରେ ମତ୍ସ୍ୟ ପାଳନ ଏକ ପ୍ରମୁଖ ତଥା ଅନ୍ୟତମ ପନ୍ଥା। ଜଗତ୍‌ସିଂହପୁର ଜିଲାର ୬୭ କିମି ସମୁଦ୍ର ତଟ ରହିଛି। ଏହାର ଫାଇଦା ଉଠାଇବା ଉଚିତ। ଲୁଣି ସହ ମଧୁର ଜଳରେ ମତ୍ସ୍ୟ ଚାଷକୁ ପ୍ରୋତ୍ସାହିତ କରିବାକୁ ହେବ। ବିଶେଷକରି ନୂଆ ଜ୍ଞାନ କୌଶଳ ପ୍ରୟୋଗ କରି ଅଳ୍ପ ଜାଗାରେ ଅଧିକ ଉତ୍ପାଦନ ପାଇଁ ଉଦ୍ୟମ ହେଲେ ବାସ୍ତବ ଲକ୍ଷ୍ୟ ପୂରଣ ହେବା ସହ ମତ୍ସ୍ୟଚାଷୀଙ୍କୁ ପ୍ରୋତ୍ସାହିତ ଦେବା ଦରକାର। ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ ଆନୁକୂଲ୍ୟରେ ବିଶ୍ୱ ମତ୍ସ୍ୟ ଦିବସ ପାଳନ ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୋଗଦେଇ ଅତିରିକ୍ତ ଜିଲାପାଳ ଲଗ୍ନଜିତ ରାଉତ ଏହା କହିଛନ୍ତି। ଜିଲା ମତ୍ସ୍ୟ ଅଧିକାରୀ ରେଶମା ରାଣୀ ସିଂହ କହିଥିଲେ, ଓଡ଼ିଶା



ଜିଲାସ୍ତରୀୟ ବିଶ୍ୱ ମତ୍ସ୍ୟ ଦିବସରେ ଉପସ୍ଥିତ ଅତିଥିମାନେ।

ସରକାରଙ୍କ ପକ୍ଷରୁ ମତ୍ସ୍ୟଜୀବୀମାନଙ୍କ ପାଇଁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ ହେଉଛି। ସାମଗ୍ରୀକ ବିକାଶ ନିମନ୍ତେ ମତ୍ସ୍ୟ ଚାଷକୁ ପ୍ରୋତ୍ସାହିତ କରିବାକୁ ଓଡ଼ିଶା ସରକାର ୧୬ଟି ଯୋଜନାର ସମନ୍ୱୟରେ ଏକ ବୃହତ ଯୋଜନା ପ୍ରଣୟନ କରିଛନ୍ତି। ସେଥିରେ ମାଛ ଚାଷ ପାଇଁ ନୂଆ ପୋଖରୀ ଖୋଳା, ଗ୍ରାମ ପଞ୍ଚାୟତ ପୋଖରୀରେ ମହିଳା ଏସ୍‌ଏଚ୍‌ଜିଙ୍କୁ ମାଛ ଚାଷ ପାଇଁ ସହାୟତା, ସେମାନଙ୍କ ପାଇଁ ପୁଞ୍ଜି ବ୍ୟବସ୍ଥା, ଜୈବପୁଞ୍ଜ ପଦ୍ଧତିରେ ସଘନ ମାଛ ଓ ଚିଙ୍ଗୁଡି ଚାଷ, ଜାଆଁଳ ଉତ୍ପାଦନକାରୀଙ୍କୁ ଇନପୁଟ ସହାୟତା, ଚାଷ ନିମନ୍ତେ ଯନ୍ତ୍ରପାତି ବ୍ୟବହାର ପାଇଁ ପ୍ରୋତ୍ସାହନ, ମତ୍ସ୍ୟଜୀବୀ ପରିବାରକୁ ମେଧାବୀ ଛାତ୍ର ବୃତ୍ତି, ଏସ୍‌ଏଚ୍‌ଜି ମାଧ୍ୟମରେ ବୟୋଫ୍ଲକ ପଦ୍ଧତିରେ ମାଛ ଚାଷ, ମତ୍ସ୍ୟ ସମବାୟ ସମିତିର ପୁନଃଭ୍ରମଣ, ଫାର୍ମ ପୋଖରୀରେ ମାଛ ଚାଷ, ଯାଆଁଳ ଉତ୍ପାଦନ କେନ୍ଦ୍ରରେ ଆଗୁଆ ପ୍ରଜନନ କାର୍ଯ୍ୟ ଆଦି ଏହି ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି। ଜିଲା ମତ୍ସ୍ୟ ଅଧିକାରୀ ରେଶମା ସିଂହ ବିଲୁପ୍ତ ପ୍ରାୟ ମତ୍ସ୍ୟ ପ୍ରଜାତିର ପୁନରୁଦ୍ଧାର ଉପରେ ଗୁରୁତ୍ୱ ଦେଇ ଏଥିପାଇଁ ମତ୍ସ୍ୟଜୀବୀମାନେ ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଯୋଗଦେଇ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ କୈଳାସ ଚନ୍ଦ୍ର ମଲ୍ଲିକ ଆର୍ଥିକ ଉନ୍ନତି ସହ ଦେଶର ପ୍ରଗତିରେ ମତ୍ସ୍ୟ ଚାଷର ସହଭାଗିତା ଉପରେ ଗୁରୁତ୍ୱ ଦେଇଥିଲେ। ଉଦ୍ୟାନ କୃଷି ସହକାରୀ ନିର୍ଦ୍ଦେଶକ ଅନିଲ କୁମାର ସେଠୀ ମତ୍ସ୍ୟ ସମ୍ପଦକୁ ସୁବ୍ୟବସ୍ଥିତ ପରିଚାଳନା କରି ଉନ୍ନତି ଆଣିବା ଉପରେ ଜୋର ଦେଇଥିଲେ। ଏଥିସହ ଜଗତ୍‌ସିଂହପୁର ଜିଲାର ପରିବେଶ ମତ୍ସ୍ୟ ଉତ୍ପାଦନ ନିମନ୍ତେ ଉପଯୋଗ ହୋଇଥିବାରୁ ଏହାର ଠିକ୍ ଉପଯୋଗ କରିବାକୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୃତ୍ତିକା ସଂରକ୍ଷଣ ବିଭାଗ ସହକାରୀ ନିର୍ଦ୍ଦେଶକ ପ୍ରଭାକର ନାୟକଙ୍କ ସମେତ ଜିଲା କୃଷି ବିଜ୍ଞାନ କେନ୍ଦ୍ର (ମତ୍ସ୍ୟ ବିଭାଗ) ପ୍ରୋଗ୍ରାମ ଆସିଷ୍ଟାଣ୍ଟ ସରିତା ଦାସ ବୈଜ୍ଞାନିକ ଜ୍ଞାନ କୌଶଳ ତଥା ପ୍ରଯୁକ୍ତି ବିଦ୍ୟାର ଉପଯୋଗ କରି ସଷ୍ଟେନେବୁଲ ଆକ୍ୱାକଲଚର ଉପରେ କହିଥିଲେ। ସେ ଉପସ୍ଥିତ ଚାଷୀଙ୍କୁ ମାଛ ଚାଷ ସହ ସମନ୍ୱୟରେ ଅନ୍ୟ ଚାଷ କରିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଜିଲାର ସଫଳ ମତ୍ସ୍ୟ ଚାଷୀଙ୍କୁ ପୁରସ୍କୃତ କରାଯାଇଥିଲା। ମତ୍ସ୍ୟ ସମ୍ପଦ ଯୋଜନା ରାଜ୍ୟ ପ୍ରକଳ୍ପ ପରିଚାଳକ ଅର୍ଦ୍ଧେନ୍ଦୁ ଶେଖର ମହାନ୍ତି ଅତିଥି ପରିଚୟ, ସ୍ୱାଗତ ଭାଷଣ ଓ ଶେଷରେ ଧନ୍ୟବାଦ ଦେଇଥିଲେ। ସଭାରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗର କର୍ମକର୍ତ୍ତା, ମତ୍ସ୍ୟଜୀବୀ, ସାମୁଦ୍ରିକ ମତ୍ସ୍ୟଜୀବୀ, ପ୍ରାଥମିକ ମତ୍ସ୍ୟଜୀବୀ ସମିତିର ସଭ୍ୟ, ସାଗର ମିତ୍ର, ବିଭିନ୍ନ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ରାଜ୍ୟ ମାନବାଧିକାର ଆୟୋଗଙ୍କ ଜଗତ୍‌ସିଂହପୁର ଜିଲା ଗସ୍ତ

ଜଗତସିଂହପୁର, ୨୨।୧୧ (ପ୍ରମୋଦ କୁମାର ନାୟକ)

ଜିଲାର କୌଣସି ଲୋକଙ୍କ ମାନବାଧିକାର ଯେପରି କ୍ଷୁର୍ଣ୍ଣ ନ ହୁଏ ଅର୍ଥାତ୍ ମାନବାଧିକାର ଉଲ୍ଲଙ୍ଘନ ନ ହୁଏ ସେଥିପ୍ରତି ପ୍ରତ୍ୟେକ ଦାୟିତ୍ୱବାନ ହେବାକୁ ପଡିବ। ଏହାବାଦ୍ ୫-ଟି ଅଧ୍ୟକ୍ଷ ଭି.କେ. ପାଣ୍ଡିଆନଙ୍କ ନିର୍ଦ୍ଦେଶନାମାରେ ଚାଲିଥିବା ସମସ୍ତ ୫-ଟି ନିର୍ମାଣ କାର୍ଯ୍ୟକ୍ରମ ଠିକ୍ ଭାବେ ହେବା ଜରୁରୀ। ରାଜ୍ୟ ମାନବାଧିକାର ଆୟୋଗ ସଦସ୍ୟ ଚିତ୍ତରଞ୍ଜନ ମହାପାତ୍ର ୨ ଦିନିଆ ଜଗତ୍‌ସିଂହପୁର ଜିଲା ଗସ୍ତରେ ଆସି ଏହା କହିଛନ୍ତି। ସେ ପ୍ରଥମେ ଜିଲାପାଳ ପାରୁଲ ପଟାୱରୀ ଓ ଏସ୍‌ପି ରାହୁଲ ପିଆର୍‌ଙ୍କ ସହିତ ଜିଲାର ମାନବାଧିକାର ସ୍ଥିତି ସମ୍ପର୍କରେ ଆଲୋଚନା କରିଥିଲେ। ପରେ ଜିଲା ମୁଖ୍ୟ ଚିକିତ୍ସାଳୟ ଗସ୍ତ କରି ବିଭିନ୍ନ ୱାର୍ଡରେ ରୋଗୀଙ୍କ ସୁବିଧା ଓ ଅସୁବିଧା



ରାଜ୍ୟ ମାନବାଧିକାର ଆୟୋଗ ସଦସ୍ୟ ଚିତ୍ତରଞ୍ଜନ ମହାପାତ୍ର ଓ ଅନ୍ୟମାନେ।

ବିଷୟରେ ପଚାରି ବୁଝିଥିଲେ। ଏହି ସମୟରେ ଅତିରିକ୍ତ ଜିଲାପାଳ ଲଗ୍ନଜିତ ରାଉତ, ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ କ୍ଷେତ୍ରବାସୀ ଦାଶ ଉପସ୍ଥିତ ରହି ସମସ୍ତ ଆବଶ୍ୟକ ସୂଚନା ଦେଇଥିଲେ। ସ୍ଥାନୀୟ ସର୍କିଟ ହାଉସ ପରିସରରେ ବିଭାଗୀୟ ଅଧିକାରୀମାନଙ୍କ ସହ ସମୀକ୍ଷା କଲାବେଳେ ଜଗତ୍‌ସିଂହପୁର ଜଳସମ୍ପଦ ଅଧୀକ୍ଷଣ ଯନ୍ତ୍ରୀ ପ୍ରଦୀପ କୁମାର ନାୟକ, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ଅଧୀକ୍ଷଣ ଯନ୍ତ୍ରୀ କିଶୋର କବି, ଉପ ଆରକ୍ଷୀ ଅଧୀକ୍ଷକ ପ୍ରଦୀପ କୁମାର କେରକେଟା, ଜିଲା ଶିକ୍ଷା ଅଧିକାରୀ ନିରଞ୍ଜନ ବେହେରା, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୁନୀଲ କୁମାର ନାୟକ ଓ ଜିଲା ସମାଜ ମଙ୍ଗଳ ଅଧିକାରୀ ଉପସ୍ଥିତ ଥିଲେ।

## ୨ ରାଜପଥ ଲୁଟେରା ଗିରଫ: ସୁନା, ଟଙ୍କା ଜବତ

ପାରାଦୀପ/କୁଜଙ୍ଗ, ୨୨।୧୧ (ଶରତ ରାଉତ/ମନୋଜ ପ୍ରଧାନ)

ରାଜପଥରୁ ଜଣେ ବ୍ୟକ୍ତିଙ୍କୁ ମାଡ ମାରି ତାଙ୍କଠାରୁ ସୁନା ଗହଣା ଓ ଟଙ୍କା ଛଡାଇ ନେବା ଅଭିଯୋଗରେ ପାରାଦୀପ ଲକ୍ ଥାନା ପୋଲିସ ୨ ଜଣଙ୍କୁ ଗିରଫ କରିଛି। ପାରାଦୀପ ଆଦର୍ଶ ଥାନା ଅନ୍ତର୍ଗତ ମଧୁବନ ଅଞ୍ଚଳରେ ରହୁଥିବା ପୁରୁଷୋତ୍ତମ ବେଉରା ୧୮ ତାରିଖ ସନ୍ଧ୍ୟାରେ କୁଜଙ୍ଗ ବ୍ଲକ ଅନ୍ତର୍ଗତ ପାରାଦୀପଗଡ ଶନିମନ୍ଦିରକୁ ପୂଜା କରିବାକୁ ଆସିଥିଲେ। ପୂଜା ପରେ ତାଙ୍କୁ ଶୌଚ ଲାଗିବାରୁ ସେ ନିକଟସ୍ଥ ଶାନ୍ତି ମନ୍ଦିର ପଛ ପଟ ପଡିଆକୁ ଯାଇଥିଲେ। ସେହି ସମୟରେ ୨ଜଣ ଅଜଣା ଯୁବକ ସେଠାରେ ପୁରୁଷୋତ୍ତମଙ୍କୁ ଏକୁଟିଆ ପାଇ ମାଡମାରି ଆହତ କରିବା ସଙ୍ଗେ ସଙ୍ଗେ ସେ ପିନ୍ଧିଥିବା ୩୦ ଗ୍ରାମର ସୁନାଚେନ, ୨୦ଗ୍ରାମ ଓଜନର ୨ଟି ମୁଦି ଓ ତାଙ୍କ ପାଖରେ ଥିବା ୮ଶହ ଟଙ୍କା ଲୁଟି ନେଇଥିଲେ। ତାଙ୍କ ମୁଣ୍ଡରେ ଆଘାତ ଲାଗିଥିବାରୁ ସେ ଚିକିତ୍ସା ନିମନ୍ତେ ଡାକ୍ତରଖାନା ଯାଇଥିଲେ। ପରଦିନ ଅର୍ଥାତ ୧୯ ତାରିଖ ସକାଳ ୭ଟାରେ ସେ ପାରାଦୀପ ଲକ୍ ଥାନାରେ ଅଭିଯୋଗ କରିଥିଲେ।

ପୋଲିସ ଅଭିଯୋଗକୁ ଭିତ୍ତିକରି ନଂ.୫୨୫/୨୩ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ପୋଲିସ ଅନୁସନ୍ଧାନରୁ ଜାଣିବାକୁ ପାଇଥିଲା ପାରାଦୀପ ଗଡ ଗ୍ରାମରେ ରହୁଥିବା ନୟାଗଡ଼ ଜିଲା ରଣପୁର ଥାନା ଦୁସୁମା ଗ୍ରାମର ଦୀପକ ଦଳାଇ ଓ ପାରାଦୀପଗଡ ଗ୍ରାମର କାହ୍ନୁ ମଲ୍ଲିକ ଏହି ଲୁଟ ଘଟଣାରେ ସମ୍ପୃକ୍ତ ଅଛନ୍ତି। ସେମାନଙ୍କୁ ପୋଲିସ ୨୧ ତାରିଖରେ ଗିରଫ କରିବା ସହ ଲୁଟ ହୋଇଥିବା ସୁନା ଗହଣା ଓ ଟଙ୍କା ସମେତ ବ୍ୟବହାର କରୁଥିବା ବାଇକ୍ (ନଂ. ଓଡି ୨୧ଜେ ୮୮୯୦) ଜବତ କରିଥିଲା। ବୁଧବାର ଉଭୟଙ୍କୁ କୁଜଙ୍ଗ ବିଚାର ବିଭାଗୀୟ ଅଦାଲତକୁ ପଠାଇ ଦିଆଯାଇଥିବା ଆଇଆଇସି କୁଳମଣି ସେଠୀ କହିଛନ୍ତି।

## ରେଡୁଆ ମୋ ସ୍କୁଲ ଅଭିଯାନର ସୋସିଆଲ ଅଡିଟ



ରେଡୁଆ କଲେଜରେ ପ୍ରଶାସନିକ ଅଧିକାରୀମାନେ ଅଡିଟ କରୁଛନ୍ତି।

ରଘୁନାଥପୁର, ୨୨।୧୧ (ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ବ୍ଲକ ରେଡୁଆ ସ୍ଥିତ ବୃନ୍ଦାବନ ଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟରେ ଶିକ୍ଷା ବିଭାଗ ପକ୍ଷରୁ ମୋ ସ୍କୁଲ ଅଭିଯାନର ସୋସିଆଲ ଅଡିଟ କରାଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ରିତା ରାଉତଙ୍କ ତତ୍ତ୍ୱାବଧାନରେ ସିଆର୍‌ସିସି ତରୁଣ କୁମାର ଜେନା ୨୦୧୭ଠାରୁ ମୋ ସ୍କୁଲ ଅଭିଯାନର ରେକର୍ଡ ପତ୍ର ଓ ୨୦୨୧ ସ୍କୁଲରେ ହୋଇଥିବା ୫ଟି ରୂପାନ୍ତରିକରଣ କାର୍ଯ୍ୟର ଖର୍ଚ୍ଚ ସମ୍ପର୍କରେ ଅଡିଟ କରିଥିଲେ। ଏବିଇଓ ମେନକା ମହାପାତ୍ର, ସ୍ଥାନୀୟ ଗୁଆଲିପୁର ସ୍କୁଲର ପ୍ରଧାନ ଶିକ୍ଷକ ହିମାଂଶୁ ସାହୁ, ବିଦ୍ୟାଳୟର ଆଲମିନି ସଭାପତି ବ୍ରଜ କିଶୋର ସ୍ୱାଇଁ ଓ ସମ୍ପାଦକ ବିଜନ ମହାପାତ୍ର, ପରିଚାଳନା କମିଟି ସଭାପତି ମିନାମଞ୍ଜରୀ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ମୋ ସ୍କୁଲ ଅଭିଯାନରେ ପୁରାତନ ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଆର୍ଥିକ ସହାୟତାର ରେଜିଷ୍ଟର, କ୍ୟାସବୁକ, ରିଜୋଲେଶନ ବୁକ, ବ୍ୟାଙ୍କ ପାସ୍‌ବୁକ, ବାର୍ଷିକ ଖର୍ଚ୍ଚର ହିସାବ, ଆସେଟ ରେଜିଷ୍ଟରକୁ ତନଖି କରାଯିବା ସହ ବିଭିନ୍ନ ଉପକରଣ ତଥା ସାମଗ୍ରୀର ଫୋଟୋ କପି ଉଠା ଯାଇଥିଲା। ସ୍କୁଲର ଉପକରଣ ଓ ରେକର୍ଡ ପତ୍ର ଠିକ୍‌ଠାକ ରହିଥିବା ଏବଂ ଏ ସମ୍ପର୍କରେ ରିପୋର୍ଟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ପ୍ରଦାନ କରାଯିବ ବୋଲି ସିଆର୍‌ସିସି ଜେନା ପ୍ରକାଶ କରିଛନ୍ତି।

## ବାଲିଘରର ଶାରଦୀୟ ବିଶେଷାଙ୍କ ସଂଖ୍ୟା ଉନ୍ମୋଚିତ

ତିର୍ତ୍ତୋଲ, ୨୨।୧୧ (ଗୌରାଙ୍ଗ ଚରଣ ସ୍ୱାଇଁ)

ଜଗତ୍‌ସିଂହପୁର ଜିଲାର ପୁରାତନ ବାଲିଘର ସାହିତ୍ୟ ସଂସ୍କୃତି ପ୍ରତିଷ୍ଠାନ ଓ ବାଲିଘର ଫାଉଣ୍ଡେଶନର ଶିଶୁ କିଶୋର ସାହିତ୍ୟ ପତ୍ରିକା ବାଲିଘର ଶାରଦୀୟ ସଂଖ୍ୟା ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଯାଇଛି। ତିର୍ତ୍ତୋଲ ବ୍ଲକ ଇଦ୍ରିସିଂ ସ୍ଥିତ ପ୍ରସିଦ୍ଧ ଦେବୀ ପୀଠ ମା' ଉତ୍ତରେଶ୍ୱରୀଙ୍କ ମନ୍ଦିର ପରିସରରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଫାଉଣ୍ଡେଶନର ଅଧ୍ୟକ୍ଷ କୈଳାସ ଚନ୍ଦ୍ର ସ୍ୱାଇଁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଓ କବି ହୃଷୀକେଶ ଜେନାଙ୍କ ସଭାପତିତ୍ୱରେ ଏହା ଅନୁଷ୍ଠିତ ହୋଇଥିଲା। ଏଥିରେ ବହୁ ବୁଦ୍ଧିଜୀବୀ, ସାରସ୍ୱତ ସାଧକ ଓ ଶୁଭେଚ୍ଛୁ ବନ୍ଧୁମାନେ ଉପସ୍ଥିତ ରହିଥିଲେ। ଏହି ଆସରରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ଅତିରିକ୍ତ ଜିଲାପାଳ ନାରାୟଣ ନାୟକ, ମୁଖ୍ୟବକ୍ତା ପଣ୍ଡିତ ନାଗମଣୀ କର, ବରେଣ୍ୟ ଅତିଥି ଶିକ୍ଷାବିତ୍ ପଣ୍ଡିତ ରବିନାରାୟଣ ପଣ୍ଡା, କବି ଓ ଗାଳ୍ପିକ କୈଳାସ ଚନ୍ଦ୍ର ପ୍ରଧାନ, ସୁସାହିତ୍ୟିକ ଶ୍ୟାମ ସୁନ୍ଦର ବେହେରା, ଶିକ୍ଷୟିତ୍ରୀ କବିତା ଦାସ, କବୟିତ୍ରୀ ପ୍ରିୟମ୍ବଦା ଦାସ, ସାମାଜିକ କର୍ମୀ ତନୁଶ୍ରୀ ମହାନ୍ତି, ଖବରଦାତା ପ୍ରମୋଦ କୁମାର ଦାସ, ଶ୍ରୀକାନ୍ତ ଦାଶ ଓ ତୃପ୍ତି ରଞ୍ଜନ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଗ୍ରାମାଞ୍ଚଳରେ ଦୀର୍ଘ ୩୩ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଓଡ଼ିଆ ଭାଷା ସାହିତ୍ୟର ସୁରକ୍ଷା ଓ ପ୍ରସାର ପ୍ରଚାର ଦିଗରେ କାର୍ଯ୍ୟ କରିବା ସହ ପତ୍ରିକା ମାଧ୍ୟମରେ ସଚେତନତା ବାର୍ତ୍ତା ଦେଇ ଆସୁଥିବା ଏହି ପତ୍ରିକା ସ୍ୱତନ୍ତ୍ର ବୋଲି ବକ୍ତାମାନେ କହିଥିଲେ। ଏଥିସହ ନୂତନ ପ୍ରତିଭାମାନଙ୍କୁ ପ୍ରୋତ୍ସାହିତ କରିବା ଦିଗରେ ବାଲିଘର ଏକ ବଳିଷ୍ଠ ଭୂମିକା ଗ୍ରହଣ କରିଛି ବୋଲି ମତପ୍ରକାଶ ପାଇଥିଲା। ଶେଷରେ ଗୌରାଙ୍ଗ ସ୍ୱାଇଁ କାର୍ଯ୍ୟକ୍ରମର ସଫଳତା ପାଇଁ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।



ଶିଶୁ କିଶୋର ସାହିତ୍ୟ ପତ୍ରିକା ବାଲିଘରକୁ ଅତିଥିମାନେ ଉନ୍ମୋଚିତ କରୁଛନ୍ତି।

## ପାରାଦୀପ କଲେଜରେ ଛାତ୍ରୀଛାତ୍ର କଲେ ରଙ୍ଗୋଲି



ଛାତ୍ରୀମାନେ ମରୁଜରେ ଚିତ୍ର ଆଙ୍କୁଛନ୍ତି।

ପାରାଦୀପ, ୨୨।୧୧ (ଶରତ ରାଉତ)

ପାରାଦୀପ କଲେଜ ଛାତ୍ରୀଛାତ୍ରମାନେ ବୁଧବାର ବିଭିନ୍ନ ପ୍ରକାର ପ୍ରତିଯୋଗିତାରେ ଭାଗ ନେଇଥିଲେ। ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଅନୁଯାୟୀ ଏହା କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମ, ବକ୍ତୃତା, ନୃତ୍ୟ, ହାସ୍ୟ କଳାକାରଙ୍କ ମନୋରଞ୍ଜନ ଏବଂ ଛାତ୍ରୀଛାତ୍ରମାନେ ରଙ୍ଗୋଲି ଝୋଟି ଚିତା ଆଦି କରିଥିଲେ। କଲେଜ ଅଧ୍ୟକ୍ଷା ସସ୍ମିତା ଶତପଥୀଙ୍କ ନେତୃତ୍ୱରେ ସ୍ମିତା ବିଶ୍ୱାଳ, ସନ୍ତୋଷ କୁମାର ସାମଲ, ଗଣେଶ୍ୱର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମ ମାସେ ପର୍ଯ୍ୟନ୍ତ ଚାଲିବ।

## କଂଗ୍ରେସର ବୁଥ୍, ଏଜେଣ୍ଟ ପରିଚାଳନା ପ୍ରଶିକ୍ଷଣ ଶିବିର

ବିରିଡି, ୨୨।୧୧ (ପ୍ରଶାନ୍ତ କୁମାର ରାଉତ)

ବିରିଡି ବ୍ଲକ କଂଗ୍ରେସର ବୁଥ୍ ଓ ଏଜେଣ୍ଟ ପରିଚାଳନା ପ୍ରଶିକ୍ଷଣ ଶିବିର ହାଜିପୁର ସ୍ଥିତ ମା'ତାରେଣୀ ମଣ୍ଡପଠାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ଜଗତ୍‌ସିଂହପୁର ଜିଲା କଂଗ୍ରେସ ସଭାପତି ନଟବର ବାରିକ ଉଦ୍‌ଘାଟନ କରିଥିଲେ। ବିଶେଷ କରି ଆଗାମୀ ବିଧାନସଭା ନିର୍ବାଚନ ଲାଗି କଂଗ୍ରେସ ଏହି କାର୍ଯ୍ୟକ୍ରମ କର୍ମୀମାନଙ୍କୁ ଉତ୍ସାହ ଯୋଗାଇବା ସହ ମନ ଭିତରେ ଶାସକ ଦଳ ସହ ଲଢେଇ କରିବାର ସାହାସ ଯୋଗାଇବ ବୋଲି ଜିଲା ସଭାପତି ବାରିକ କହିଥିଲେ। ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀର କଂଗ୍ରେସ ନେତା ଇଂ. ହିମାଂଶୁ ମଲ୍ଲିକଙ୍କ ନେତୃତ୍ୱରେ ବିରିଡି ବ୍ଲକ କଂଗ୍ରେସ ସଭାପତି ପ୍ରିୟବ୍ରତ ମିଶ୍ରଙ୍କ ଆୟୋଜନରେ ଅନୁଷ୍ଠିତ ପ୍ରଶିକ୍ଷଣ ଶିବିରରେ ପ୍ରଶିକ୍ଷକ ଭାବେ ଦେବପ୍ରସାଦ ନାୟକ ଉପସ୍ଥିତ ରହି ବ୍ଲକର ପ୍ରତି ବୁଥର ଏଜେଣ୍ଟମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ସୋସିଆଲ ମିଡିଆ ଉପରେ ସାଇ ପ୍ରଭଞ୍ଜନ ମହାପାତ୍ର ଉପସ୍ଥିତ କର୍ମୀମାନଙ୍କୁ ବୁଝାଇ ଥିଲେ। ପ୍ରଶିକ୍ଷକ ନାୟକ ପ୍ରଶିକ୍ଷଣକୁ ଦୁଇ ଭାଗରେ ବିଭକ୍ତ କରିଥିଲେ। ପ୍ରଥମେ ମାନସିକ ଓ ଶାରିରୀକ ପ୍ରଶିକ୍ଷଣ ଦିଆଯାଇଥିଲା। ପୋଲିଂ ଏଜେଣ୍ଟମାନଙ୍କ ଭୂମିକା, ମତଦାନ ଓ ନିର୍ବାଚନ ପରିଚାଳନା ପ୍ରକ୍ରିୟା, ଠିକ୍ ତଥ୍ୟର ଆଦାନ ପ୍ରଦାନ, ବୃହତ ରାଜନୈତିକ ପରିଚାଳନା, ସୂକ୍ଷ୍ମ ରାଜନୈତିକ ପରିଚାଳନା ଉପରେ ପ୍ରଶିକ୍ଷଣ ଦିଆଯାଇଥିଲା। ଭୋଟ ହାତେଇବାକୁ ହେଲେ ଭୋଟରମାନଙ୍କ ସହ କିପରି ଭାବ ସୃଷ୍ଟି କରିବା, ଅନ୍ୟ ଦଳର ଅସନ୍ତୁଷ୍ଟମାନଙ୍କୁ କିପରି କଂଗ୍ରେସକୁ ଅଣାଯିବ ତାହା ଉପରେ ସବିଶେଷ ତଥ୍ୟ ଉପସ୍ଥାପିତ ହୋଇଥିଲା। ଏଥିରେ ଇଭିଏମ୍ ଉପରେ ତାଲିମ ପ୍ରଦାନ କରାଯାଇଥିଲା। ଏଥିରେ ତିର୍ତ୍ତୋଲ ବ୍ଲକ କଂଗ୍ରେସ ସଭାପତି ନିରଞ୍ଜନ ନାୟକ, ରଘୁନାଥପୁର ବ୍ଲକ କଂଗ୍ରେସ ସଭାପତି ଆର୍ତ୍ତତ୍ରାଣ ପଣ୍ଡା ଯୋଗ ଦେଇଥିବା ବେଳେ ନିର୍ବାଚନ ମଣ୍ଡଳୀର ପୂର୍ବତନ ଯୁବ କଂଗ୍ରେସ ସଭାପତି ବେଦଦ୍ୱିତି ପୃଷ୍ଟି ଧନ୍ୟବାଦ ଦେଇଥିଲେ।




ଶିବିରରେ କର୍ମମାନଙ୍କୁ ପ୍ରଶିକ୍ଷଣ ଦିଆଯାଉଛି।

## ଡବ୍ଲ୍ୟୁଟିଆଇ ପକ୍ଷରୁ କୁମ୍ଭୀର ଆକ୍ରମଣ ନେଇ ସର୍ଭେ

ପଟ୍ଟାମୁଣ୍ଡାଇ, ୨୨।୧୧ (କଳ୍ପତରୁ ନାୟକ)

କେନ୍ଦ୍ରାପଡା ଜିଲ୍ଲା ପଟ୍ଟାମୁଣ୍ଡାଇ ବ୍ଲକରେ କୁମ୍ଭୀର ଆକ୍ରମଣରେ ଚଳିତବର୍ଷ ୬ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ଏକାଧିକ ଲୋକ ଆହତ ହୋଇଛନ୍ତି। ଏଭଳି ଏକ ଅଭାବନୀୟ ପରିସ୍ଥିତିରେ ୱାଇଲଡ଼ ଲାଇଫ ଟ୍ରଷ୍ଟ ଅଫ ଇଣ୍ଡିଆ (ଡବ୍ଲ୍ୟୁଟିଆଇ) ପକ୍ଷରୁ ବିଗତ ବର୍ଷମାନଙ୍କ କୁମ୍ଭୀର ଆକ୍ରମଣରେ ମୃତ ଓ ଆହତ ସମ୍ପର୍କରେ ସର୍ଭେ କରାଯାଇଛି। ଏ ଦିଗରେ ସୁରକ୍ଷିତ ରହିବା ପାଇଁ ସଚେତନତା ଅଭିଯାନ ଆରମ୍ଭ ହୋଇଛି। ଡ଼ବ୍ଲ୍ୟୁଟିଆଇ ପ୍ରକଳ୍ପ ମୁଖ୍ୟ ରୁତିକା ନାଥ ଓ ଡ. ବିଶ୍ୱଜିତ ପଣ୍ଡାଙ୍କ ନେତୃତ୍ୱରେ ରାଜେଶ ମହାରଣା, କାହ୍ନା ନାୟକ ପ୍ରମୁଖ ପଟ୍ଟାମୁଣ୍ଡାଇ ବ୍ଲକର ନୀଳକଣ୍ଠପୁର, ଜଗନ୍ନାଥପୁର, ମଣ୍ଡପଡ଼ା ଆଦି ଗ୍ରାମକୁ ଯାଇ କୁମ୍ଭୀର ଆକ୍ରମଣରେ ମୃତ ଓ ଆହତ ପରିବାରକୁ ଭେଟିଥିଲେ। ସେମାନେ କୁମ୍ଭୀର ଆକ୍ରମଣର ବିଭିନ୍ନ ଦିଗ ଓ ସୁରକ୍ଷା ତଥା ସତର୍କତା ଉପରେ ଆଲୋଚନା କରିଥିଲେ। ଏହି ଟିମ କୁମ୍ଭୀର ଆକ୍ରମଣରେ ୨୦୧୯ରେ ମୃତ୍ୟୁ ହୋଇଥିବା ନୀଳକଣ୍ଠପୁରର ଚନ୍ଦନ ଦେଙ୍କ ପରିବାରକୁ ଭେଟି ସବିଶେଷ ତଥ୍ୟ ହାସଲ କରିଥିଲେ। କୁମ୍ଭୀର ଆକ୍ରମଣ ନେଇ ସର୍ଭେ କରିଥିବା ଏହି ସଂସ୍ଥା ଏହାର ସୁରକ୍ଷା, ନିରାକରଣ ଉପରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନିକଟରେ ପ୍ରସ୍ତାବ ଦେବାର କାର୍ଯ୍ୟକ୍ରମ ରହିଛି। ସଂସ୍ଥାର ଏହି କାର୍ଯ୍ୟକ୍ରମକୁ ସାଧାରଣରେ ଉଚ୍ଚ ପ୍ରଶଂସା କରାଯାଇଛି। ଆଗାମୀଦିନରେ ପଟ୍ଟାମୁଣ୍ଡାଇ, ରାଜନଗର, ଆଳି, ରାଜକନିକା ସମେତ ଜିଲାର ବିଭିନ୍ନ ବ୍ଲକରେ ସର୍ଭେ ଓ ସଚେତନତା କାର୍ଯ୍ୟକ୍ରମ କରାଯିବ ବୋଲି ପ୍ରକଳ୍ପ ମୁଖ୍ୟ ରୁତିକା ନାଥ ସୂଚନା ଦେଇଛନ୍ତି। ସମ୍ପ୍ରତି ପଟ୍ଟାମୁଣ୍ଡାଇ ଅଞ୍ଚଳର ବିଭିନ୍ନ ନଦୀ ଓ କେନାଲଗୁଡିକରେ କୁମ୍ଭୀର ଉପଦ୍ରବ ଦେଖିବାକୁ ମିଳିଛି। କୁମ୍ଭୀର ଆକ୍ରମଣରେ ଚଳିତବର୍ଷ ପଟ୍ଟାମୁଣ୍ଡାଇ ବ୍ଲକରେ ୬ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ଏକାଧିକ ଲୋକ ଆହତ ହୋଇଛନ୍ତି। ସତେ ଯେମିତି ମଣିଷ କୁମ୍ଭୀର ମଧ୍ୟରେ ଲଢେଇ ଆରମ୍ଭ ହୋଇଛି। ସାଧାରଣ ଜନତାଙ୍କ ସୁରକ୍ଷା ବିପନ୍ନ ହୋଇଥିବାରୁ ଲୋକମାନେ ନଦୀ ମଧ୍ୟକୁ ଯିବାକୁ ଭୟ କରିଛନ୍ତି। କୁମ୍ଭୀର ଆକ୍ରମଣରୁ ସୁରକ୍ଷା ଦେବା ପାଇଁ ବନବିଭାଗର ସମସ୍ତ ଉଦ୍ୟମ ଫଳପ୍ରଦ ହୋଇପାରୁନାହିଁ ବୋଲି ସାଧାରଣରେ ମତପ୍ରକାଶ ପାଇଛି।



ଡବ୍ଲ୍ୟୁଟିଆଇ ସଦସ୍ୟ କୁମ୍ଭୀର ଆକ୍ରମଣ କରିଥିବା ପରିବାରକୁ ଭେଟୁଛନ୍ତି।

## ହିଞ୍ଜିଳିକାଟୁରେ କାର୍ତ୍ତିକେଶ୍ୱର ପୂଜା

ହିଞ୍ଜିଳିକାଟୁ, (ଦ୍ୱିତୀକୃଷ୍ଣ ପଣ୍ଡା): ହିଞ୍ଜିଳିକାଟୁ ପୌରାଞ୍ଚଳ କେଉଟସାହିରେ ବୁଧବାର ଠାରୁ କାର୍ତ୍ତିକେଶ୍ୱରଙ୍କ ମୃଣ୍ମୟ ମୂର୍ତ୍ତି ପୂଜା ଶୁଭାରମ୍ଭ ହୋଇଛି । ଅଁଳା ନବମୀରେ ଶ୍ରଦ୍ଧାଳୁ ମହିଳା ଓ ପୁରୁଷ କଳସ ଯାତ୍ରାରେ ସାମିଲ ହୋଇ ନିକଟସ୍ଥ ଘୋଡାହାଡ ନଦୀରୁ ପୂର୍ଣ୍ଣକୁମ୍ଭରେ ଜଳ ଆଣି ପୂଜା ମଣ୍ଡପ ନିକଟରେ ସ୍ଥାପନ କରିଥିଲେ। କର୍ତ୍ତା ଭାବେ ରାଜୀବ ପଣ୍ଡା ଯୋଗ ଦେଇଥିଲେ । ନବମୀ ତିଥୀ ଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ଅସ୍ଥାୟୀ ପୂଜା ମଣ୍ଡପରେ କାର୍ତ୍ତିକେଶ୍ୱର ମହାପ୍ରଭୁ ପୂଜା ପାଇବେ। ପୂଜା ପରିଚାଳନାରେ ମାନସ ରଞ୍ଜନ ବେହେରା, ହିମାଂଶୁ ବେହେରା, ଶିଶିର ପାତ୍ର, ଦିନବନ୍ଧୁ ବେହେରା, ଘନଶ୍ୟାମ ବେହେରା, ମଇନା ବେହେରା, ସ୍ୱାଧୀନ ବେହେରା ପ୍ରମୁଖ ସହଯୋଗ କରି ଆସୁଛନ୍ତି ।



**ସଂକ୍ଷେପରେ**

### ଜିଲାସ୍ତରୀୟ ସର୍ଗିଫୁଲ ମହୋତ୍ସବ

ମୋହନା,୨୨।୧୧(ମନ୍ମଥ ମିଶ୍ର)

ମୋହନା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଜିଲା ମଙ୍ଗଳ ଅଧିକାରୀ ମମତା ରାଣୀ ପରିଡ଼ାଙ୍କ ସଭାପତିତ୍ୱରେ ରବିବାର ସର୍ଗିଫୁଲ ଶିଶୁ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବ ଦୁଇଦିନ ଧରି ଚାଲିବ। ସର୍ଗିଫୁଲ ଉଦ୍‌ଘାଟନ ସମାରୋହରେ ସ୍ଥାନୀୟ ବିଦ୍ୟାଳୟ ପ୍ରଧାନଶିକ୍ଷକ, ବଡ଼ଖଣି ବିଦ୍ୟାଳୟ ପ୍ରଧାନ ଶିକ୍ଷକ, ଜିଲା ଶିକ୍ଷା ଅଧିକାରୀ ପ୍ରଦୋଷ ନାୟକ, ଲାଞ୍ଜିଆ ସୌରା ଉନ୍ନୟନ ଅଧିକାରୀ ଅନ୍ତର୍ଯ୍ୟାମୀ କହଁର, ମୋହନା ଥାନା ଅଧିକାରୀ, ଜିଲା ଅତିରିକ୍ତ ମଙ୍ଗଳ ଉନ୍ନୟନ ଅଧିକାରୀ, ବ୍ଲକ ମଙ୍ଗଳ ଉନ୍ନୟନ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ଜିଲାର ୭୦ ବିଦ୍ୟାଳୟରୁ ଶତାଧିକ ଛାତ୍ରୀଛାତ୍ର ଏହି ସମାରୋହରେ ଉପସ୍ଥିତ ରହିବା ସହ ବିଜ୍ଞାନ ପ୍ରକଳ୍ପଗୁଡ଼ିକ ପ୍ରଦର୍ଶନ କରିଥିଲେ। ଏହା ସଙ୍ଗେ ଜିଲାସ୍ତରୀୟ ଭଲିବଲ ଖେଳ ପ୍ରତିଯୋଗିତା ଆୟୋଜନ ହୋଇଥିଲା।

### ନିଖିଳ ଉତ୍କଳ ଭଣ୍ଡାରି ସମାଜର ବାର୍ଷିକ ଆଲୋଚନା ସଭା

ଦିଗପହଣ୍ଡି,୨୨।୧୧
(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ବ୍ଲକ ଓଡ଼ାସିଙ୍ଗି ଗ୍ରାମ ରେଞ୍ଜୀ ସମାଜ କୋଠ ଘର ପରିସରରେ ବୁଧବାର ବଡ଼ଖେମୁଣ୍ଡି ତାଲୁକା ନିଖିଳ ଉତ୍କଳ ଭଣ୍ଡାରି(ନାପିତ) ସମାଜର ବାର୍ଷିକ ଆଲୋଚନା ସଭା ଅନୁଷ୍ଠିତ ହୋଇଯାଇଛି। ସଭାପତି କୃଷ୍ଣ ଡାକୁଆ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ସଭାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ସମ୍ପାଦକ କୋରେଶୁ ଡାକୁଆ ବାର୍ଷିକ ବିବରଣୀ ପାଠ କରିଥିଲେ। କୋଷାଧ୍ୟକ୍ଷ ଦୀପକ ଡାକୁଆ ବାର୍ଷିକ ଆୟ ବ୍ୟୟର ହିସାବ ପ୍ରଦାନ କରିଥିଲେ। କମିଟି ସଦସ୍ୟ ପଞ୍ଚୁ ଡାକୁଆ, ବଳରାମ ଡାକୁଆ, ସୁରେନ୍ଦ୍ର ଡାକୁଆ, କୈଳାସ ଡାକୁଆ, ସନ୍ତୋଷ ଡାକୁଆଙ୍କ ସମେତ ବିଭିନ୍ନ ଗ୍ରାମରୁ ଆସିଥିବା କମିଟି ସଭ୍ୟ ବୃନ୍ଦ ସଭାରେ ଅଂଶଗ୍ରହଣ କରିଥିଲେ।

### ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଉଦ୍‌ଘାଟନ

ବ୍ରାହ୍ମଣୀଗାଁ,୨୨।୧୧
(ମନୋରଞ୍ଜନ ରଣା)

ବ୍ରାହ୍ମଣୀଗାଁ ଋଷିମାଳ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଅଧ୍ୟକ୍ଷ ଦେବରାଜ ବଳିଆର ସିଂଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ଦାରିଙ୍ଗବାଡି ବିଡିଓ ଗଦାଧର ପାତ୍ର ଏହାର ଶୁଭାରମ୍ଭ କରିଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ରାମଚନ୍ଦ୍ର ପାତ୍ର, ସରପଞ୍ଚ ସଂଯୁକ୍ତା ମଲିକ, ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଭାସ୍କର ଚରଣ ନାୟକ, ରାଜକିଶୋର ବଳିଆର ସିଂ, ମହାବିଦ୍ୟାଳୟର ନୋଡାଲ ଅଫିସର ଉପେନ୍ଦ୍ର କୁମାର ଛଟେଇ, ଦିବାକର ବେହେରା, ପ୍ରମୁଖ ମଞ୍ଚାସିନ ଥିଲେ। ଇତିହାସ ବିଭାଗର ଅଧ୍ୟାପକ ରାଜକିଶୋର ବଳିଆର ସିଂ ମଞ୍ଚ ପରିଚାଳନା କରିବା ସହ ଅତିଥି ସ୍ୱାଗତ ଓ ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପକ ସନ୍ତୋଷ କୁମାର ନାହକ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# କ୍ୟାମେରାରେ କଏଦ ହେଲା ମହାବଳ ବାଘ

ପାରଳାଖେମୁଣ୍ଡି/ରାୟଗଡ଼,୨୨।୧୧
(ଗିରିଧାରୀ ପରିଛା/ ଜ୍ୟୋତିପ୍ରସାଦ ପାଣି):



ଗତ ୩ ଦିନ ତଳେ ଆନ୍ଧ୍ର ସୀମାନ୍ତରୁ ଯାଇ ଗଜପତି ଜିଲା ରାୟଗଡ ବ୍ଲକ କୁମୁଲିସିଙ୍ଗ ପଞ୍ଚାୟତ ଅଁଳାବର ଜଙ୍ଗଲରେ ଏକ ମହାବଳ ବାଘ ଗୋଟିଏ ଗାଈକୁ ଘୋଷାରି ନେଇ ଦରଖିଆ ଛାଡ଼ିଦେବା ଘଟଣା ସାମ୍ନାକୁ ଆସିଥିଲା। ମଙ୍ଗଳବାର ବନବିଭାଗ ପକ୍ଷରୁ ୫ଟି ଟ୍ରାପ କ୍ୟାମେରା ଲଗାଇ ବାଘର ଗତିବିଧି ଅନୁଧ୍ୟାନ କରାଯାଇଥିଲା। ଜଙ୍ଗଲରେ ଏକ ଗାଈକୁ ବାଘ ଖାଉଥିବା ଫଟୋ କ୍ୟାମେରାରେ କଏଦ ହୋଇଛି। ବାଘଟି ଗତ ୨ ଦିନ ହେଲା ଆନ୍ଧ୍ରପ୍ରଦେଶର ସାରାଳି ନିକଟରେ ବୁଲୁଥିବା ଖବର ରହିଥିଲା। ବର୍ତ୍ତମାନ ସେହି ବାଘଟି ଦେବଗିରି ବନାଞ୍ଚଳର କୁମୁଲୁସିଙ୍ଗ ବିଟ ଇଲାକାରେ ଚଳପ୍ରଚଳ କରୁଥିବା ଦେଖାଯାଇଛି। ଏଥିପାଇଁ କୁମୁଲ ସିଂ, ପଦାସାହି, ତିତିସିଂ, ଖଜୁରିପଦା, ରାୟଗଡ ଓ ନୂଆଗଡ ବ୍ଲକକୁ ସତର୍କ ସୂଚନା ଦିଆଯାଇଛି । ବାଘଟିର ସୁରକ୍ଷା ଓ ଗତିବିଧି ସମ୍ପର୍କରେ ଜାଣିବା ପାଇଁ ୫ଜଣିଆ ଟିମ ଗଠନ କରାଯାଇଥିବା ଏସିଏଫଓ ଅଶୋକ କୁମାର ବେହେରା ସୂଚନା ଦେଇଛନ୍ତି।

# କୃଷି ଯନ୍ତ୍ରପାତି ମେଳା ଉଦ୍‌ଘାଟିତ

ଛତ୍ରପୁର,୨୨।୧୧( ଦିଲ୍ଲୀପ ସାମଲ):

ରାଜ୍ୟ ସରକାର କୃଷି କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ କୃଷକମାନଙ୍କୁ ବିଭିନ୍ନ ପ୍ରୋତ୍ସାହନ ଯୋଗାଇଦେବାକୁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି । ଏହି ଅବସରରେ ଛତ୍ରପୁର ଅନସ୍ଲୋ ହାଇସ୍କୁଲ ଖେଳପଡ଼ିଆ ଠାରେ ବୁଧବାର ତିନି ଦିନିଆ ଛତ୍ରପୁର ଉପଖଣ୍ଡସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଉଦଘାଟିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ଏମପି ଚନ୍ଦ୍ରଶେଖର ସାହୁ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ରାଜ୍ୟ ଯୋଜନା ବୋର୍ଡର ସଦସ୍ୟ ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, କୃଷି ଓ କୃଷକ ସଶକ୍ତକରଣ ବିଭାଗର ଉପଦେଷ୍ଟା ରାମଚନ୍ଦ୍ର ପଣ୍ଡା, ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା, ଛତ୍ରପୁର ଏନଏସି ଅଧ୍ୟକ୍ଷା ଶର୍ମିଷ୍ଠା ପ୍ରଧାନ, ଦକ୍ଷିଣାଞ୍ଚଳ କୃଷି ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଇଂ ଶେଖ ମମତାଜ ଅଲ୍ଲୀ, ଜିଲା ମୁଖ୍ୟ କୃଷି ଅଧିକାରୀ ସୁବ୍ରତ କୁମାର ସାହୁ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ବିଧାୟକ ବେହେରା କହିଥିଲେ, ପୂର୍ବରୁ କେବଳ ଜିଲାସ୍ତରୀୟ କୃଷି ଓ କୃଷକ ଯନ୍ତ୍ରପାତି ମେଳା ଅନୁଷ୍ଠିତ ହେଉଥିବା ବେଳେ ଚଳିତ ବର୍ଷଠାରୁ ଉପଖଣ୍ଡସ୍ତରରେ ଏହି ମେଳା ଆୟୋଜନ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଫଳରେ କୃଷକମାନେ ଏଠାରୁ ଟ୍ରାକ୍ଟର ସମେତ ବିଭିନ୍ନ ଉପକରଣ ରିହାତି ଦରରେ ପାଇପାରିବେ। ଏହି ମେଳାରେ କୃଷି ସମ୍ବନ୍ଧୀୟ ୨୨ଟି ଷ୍ଟଲ ଖୋଲାଯାଇଛି। ଫଳରେ କୃଷକମାନେ ବିଭିନ୍ନ ଉପକରଣ ରିହାତି ଦରରେ ପାଇପାରିବେ।



କାର୍ଯ୍ୟକ୍ରମରେ ଏମ୍‌ପିଙ୍କ ସମେତ ନେତା ଓ ଅଧିକାରୀ ।

# ବାପା, ଝିଅ ସହ ୨ ପୁଅ କୋର୍ଟ ଚାଲାଣ

**ମୃତଦେହ ଠାବ ଘଟଣା**

ଗୋପାଳପୁର,୨୨।୧୧(ନବୀନ ରାଜ ଆଚାରୀ)

ନିଖୋଜ ଥିବା ଯୁବକଙ୍କ ମୃତଦେହ ଠାବ ଘଟଣାରେ ଗୋଳନ୍ଥରା ଥାନା ପୋଲିସ ବୁଧବାର ବାପା, ଦୁଇ ପୁଅ ଓ ଝିଅକୁ କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଚାନ୍ଦପୁର ଗ୍ରାମର ସନ୍ତୋଷ ଦାସ, ପୁଅ ଗଣେଶ, କାହ୍ନା ଓ ଝିଅ ସୁନିତା।

ଏହି ଥାନା ଅଧିନ ଗୋବିନ୍ଦପୁର ଗ୍ରାମର ଟୁଟୁ ନାଇକ ସାହି ନିକଟତର ଚାନ୍ଦପୁର ଗ୍ରାମର ସୁନିତା ଦାସ ସହିତ ପ୍ରେମ ସମ୍ପର୍କ ଗଢିଉଠିଥିଲା। ବିଭିନ୍ନ ସମୟରେ ମୃତ ଟୁଟୁଙ୍କୁ ମହିଳାଙ୍କ ଭାଇ ଓ ବାପା ଧମକ ଚମକ ଦେଉଥିଲେ। ଗତ ଶନିବାର ଟୁଟୁଙ୍କୁ ଗ୍ରାମରେ ଥିବା ପ୍ରାଥମିକ ବିଦ୍ୟାଳୟ ନିକଟକୁ ଡାକିଥିଲେ। ଟୁଟୁ ମହିଳାଙ୍କ ନିକଟକୁ ଯାଇଥିଲେ। ଆଉ ଘରକୁ ଫେରିନଥିଲେ। ପରିବାର ଲୋକ ଗୋଳନ୍ଥରା ଥାନାରେ ନିଖୋଜ ଅଭିଯୋଗ କରିଥିଲେ। ସୋମବାର ପରିତ୍ୟକ୍ତ କୂଅରୁ ଟୁଟୁଙ୍କ ମୃତଦେହ ପୋଲିସ ଠାବ କରିଥିଲା। ପରବର୍ତ୍ତୀ ସମୟରେ ପୋଲିସ ନିଖୋଜ ମାମଲାକୁ ନଂ. ୫୯୫/୨୩ରେ ହତ୍ୟା ମାମଲାରେ ପରିଣତ କରି ତଦନ୍ତ ଚଳାଇଥିଲା। ଏହି ଘଟଣାରେ ମଙ୍ଗଳବାର ଅଭିଯୁକ୍ତ ମାନଙ୍କୁ ଥାନାରେ ଅଟକ ରଖି ପଚରା ଉଚରା କରିଥିଲା। ସୁନିତା ଫୋନ କରି ଟୁଟୁଙ୍କୁ ବିଦ୍ୟାଳୟ ପଛକୁ ଡାକିଲେ। ସେଠାରେ ସୁନିତା ଭାଇ ଗଣେଶ, କାହ୍ନା ଓ ବାପା ସନ୍ତୋଷ ମିଶି କୋଦଳ, କାଠ ଫାଳିଆ, ବାଡ଼ିରେ ଆକ୍ରମଣ ପ୍ରମାଣ ନଷ୍ଟ କରିବା ପାଇଁ ମାରି ଟେକି ଟେକି ନେଇ କୂଅରେ ଫିଙ୍ଗିଦେଇଥିବା ନେଇ ଅଭିଯୁକ୍ତ ମାନେ ପୋଲିସ ନିକଟରେ ପ୍ରକାଶ କରିଥିଲେ। ତାଙ୍କଠାରୁ ହତ୍ୟାରେ ବ୍ୟବହାର ହୋଇଥିବା କୋଦାଳ, କାଠ ଫାଳିଆ ପୋଲିସ ଜବତ କରିଥିଲା। ଏହି ଘଟଣାରେ ଅନ୍ୟ ଜଣେ ଫେରାର ଥିବା ଅଭିଯୁକ୍ତ ଧରିବା ପାଇଁ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି।



ଗିରଫ ଅଭିଯୁକ୍ତ।

# ବାଲାଜୀ ମହାବିଦ୍ୟାଳୟର କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ

ଚିକିଟି,୨୨।୧୧(ପ୍ରକାଶ ଚନ୍ଦ୍ର ସାହୁ)

ଚିକିଟି ବ୍ଲକ ଅନ୍ତର୍ଗତ ନୂଆପଡା ଗ୍ରାମସ୍ଥିତ ଶ୍ରୀ ବାଲାଜୀ ମହାବିଦ୍ୟାଳୟରେ ସମନ୍ୱିତ ଯୁବବିକାଶ କାର୍ଯ୍ୟକ୍ରମ ଆନୁକୂଲ୍ୟରେ ଦୀର୍ଘ ଚାରିଦିନ ଧରି ଚାଲିଥିବା କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡା. ସୁଦର୍ଶନ ପଟ୍ଟନାୟକ ଯୋଗଦେଇଥିବା ବେଳେ ଉଦ୍‌ଘାଟନୀ ଉତ୍ସବରେ ଚାନ୍ଦପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ବୃନ୍ଦାବନ ପ୍ରଧାନ ଯୋଗଦେଇ କ୍ରୀଡାବିତମାନଙ୍କୁ ଉତ୍ସାହିତ କରିଥିଲେ। ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଦୌଡ଼ଡିଆଁ, ହାଇଜମ୍ପ, ଲଙ୍ଗଜମ୍ପ, ସଟପୁଟ, ଡିସକସ ଆଦି ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଆୟୋଜିତ ଏହି କ୍ରୀଡା ଉତ୍ସବକୁ ଅଧ୍ୟାପକ ଅୟଶଃକାନ୍ତି ମହାନ୍ତି ଓ ସୃତିରଞ୍ଜନ ଜେନା ପରିଚାଳନା କରିଥିଲେ।

# ସୁରଭି କାର୍ଯ୍ୟକ୍ରମରେ କନ୍ଧମାଳର ୩ ଛାତ୍ରୀଛାତ୍ର ପୁରସ୍କୃତ

ବାଲିଗୁଡା,୨୨।୧୧(ସଞ୍ଜୟ କୁମାର ପାଣିଗ୍ରାହୀ)

ରାଜ୍ୟ ସ୍ତରୀୟ ଶିଶୁ ମହୋତ୍ସବ ସୁରଭି ପ୍ରତିଯୋଗିତା ଭୁବନେଶ୍ୱର ୟୁନିଟ୍ - ୯ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ତିନି ଦିନ ବ୍ୟାପୀ ଅନୁଷ୍ଠିତ ହୋଇଯାଇଛି। ତତ୍ ସହିତ ୟୁନିଟ୍ ୬ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟଠାରେ ରାଜ୍ୟ ସ୍ତରୀୟ କଳା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ କନ୍ଧମାଳ ଜିଲାର ୩୫ ଜଣ ଛାତ୍ରୀଛାତ୍ର ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ। ସମସ୍ତ ଛାତ୍ରୀଛାତ୍ର କନ୍ଧମାଳ ଜିଲା ପ୍ରକଳ୍ପ ଅଧିକାରୀଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସେଠାରେ କନ୍ଧମାଳ ଜିଲା ପ୍ରକଳ୍ପ ଅଧିକାରୀ ପ୍ରମୋଦ କୁମାର ଷଡଙ୍ଗୀ ସମସ୍ତ ପ୍ରତିଯୋଗିମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଭି ସନ୍ଧ୍ୟା ପ୍ରତିଯୋଗିମାନଙ୍କ ଯିବା ଆସିବାର ସମସ୍ତ ବ୍ୟବସ୍ଥା କରିଥିଲେ। ଜିଲାର ସରକାରୀ ମହିଳା ମହାବିଦ୍ୟାଳୟର ଏକାଦଶ ଶ୍ରେଣୀର ଛାତ୍ରୀ ସମୀକ୍ଷା ପ୍ରଧାନ କୁଇଜ୍ ପ୍ରତିଯୋଗିତାରେ ଦ୍ୱିତୀୟ ସ୍ଥାନ ଓ ଅରସ୍ମିତା କହଁର ଚିତ୍ରାଙ୍କନ ଓ ପେଣ୍ଟିଂ ପ୍ରତିଯୋଗିତାରେ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ତତ୍ ସହିତ କଳା ଉତ୍ସବରେ ସୋଲୋ ଆକ୍ଟରେ ଚକାପାଦ ସଂସ୍କୃତ ମହାବିଦ୍ୟାଳୟର ସ୍ମୃତି ରଞ୍ଜନ ବେହେରା ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ବାଲିଗୁଡ଼ା ବ୍ଲକ୍ ତରଫରୁ ଅମୂଲ୍ୟ କୁମାର ନାୟକ, ସଚିନ୍ଦ୍ର ପାତ୍ରଙ୍କ ସମେତ ଜିଲାର ମୋଟ ୧୦ ଜଣ ଗାଇଡ ଟିଚର ଭାବରେ ସମସ୍ତ ପ୍ରତିଯୋଗି ମାନଙ୍କ ଦାୟିତ୍ୱ ନିର୍ବାହ କରିଥିଲେ।



କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି ଅତିଥି।

# ପଞ୍ଚାୟତ ସ୍ନାତକ ମହାବିଦ୍ୟାଳୟର ସ୍ୱଚ୍ଛତା ଅଭିଯାନ

ଫିରିଙ୍ଗିଆ,୨୨।୧୧(ବିକ୍ରମ ଦିଗାଲ)

ଫିରିଙ୍ଗିଆ ପଞ୍ଚାୟତ ସ୍ନାତକ ମହାବିଦ୍ୟାଳୟ ଠାରେ ଯୁବବିକାଶ କାର୍ଯ୍ୟକ୍ରମ ସ୍ୱଚ୍ଛତା ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ମହାବିଦ୍ୟାଳୟର ଅଧ୍ୟକ୍ଷ ନବଘନ ସାହୁଙ୍କ ଅଧ୍ୟକ୍ଷତାରେ ୧୫୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଯୋଗଦେଇଥିଲେ। ଫିରିଙ୍ଗିଆ ଅଞ୍ଚଳର ମା ପିତାବଳୀ ମନ୍ଦିର, କାଳୀ ମନ୍ଦିର, ଶିବମନ୍ଦିର ଓ ଜଗନ୍ନାଥ ମନ୍ଦିର ପରିସରକୁ ପରିଷ୍କାର ପରିଚ୍ଛନ୍ନ କରିଛନ୍ତି। ଏହି ମହାବିଦ୍ୟାଳୟର ୪୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ପ୍ଲାଷ୍ଟିକ ମୁକ୍ତ ଅଭିଯାନ କାର୍ଯ୍ୟକ୍ରମ କରିଥିଲେ। ଏଥିରେ ଅଧ୍ୟାପକ ସୁଦାମ ବେହେରା, ପ୍ରଦୀପ ମହାପାତ୍ର, ରଘୁନାଥ କହଁର, ଜିପୁନ ମୁଖୀଙ୍କ ସହିତ ଅନ୍ୟମାନେ ମଧ୍ୟ ଉପସ୍ଥିତ ଥିଲେ।

# ସଂସ୍କୃତ ମହତ୍ତ୍ୱମ ଶୀର୍ଷକ ଆଲୋଚନା ବୈଠକ

କବିସୂର୍ଯ୍ୟନଗର, ୨୨।୧୧ (କୃପାସିନ୍ଧୁ ସ୍ୱାଇଁ):

କବିସୂର୍ଯ୍ୟନଗର ଡ. ଘନଶ୍ୟାମ ମିଶ୍ର ସଂସ୍କୃତ ମହାବିଦ୍ୟାଳୟ ବୈଠକ ଗୃହରେ ସଂସ୍କୃତ ମହତ୍ତ୍ୱମ ଶୀର୍ଷକ ଆଲୋଚନା ଅନୁଷ୍ଠିତ ହୋଇଛି। ଆଦ୍ୟଭାଷା ସଂସ୍କୃତର ଉନ୍ନତି, ଲୋକାଭିମୁଖୀ, ଆଦରିଣୀୟତା ଓ ଛାତ୍ରୀଛାତ୍ର ମଧ୍ୟରେ ଆଗ୍ରହ କିପରି ସୃଷ୍ଟି ହୋଇପାରିବ ତାହା ଆଲୋଚ୍ୟର ବିଷୟ ହୋଇଥିଲା। ବରେଣ୍ୟ ଅତିଥି ଭାବେ ବିଧାୟିକା ଲତିକା ପ୍ରଧାନ ଯୋଗଦେଇ ଉଦଘାଟନ କରିଥିଲେ । ଅଧିବେଶନର ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ଉଚ୍ଚଶିକ୍ଷା ବିଭାଗ ଆଞ୍ଚଳିକ ନିର୍ଦ୍ଦେଶକ ଡ଼. ସିଦ୍ଧାର୍ଥ ଶଙ୍କର ପାଢ଼ୀ, ମୁଖ୍ୟବକ୍ତା ପୂର୍ବତନ ଉଚ୍ଚଶିକ୍ଷା ବିଭାଗ ନିର୍ଦ୍ଦେଶକ ଲକ୍ଷ୍ମୀକାନ୍ତ ତ୍ରିପାଠୀ, ସାରସ୍ୱତ ଅତିଥି ଭାବେ ପାରଳାଖେମୁଣ୍ଡି ଏସକେସିଜିଏସ କଲେଜର ପରୀକ୍ଷା ନିୟନ୍ତ୍ରକ ଡ଼. ବିଘ୍ନେଶ୍ୱର ମିଶ୍ର, ସମ୍ମାନିତ ଅତିଥି ଡ. ସୁଶାନ୍ତ କୁମାର ଦାସ, ଅଧ୍ୟକ୍ଷ ଅବନୀ ରଞ୍ଜନ ମିଶ୍ର, ପରିଚାଳନା କମିଟି ସଭାପତି ଡ. ପ୍ରସନ୍ନ କୁମାର ଦଳାଇ, ଦର୍ଶନ ବିଭାଗ ଅଧ୍ୟାପକ ହେମନ୍ତ କୁମାର ଗନ୍ତାୟତ ଯୋଗଦେଇ ସାରସ୍ୱତ ଅଭିଭାଷଣ ପ୍ରଦାନ କରିଥିଲେ । ଉଭୟ ଅଧିବେଶନରେ ୬ଟି ସଂସ୍କୃତ ମହାବିଦ୍ୟାଳୟର ୩୫ରୁ ଉର୍ଦ୍ଧ୍ୱ ଅଧ୍ୟକ୍ଷ ଅଧ୍ୟକ୍ଷା, ଅଧ୍ୟାପକ ଅଧ୍ୟାପିକା ଯୋଗ ଦେଇଥିଲେ।

# ଭତ୍ତା ପାଇଁ ଦୌଡ଼ି ଦୌଡ଼ି ବୃଦ୍ଧା ନିରାଶ

**ଗୁହାରି ଶୁଣୁନାହାନ୍ତି କେହି**

ମୋହନା,୨୨।୧୧(ମନ୍ମଥ ମିଶ୍ର)



କାଟିଆଲୁ ମଲ୍ଲିକ।

ଭତ୍ତା ପାଇଁ ଦୌଡ଼ି ଦୌଡ଼ି ନୟାନ୍ତ ହେଲେଣି ୯୦ ବର୍ଷର ବୃଦ୍ଧା। ହେଲେ ଆଜି ଯାଏ କେହି ଶୁଣୁ ନାହାନ୍ତି ଗୁହାରି। ଆଗରୁ ପଞ୍ଚାୟତରେ ଭତ୍ତା ଟଙ୍କା ହାତରେ ମିଳୁଥିଲା। ହେଲେ ୨ ବର୍ଷରୁ ଉର୍ଦ୍ଧ୍ୱ ସମୟ ବିତିଗଲାଣି ହେଲେ କୌଣସି କାରଣରୁ ଭତ୍ତା କଟିଯାଇଛି। ଏହା ଦେଖିବାକୁ ମିଳିଛି ମୋହନା ବ୍ଲକ ବଡ଼ଖଣି ପଞ୍ଚାୟତ ୮ ନଂ. ୱାର୍ଡ ସାନଖଣି ଗାଁରେ। କାଟିଆଲୁ ମଲ୍ଲିକଙ୍କ ବୟସ ୯୦ ପାରି ହେଲାଣି। ଆଗରୁ ୩ ପୁଅ ଥିଲେ। ସେମାନେ ଟିକେ ଖାଇବାକୁ ଦେଉଥିଲେ। ହେଲେ ୮ ବର୍ଷ ହେଲାଣି ୨ ପୁଅ ଆରପାରିକି ଚାଲିଗଲେଣି। ଏବେ ସାନ ପୁଅ ବୋହୂ ପାଖରେ ରହୁଛନ୍ତି। ସାନ ପୁଅ ପୂର୍ଣ୍ଣ ମଲ୍ଲିକ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯାଇ ରୋଜଗାର କରି ଆଣି ଖାଇବାକୁ ମୁଠେ ଦେଉଛି। କେତେବେଳେ ପୁଅ ବୋହୂ ପଚାରୁଛନ୍ତି ତ ଆଉ କେତେବେଳେ ପଚାରୁ ନାହାନ୍ତି। ନିଜେ କାମ କରିବାକୁ ଆଉ ବଳ ନାହିଁ। ଭତ୍ତା ଟିକେ ମିଳିଲେ ବାକି ଜୀବନ କଟିଯିବ ବୋଲି ଆଶା ରଖିଛନ୍ତି କାଟିଆଲୁ। ହେଲେ କେହି ଶୁଣୁ ନାହାନ୍ତି। ତେଣୁ ରାଜ୍ୟ ସରକାର ଭତ୍ତା ଦିଅନ୍ତୁ ବୋଲି ବୃଦ୍ଧା ଜଣକ ଗୁହାରି କରୁଛନ୍ତି। ଏ ନେଇ ସରପଞ୍ଚ କହିଛନ୍ତି କାଟିଆଲୁ ମଲ୍ଲିକଙ୍କ ଆଧାର କାର୍ଡ ନାହିଁ। ବୟସ ଅଧିକ ହେବାରୁ ଫିଙ୍ଗର୍ ପ୍ରିଣ୍ଟ ନେଉ ନାହିଁ। ତେଣୁ ଭତ୍ତା କଟି ଯାଇଛି। କିଭଳି ତାଙ୍କୁ ଭତ୍ତା ମିଳିପାରିବ ସେ ନେଇ ଅଧିକାରୀଙ୍କ ସହ ଆଲୋଚନା କରି ପଦକ୍ଷେପ ଗ୍ରହଣ କରିବେ ବୋଲି କହିଛନ୍ତି।

# ଆଇସିଆଇସିଆଇ ବ୍ୟାଙ୍କ ପକ୍ଷରୁ ରକ୍ତ ସଂଗ୍ରହ ଭ୍ୟାନ ପ୍ରଦାନ



ରକ୍ତସଂଗ୍ରହ ଭ୍ୟାନକୁ ଉଦ୍‌ଘାଟନ କରୁଛନ୍ତି ଜିଲାପାଳ ।

ପାରଳାଖେମୁଣ୍ଡି,୨୨।୧୧ (ଗିରିଧାରୀ ପରିଛା):

ଗଜପତି ଜିଲା ପ୍ରଶାସନକୁ ପାରଳାଖେମୁଣ୍ଡି ଆଇସିଆଇସିଆଇ ବ୍ୟାଙ୍କ ପକ୍ଷରୁ ରକ୍ତ ସଂଗ୍ରହ ଭ୍ୟାନ ପ୍ରଦାନ କରାଯାଇଛି। ଏହି ଅବସରରେ ବୁଧବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଜିଲାପାଳ ସ୍ମୃତିରଞ୍ଜନ ପ୍ରଧାନଙ୍କୁ ବ୍ୟାଙ୍କ ମ୍ୟାନେଜର ଲକ୍ଷ୍ମୀନାରାୟଣ ନାୟକ ଭ୍ୟାନର କାଗଜ ପତ୍ର ସହିତ ସମସ୍ତ ଦସ୍ତାବିଜ ପ୍ରଦାନ କରିଥିଲେ। ଜିଲାପାଳ ଏହି ଭ୍ୟାନକୁ ଉଦଘାଟନ କରିଥିଲେ। ରକ୍ତ ସଂଗ୍ରହ କରି ଜିଲା ମୁଖ୍ୟ ଚିକିତ୍ସାଳୟ ଠାରେ ରଖାଯିବା ସହିତ ରକ୍ତର ଆବଶ୍ୟକତା ରହିଥିବା ଜନସାଧାରଣଙ୍କୁ ପ୍ରଦାନ କରାଯିବ। ରକ୍ତ ଦେବାକୁ ଇଚ୍ଛୁକ ଥିବା ବ୍ୟକ୍ତି ବିଶେଷ ହେଲ୍ପଲାଇନ ନମ୍ବର ୦୬୮୧୫୨୨୨୬୮୭ ସହିତ ଯୋଗାଯୋଗ କରିପାରିବେ। ସମ୍ମାନିତ ଅତିଥି ଭାବରେ ଜି.ତିରୁପତି ରାଓ, ଅଧ୍ୟକ୍ଷ, ଜିଲାପରିଷଦ, ନିର୍ମଳା ସେଠୀ, ଅଧ୍ୟକ୍ଷା, ପୌର ପରିଷଦ ଡ଼. ଗୁଣନିଧି ନାୟକ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜିଲାପରିଷଦ ଗଜପତି, ସୁରେନ୍ଦ୍ର କୁମାର ପୁରୋହିତ, ଫାଉଣ୍ଡେସନ, ଆଇସିଆଇସିଆଇ ବ୍ୟାଙ୍କ, ଡ଼ା.ମହେନ୍ଦ୍ର ଭୂୟାଁ, ଅତିରିକ୍ତ ଜିଲା ଚିକିତ୍ସାଧିକାରୀ, ଡ଼ା. ପ୍ରମୋଦ କୁମାର ପଣ୍ଡା, ଜିଲା ଚିକିତ୍ସା ଅଧିକାରୀ ଗଜପତି ପ୍ରମୁଖ ଯୋଗଦେଇଥିଲେ।

# ଫୁଲବାଣୀରେ ଗୋ ସୁରକ୍ଷା ସପ୍ତାହ ପାଳିତ

ଫୁଲବାଣୀ, ୨୨।୧୧(ରାକେଶ କୁମାର ରାଉତ)

ଫୁଲବାଣୀ ପ୍ରାଣୀ ସମ୍ପଦ ବିକାଶ ବିଭାଗ ପକ୍ଷରୁ ଗୋ ସୁରକ୍ଷା ସପ୍ତାହ ପାଳନ ହୋଇଯାଇଛି। ସହରର ପ୍ରାୟ ୨୦ରୁ ଅଧିକ ଚାଷୀ ଏଥିରେ ଯୋଗଦେଇ ସେମାନଙ୍କ ଗାଈଙ୍କୁ ଆଣି କାର୍ଯ୍ୟକ୍ରମରେ ସାମିଲ କରିଥିଲେ। ବିଧି ମୁତାବକ ଗୋମାତାଙ୍କୁ ପୂଜା ଅର୍ଚ୍ଚନା ପରେ ଚାଷୀଙ୍କୁ ବିଭାଗ ପକ୍ଷରୁ ଗୋ ପାଳନ ଓ ଗୋ ସୁରକ୍ଷା ଉପରେ ସଚେତନ କରାଯାଇଥିଲା। ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସକ ଡ.ସଞ୍ଜୀତ ପଟେଲ, ଅତିରିକ୍ତ ଜିଲା ପ୍ରାଣୀ ଚିକିତ୍ସକ ଡ.ପଙ୍କଜ ପଟ୍ଟନାୟକ, ଉପଖଣ୍ଡ ପ୍ରାଣୀ ଚିକିତ୍ସକ ଡ.ପ୍ରଭାକର ମିଶ୍ର, ଫୁଲବାଣୀ ପ୍ରାଣୀ ଚିକିତ୍ସାଳୟର ଉପ ନିର୍ଦ୍ଦେଶକ ଡ.ଆଶିଷ କୁମାର ଦୋରା, ଜିଲା ବିଭାଗୀୟ ସଂଯୋଜିକା ଡ.ଅଲକା ପଟ୍ଟନାୟକ, ଫୁଲବାଣୀ ପ୍ରାଣୀ ଚିକିତ୍ସାଳୟର ଡ.ସଂଗ୍ରାମ ସାହୁ ଉପସ୍ଥିତ ରହି ଚାଷୀଙ୍କୁ ଗୋମାତା ପାଳନ ସୁରକ୍ଷା ଓ ସରକାରୀ ଯୋଜନା ଉପରେ ଅବଗତ କରିଥିଲେ। ଏହାପରେ ଗାଈ ମାନଙ୍କ ପାଇଁ ବିଭାଗ ପକ୍ଷରୁ ଔଷଧ, ପ୍ରୋଟିନ ଓ ଭିଟାମିନ ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମରେ ବିଭାଗର ବହୁ କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିଲେ ।

# ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ ପକ୍ଷରୁ ବିହନ, ଜୈବିକ ସାର ବଣ୍ଟନ

ଫୁଲବାଣୀ, ୨୨।୧୧(ରାକେଶ କୁମାର ରାଉତ):

କନ୍ଧମାଳ ଜିଲା ବାଲିଗୁଡ଼ା ଆଇଟିଡିଏ ପକ୍ଷରୁ ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ ଜରିଆରେ କ.ନୂଆଗାଁ ବ୍ଲକ ବଣ୍ଡଗୁଡ଼ା ପଞ୍ଚାୟତ ଗଟାମାହା ଗ୍ରାମରେ ଆଦିବାସୀ ପରିବାରଙ୍କୁ ଉନ୍ନତ କିସମର ବିହନ, ଜୈବିକ ସାର ଓ କୀଟନାଶକ ଔଷଧ ବଣ୍ଟନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବାଲିଗୁଡ଼ା ବିଧାୟକ ଚକ୍ରମଣି କହଁର, ପିଏ ଆଇଟିଡିଏ କୃପାସିନ୍ଧୁ ବେହେରା, କ. ନୂଆଗାଁ ବ୍ଲକ ଅଧ୍ୟକ୍ଷା ସୁଲୋଚନା ଦଳବେହେରା, ଜିଲା ପରିଷଦ ସଦସ୍ୟା ଅନିତା ମଲିକ, ଏମପିଙ୍କ ପ୍ରତିନିଧି ବାସୁଦେବ ପାତ୍ର, ବଣ୍ଡଗୁଡ଼ା ସରପଞ୍ଚ ସଞ୍ଜୟ ପ୍ରଧାନ, ସମିତି ସଭ୍ୟା ସାଗରିକା ପ୍ରଧାନ ଆଇଟିଡିଏ ପ୍ରକଳ୍ପ ପରିଚାଳକ ସମୀର ରଞ୍ଜନ ନାୟକ, କୃଷି ଅଧିକାରୀ ରାଜେଶ ପ୍ରଧାନ, ଜଗମୋହନ ପୃଷ୍ଟି ପ୍ରମୁଖ ଯୋଗ ଦେଇଥିଲେ। ଜନଜାତିଙ୍କ ଆର୍ଥିକ ସ୍ଥିତି ସୁଦୃଢ କରିବା ପାଇଁ ସରକାର ଏଭଳି କାର୍ଯ୍ୟକ୍ରମ ହାତକୁ ନେଇଥିବା ଅତିଥିମାନେ ମତ ପ୍ରକାଶ କରିଛନ୍ତି । କାର୍ଯ୍ୟକ୍ରମରେ ବଣ୍ଡଗୁ ପଞ୍ଚାୟତର ୬ଟି କ୍ଲଷ୍ଟର ଆଦିବାସୀ ଚାଷୀଙ୍କ ଆୟ ବୃଦ୍ଧି ନିମନ୍ତେ ବିନା ମୂଲ୍ୟରେ ୨୨ ଏକର ଫୁଲକୋବି ମଞ୍ଜି,୧୫ ଏକର ଲଙ୍କା ବିହନ ୧୫ଏକର ମିଠା ମକା ଚାଷ ନିମନ୍ତେ ବିହନ ପ୍ରଦାନ କରାଯିବା ସହ ଜୈବିକ ସାର ଓ କୀଟନାଶକ ଔଷଧ ବଣ୍ଟନ କରାଯାଇଛି। ଏହି କାର୍ଯ୍ୟକ୍ରମକୁ କାର୍ଯ୍ୟ ଦକ୍ଷ ନିର୍ବାହୀ ଅଧିକାରୀ ଚନ୍ଦ୍ରକାନ୍ତ କହଁର ପରିଚାଳନା କରିଥିବା ବେଳେ ଗାଁ ସାଥି ଅନନ୍ତପ୍ରଧାନ, ସାମନ୍ତ ପ୍ରଧାନ, ଗର୍ଜନ ପ୍ରଧାନ, ବିକାଶ କୁମାର ସିଂଦେଓ ପ୍ରମୁଖ ସହଯୋଗ କରିଥିଲେ।



ବିଧାୟକ ଚାଷୀଙ୍କୁ ବିହନ, ସାର ପ୍ରଦାନ କରୁଛନ୍ତି।

## ସଂକ୍ଷେପରେ

### ପୁଣି ୪୦ ଗ୍ରାମ୍ ବ୍ରାଉନ ସୁଗାର ଜବତ

#### ଦାନ୍ତ ଡାକ୍ତରଙ୍କ ପରେ ଧରା ପଡ଼ିଲେ ଫାଷ୍ଟଫୁଡ୍ ଦୋକାନୀ

ଯାଜପୁର ଟାଉନ,୨୨।୧୧ (ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି): ଯାଜପୁର ସହରରେ ଦିନକୁ ଦିନ ବ୍ରାଉନସୁଗାର ବେପାର ବୃଦ୍ଧି ପାଇବାରେ ଲାଗିଛି। ଏଥିରେ ଅନେକ ଯୁବକ ସାମିଲ ଥିବା ଜଣାପଡ଼ିଛି। ଜଣେ ଦାନ୍ତ ଡାକ୍ତର ବ୍ରାଉନସୁଗାର ବେପାର କରୁଥିବା ବେଳେ ଗତ ୧୬ ତାରିଖରେ ଅନ୍ୟ ୨ଜଣ ଯୁବକଙ୍କ ସହ ଯାଜପୁର ପୋଲିସ ହାତରେ ଧରାପଡିଥିଲେ। ବୁଧବାର ପୁଣି ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ଯାଜପୁରର ମୁଖ୍ୟ ବଜାର ଗରିଆପୁରରେ ଥିବା ଏକ ଫାଷ୍ଟଫୁଡ୍ ଦୋକାନୀକୁ ଗିରଫ କରାଯାଇଛି। ତାଙ୍କଠାରୁ ୪୦ ଗ୍ରାମ୍ ବ୍ରାଉନସୁଗାର ଜବତ କରାଯାଇଛି। ଗିରଫ ଅଭିଯୁକ୍ତ ହେଲେ ଦେବେନ୍ଦ୍ର କୁମାର ବେହେରା (୨୫)। ଗିରଫ ପରେ ତାଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଜାମିନ ଖାରଜ ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଏ ସମ୍ପର୍କରେ ଅବକାରୀ ବିଭାଗ କେଶ ନଂ.୧୨୪/୨୩ ରୁଜୁ ହୋଇଛି। ଅନ୍ୟପକ୍ଷରେ ସହରର ଗଳିକନ୍ଦିରେ ବ୍ରାଉନସୁଗାର ବିକ୍ରି ହେଉଥିବାବେଳେ ପୋଲିସ କିମ୍ବା ଅବକାରୀ ବିଭାଗ ଏପର୍ଯ୍ୟନ୍ତ ମୁଖ୍ୟ ବେପାରୀଙ୍କୁ ଧରିବାରେ ସକ୍ଷମ ହୋଇପାରି ନାହିଁ।

### ରାଧାମୋହନ ସ୍ୱାଇଁଙ୍କ ବିୟୋଗରେ ଶୋକ

ଯାଜପୁର ଟାଉନ,୨୨।୧୧ (ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି): ଓଡ଼ିଶା ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟର ବରିଷ୍ଠ କର୍ମଚାରୀ ରାଧାମୋହନ ସ୍ୱାଇଁଙ୍କ ଅକାଳ ବିୟୋଗରେ ଯାଜପୁର ଜିଲା କଂଗ୍ରେସ ପକ୍ଷରୁ ଶୋକବ୍ୟକ୍ତ କରାଯାଇଛି। ମଙ୍ଗଳବାର ରାତିରେ ହଠାତ ହୃଦ୍‌ଘାତରେ ତାଙ୍କର ବିୟୋଗ ହୋଇଛି। ତାଙ୍କ ବିୟୋଗରେ ଜିଲା କଂଗ୍ରେସ ସଭାପତି ମନୋଜ ରାଉତ, ବିଷ୍ଣୁ ରାଉତ, ସନ୍ତୋଷ ନନ୍ଦ, ଦିଗମ୍ବର କର, ଅଞ୍ଚଳ ଦାସ, ନାରାୟଣ ସାମନ୍ତ, ବଳଭଦ୍ର ଦାସ, ଦୁର୍ଯୋଧନ ବେହେରା, ବିଳାସ ରାଉତରାୟ, ବିଭୂତି ମହାପାତ୍ର, ସଂଗ୍ରାମ ଜେନା, ହୃଷୀକେଶ ପତି ଓ ବିଜୟ ମହାପାତ୍ର ପ୍ରମୁଖଙ୍କ ସହ କର୍ମକର୍ତ୍ତା ଶୋକ ପ୍ରକାଶ କରିଛନ୍ତି।

### ସାମାଜିକ କର୍ମୀଙ୍କ ପରଲୋକ

ସିଂହପୁର,୨୨।୧୧(ଅନଙ୍ଗ ଉଦୟ ବେଉରିଆ): ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ରଣପୁର ପଞ୍ଚାୟତ ରଣପୁର ଗ୍ରାମର ପୂର୍ବତନ ପ୍ରାଣୀଧନ ଚିକିତ୍ସକ ତଥା ସାମାଜିକ କର୍ମୀ ଜୟକୃଷ୍ଣ ସାମଲଙ୍କ ୯୨ ବୟସରେ ପରଲୋକ ହୋଇଯାଇଛି। ସେ ପ୍ରାଣୀ ଚିକିତ୍ସା କରି ବେଶ ସୁନାମ ଅର୍ଜନ କରିଥିଲେ। ଯକୃତ ଜନିତ ରୋଗରେ ପୀଡ଼ିତ ହୋଇ ଚିକିତ୍ସାଧୀନ ଥିଲେ। ତାଙ୍କ ପରଲୋକରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଜିଲାପରିଷଦ ସଭ୍ୟ ନନ୍ଦ କିଶୋର ସାମଲ, ବ୍ଲକ ଅଧ୍ୟକ୍ଷ ରଂଜିତା କୁମାରୀ ଦାସ, ସାମାଜିକ କର୍ମୀ କୈଳାଶ ସେଠୀ, ସୁଧାଂଶୁ ଶେଖର ଧଳ ପ୍ରମୁଖ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ବଡ଼ପୁଅ ଚିତ୍ତରଞ୍ଜନ ସାମଲ ମୁଖାଗ୍ନି ଦେଇଥିଲେ। ତାଙ୍କ ପରଲୋକରେ ବିଞ୍ଝାରପୁର ନାଗରିକ ମଞ୍ଚ ସଭାପତି ରବୀନ୍ଦ୍ର କୁମାର ଧଳ, ରବୀନ୍ଦ୍ର ପରିଡ଼ା, ଖବରଦାତା ଅନିରୁଦ୍ଧ ବେଉରିଆ, ଗୁରୁଚରଣ ଥାଟୋଇ, ଅଦି ସାମଲ, କୈଳାଶ ସାମଲ ଓ ନିରଞ୍ଜନ ବେଉରିଆ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି।

### ପୂର୍ବତନ ସରପଞ୍ଚଙ୍କ ପରଲୋକ

ରସୁଲପୁର,୨୨।୧୧(ରଂଜିତ ରାଉତ): ରସୁଲପୁର ବ୍ଲକ ରାହାମ୍ବା ପଞ୍ଚାୟତର ପୂର୍ବତନ ସରପଞ୍ଚ ମୋହିଉଦ୍ଦିନ ମହମ୍ମଦଙ୍କ ବୁଧବାର ହୃଦ୍‌ଘାତରେ ପରଲୋକ ହେଇଯାଇଛି। ଅପରାହ୍ଣରେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନା ନିଆଯାଇଥିଲା। ବାଟରେ ତାଙ୍କର ପରଲୋକ ହୋଇଥିଲା। ରାହାମ୍ବା ପଞ୍ଚାୟତର ନାଏବ ସରପଞ୍ଚ ସହ ଦୁଇ ଥର ସରପଞ୍ଚ ଭାବେ ନିର୍ବାଚିତ ହେଇଥିଲେ। ଅଞ୍ଚଳର ଜଣେ ଲୋକପ୍ରିୟ ନେତା ଭାବେ ତାଙ୍କର ସୁଖ୍ୟାତି ଥିଲା। ବିଜୁ ପଟ୍ଟନାୟକଙ୍କ ପ୍ରିୟ ଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତରାୟ, କୋରେଇ ବିଧାୟକ ଅଶୋକ ବଳ, ବିଜେଡି ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ନରେଶ ଚନ୍ଦ୍ର ମହାନ୍ତି, ଶିକ୍ଷାବିତ ବେଣୁଧର ଦୋବାଇ ଓ କୈଳାସ ଚନ୍ଦ୍ର ନାୟକ ପ୍ରମୁଖ ଗଭୀର ଶୋକବ୍ୟକ୍ତ କରିଛନ୍ତି।

# ଦୋଷୀଙ୍କୁ ୧ ବର୍ଷ ସଶ୍ରମ କାରାଦଣ୍ଡ

## ନାବାଳିକା କଲେଜ ଛାତ୍ରୀଙ୍କୁ କମେଣ୍ଟ

ଯାଜପୁର ଟାଉନ,୨୨।୧୧ (ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି): ଜଣେ ନାବାଳିକା କଲେଜ ଛାତ୍ରୀଙ୍କୁ କମେଣ୍ଟ ମାରିବା ମାମଲାର ରାୟ ପ୍ରକାଶ ପାଇଛି। ଯାଜପୁର ଆଡ୍‌ହକ୍ ଫାଷ୍ଟ୍ରାକ୍ କୋର୍ଟର ବିଚାରପତି ଶରତ ଚନ୍ଦ୍ର ଦେହୁରି ମାମଲାର ବିଚାର କରି ଦୋଷୀଙ୍କୁ ୧ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହିତ ୫୦୦ ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦେୟରେ ଅଧିକ ୧୫ଦିନ ଜେଲ ଦଣ୍ଡାଦେଶ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ୨୦୧୪ ସେପ୍ଟେମ୍ବର ୧୩ ତାରିଖ ପୂର୍ବାହ୍ନ ୧୦ଘଟିକା ସମୟରେ ନାବାଳିକା କଲେଜ ଛାତ୍ରୀ କଲେଜକୁ ପରୀକ୍ଷା ଦେବାପାଇଁ ସାଇକେଲରେ ଯାଉଥିଲେ। ଏହି ସମୟରେ ବିଞ୍ଝାରପୁର ଥାନା ଅନ୍ତର୍ଗତ କପିଳା ଗ୍ରାମର ବନମାଳି ବେହେରା(୩୨) ଛାତ୍ରୀଙ୍କୁ ଅଟକାଇ ଦୁର୍ବ୍ୟବହାର କରିବା ସହ ଆକ୍ଷେପ କରି କମେଣ୍ଟ ମାରିଥିଲେ। ଫଳରେ ଛାତ୍ରୀ ଜଣକ କଲେଜ ଯାଇନପାରି ରାସ୍ତା କଡରେ ଥିବା ଜଣେ ଭଦ୍ରଲୋକଙ୍କ ଘରେ ଆଶ୍ରୟ ନେଇଥିଲେ। ପରେ ଏହି ଘଟଣାକୁ କେନ୍ଦ୍ରକରି ବିଞ୍ଝାରପୁର ଥାନାରେ ଛାତ୍ରୀଙ୍କ ଭାଇ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ନମ୍ବର ୧୫୮/୧୪ରେ ଏକ ମାମଲା ରୁଜୁ କରିବା ସହ ଅଭିଯୁକ୍ତ ବନମାଳିଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ବୃତ୍ତାନ୍ତ ଶୁଣାଣି କରି ୮ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ବିଚାରପତି ଉପରୋକ୍ତ ରାୟ ଶୁଣାଇଛନ୍ତି। ସରକାରୀ ଓକିଲ ଶୈଳେନ୍ଦ୍ର ସାମଲ ମାମଲା ପରିଚାଳନା କରୁଥିଲେ।

# ମଣ୍ଡଳସ୍ତରୀୟ ବିଜ୍ଞାନମେଳା



ବିଜ୍ଞାନ ମେଳାରେ ଅତିଥି ପ୍ରକଳ୍ପ ବିଷୟରେ ପଚାରି ବୁଝୁଛନ୍ତି।

ଜେନାପୁର,୨୨।୧୧(ଅଶୋକ ଦାସ): ଧର୍ମଶାଳା ବ୍ଲକ୍ ଅନ୍ତର୍ଗତ ଜେନାପୁର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ମଣ୍ଡଳସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ଶିକ୍ଷା ଅଧିକାରୀ ନିକୁଞ୍ଜ ବିହାରୀ ମହାନ୍ତିଙ୍କ ନେତୃତ୍ୱରେ ଅନୁଷ୍ଠିତ ମେଳାରେ ବ୍ଲକ୍‌ରେ ଥିବା ୫୬ ବିଦ୍ୟାଳୟରୁ ୧୧୦ ଛାତ୍ରୀଛାତ୍ର ଭାଗ ନେଇଥିଲେ। ମେଳାରେ ସ୍ୱାସ୍ଥ୍ୟ, ଗମନାଗମନ, କୃଷି, ଜୀବନ ଶୈଳୀ, ସୁଜନଶୀଳଚିନ୍ତା ଧାରା ବିଷୟରେ ଛାତ୍ରୀଛାତ୍ର ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ମୁଖ୍ୟଅତିଥି ଭାବେ ବ୍ଲକ୍ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ ଯୋଗଦେଇ ମେଳାକୁ ଉଦ୍‌ଘାଟନ କରିବା ସହ ପ୍ରକଳ୍ପ ପରିଦର୍ଶନ କରିଥିଲେ। ବିଧାୟକଙ୍କ ପ୍ରତିନିଧି ନିର୍ମଳ ପ୍ରଧାନ, ପ୍ରଧାନଶିକ୍ଷକ ନିରୋଜ ମହାନ୍ତି, ଅଶୋକ କୁମାର ସାହୁ, ଅଜୟ କୁମାର ଦାସ, ପ୍ରଫୁଲ୍ଲ କୁମାର ଦାସ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଚନ୍ଦ୍ରଶେଖର ସ୍ୱାଇଁ, ପୂର୍ବତନ ସରପଞ୍ଚ କୃଷ୍ଣଚନ୍ଦ୍ର ପଟ୍ଟନାୟକ ଓ ଶିକ୍ଷକ ନିତ୍ୟାନନ୍ଦ ନାୟକଙ୍କ ସମେତ ବ୍ଲକ୍‌ରୁ ଆସିଥିବା ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଉପସ୍ଥିତ ରହି ସହଯୋଗ କରିଥିଲେ। ମେଳାରେ ଜାଗୁଲାଇ ସରକାରୀ ଉଚ୍ଚ ବିଦ୍ୟାଳୟର ସୁପ୍ରଭା ମହାଳିକ, ଜେନାପୁର ସରକାରୀ ଉଚ୍ଚ ବିଦ୍ୟାଳୟର ଅଙ୍କିତା ଶତପଥୀ, ଶ୍ୟାମସୁନ୍ଦରପୁର ସରକାରୀ ଉଚ୍ଚ ବିଦ୍ୟାଳୟର ତନୁଶ୍ରୀ ଶତପଥୀ, ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ସାଥୁଆ ପାଟଣାର ରଶ୍ମିରଞ୍ଜନ ବାଉଲ ଓ ଜେନାପୁର ସରକାରୀ ଉଚ୍ଚ ବିଦ୍ୟାଳୟର ଆଶିଷ ମହାନ୍ତି ଜିଲାସ୍ତରୀୟ ବିଜ୍ଞାନମେଳାକୁ ଉତ୍ତୀର୍ଣ୍ଣ ହୋଇଛନ୍ତି।



ଝୁମ୍ପୁରୀ ବଜାର ବଣିକ ସଂଘ ଓ ଗଣେଶ କ୍ଲବ୍ ଆୟୋଜନରେ ଅନୁଷ୍ଠିତ ମା'କାଳୀଙ୍କ ଭସାଣି ଶୋଭାଯାତ୍ରା।

# ମା'କାଳୀଙ୍କୁ ମେଲାଣି

ଝୁମ୍ପୁରୀ,୨୨।୧୧(ସରୋଜ ନାୟକ): ଦଶରଥପୁର ବ୍ଲକ୍ ଅଧୀନ ଝୁମ୍ପୁରୀ ବଜାର ବଣିକ ସଂଘ ଓ ଗଣେଶ କ୍ଲବ୍ ଆୟୋଜନରେ ବଜାରରେ ଅନୁଷ୍ଠିତ ମା'କାଳୀଙ୍କ ପୂଜାର ଭସାଣି ଉତ୍ସବ ଖୁବ୍ ଯାକଜମକରେ ମଙ୍ଗଳବାର ଶେଷ ହୋଇଛି। ସନ୍ଧ୍ୟାରେ ବିଭିନ୍ନ ପ୍ରକାର ଶୋଭାଯାତ୍ରା କରାଯାଇ ମା'ଙ୍କୁ ମେଲାଣି ଦିଆଯାଇଛି। ଏହି ଭସାଣି ଶୋଭାଯାତ୍ରା ଝୁମ୍ପୁରୀ ବଜାର ପରିକ୍ରମା କରିଥିଲା। ପରେ ନୂଆଗାଁ ମିଶ୍ରପୁର ବୈତରଣୀ ଘାଟରେ ମା'ଙ୍କୁ ବିସର୍ଜନ କରାଯାଇଥିଲା। ଭସାଣି ଉତ୍ସବ ଦେଖିବାପାଇଁ ଭକ୍ତମାନଙ୍କ ମଧ୍ୟରେ ବ୍ୟାପକ ଉତ୍ସାହ ପରିଲକ୍ଷିତ ହୋଇଥିଲା। ମା'କାଳୀ କମିଟିର ବରିଷ୍ଠ ସଭ୍ୟ ନଟବର ସାହୁ, ଗୋବିନ୍ଦ ସାହୁ, ପ୍ରଶାନ୍ତ କୁମାର ପାଣିଗ୍ରାହୀ, ପ୍ରଦୀପ୍ତ ସାହୁ, ମହେଶ୍ୱର ସାହୁ, ବାପି ଦେବତା, ପୂର୍ଣ୍ଣଚନ୍ଦ୍ର ସାହୁ ଓ ଶତ୍ରୁଘ୍ନ ଦାସ ପ୍ରମୁଖଙ୍କ ସହ କମିଟିର ସମସ୍ତ ସଭ୍ୟ ଭସାଣି ଉତ୍ସବ ଶାନ୍ତିଶୃଙ୍ଖଳାର ସହ ସମାପନ କରିବାରେ ସହଯୋଗ କରିଥିଲେ। ଦଶରଥପୁର ଥାନାଧିକାରୀ ବଦ୍ରିକାନାଥ ବେହେରାଙ୍କ ସହ ଅନ୍ୟ ପୋଲିସ କର୍ମଚାରୀ ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ।

### ପିକ୍‌ଅପ୍ ଭ୍ୟାନ୍‌ରୁ ଖସିଲା ଧାନବସ୍ତା

ପାଣିକୋଇଲି,୨୨।୧୧(ବିକାଶ ମଲ୍ଲିକ): ଏକ ଧାନ ବୋଝେଇ ପିକଅପ୍ ଭ୍ୟାନ୍ (ଓଡି-୩୪-ଏଚ୍-୨୬୦୪) ସଠିପୁରରୁ ଯାଜପୁର ଅଭିମୁଖେ ଯାଉଥିବାବେଳେ ବୁଧବାର ସଠିପୁରର ଅନତୀଦୂରରେ ଗାଡିରୁ ଧାନ ବସ୍ତା ଖସି ଛିଟିକି ପଡିଥିଲା। ରାସ୍ତା ଉପରେ ବସ୍ତା ପଡିବାରୁ କିଛି ସମୟ ପାଇଁ ଯାତାୟାତ ଠପ ହୋଇ ଯାଇଥିଲା। ଧାନବସ୍ତାଗୁଡ଼ିକୁ ରାସ୍ତା କଡ଼କୁ ଆଣିବା ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା। ବସ୍ତା ପଡ଼ିବା ଦେଖି ଯାତ୍ରୀମାନେ ଅଟକିଯିବାରୁ ନିଶ୍ଚିତ ଦୁର୍ଘଟଣାରୁ ବର୍ତ୍ତି ଯାଇଛନ୍ତି।

### ଗୁଟ୍‌ଖା ବିକ୍ରିରେ କଟକଣା

#### ଡ୍ରଗ୍ସ ବିଭାଗ, ପୋଲିସର ମିଳିତ ଚଢ଼ାଉ

ପାଣିକୋଇଲି,୨୨।୧୧(ବିକାଶ ମଲ୍ଲିକ): ପାଣିକୋଇଲିରେ ଖୋଲମଖୋଲା ଗୁଟୁଖା ବ୍ରିକ୍ରି ଉପରେ ରୋକ ଲଗାଇବା ପାଇଁ ଡ୍ରଗ୍ସ ବିଭାଗ ଓ ପୋଲିସ ପକ୍ଷରୁ ମିଳିତ ଚଢାଉ କରାଯିବା ସହ ଜରିମାନା ଆଦାୟ କରାଯାଇଛି। ଡ୍ରଗ୍ସ ଇନ୍ସପେକ୍ଟର ଚିତ୍ତରଞ୍ଜନ ମଲ୍ଲିକ, ପାଣିକୋଇଲି ଥାନା ହାବିଲଦାର ସୁଲୋଚନ ବେହେରା ପ୍ରମୁଖ ସଦଳବଳ ବୁଧବାର ପୂର୍ବାହ୍ନରେ ପାଣିକୋଇଲି ବଜାରରେ ଚଢ଼ାଉ କରିଥିଲେ। ଅନେକ ଦୋକାନରେ ମାଳମାଳ ଗୁଟୁଟା ଟଙ୍ଗା ଯାଇ ବିକ୍ରି ଦେଖି ଜରିମାନା ଆଦାୟ କରିଥିଲେ। ପରବର୍ତ୍ତୀ ସମୟରେ ଏଥିରୁ ନିବୃତ ରହିବାକୁ ଦୋକାନୀଙ୍କୁ ସଚେତନ କରିଥିଲେ।



### ଭିଜିଲାନ୍ସ ଦ୍ୱାରା ଗିରଫ ଜିଆର୍‌ଏସ୍ ବହିଷ୍କୃତ

ପାଣିକୋଇଲି, ୨୨।୧୧ (ବିକାଶ ମଲ୍ଲିକ):



ଯାଜପୁର ଜିଲା କୋରେଇ ବ୍ଲକ୍ ଅନ୍ତର୍ଗତ ଗୋଳେଇପୁର ଓ ମୂଳାପାଳ ପଞ୍ଚାୟତର ଗ୍ରାମ ରୋଜଗାର ସେବକ(ଜିଆର୍‌ଏସ) ଦିଲୀପ ଦୀକ୍ଷିତ ଲାଞ୍ଚ ନେବା ଅଭିଯୋଗରେ ଭିଜିଲାନ୍ସ ଦ୍ୱାରା ଗିରଫ ହେବାପରେ ତାଙ୍କୁ ଜିଲା ପ୍ରଶାସନ ପକ୍ଷରୁ ଚାକିରିରୁ ବହିଷ୍କାର କରାଯାଇଛି। ଗୋଳେଇପୁର ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ ହିତାଧିକାରୀଙ୍କ ବିଲ କରାଇବା ପାଇଁ ଦୀକ୍ଷିତ ଲାଞ୍ଚ ଆଦାୟ କରୁଥିଲେ। ଏନେଇ ତେଲିଆ ଗ୍ରାମର ମୃତ୍ୟୁଞ୍ଜୟ ବିଶ୍ୱାଳ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ଗତ ୯ ତାରିଖରେ ତେଲିଆ ଗ୍ରାମରୁ ଜିଆର୍‌ଏସ୍ ଲାଞ୍ଚ ନେଇ ବାଇକ୍ ଯୋଗେ ପଳାଉଥିବାବେଳେ କଟକ ଭିଜିଲାନ୍ସ ଟିମ୍ ତାଙ୍କୁ ଗିରଫ କରିଥିଲା। ଏନେଇ ମାମଲା ରୁଜୁ କରାଯାଇଥିଲା। ତେବେ ସେ ୪୮ ଘଣ୍ଟାରୁ ଅଧିକ ସମୟ ଜୁଡିସିଆଲ କଷ୍ଟଡିରେ ରହିଥିବା ଯୋଗୁ ଯାଜପୁର ଜିଲା ପରିଷଦ କାର୍ଯ୍ୟାଳୟ ପକ୍ଷରୁ ତାଙ୍କୁ ବହିଷ୍କାର କରାଯାଇଛି।

## ଉଠ୍‌ବସ୍ ବେଳେ ଛାତ୍ର ମୃତ୍ୟୁ ଘଟଣାର ତଦନ୍ତ

ରସୁଲପୁର,୨୨।୧୧(ରଞ୍ଜିତ ରାଉତ): ଯାଜପୁର ଜିଲା କୁଆଖିଆ ଥାନା ବାହାଦଲାପୁର ପଞ୍ଚାୟତ ଓରାଳି ସୂର୍ଯ୍ୟନାରାୟଣ ନୋଡାଲ ଉ.ପ୍ରା. ବିଦ୍ୟାଳୟ ଶ୍ରେଣୀଗୃହରେ ଉଠବସବେଳେ ଛାତ୍ରଙ୍କ ମୃତ୍ୟୁ ହେବା ଘଟଣାର ତଦନ୍ତ ଆରମ୍ଭ ହୋଇଛି। ବୁଧବାର ରସୁଲପୁର ବ୍ଲକ ଅତିରିକ୍ତ ଶିକ୍ଷା ଅଧିକାରୀ ସ୍କୁଲକୁ ଯାଇ ଘଟଣାର ତଦନ୍ତ କରିଛନ୍ତି। ପ୍ରାଥମିକ ତଦନ୍ତରୁ ସମ୍ପୃକ୍ତ ଛାତ୍ରଙ୍କ ସ୍ୱାସ୍ଥ୍ୟଗତ ସମସ୍ୟା ଥିବା ଜଣାପଡ଼ିଛି। ତେଣୁ ଏହାର ତଦନ୍ତ କରାଯାଇ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଅତିରିକ୍ତ ଶିକ୍ଷା ଅଧିକାରୀ କହିଛନ୍ତି।

ସାନଓରାଳି ଗ୍ରାମର ନିତ୍ୟାନନ୍ଦ ସେଠୀଙ୍କ ୧୦ ବର୍ଷର ପୁଅ ତଥା ୪ର୍ଥ ଶ୍ରେଣୀର ଛାତ୍ର ରୁଦ୍ରନାରାୟଣ ସେଠୀ ଓ କେତେଜଣ ଛାତ୍ର ସୋମବାର ବିଦ୍ୟାଳୟରେ ଖେଳୁଥିବା ଦେଖି ଜଣେ ଶିକ୍ଷୟିତ୍ରୀ ସମ୍ପୃକ୍ତ ଛାତ୍ରମାନଙ୍କୁ କେତେକ ପ୍ରଶ୍ନ କରିଥିଲେ। ମାତ୍ର ସେମାନେ ଉତ୍ତର ଦେଇ ନ ପାରିବାରୁ ସମ୍ପୃକ୍ତ ଶିକ୍ଷୟିତ୍ରୀ ଉଠବସ ହେବାକୁ କହିଥିଲେ। ଶିକ୍ଷୟିତ୍ରୀଙ୍କ ନିର୍ଦ୍ଦେଶ ଅନୁଯାୟୀ ଛାତ୍ରମାନେ ଉଠବସ ହେବା ସମୟରେ ରୁଦ୍ର ନାରାୟଣ ସଂଜ୍ଞାହୀନ ହୋଇପଡିଥିଲେ। ବିଦ୍ୟାଳୟ ପକ୍ଷରୁ ତାଙ୍କୁ ସ୍ଥାନୀୟ ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯିବା ସହ ପରିବାର ଲୋକଙ୍କୁ ଖବର ଦିଆଯାଇଥିଲା। ପରିବାର ଲୋକେ ପହଞ୍ଚି ତାଙ୍କୁ ଧର୍ମଶାଳା ଏବଂ ପରେ କଟକ ବଡ଼ ମେଡିକାଲ ନେଇଯାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।


**ପାୱାରଗ୍ରିଡ POWERGRID**

ଓପିଟିସିଏଲ୍‌କୁ କନ୍‌ସଲ୍‌ଟାନ୍ସି ସେବା ଅଧୀନରେ ଓପିଟିସିଏଲ୍ ଗ୍ରୀଡ୍ ସବ୍‌ଷ୍ଟେଶନଗୁଡ଼ିକର ରିମୋଟ୍ କଣ୍ଟ୍ରୋଲ ତଥା ମନିଟରିଂ ନିମନ୍ତେ ଷ୍ଟେଟ୍ ଟ୍ରାନ୍ସମିଶନ୍ ଆସେଟ୍ ମ୍ୟାନେଜମେଣ୍ଟ ସେଣ୍ଟର (ଏସ୍‌ଟିଏମ୍‌ସି) ପ୍ରତିଷ୍ଠା ପାଇଁ ବିଡ୍ ଆମନ୍ତ୍ରଣ (ଆଇଏଫ୍‌ବି) । ବିନିର୍ଦ୍ଦିଷ୍ଟତା ନଂ.: ସିସି/ଏନ୍‌ଟି/ଡବ୍ଲ୍ୟୁ-ଏସ୍‌ସିଏଡିଏ/ଡିଓଏମ୍/ଏ୦୦/୨୩/୦୮୨୨୮
ଏକକ ପର୍ଯ୍ୟାୟ ଦୁଇ ଲଫାପା (ଏସ୍‌ଏସ୍‌ଟିଇ) ବିଡିଂ ପଦ୍ଧତି (ପାଣ୍ଠିଯୋଗାଣ: ଘରୋଇ)
ଘରୋଇ ପ୍ରତିଯୋଗିତାମୂଳକ ବିଡିଂ ତାରିଖ: ୨୩।୧୧।୨୦୨୩
ପାୱାରଗ୍ରୀଡ୍ ନିମ୍ନଲିଖିତ ପ୍ୟାକେଜ୍ ପାଇଁ ଇ-ପୋର୍ଟାଲ୍ https://etender.powergrid.in ମାଧ୍ୟମରେ ଅନ୍‌ଲାଇନ୍ ବିଡ୍ ଆହ୍ୱାନ କରୁଛି:

| କାର୍ଯ୍ୟର ବିବରଣୀ/ସାଇଟ୍/ପ୍ରମୁଖ ସବିଶେଷ ବିବରଣ | ବିଡିଂ କାଗଜପତ୍ର ଡାଉନ୍‌ଲୋଡିଂ / ବିଡିଂ କାଗଜପତ୍ରର ମୂଲ୍ୟ | ବିଡ୍ ଦାଖଲର ଶେଷ ତାରିଖ (ସଫ୍ଟ କପି ଓ ହାର୍ଡ କପି ଭାଗ) |
|---|---|---|
| ଓପିଟିସିଏଲ୍‌କୁ କନ୍‌ସଲ୍‌ଟାନ୍ସି ସେବା ଅଧୀନରେ ଓପିଟିସିଏଲ୍ ଗ୍ରୀଡ୍ ସବ୍‌ଷ୍ଟେଶନଗୁଡ଼ିକର ରିମୋଟ୍ କଣ୍ଟ୍ରୋଲ ତଥା ମନିଟରିଂ ନିମନ୍ତେ ଷ୍ଟେଟ୍ ଟ୍ରାନ୍ସମିଶନ୍ ଆସେଟ୍ ମ୍ୟାନେଜମେଣ୍ଟ ସେଣ୍ଟର (ଏସ୍‌ଟିଏମ୍‌ସି) ପ୍ରତିଷ୍ଠା | ତା୦୭।୧୨।୨୦୨୩ରିଖ ୧୧.୦୦ ଘଟିକା ପର୍ଯ୍ୟନ୍ତ / ଆଇଏନ୍‌ଆର୍ ୨୫,୦୦୦/- | ସଫ୍ଟ କପି ଭାଗ: ତା୦୭।୧୨।୨୦୨୩ରିଖ ୧୧.୦୦ ଘଟିକା ପର୍ଯ୍ୟନ୍ତ ଏବଂ ହାର୍ଡ କପି ଭାଗ: ତା୧୧।୧୨।୨୦୨୩ରିଖ ୧୧.୦୦ ଘଟିକା ପର୍ଯ୍ୟନ୍ତ |

୧. ବିଡିଂ କାର୍ଯ୍ୟକ୍ରମରେ ଯୋଗପତ୍ର/ପରିବର୍ତ୍ତନ, ଯଦି ଥାଏ, ସମେତ ଅଧିକ ବିବରଣୀ ପାଇଁ ଦୟାକରି ସଂଗ୍ରହଣ ପୋର୍ଟାଲ୍ https://etender.powergrid.in ପରିଦର୍ଶନ କରନ୍ତୁ।
୨. ବିଡ୍‌ର ପ୍ରଥମ ଲଫାପା (ଟେକ୍ନୋ-କମର୍ସିଆଲ୍ ଭାଗ)କୁ ବିଡ୍ ଦାଖଲର ଶେଷ ତାରିଖ ଦିନରେ ହିଁ ଖୋଲାଯିବ (ହାର୍ଡ କପି ଭାଗ) ଅର୍ଥାତ୍ ୧୧.୩୦ ଘଟିକା ପରଠାରୁ।
୩. କେବଳ ରେଫରେନ୍ସ ଉଦ୍ଦେଶ୍ୟ ପାଇଁ ସମ୍ପୂର୍ଣ୍ଣ ବିଡିଂ କାଗଜପତ୍ର ଆମର http://www.powergrid.inରେ ମଧ୍ୟ ଉପଲବ୍ଧ।
୪. ଏନ୍‌ଆଇଟି/ଆଇଏଫ୍‌ବି ଇ-ପୋର୍ଟାଲ https://etender.powergrid.inରେ ତା୦୪।୦୯।୨୦୨୩ରିଖରୁ ପ୍ରକାଶିତ ହୋଇସାରିଛି।
୫. ଅନ୍ୟ କୌଣସି ସୂଚନା ପାଇଁ ଦୟାକରି ଯୋଗାଯୋଗ କରନ୍ତୁ: ୦୧୨୪-୨୮୨-୨୩୮୩/୨୩୬୬/୨୩୫୧; ୯୬୫୦୦୮୯୮୨୫/୯୫୦୧୧୦୨୦୫୧/୮୦୨୪୦୨୦୯୦

PG/CC/NIT-21/Ad-65/2023-24/Kaka

ପାୱାର ଗ୍ରୀଡ୍ କର୍ପୋରେଶନ ଅଫ୍ ଇଣ୍ଡିଆ ଲିମିଟେଡ୍
(ଭାରତ ସରକାରଙ୍କ ଏକ ଉଦ୍ୟୋଗ)
କର୍ପୋରେଟ୍ କାର୍ଯ୍ୟାଳୟ: "ସୌଦାମିନୀ", ପ୍ଲଟ୍ ନଂ. ୨, ସେକ୍ଟର-୨୯, ଗୁରୁଗ୍ରାମ-୧୨୨୦୦୧ (ହରିୟାଣା)
ପଞ୍ଜୀକୃତ କାର୍ଯ୍ୟାଳୟ: ବି-୯, କୁତବ ଇନ୍‌ଷ୍ଟିଚ୍ୟୁଶନାଲ୍ ଏରିଆ, କଟୱାରିଆ ସରାଇ, ନୂଆଦିଲ୍ଲୀ-୧୧୦୦୧୬
www.powergrid.in, ସିଆଇଏନ୍: ଏଲ୍୪୦୧୦୧ଡିଏଲ୍୧୯୮୯ଜିଓଆଇ୦୩୮୧୨୧
ଏକ ମହାରତ୍ନ ପିଏସ୍‌ୟୁ



**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ.MCSW-POH-ACT-23-24-22
କାର୍ଯ୍ୟର ନାମ: (i) ଛୋଟ ମରାମତି ସହିତ ଫାଷ୍ଟେନିଙ୍ଗ୍ ଆରେଞ୍ଜମେଣ୍ଟ ଏବଂ ୱାୟର କେବୁଲର ସ୍ଥାନାନ୍ତରଣ ତଥା ଅଣ୍ଡର ସ୍ଲୁଙ୍ଗ୍ ପାଣି ଟାଙ୍କିର ସଫେଇ, (ii) ଡ୍ରିପ୍ ଟ୍ରେ (Drip tray)ରେ ୱାଟର ଲିକେଜ୍ ମରାମତି ଏବଂ (iii) ରେଳ ଡବା ମରାମତି କାରଖାନା, ମଞ୍ଚେଶ୍ୱର ଠାରେ LHB କୋଚ୍‌ଗୁଡ଼ିକର ଶୌଚାଳୟ ପ୍ୟାନ୍ ଏବଂ କମୋଡ୍ (Commode)କୁ ଧୋଇବା।
ବିଜ୍ଞାପିତ ମୂଲ୍ୟ (₹): 58,96,329.60, EMD (₹): 1,17,900/-, ଶେଷ ହେବା ଅବଧି : 24 ମାସ।
ବିଡ୍ ଆରମ୍ଭ ହେବା ତାରିଖ : ତା.23.11.2023 ରିଖ,
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.07.12.2023 ରିଖ 1500 ଘଟିକାରେ।
ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।
ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିସ୍ତୃତ ବିବରଣୀ http://www.ireps.gov.in ରେ ଉପଲବ୍ଧ ଅଟେ।
ଡେପୁଟି ଚିଫ୍ ମେକାନିକାଲ ଇଂଜିନିୟର(P),ରେଳ ଡବା ମରାମତି କାରଖାନା/ ମଞ୍ଚେଶ୍ୱର
PR-794/O/23-24



**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ନଂ. SNTPBBS-072023-IDS
କାର୍ଯ୍ୟର ନାମ : ନିମ୍ନଲିଖିତ ସେକ୍ସନ ଠାରେ ଟ୍ରାକିଂ ଏବଂ ଲେଭେଲ୍ କ୍ରସିଙ୍ଗ୍ ଆଲର୍ଟ ସହିତ ହାତୀ ମାନଙ୍କର ଗତିବିଧି ର ଚିହ୍ନଟ କରିବା ନିମନ୍ତେ ଇର୍ଟ୍ରୁଜନ ଡିଟେକ୍ସନ ସିଷ୍ଟମ (IDS) ର ବ୍ୟବସ୍ଥା : ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ୍ ମଣ୍ଡଳରେ ବୈରୀ- କପିଳାସ ରୋଡ୍ - ସାଳଗାଁ, ଚାରବାଟିଆ - ଗୁରୁଡ଼ିଝାଟିଆ - ମାଳ୍ଟପୁର - ରାଜଆଠଗଡ଼ - ଜୋରନ୍ଦା ରୋଡ୍, ସଦାଶିବପୁର- ହିନ୍ଦୋଳ ରୋଡ୍, ବୁଢ଼ାପଙ୍କ - ତାଳଚେର ରୋଡ୍, ରମ୍ଭା - ହୁମ୍ମା - ଗଞ୍ଜାମ, ବସନ୍ତପୁର - ସୀତାବିଞ୍ଜି, ଗୋଆଲଡିହ- ପର୍ଜନପୁର - ନୟାଗଡ଼ ଟାଉନ ଏବଂ ସମ୍ବଲପୁର ମଣ୍ଡଳରେ ମାନେଶ୍ୱର - ବାମୁର, ତୁରେକେଲା ରୋଡ୍ - ଲଖନା, ଅରଣ୍ଡ - ଆରଙ୍ଗ ମହାନଦୀ, ନରଲା ରୋଡ୍ - ଥେରୁବାଲୀ ଏବଂ ବଲାଙ୍ଗୀର - ଦେଓଗାଁ ରୋଡ୍ ସେକ୍ସନ।
ଆନୁମାନିକ ବିଜ୍ଞାପିତ ମୂଲ୍ୟ (ଟଙ୍କାରେ) : 72,65,96,689.20, EMD (ଟଙ୍କାରେ): ₹ 37,83,000/-, ଶେଷ ହେବା ଅବଧି : 12 ମାସ।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.15.12.2023ରିଖ 1530 ଘଟିକାରେ।
ଏହି ଇ-ଟେଣ୍ଡର କ୍ଷେତ୍ରରେ ଡାକ/କୋରିଅର/ଫ୍ୟାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ Firm ର ଲେଟରହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫର ଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧରୂପେ ନାକଚ କରାଯିବ।
ଦ୍ରଷ୍ଟବ୍ୟ : ଏହି ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 ଦିନ ପୂର୍ବରୁ ୱେବ୍‌ସାଇଟ୍ କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।
ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ହେବ।
ସହାୟକ ସଂକେତ ଏବଂ ଦୂରସଂଚାର ଯନ୍ତ୍ରୀ, P-I ଭୁବନେଶ୍ୱର
PR-90/CG/23-24



**ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ, ବଣାଇ, ବନଖଣ୍ଡ**

**ବିଜ୍ଞପ୍ତି**

ଏତଦ୍ୱାରା ସର୍ବସାଧାରଣଙ୍କ ଗୋଚର ନିମନ୍ତେ ଜଣାଇ ଦିଆଯାଉଛି କି, ସ୍ୱେଚ୍ଛାକୃତ ଭାବରେ ସାପ ଉଦ୍ଧାର ଏବଂ ପୁନର୍ବାସ କରାଉଥିବା ବ୍ୟକ୍ତିମାନଙ୍କୁ ସରକାରଙ୍କ ତରଫରୁ ପ୍ରମାଣପତ୍ର ଦେବାର ବ୍ୟବସ୍ଥା କରାଯାଉଅଛି । ସେଥିପାଇଁ ଆଗ୍ରହୀ ବ୍ୟକ୍ତିବିଶେଷ (Snake Handler) ମାର୍ଗଦର୍ଶିକା ସଂଲଗ୍ନ ନିର୍ଦ୍ଧାରିତ ଫର୍ମରେ ବନଖଣ୍ଡ ଅଧିକାରୀ, ବଣାଇଁ ବନଖଣ୍ଡଙ୍କ କାର୍ଯ୍ୟାଳୟରେ ଏହି ବିଜ୍ଞପ୍ତି ପ୍ରକାଶ ପାଇବାର ୩୦ ଦିନ ମଧ୍ୟରେ ଆବେଦନ କରିପାରିବେ । ଏଥି ସମ୍ବନ୍ଧୀୟ ବିସ୍ତୃତ ମାର୍ଗଦର୍ଶିକା ବନଖଣ୍ଡ ଅଧିକାରୀ, ବଣାଇଁ ବନଖଣ୍ଡ ଏବଂ ବନାଞ୍ଚଳ ଅଧିକାରୀ, ବଣାଇଁ, ବାରସୁଆଁ, କୋଇଡା, କୁଳିପୋଷ, ତାମଡା, ଜର୍ଡା ଏବଂ ସୋଲଙ୍କ କାର୍ଯ୍ୟାଳୟ ତଥା ରାଜ୍ୟ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ (ବନ୍ୟପ୍ରାଣୀ) ଓ ମୁଖ୍ୟ ବନ୍ୟପ୍ରାଣୀ ତତ୍ତ୍ୱାବଧାରକଙ୍କ ୱେବସାଇଟ୍ (www.wildlife.odisha.gov.in) ରେ ଉପଲବ୍ଧ ଅଛି ।

ସ୍ୱା./- ବନଖଣ୍ଡ ଅଧିକାରୀ ଓ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ, ବଣାଇଁ, ବନଖଣ୍ଡ



**TP SOUTHERN ODISHA DISTRIBUTION LIMITED TPSODL**
(Procurement Department)
BPR North Star Building,
2nd Floor, Khodasingi, Berhampur, Odisha-760010

**NOTICE INVITING TENDER** Dt.: 23.11.2023

TP Southern Odisha Distribution Ltd. invites tender from eligible vendors for following:

| Sl. No. | Tender Description | NIT Number | EMD (Rs.) | Tender Fee inclusive of GST (Rs.) | Last date and time of Payment of Tender Fee |
|---|---|---|---|---|---|
| 1 | Rate Contract for image processing and feature extraction using AI/ML. | TPSODL/OT/2023-24/062 | 2 Lacs | 5,000 | 16.12.2023; 18:00 Hrs. |
| 2 | Purchase of Microsoft licenses & antivirus software licenses for TPSODL | TPSODL/OT/2023-24/063 | 2 Lacs | 5,000 | 13.12.2023; 18:00 Hrs. |

For detailed tender, please visit Tender Section on TPSODL website https://www.tpsouthernodisha.com



**झारखण्ड सरकार**
**ग्रामीण कार्य विभाग, कार्यपालक अभियंता का कार्यालय**
कम्बाईण्ड बिल्डिग, प्रथम तल्ला, एल0सी0 रोड, धनबाद

**ई–अति अल्पकालीन निविदा आमंत्रण सूचना**

ई–निविदा संख्या:- 24/RWD/DHANBAD/23-24 दिनांक :- 21.11.2023

कार्यपालक अभियंता, ग्रामीण कार्य विभाग, कार्य प्रमण्डल, धनबाद द्वारा निम्न विवरण के अनुसार e-procurement पद्धति से निविदा आमंत्रित की जाती है।

| क्र0 सं0 | आईडेन्टी फिकेशन संख्या/पैकेज संख्या | कार्य का नाम | प्राक्कलित राशि (लाख में) अंक में | अक्षर में | कार्य समाप्ति की अवधि | टेण्डर कॉल संख्या |
|---|---|---|---|---|---|---|
| 1. | RWD/DHANBAD/05/23-24 | बेड़ा नियामतपुर से खेड़काबाद तक पथ निर्माण कार्य (लं– 3.10 कि0मी0) | 27920661.00 | दो करोड़ उनासी लाख बीस हजार छह सौ एकसठ मात्र। | 15 माह | द्वितीय |

2. वेबसाईट में निविदा प्रकाशन की तिथि:– 25.11.2023
3. ई–निविदा प्राप्ति की अंतिम तिथि एवं समय:– 02.12.2023 अपराह्न 5.00 बजे तक।
4. निविदा खोलने की तिथि एवं समय:– 03.12.2023 अपराह्न 3.30 बजे।
5. निविदा आमंत्रित करने वाले पदाधिकारी का नाम एवं पता:– कार्यपालक अभियंता, ग्रामीण कार्य विभाग, कार्य प्रमण्डल, धनबाद, पिन– 826001
6. ई–निविदा प्रकोष्ठ का दूरभाष सं0– 0326–3554757

विस्तृत जानकारी के लिए वेबसाईट jharkhandtenders.gov.in में देखा जा सकता है।

कार्यपालक अभियंता
ग्रामीण कार्य विभाग, कार्य प्रमण्डल, धनबाद।

PR 311727 (Rural Work Department) 23-24 (D)

**ବାଇକ୍‌କୁ ପିଟିଲା ସ୍କୁଟି : ଚାଳକ ମୃତ**

ଆଳି,(ବନମାଳୀ ସେନାପତି): ଆଳି ଥାନା ଅନ୍ତର୍ଗତ କୋଳିଡିହ-ମହୁ ରାସ୍ତାରେ ଏକ ବାଇକ୍‌କୁ ପଛପଟରୁ ସ୍କୁଟି ପିଟିବାରୁ ବାଇକ ଚାଳକ ଘଟଣାସ୍ଥଳରେ ପଡି ଯାଇଥିଲେ। ତାଙ୍କୁ ସ୍ଥାନୀୟ ଲୋକେ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ତାଙ୍କ ମୃତ୍ୟୁ ହୋଇଛି। ସେ ହେଲେ କୋଳିଡିହ ପଞ୍ଚାୟତ ଇଛାପୁର ଗ୍ରାମର ରାମଚନ୍ଦ୍ର ପରିଡା। ଏହି ଖବର ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି। ସୂଚନା ଅନୁଯାୟୀ, ଇଛାପୁର ଗାଁର ରାମଚନ୍ଦ୍ର ବୁଧବାର ସନ୍ଧ୍ୟାରେ ଆଳିକୁ ଆସୁଥିବା ବେଳେ ସେହି ରାସ୍ତାରେ ଆଳିକୁ ଆସୁଥିବା ଏକ ସ୍କୁଟି ରାମଚନ୍ଦ୍ରଙ୍କ ବାଇକ୍‌କୁ ପଛପଟରୁ ଧକ୍କା ଦେଇଥିଲା। ରାମଚନ୍ଦ୍ର ଘଟଣାସ୍ଥଳରେ ପଡି ଯାଇଥିଲେ।

# ସିଙ୍ଗିରି-ରମ୍ଭିଲା ରାସ୍ତା ତାଡ଼ି ପାଇପ୍ ବିଛାଗଲା, ଅଞ୍ଚଳବାସୀଙ୍କ ବିରୋଧ


ପାଇପ୍ ବିଛା ପାଇଁ ଖୋଳାଯାଇଥିବା ରାସ୍ତା।


ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ କରୁଛନ୍ତି ଗାଁବାସୀ।

ଆଳି,୨୨।୧୧ (ବନମାଳୀ ସେନାପତି)

ସିଙ୍ଗିରି ଛପୋଲିଆ ନିକଟରୁ ରମ୍ଭିଲା ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ହୋଇଥିବା ରାସ୍ତାକୁ ଖୋଳି ଏଲ୍ ଆଣ୍ଡ ଟି କର୍ତ୍ତୃପକ୍ଷ ପାଇପ ବିଛାଉଛନ୍ତି । ଏହାକୁ ବିରୋଧ କରିଛନ୍ତି ଗ୍ରାମବାସୀ । ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ. ଦୀର୍ଘ ଦଶନ୍ଧିର ଦାବି ପରେ ସିଙ୍ଗିରି ଛପୋଲିଆ ନିକଟରୁ ରମ୍ଭିଲା ପର୍ଯ୍ୟନ୍ତ ପ୍ରାୟ ବର୍ଷେ ହେବ ୧ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟରେ ରାସ୍ତା ନିର୍ମାଣ କରାଯାଇଛି । ଯାହାକି ଯାତାୟତରେ ଅନେକ ପରିବର୍ତ୍ତନ ଆଣିଛି । ୨୦୧୧ ବନ୍ୟାରେ ଏହି ରାସ୍ତାଟି ସମ୍ପୂର୍ଣ୍ଣ ଧୋଇ ଯାଇଥିଲା । ପରବର୍ତ୍ତୀ ପର୍ଯ୍ୟାୟରେ ଏହାକୁ ମାଟିବନ୍ଧ କରାଯାଇଥିଲା । ବର୍ଷେ ହେବ ପିଚୁ ରାସ୍ତା ହୋଇଥିଲା । କିନ୍ତୁ ଏବେ ପ୍ରତି ଘରକୁ ପାନୀୟ ଜଳ ଯୋଗାଣ ନିମନ୍ତେ ଆଳି ଅଞ୍ଚଳରେ ଏଲ୍ ଆଣ୍ଡ ଟି ପକ୍ଷରୁ ମେଗା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟ ଚାଲିଛି । କିନ୍ତୁ ବିଡମ୍ବନାର ବିଷୟ ଏଲ ଆଣ୍ଡ ଟି ପକ୍ଷରୁ ଏହି ରାସ୍ତାଠାରୁ ବହୁ ଦୂରରେ ପାଇପ୍ ବିଛାଇବା ବଦଳରେ ରାସ୍ତା ପାଖକୁ ଖୋଳି ପାଇପ୍ ବିଛାଯାଇଛି । ଏଥିସହିତ ପାଇପ୍ ବିଛାଇବା ନିମନ୍ତେ ଯେଉଁ ସବୁ ଭାରିଜାନ ବ୍ୟବହାର ହେଉଛି ତାହା ରାସ୍ତାକୁ ନଷ୍ଟ କରିଦେଉଛି । ତେଣୁ ଗ୍ରାମବାସୀ ଏହାକୁ ବିରୋଧ କରିଥିଲେ ।

ଖବର ପାଇ ଆଳି ଗ୍ରାମ୍ୟ ଉନ୍ନୟନ ବିଭାଗର ବିଭାଗୀୟ ଅଧିକାରୀ ସତ୍ୟବ୍ରତ ପଣ୍ଡା ଓ ଆଳି ଜଳ ପରିମଳ ବିଭାଗୀୟ ଯନ୍ତ୍ରୀ ଅଶୋକ ସାହୁ ପହଞ୍ଚି ଗ୍ରାମବାସୀଙ୍କ ଅଭିଯୋଗ ଶୁଣିଥିଲେ । କାର୍ଯ୍ୟ ଶେଷ ହେବା ପରେ ଏଲ୍ ଆଣ୍ଡ ଟି ପକ୍ଷରୁ ମରାମତି କରାଯିବ ବୋଲି ଯନ୍ତ୍ରୀ ସାହୁ ପ୍ରତିଶ୍ରୁତି ଦେଇଛନ୍ତି । ଅପରପକ୍ଷେ ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧିକାରୀ ପଣ୍ଡା କହିଛନ୍ତି, ପୂର୍ବରୁ ଅନେକ ଥର ଏଲ୍ ଆଣ୍ଡ ଟି କର୍ତ୍ତୃପକ୍ଷଙ୍କୁ ଯେଉଁ ରାସ୍ତାରେ କାର୍ଯ୍ୟ ହେବ ସେ ସମ୍ପର୍କରେ ସୂଚନା ଦେବାକୁ କହିଥିବା ବେଳେ ସେମାନେ ଏ ନେଇ ଜଣାଇ ନାହାନ୍ତି । ଯେହେତୁ ଏହି ରାସ୍ତା ଅଳ୍ପ ଦିନ ହେବ ନିର୍ମାଣ ହୋଇଥିଲା ଓ ଏହାକୁ ସେମାନେ ଖୋଳି ପାଇପ୍ ବିଛାଇଛନ୍ତି ତେଣୁ ସେମାନେ ରାସ୍ତା ମରାମତି କରିବା ସହିତ ରାସ୍ତାଠୁ ଦୂରରେ ପାଇପ୍ ନେବାକୁ ମଧ୍ୟ ଏଲ ଆଣ୍ଡ ଟି ଅଧିକାରୀଙ୍କୁ କହିଛନ୍ତି ।

# ବରିଷ୍ଠ ନାଗରିକ ତୀର୍ଥଯାତ୍ରାର ଶୁଭାରମ୍ଭ

## କେନ୍ଦ୍ରାପଡ଼ାରୁ ୧୧୩ଜଣ ହରିଦ୍ୱାର,ଋଷିକେଶ ଗଲେ



କେନ୍ଦ୍ରାପଡ଼ା, ୨୨।୧୧ (ଜଗନ୍ନାଥ ଧଳ)

ଆଧ୍ୟାତ୍ମିକ ଯାତ୍ରାର ଦିବ୍ୟ ଅନୁଭବ ସାଉଁଟିବା ପାଇଁ କେନ୍ଦ୍ରାପଡ଼ାରୁ ବରିଷ୍ଠ ନାଗରିକଙ୍କ ତୀର୍ଥଯାତ୍ରା ବୁଧବାର ଆରମ୍ଭ ହୋଇଛି। ଏହି ଯାତ୍ରାକୁ ପତାକା ଦେଖାଇ ଜିଲାପାଳ ଅମୃତ ଋତୁରାଜ ଶୁଭାରମ୍ଭ କରିବା ସହ ବରିଷ୍ଠ ନାଗରିକମାନଙ୍କୁ ସେମାନଙ୍କ ଯାତ୍ରା ପାଇଁ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି। ପଞ୍ଜୀକରଣରେ ଯୋଗ୍ୟ ବିବେଚିତ ହୋଇଥିବା ୧୩୫ଜଣ ବରିଷ୍ଠ ତୀର୍ଥଯାତ୍ରୀଙ୍କ ମଧ୍ୟରୁ ଉପସ୍ଥିତ ଥିବା ତୀର୍ଥଯାତ୍ରୀଙ୍କ ମେଡିକାଲ୍ ଚେକଅପ୍ ପରେ ୧୧୩ ଜଣ ହରିଦ୍ୱାର-ଋଷିକେଶ ଯାତ୍ରା ପାଇଁ କେନ୍ଦ୍ରାପଡ଼ାରୁ ଯାତ୍ରା ଆରମ୍ଭ କରିଛନ୍ତି। ଜିଲା ପ୍ରଶାସନ ପକ୍ଷରୁ ଡା. ବୈକୁଣ୍ଠନାଥ ପଣ୍ଡାଙ୍କ ନେତୃତ୍ୱରେ ଏକ ମେଡିକାଲ୍ ଟିମ୍ ଗଠନ କରାଯାଇ ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା । ଭୁବନେଶ୍ୱରରେ ବରିଷ୍ଠ ନାଗରିକମାନେ ରାତ୍ରୀ ରହଣି କରିବେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଏହି ତୀର୍ଥଯାତ୍ରା ଗୁରୁବାର ଶୁଭାରମ୍ଭ ପରେ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ ସେମାନେ ଟ୍ରେନରେ ଭୁବନେଶ୍ୱରରୁ ହରିଦ୍ୱାର, ଋଷିକେଶ ଅଭିମୁଖେ ଯାତ୍ରା ଆରମ୍ଭ କରିବେ। ବରିଷ୍ଠ ନାଗରିକଙ୍କୁ ସହଯୋଗ କରିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ସୁପରଭାଇଜର ଭାସ୍କର ଚନ୍ଦ୍ର ଦାସ, ଏସ୍ଆରଏ ଶୈଳେନ୍ଦ୍ର ନାରାୟଣ ପ୍ରଧାନ, ଏସ୍ଆରଏ ରତିକାନ୍ତ ରାଉତରାୟ, ଜେଆରଏ ଉମେଶ ଚନ୍ଦ୍ର ବେହେରା ଯାତ୍ରା କରିଛନ୍ତି। ଏହି ଫ୍ଲାଗ ଅଫ୍ ସେରିମନିରେ ଏଡିଏମ୍ ନିଲୁ ମହାପାତ୍ର, ପର୍ଯ୍ୟଟନ ବିଭାଗ ଉପନିର୍ଦ୍ଦେଶିକା ତଥା ଭାରପ୍ରାପ୍ତ କେନ୍ଦ୍ରାପଡ଼ା ପର୍ଯ୍ୟଟନ ଅଧିକାରୀ ହିମାଳୟା ତ୍ରିପାଠୀ, ଡେପୁଟି କଲେକ୍ଟର ସୁଶାନ୍ତ କୁମାର ନାୟକ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଆଲୋକ କୁମାର ମହାନ୍ତି, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶୋକ ବଳିଆରସିଂହ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ବିଶିଷ୍ଟ ଶିକ୍ଷାବିତ୍ ଶ୍ରୀନିବାସ ମିଶ୍ରଙ୍କ ପରଲୋକ

ଭୁବନେଶ୍ୱର,୨୨।୧୧

ବିଶିଷ୍ଟ ଶିକ୍ଷାବିତ୍ ତଥା ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଓଡ଼ିଆ ବିଭାଗର ଅବସରପ୍ରାପ୍ତ ମୁଖ୍ୟ ପ୍ରଫେସର ଶ୍ରୀନିବାସ ମିଶ୍ରଙ୍କ ତାଙ୍କ ଶହୀଦନଗରସ୍ଥିତ ବାସଭବନରେ ବୁଧବାର ସକାଳେ



ପରଲୋକ ହୋଇଯାଇଛି। ତାଙ୍କୁ ୯୭ ବର୍ଷ ହୋଇଥିଲା। ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡିତ ଥିଲେ । ସ୍ୱର୍ଗତ ମିଶ୍ର ଏକାଧାରରେ ଜଣେ ଶିକ୍ଷାବିତ୍ , ଅନୁବାଦକ, ସାହିତ୍ୟ ସମୀକ୍ଷକ ଥିଲେ। ସେ ଅକ୍ଟୋବର ୨୬ ତାରିଖ ୧୯୨୭ ମସିହାରେ କେନ୍ଦ୍ରାପଡ଼ା ଜିଲା ଆଳି ବ୍ଲକ ଗୋବିନ୍ଦପୁରସ୍ଥିତ କଚେରି ଗ୍ରାମରେ ଜନ୍ମଗ୍ରହଣ କରିଥିଲେ। ନିଜର ଶିକ୍ଷକତା ଜୀବନ ଖ୍ରୀଷ୍ଟ କଲେଜରୁ ଆରମ୍ଭ କରିଥିଲେ। ଏହାପରେ ସେ ଫକୀରମୋହନ ବିଶ୍ୱବିଦ୍ୟାଳୟ ଓ ରେଭେନ୍ସା କଲେଜ ସମେତ ବିଭିନ୍ନ କଲେଜରେ ଶିକ୍ଷକତା କରିଥିଲେ। ସେ ବିଶ୍ୱଭାରତୀ ଶାନ୍ତି ନିକେତନରେ ମଧ ଓଡ଼ିଆ ବିଭାଗର ମୁଖ୍ୟ ଭାବେ କାର୍ଯ୍ୟରତ ଥିଲେ। ଏଥିସହିତ ପୂର୍ବାଞ୍ଚଳ ଆଞ୍ଚଳିକ ଭାଷା ପ୍ରଶିକ୍ଷଣ କେନ୍ଦ୍ରରେ ଅଧକ୍ଷ ଭାବେ କାର୍ଯ୍ୟ କରିଥିଲେ। ସେ 'ହିନ୍ଦୁ ଭିଉ ଅଫ ଲାଇଫ', 'ଏଟରନାଲ ବିବେକାନନ୍ଦ', 'ହିଷ୍ଟ୍ରି ଅଫ ବେଙ୍ଗଲୀ' ଆଦି ପୁସ୍ତକର ଅନୁବାଦ କରିଥିଲେ। ଜଣେ ଉଚ୍ଚକୋଟୀର ସମୀକ୍ଷକ ଥିଲେ। ମୃତ୍ୟୁ ସମୟରେ ତାଙ୍କ ପୁତ୍ର ମନୋରଞ୍ଜନ ମିଶ୍ର, ଶିବ ପ୍ରସନ୍ନ ମିଶ୍ର, ସତ୍ୟ ରଞ୍ଜନ ମିଶ୍ରଙ୍କ ସମେତ ପୁତ୍ରବଧୂ ,ଝିଅ ,ଝିଅ ଓ ନାତିନାତୁଣୀ ଉପସ୍ଥିତ ଥିଲେ। ଗୁରୁବାର ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଅନ୍ତିମ ସଂସ୍କାର କରାଯିବ ବୋଲି ପରିବାର ସୂତ୍ରରୁ ଜଣାଯାଇଛି ।

### ମଣ୍ଡପଡ଼ାରେ ଭାଗବତ ସପ୍ତାହ

ପଟ୍ଟାମୁଣ୍ଡାଇ,୨୨।୧୧(ଅକ୍ଷୟ ବିଶ୍ୱାଳ)

ପଟ୍ଟାମୁଣ୍ଡାଇ ବ୍ଲକ୍ ବାଛରା ପଞ୍ଚାୟତ ମଣ୍ଡପଡା ଗ୍ରାମର ମହାଦେବ ମନ୍ଦିର ନିକଟରେ ପବିତ୍ର ଅଁଳା ନବମୀ ଅବସରରେ ଶ୍ରୀମଦ୍ ଭାଗବତ ପାରାୟଣ ସପ୍ତାହ ଆରମ୍ଭ ହୋଇଛି । ଜଗଦଗୁରୁ ଠାକୁର ଶ୍ରୀ ଶ୍ରୀ ଅଭିରାମ ପରମହଂସ ଦେବଙ୍କ ବିଜେସ୍ଥଳୀ ଶାନ୍ତିଧାମ, କରମଳାର ବରିଷ୍ଠ ସନ୍ୟାସୀ ପୂଜ୍ୟପାଦ ହରେକୃଷ୍ଣ ଦାସ ମହାରାଜ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ପୂଜ୍ୟପାଦ ବାବାଜୀ ଦିବ୍ୟ ଚୈତନ୍ୟ ଦାସ ପ୍ରବଚନ ଓ ଭଜନ ଜଣାଣ ପରିବେଷଣ କରିଥିଲେ। ମଣ୍ଡପଡ଼ା ଗ୍ରାମର ବିଶିଷ୍ଟ ଆଧ୍ୟାତ୍ମିକ ବ୍ୟକ୍ତିତ୍ୱ ଶ୍ରୀଧର ଖିଲାରଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ପୂଜକ ବୁଲୁ କର ପୂଜାର୍ଚ୍ଚନା କରିଥିବା ବେଳେ ପଣ୍ଡିତ ବରାହ ଚରଣ ପଣ୍ଡା ପାରାୟଣ କାର୍ଯ୍ୟକ୍ରମ କରିଥିଲେ । ସମାଜିକ କର୍ମୀ ବରାହ ଚରଣ ସାମଲ, ଧିରେନ ଖିଲାର, ଆଇନଜୀବୀ ବିଜୟ କୁମାର ସାମଲ, ଅଭିରାମ ସାମଲ, ପ୍ରାକ୍ତନ ସରପଞ୍ଚ ସୁଧାଂଶୁ ସାମଲ ପ୍ରମୁଖ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ଅଭୟ ଖିଲାର, ଜଗବନ୍ଧୁ ଖିଲାର, ରମାକାନ୍ତ ଖିଲାର ପ୍ରମୁଖ ପରିଚାଳନା କରିଥିଲେ।

# ମେଡିକାଲ ଲାଟ୍ରିନରୁ ମିଳିଲା ଶିଶୁକନ୍ୟାର ମୃତଦେହ

ଆଳି,୨୨।୧୧(ବନମାଳୀ ସେନାପତି)

ବୁଧବାର ଏକ ନବଜାତ ଶିଶୁକନ୍ୟାର ମୃତଦେହ କେନ୍ଦ୍ରାପଡ଼ା ଜିଲା ଆଳି ମେଡିକାଲର ମହିଳା ୱାର୍ଡ ପରିସରରେ ଥିବା ଲାଟିନ ପରିସରରୁ ମିଳିଛି। ଏହାକୁ ନେଇ ବିବାଦ ଆରମ୍ଭ ହୋଇଛି। କେଉଁ ପରିସ୍ଥିତିରେ ଏପରି ଘଟଣା ଘଟିଛି ତାହାକୁ ନେଇ ଚର୍ଚ୍ଚା ଜୋର ଧରିଛି।

ସୂଚନା ଅନୁଯାୟୀ, ବୁଧବାର ସକାଳେ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମହିଳା ୱାର୍ଡରେ ଥିବା ଲାଟିନରେ ଏକ ନବଜାତ ଶିଶୁକନ୍ୟାର ମୃତଦେହ ପଡ଼ିଥିବା ଦେଖିବାକୁ ମିଳିଥିଲା । ଏହି ଘଟଣା ଜଣାପଡିବା ପରେ କର୍ମଚାରୀମାନେ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ, ଡାକ୍ତର ଓ ଆଳି ଥାନାକୁ ଅବଗତ କରିଥିଲେ । ଏସ୍ଆଇ ପ୍ରଦୋଷ ପଟ୍ଟନାୟକ ମେଡିକାଲରେ ପହଞ୍ଚି ତଦନ୍ତ କରିଛନ୍ତି। ଗତ ରାତିରେ ଡିୟୁଟିରେ ଥିବା ଡାକ୍ତର ସ୍ୱରୂପ ଶତପଥୀଙ୍କ କହିବା ଅନୁଯାୟୀ ରାତି ୧୨ଟା ପର୍ଯ୍ୟନ୍ତ କୌଣସି ପ୍ରସୂତି ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସି ନ ଥିଲେ । ଜଣେ ମହିଳା ରାତି ପ୍ରାୟ ୩ଟା ସମୟରେ ମେଡିକାଲ ଆସିଥିଲେ । କିନ୍ତୁ କୌଣସି ଡାକ୍ତରଙ୍କ ସହିତ ସେ ପରାମର୍ଶ କରି ନ ଥିଲେ । ସକାଳ ୬ଟା ସମୟରେ ମହିଳା ୱାର୍ଡ ଲାଟିନରୁ ନବଜାତ ଶିଶୁକନ୍ୟାର ମୃତଦେହ ପଡ଼ିଥିବା ୱାର୍ଡରୁ ଖବର ପାଇବା ପରେ ସେ ମେଡିକାଲ ଇନ୍‌ଚାର୍ଜ ଓ ଆଳି ପୋଲିସକୁ ଖବର ଦେଇଥିଲେ । ଅପରପକ୍ଷେ ରାତି ଡିୟୁଟିରେ ଥିବା ୱାର୍ଡ କର୍ମଚାରୀ କୁହନ୍ତି, ରାତି ପ୍ରାୟ ୩ଟା ପରେ ଜଣେ ମହିଳା ଡାକ୍ତରଖାନାକୁ ଆସିଥିଲେ । ସେ ଅସୁସ୍ଥ ଥିବା କହିବା ସହିତ ସକାଳ ହେଲେ ଡାକ୍ତରଙ୍କ ସହ ପରାମର୍ଶ କରିବି ବୋଲି କହିଥିଲେ । ଏହାପରେ ସେ ମହିଳା ୱାର୍ଡରେ ଥିବା ବେଡ଼ରେ ଶୋଇଥିଲେ । ଭୋର ସମୟରେ ସେ ଲାଟିନରୁ ବାହାରି ମେଡିକାଲ ବାହାରକୁ ଚାଲିଯାଇଥିଲେ । ସକାଳ ପ୍ରାୟ ୬ଟା ସମୟରେ ସୁଇପର ଆସିଥିଲେ । ସେ ମହିଳା ୱାର୍ଡ ଲାଟିନ ସଫା କରିବାକୁ ଯିବା ବେଳେ ନବଜାତ ଶିଶୁକନ୍ୟାର ମୃତଦେହ ସେଠାରେ ପଡ଼ିଥିବା ଦେଖିଥିଲେ । ପୋଲିସ ତଦନ୍ତ କରିବା ପରେ ଆଡିଶନାଲ ତହସିଲଦାରଙ୍କ ଉପସ୍ଥିତିରେ ଡାକ୍ତର ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ସଂସ୍କାର କରିଥିଲେ । ଏହି ଘଟଣା ପରେ ମହିଳା ଜଣକ କିଏ, କେଉଁଠୁ ଆସିଥିଲେ ଓ କାହିଁକି ହଠାତ୍ ଡାକ୍ତରଖାନା ଛାଡ଼ି ପଳାଇଲେ ଏ ସଂକ୍ରାନ୍ତରେ ନାନା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

# ଏସ୍‌ପିଙ୍କୁ କାର୍ଯ୍ୟାନୁଷ୍ଠାନ ସହ ତଥ୍ୟ ଦେବାକୁ ନିର୍ଦ୍ଦେଶ

## ମସ୍ତିଷ୍କ ବିକୃତ ମହିଳାଙ୍କୁ ଗର୍ଭବତୀ ମାମଲା

କେନ୍ଦ୍ରାପଡ଼ା, ୨୨।୧୧ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ସଦର ଥାନା ଅଞ୍ଚଳର ଜଣେ ମସ୍ତିଷ୍କ ବିକୃତ ମହିଳାଙ୍କୁ ଥାନା ଅନ୍ତର୍ଗତ ମାନସ ରଞ୍ଜନ ସାମଲ ବଳାତ୍କାର ସହ ଗର୍ଭବତୀ କରିଛନ୍ତି। ଏ ନେଇ ଥାନାରେ ନଂ. ୧୬୪/ ୨୩ରେ ମାମଲା ରୁଜୁ ହୋଇଛି। ଏହି ମାମଲାରେ ଅଭିଯୁକ୍ତ ମାନସ ୩ ତାରିଖରେ ଗିରଫ ହୋଇଥିଲେ। ତେବେ ଏ ସମ୍ପର୍କରେ ସମ୍ପୂର୍ଣ୍ଣ ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ଆସନ୍ତା ୪ ସପ୍ତାହ ମଧ୍ୟରେ ତଥ୍ୟ ରଖିବାକୁ ଜାତୀୟ ମାନବ ଅଧିକାର କମିଶନ (ଏନ୍ଏଚଆର୍‌ସି)ଙ୍କ ପକ୍ଷରୁ ଗତ ୨୧ ତାରିଖରେ ଏସ୍‌ପିଙ୍କୁ ଚିଠି (ନଂ. ୨୪୯୩/୨୩) ହୋଇଛି। ଏ ସମ୍ପର୍କରେ ଏନ୍ଏଚଆର୍‌ସିରେ ଅଭିଯୋଗ କରିଥିବା କେନ୍ଦ୍ରାପଡ଼ା ବ୍ଲକ କଂସାର ପଞ୍ଚାୟତ ଏଣ୍ଡର ଗ୍ରାମର ସାଗର ଜେନା କହିଛନ୍ତି, ପୀଡିତା ମହିଳାଙ୍କର ସାମାନ୍ୟ ମସ୍ତିଷ୍କ ବିକୃତ ଅଛି। ଏହାର ସୁଯୋଗ ନେଇ ଅଭିଯୁକ୍ତ ସାମଲ ବାରମ୍ବାର ବଳାତ୍କାର କରିବା ପରେ ପୀଡିତା ଗର୍ଭବତୀ ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ଏ ନେଇ ଗଣମାଧମରୁ ଜଣାପଡ଼ିବା ପରେ ୧୦ଲକ୍ଷ ଟଙ୍କା କ୍ଷତିପୂରଣ ଦେବା ପାଇଁ ମାମଲା ରୁଜୁ ହୋଇଛି। ଏ କ୍ଷେତ୍ରରେ ପୀଡିତା ମହିଳାଙ୍କ ମାନବାଧିକାର କ୍ଷୁର୍ଣ୍ଣ ହୋଇଥିବା ଏନ୍ଏଚଆର୍‌ସିରେ ଅଭିଯୋଗକାରୀ ଜେନା ସୂଚନା ଦେଇଛନ୍ତି।

# ଭାଜପା ପକ୍ଷରୁ ରାଜକନିକା ବ୍ଲକ ଘେରାଉ

ରାଜକନିକା,୨୨।୧୧(ସଞ୍ଜୟ କୁମାର ଦାଶ)


ଭାଜପା କର୍ମୀମାନେ ରାଜକନିକା ବ୍ଲକ କାର୍ଯ୍ୟାଳୟ ଘେରାଉ କରିଛନ୍ତି।

ବୁଧବାର ରାଜକନିକା ଭାଜପା ତରଫରୁ ରାଜକନିକା ବ୍ଲକ୍ ଘେରାଉ କରାଯାଇଥିଲା । ଆଳି ନିର୍ବାଚନ ମଣ୍ଡଳୀର ପ୍ରଭାରୀ ଅଭିମନ୍ୟୁ ଗୋଛାୟତ, ପୂର୍ବତନ ବିଧାୟକ ଦୋଳଗୋବିନ୍ଦ ନାୟକ ଓ ରଶ୍ମି ରଞ୍ଜନ ବେହୁରାଙ୍କ ନେତୃତ୍ୱରେ ବହୁ କାର୍ଯ୍ୟକର୍ତ୍ତା ଓ କର୍ମୀ ଏକ ଶୋଭାଯାତ୍ରାରେ ରାଜକନିକା ରାଜବାଟି ମେଲାଣ ପଡିଆରୁ ବାହାରି ବ୍ଲକ କାର୍ଯାଳୟ ସମ୍ମୁଖରେ ପହଞ୍ଚି ଥିଲେ । ସେଠାରେ ଏକ ପ୍ରତିବାଦ ସଭା ଭାଜପା ନେତା ପ୍ରାଧ୍ୟାପକ ବୈକୁଣ୍ଠନାଥ ପରିଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ ଦଳୀୟ ନେତା ଓ କର୍ମୀମାନେ ରାଜ୍ୟ ସରକାରଙ୍କୁ ସମାଲୋଚନା କରିବା ସହିତ କେନ୍ଦ୍ର ସରକାରଙ୍କ ଯୋଜନା ସମ୍ପର୍କରେ ବର୍ଣ୍ଣନା କରିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲା ଉପସଭାପତି କୃଷ୍ଣ ଚନ୍ଦ୍ର ପଣ୍ଡା, ବ୍ରଜ ସୁନ୍ଦର ଭୂୟାଁ, ମହିଳା ମୋର୍ଚ୍ଚା ସାଧାରଣ ସମ୍ପାଦିକ ଲକ୍ଷ୍ମୀପ୍ରିୟା ଜେନା, ପ୍ରତାପ ରଞ୍ଜନ ରାଉତ, ଆଶାଲତା ପଟ୍ଟନାୟକ, ଜିଲା ସାଧାରଣ ସମ୍ପାଦକ ଶଶାଙ୍କ ସେଠୀ, ବୈକୁଣ୍ଠ ପରିଡ଼ା, ମହିଳା ମୋର୍ଚ୍ଚା ସଭାନେତ୍ରୀ ଅନୁରାଧା ସାମଲ, ରାଜେନ୍ଦ୍ର ବେହେରା, ନିହାର ନାୟକ, ବିଶ୍ୱକାନ୍ତ ନନ୍ଦ, ଓମ୍ ପ୍ରକାଶ ପତି, ଅକ୍ଷୟ ଦାସ, ରାଜେନ୍ଦ୍ର ସାମଲ, କରୁଣାକର ତ୍ରିପାଠୀ, ଅନନ୍ତ ରଥ, ଜିଲାଯୁବ ମୋର୍ଚ୍ଚା ଉପସଭାପତି ନିହାର ରଞ୍ଜନ ସ୍ୱାଇଁଙ୍କ ସମେତ ଭାଜପାର ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ।

# ଧର୍ମାନ୍ତରୀକରଣ ଭିଡିଓକୁ ନେଇ ଚର୍ଚ୍ଚା

ରାଜନଗର,୨୨।୧୧(ଭାସ୍କର ରାଉତରାୟ)

କେନ୍ଦ୍ରାପଡ଼ା ଜିଲାର ଶେଷପ୍ରାନ୍ତ ରାଜନଗର ବ୍ଲକର ଉପାନ୍ତ ବଙ୍ଗୀୟ ବହୁଳ ଅଞ୍ଚଳରେ ନବେ ଦଶକଠାରୁ ଧର୍ମାନ୍ତୀକରଣ ଜାରି ରହିଛି। ୨୦୦୦ ମସିହାରେ ଉପାନ୍ତ ଅଞ୍ଚଳର କେତେଜଣ ବ୍ୟକ୍ତି ଧର୍ମ ପରିବର୍ତ୍ତନ କରିବା ଘଟଣା ସେତେବେଳେ କେବଳ କେନ୍ଦ୍ରାପଡ଼ା ନୁହେଁ ସମଗ୍ର ରାଜ୍ୟରେ ଚର୍ଚ୍ଚାର ବିଷୟ ହୋଇଥିଲା। ଉପାନ୍ତ ଅଞ୍ଚଳରେ ବସବାସ କରୁଥିବା ବଙ୍ଗୀୟ ଲୋକଙ୍କ ଭାବନାକୁ ପ୍ରଭାବିତ କରିବାକୁ ଯାଇ ବିଭିନ୍ନ ଲୋଭନୀୟ ପ୍ରତିଶ୍ରୁତି ଦେଇ ନିଜ ଧର୍ମକୁ ଛାଡି ଅନ୍ୟ ଏକଧର୍ମକୁ ଆପଣେଇଥିବା ନେଇ ଏକ ଧର୍ମାନ୍ତରୀକରଣ ଭିଡିଓ ସାମାଜିକ ଗଣମାଧ୍ୟମରେ ଘୁରି ବୁଲୁଛି। ଯାହାକୁ ନେଇ ରାଜନଗରବାସୀଙ୍କ ଧର୍ମୀୟ ଭାବନାକୁ ପ୍ରଭାବିତ କରିଛି। ରାଜନଗର ବ୍ଲକ ଉପାନ୍ତ ତାଳଚୁଆ ସାମୁଦ୍ରିକ ଥାନା ଅଞ୍ଚଳର କେରୁଆଁପାଳ ପଞ୍ଚାୟତ ସାରେଜେନ୍ଦ୍ରପୁର ଗାଁରେ ବସବାସ କରୁଥିବା ଜଣେ ବ୍ୟକ୍ତିଙ୍କ ଘରର ଭିଡିଓ ବୋଲି ଜଣାପଡିଛି। ତାଙ୍କ ଘରେ କେତେଜଣ ମହିଳା, ପୁରୁଷ ଓ ଶିଶୁଙ୍କୁ ନେଇ ପ୍ରାର୍ଥନା ସଭାର ଏକ ଭିଡିଓ ସାମ୍ନାକୁ ଆସିଛି। ଏଥିରେ ପ୍ରାର୍ଥନା ଚାଲିଥିବା ସମୟରେ ଜଣେ ପ୍ରଚାରକ ସେଠାରେ ଉପସ୍ଥିତ ସମସ୍ତଙ୍କ ଉପରେ କିଛି ଛିଞ୍ଚନ କରୁଛନ୍ତି। ପରେ ଜଣେ ମହିଳା ଏବଂ ଜଣେ ପୁରୁଷଙ୍କ ମୁଣ୍ଡରେ ହାତ ରଖି କିଛି ଶବ୍ଦ ଉଚ୍ଚାରଣ କରିବା ପରେ ଉଭୟ ମହିଳା ଓ ପୁରୁଷ ତଳେ ଶୋଇ ପଡୁଥିବା ଭିଡିଓରେ ଦେଖାଯାଉଛି। ଏହି ଭିଡିଓ ଭାଇରାଲ ପରେ ଭିନ୍ନ ଭିନ୍ନ ପ୍ରତିକ୍ରିୟା ପ୍ରକାଶ ପାଇବାରେ ଲାଗିଛି।

**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ.MCSW-POH-ACT-23-24-22

କାର୍ଯ୍ୟର ନାମ : (i) ଛୋଟ ମରାମତି ସହିତ ଫାଷ୍ଟେନିଙ୍ଗ୍ ଆରେଞ୍ଜମେଣ୍ଟ ଏବଂ ଡ୍ରାୟର କେବୁଲର ସ୍ଥାନାନ୍ତରଣ ତଥା ଅଣ୍ଡର ସ୍ଲଙ୍ଗ୍ ପାଣି ଟାଙ୍କିର ସଫେଇ, (ii) ଡ୍ରିପ୍ ଟ୍ରେ (Drip tray)ରେ ୱାଟର ଲିକେଜ୍ ମରାମତି ଏବଂ (iii) ରେଳ ଡବା ମରାମତି କାରଖାନା, ମଞ୍ଚେଶ୍ୱର ଠାରେ LHB କୋଚ୍‌ଗୁଡ଼ିକର ଶୌଚାଳୟ ପ୍ୟାନ୍ ଏବଂ କମୋଡ୍ (Commode)କୁ ଧୋଇବା ।

ବିଜ୍ଞାପିତ ମୂଲ୍ୟ (₹): 58,96,329.60, EMD (₹): 1,17,900/-, ଶେଷ ହେବା ଅବଧି : 24 ମାସ ।

ବିଡ୍ ଆରମ୍ଭ ହେବା ତାରିଖ : ତା.23.11.2023 ରିଖ,

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.07.12.2023 ରିଖ 1500 ଘଟିକାରେ ।

ଏହି ଟେଣ୍ଡର୍ ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ ।

ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିସ୍ତୃତ ବିବରଣୀ http://www.ireps.gov.in ରେ ଉପଲବ୍ଧ ଅଟେ ।

ସେକ୍ସନ ଇଞ୍ଜି ମେକାନିକାଲ ଇଂଜିନିୟର(P),ରେଳ ଡବା ମରାମତି କାରଖାନା/ ମଞ୍ଚେଶ୍ୱର

PR-794/O/23-24

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. SNTPBBS-072023-IDS

କାର୍ଯ୍ୟର ନାମ : ନିମ୍ନଲିଖିତ ସେକ୍ସନ ଠାରେ ଟ୍ରାକିଂ ଏବଂ ଲେଭେଲ୍ କ୍ରସିଙ୍ଗ୍ ଆଲର୍ଟ ସହିତ ହାତୀ ମାନଙ୍କର ଗତିବିଧି ର ଚିହ୍ନଟ କରିବା ନିମନ୍ତେ ଇଣ୍ଟ୍ରୁଜନ ଡିଟେକ୍ସନ ସିଷ୍ଟମ (IDS) ର ବ୍ୟବସ୍ଥା : ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ଼ ମଣ୍ଡଳରେ ବୈରୀ- କପିଳାସ ରୋଡ଼ - ସାଳଗାଁ, ଟାରବାଟିଆ - ଗୁରୁଡ଼ିଝାଟିଆ - ମାଳ୍ପୁର - ରାଜଆଠଗଡ଼ - କୋରନ୍ଦା ରୋଡ଼, ସଦାଶିବପୁର- ହିନ୍ଦୋଳ ରୋଡ଼, ବୁଢ଼ାପଙ୍କ - ତାଳଚେର ରୋଡ଼, ରମ୍ଭା - ହୁମ୍ମା - ଗଞ୍ଜାମ, ବସନ୍ତପୁର - ସୀତାବିଞ୍ଜି, ଗୋଆଲିଡ଼ିହ- ପର୍ଜନପୁର - ନୟାଗଡ଼ ଟାଉନ ଏବଂ ସମ୍ବଲପୁର ମଣ୍ଡଳରେ ମାନେଶ୍ୱର - ବାମୁର, ତୁରେକେଲା ରୋଡ଼ - ଲଖନା, ଅରଣ୍ଡ - ଆରଙ୍ଗ ମହାନଦୀ, ନରଲା ରୋଡ଼ - ଥେରୁବାଲୀ ଏବଂ ବଲାଙ୍ଗୀର - ଦେଓଗାଁ ରୋଡ଼ ସେକ୍ସନ୍ ।

ଆନୁମାନିକ ବିଜ୍ଞାପିତ ମୂଲ୍ୟ (ଟଙ୍କାରେ) : 72,65,96,689.20, EMD (ଟଙ୍କାରେ): ₹ 37,83,000/-, ଶେଷ ହେବା ଅବଧି : 12 ମାସ ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.15.12.2023ରିଖ 1530 ଘଟିକାରେ ।

ଏହି ଇ-ଟେଣ୍ଡର କ୍ଷେତ୍ରରେ ଡାକ/କୋରିଅର/ଫ୍ୟାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦିପି ଏଗୁଡ଼ିକ Firm ର ଲେଟରହେଡ଼୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫର ଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧରୂପେ ନାକଚ କରାଯିବ ।

ଦ୍ରଷ୍ଟବ୍ୟ : ଏହି ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 ଦିନ ପୂର୍ବରୁ ୱେବ୍‌ସାଇଟ୍ କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ହେବ ।

ସହାୟକ ସଂକେତ ଏବଂ ଦୂରସଂଚାର ଯନ୍ତ୍ରୀ, P-I ଭୁବନେଶ୍ୱର

PR-90/CG/23-24

**ପାୱରଗ୍ରିଡ POWERGRID**

ଓପିଟିସିଏଲ୍‌କୁ କନ୍‌ସଲଟାନ୍ସି ସେବା ଅଧୀନରେ ଓପିଟିସିଏଲ୍ ଗ୍ରିଡ୍ ସବ୍‌ଷ୍ଟେଶନଗୁଡ଼ିକର ରିମୋଟ୍ କଣ୍ଟ୍ରୋଲ ତଥା ମନିଟରିଂ ନିମନ୍ତେ ଷ୍ଟେଟ୍ ଟ୍ରାନ୍ସମିଶନ୍ ଆସେଟ୍ ମ୍ୟାନେଜମେଣ୍ଟ ସେଣ୍ଟର (ଏସ୍‌ଟିଏଏମ୍‌ସି) ପ୍ରତିଷ୍ଠା ପାଇଁ ବିଡ୍ ଆମନ୍ତ୍ରଣ (ଆଇଏଫ୍‌ବି) । ବିନିର୍ଦ୍ଦିଷ୍ଟତା ନଂ.: ସିସି/ଏନ୍‌ଟି/ଡବ୍ଲ୍ୟୁ-ଏସ୍‌ସିଏଡିଏ/ଡିଏମ୍/ଏ୦୦/୨୩/୦୮୨୨୮

ଏକକ ପର୍ଯ୍ୟାୟ ଦୁଇ ଲଫାପା (ଏସ୍ଏସ୍‌ଟିଇ) ବିଡିଂ ପଦ୍ଧତି (ପାଣ୍ଠିଯୋଗାଣ: ଘରୋଇ)

ଘରୋଇ ପ୍ରତିଯୋଗିତାମୂଳକ ବିଡିଂ ତାରିଖ: ୨୩।୧୧।୨୦୨୩

ପାୱାରଗ୍ରୀଡ୍ ନିମ୍ନଲିଖିତ ପ୍ୟାକେଜ୍ ପାଇଁ ଇ-ପୋର୍ଟାଲ୍ https://etender.powergrid.in ମାଧ୍ୟମରେ ଅନ୍‌ଲାଇନ୍ ବିଡ୍ ଆହ୍ୱାନ କରୁଛି:

| କାର୍ଯ୍ୟର ବିବରଣୀ/ସାଇଟ୍/ପ୍ରମୁଖ ସବିଶେଷ ବିବରଣ | ବିଡିଂ କାଗଜପତ୍ର ଡାଉନ୍‌ଲୋଡିଂ / ବିଡିଂ କାଗଜପତ୍ରର ମୂଲ୍ୟ | ବିଡ୍ ଦାଖଲର ଶେଷ ତାରିଖ (ସଫ୍ଟ କପି ଓ ହାର୍ଡ କପି ଭାଗ) |
|---|---|---|
| ଓପିଟିସିଏଲ୍‌କୁ କନ୍‌ସଲଟାନ୍ସି ସେବା ଅଧୀନରେ ଓପିଟିସିଏଲ୍ ଗ୍ରୀଡ୍ ସବ୍‌ଷ୍ଟେଶନଗୁଡ଼ିକର ରିମୋଟ୍ କଣ୍ଟ୍ରୋଲ ତଥା ମନିଟରିଂ ନିମନ୍ତେ ଷ୍ଟେଟ୍ ଟ୍ରାନ୍ସମିଶନ୍ ଆସେଟ୍ ମ୍ୟାନେଜମେଣ୍ଟ ସେଣ୍ଟର (ଏସ୍‌ଟିଏଏମ୍‌ସି) ପ୍ରତିଷ୍ଠା | ତା୦୭।୧୨।୨୦୨୩ରିଖ ୧୧.୦୦ ଘଟିକା ପର୍ଯ୍ୟନ୍ତ; ଆଇଏନ୍ଆର୍ ୨୫,୦୦୦/- | ସଫ୍ଟ କପି ଭାଗ: ତା୦୭।୧୨।୨୦୨୩ରିଖ ୧୧.୦୦ ଘଟିକା ପର୍ଯ୍ୟନ୍ତ ଏବଂ ହାର୍ଡ କପି ଭାଗ: ତା୧୧।୧୨।୨୦୨୩ରିଖ ୧୧.୦୦ ଘଟିକା ପର୍ଯ୍ୟନ୍ତ |

୧. ବିଡିଂ କାର୍ଯ୍ୟକ୍ରମରେ ଯୋଗପତ୍ର/ପରିବର୍ତ୍ତନ, ଯଦି ଥାଏ, ସମେତ ଅଧିକ ବିବରଣୀ ପାଇଁ ଦୟାକରି ସଂଗ୍ରହଣ ପୋର୍ଟାଲ୍ https://etender.powergrid.in ପରିଦର୍ଶନ କରନ୍ତୁ ।
୨. ବିଡ୍‌ର ପ୍ରଥମ ଲଫାପା (ଟେକ୍ନୋ-କମର୍ସିଆଲ୍ ଭାଗ)କୁ ବିଡ୍ ଦାଖଲର ଶେଷ ତାରିଖ ଦିନରେ ହିଁ ଖୋଲାଯିବ (ହାର୍ଡ କପି ଭାଗ) ଅର୍ଥାତ୍ ୧୧.୩୦ ଘଟିକା ପରଠାରୁ ।
୩. କେବଳ ରେଫରେନ୍ସ ଉଦ୍ଦେଶ୍ୟ ପାଇଁ ସମ୍ପୂର୍ଣ୍ଣ ବିଡିଂ କାଗଜପତ୍ର ଆମର http://www.powergrid.inରେ ମଧ୍ୟ ଉପଲବ୍ଧ ।
୪. ଏନ୍ଆଇଟି/ଆଇଏଫ୍‌ବି ଇ-ପୋର୍ଟାଲ https://etender.powergrid.inରେ ତା୦୪।୦୯।୨୦୨୩ରିଖରୁ ପ୍ରକାଶିତ ହୋଇସାରିଛି ।
୫. ଅନ୍ୟ କୌଣସି ସୂଚନା ପାଇଁ ଦୟାକରି ଯୋଗାଯୋଗ କରନ୍ତୁ: ୦୧୨୪-୨୮୨-୨୩୮୩/୨୩୬୬/୨୩୫୧; ୯୬୫୦୦୮୯୮୨୫/୯୫୦୧୧୦୨୦୫୧/୮୦୮୨୪୦୨୦୫୦

**ପାୱାର ଗ୍ରୀଡ୍ କର୍ପୋରେଶନ ଅଫ୍ ଇଣ୍ଡିଆ ଲିମିଟେଡ୍**
(ଭାରତ ସରକାରଙ୍କ ଏକ ଉଦ୍ୟୋଗ)
କର୍ପୋରେଟ୍ କାର୍ଯ୍ୟାଳୟ: ''ସୌଦାମିନୀ'', ପ୍ଲଟ୍ ନଂ. ୨, ସେକ୍ଟର-୨୯, ଗୁରୁଗ୍ରାମ-୧୨୨୦୦୧ (ହରିୟାଣା)
ପଞ୍ଜୀକୃତ କାର୍ଯ୍ୟାଳୟ: ବି-୯, କୁତବ ଇନ୍‌ଷ୍ଟିଚ୍ୟୁସନାଲ୍ ଏରିଆ, କଟୱାରିଆ ସରାଇ, ନୂଆଦିଲ୍ଲୀ-୧୧୦୦୧୬
www.powergrid.in, ସିଆଇଏନ୍: ଏଲ୍୪୦୧୦୧ଡିଏଲ୍୧୯୮୯ଜିଓଆଇ୦୩୮୧୨୧
ଏକ ମହାରତ୍ନ ପିଏସ୍‌ୟୁ
PG/CC/NIT-21/Ad-65/2023-24/Kaka

**ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ, ବଣାଇ, ବନଖଣ୍ଡ**

**ବିଜ୍ଞପ୍ତି**

ଏତଦ୍ୱାରା ସର୍ବସାଧାରଣଙ୍କ ଗୋଚର ନିମନ୍ତେ ଜଣାଇ ଦିଆଯାଉଛି କି, ସ୍ୱେଚ୍ଛାକୃତ ଭାବରେ ସାପ ଉଦ୍ଧାର ଏବଂ ପୁନର୍ବାସ କରାଉଥିବା ବ୍ୟକ୍ତିମାନଙ୍କୁ ସରକାରଙ୍କ ତରଫରୁ ପ୍ରମାଣପତ୍ର ଦେବାର ବ୍ୟବସ୍ଥା କରାଯାଉଅଛି । ସେଥିପାଇଁ ଆଗ୍ରହୀ ବ୍ୟକ୍ତିବିଶେଷ (Snake Handler) ମାର୍ଗଦର୍ଶିକା ସଂଲଗ୍ନ ନିର୍ଦ୍ଧାରିତ ଫର୍ମରେ ବନଖଣ୍ଡ ଅଧିକାରୀ, ବଣାଇଁ ବନଖଣ୍ଡଙ୍କ କାର୍ଯ୍ୟାଳୟରେ ଏହି ବିଜ୍ଞପ୍ତି ପ୍ରକାଶ ପାଇବାର ୩୦ ଦିନ ମଧ୍ୟରେ ଆବେଦନ କରିପାରିବେ । ଏଥି ସମ୍ବନ୍ଧୀୟ ବିସ୍ତୃତ ମାର୍ଗଦର୍ଶିକା ବନଖଣ୍ଡ ଅଧିକାରୀ, ବଣାଇଁ ବନଖଣ୍ଡ ଏବଂ ବନାଞ୍ଚଳ ଅଧିକାରୀ, ବଣାଇଁ, ବାରସୁଆଁ, କୋଇଡା, କୁଳିପୋଷ, ତାମଡା, ଜର୍ଡା ଏବଂ ସୋଲଙ୍କ କାର୍ଯ୍ୟାଳୟ ତଥା ରାଜ୍ୟ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ (ବନ୍ୟପ୍ରାଣୀ) ଓ ମୁଖ୍ୟ ବନ୍ୟପ୍ରାଣୀ ତତ୍ତ୍ୱାବଧାରକଙ୍କ ୱେବସାଇଟ୍ (www.wildlife.odisha.gov.in) ରେ ଉପଲବ୍ଧ ଅଛି ।

ସ୍ୱା./- ବନଖଣ୍ଡ ଅଧିକାରୀ ଓ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ, ବଣାଇଁ, ବନଖଣ୍ଡ

**TP SOUTHERN ODISHA DISTRIBUTION LIMITED** TPSODL
(Procurement Department)
BPR North Star Building,
2nd Floor, Khodasingi, Berhampur, Odisha-760010

**NOTICE INVITING TENDER** Dt.: 23.11.2023

TP Southern Odisha Distribution Ltd. invites tender from eligible vendors for following:

| Sl. No. | Tender Description | NIT Number | EMD (Rs.) | Tender Fee inclusive of GST (Rs.) | Last date and time of Payment of Tender Fee |
|---|---|---|---|---|---|
| 1 | Rate Contract for image processing and feature extraction using AI/ML. | TPSODL/OT/2023-24/062 | 2 Lacs | 5,000 | 16.12.2023; 18:00 Hrs. |
| 2 | Purchase of Microsoft licenses & antivirus software licenses for TPSODL | TPSODL/OT/2023-24/063 | 2 Lacs | 5,000 | 13.12.2023; 18:00 Hrs. |

For detailed tender, please visit Tender Section on TPSODL website https://www.tpsouthernodisha.com

**झारखण्ड सरकार**
**ग्रामीण कार्य विभाग, कार्यपालक अभियंता का कार्यालय**
कम्बाईण्ड बिल्डिंग, प्रथम तल्ला, एल0सी0 रोड, धनबाद

**ई–अति अल्पकालीन निविदा आमंत्रण सूचना**

ई–निविदा संख्या:- 24/RWD/DHANBAD/23-24 दिनांक :- 21.11.2023

कार्यपालक अभियंता, ग्रामीण कार्य विभाग, कार्य प्रमण्डल, धनबाद द्वारा निम्न विवरण के अनुसार e-procurement पद्धति से निविदा आमंत्रित की जाती है।

| क्र0 सं0 | आईडेन्टी फिकेशन संख्या/पैकेज संख्या | कार्य का नाम | प्राक्कलित राशि (लाख में) अंक में | प्राक्कलित राशि (लाख में) अक्षर में | कार्य समाप्ति की अवधि | टेण्डर कॉल संख्या |
|---|---|---|---|---|---|---|
| 1. | RWD/DHANBAD/05/23-24 | बेड़ा नियामतपुर से खेड़काबाद तक पथ निर्माण कार्य (लं– 3.10 कि0मी0) | 27920661.00 | दो करोड़ उनासी लाख बीस हजार छह सौ एकसठ मात्र। | 15 माह | द्वितीय |

2. वेबसाईट में निविदा प्रकाशन की तिथि:– 25.11.2023
3. ई–निविदा प्राप्ति की अंतिम तिथि एवं समय:– 02.12.2023 अपराह्न 5.00 बजे तक।
4. निविदा खोलने की तिथि एवं समय:– 03.12.2023 अपराह्न 3.30 बजे।
5. निविदा आमंत्रित करने वाले पदाधिकारी का नाम एवं पता:– कार्यपालक अभियंता, ग्रामीण कार्य विभाग, कार्य प्रमण्डल, धनबाद, पिन– 826001
6. ई–निविदा प्रकोष्ठ का दूरभाष सं0– 0326–3554757

विस्तृत जानकारी के लिए वेबसाईट jharkhandtenders.gov.in में देखा जा सकता है।

कार्यपालक अभियंता
ग्रामीण कार्य विभाग, कार्य प्रमण्डल, धनबाद।

PR 311727 (Rural Work Department) 23-24 (D)

# ମତ୍ସ୍ୟ, ପ୍ରାଣୀ ସମ୍ପଦ ମେଳା ଉଦ୍‌ଯାପିତ

**ନୟାଗଡ଼,୨୨।୧୧(ଲୋକନାଥ ମିଶ୍ର)**

ନୟାଗଡ଼ ଷ୍ଟାଡିୟମରେ ମଙ୍ଗଳବାର ଆରମ୍ଭ ହୋଇଥିବା ୨ ଦିନିଆ ଜିଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ବୁଧବାର ଉଦ୍‌ଯାପିତ ହୋଇଯାଇଛି । ଉଦ୍‌ଯାପନୀ ଉତ୍ସବରେ ପ୍ରାଣୀ ଚିକିତ୍ସା ବିଭାଗ ଅତିରିକ୍ତ ନିର୍ଦ୍ଦେଶକ ଡାକ୍ତର ବୀର କିଶୋର ପରିଡ଼ା, ଅତିରିକ୍ତ ଜିଲାପାଳ ଦିଲୀପ କୁମାର ବଳ, ଅତିରିକ୍ତ ଏସ୍‌ପି ସୁବାସ ଚନ୍ଦ୍ର ପଣ୍ଡା, ଉପଜିଲାପାଳ ଶକ୍ତିକାନ୍ତ ରାୟ ଯୋଗ ଦେଇ କହିଥିଲେ ଚାଷ ଜମିର କ୍ରମାଗତ ହ୍ରାସ, ଜଳବାୟୁ ପରିବର୍ତ୍ତନ ଓ ପୁଷ୍ଟିକର ଖାଦ୍ୟର ଚାହିଦା ଦୃଷ୍ଟିରୁ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ଗୁରୁତ୍ୱ ପାଇଛି। ସରକାରୀ ସହାୟତା ଓ ଯୋଜନା ଚାଷୀଙ୍କ ଆୟ ବୃଦ୍ଧିରେ ସହଯୋଗ କରୁଛି। ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ପ୍ରଶାନ୍ତ କୁମାର ମିଶ୍ର ବକ୍ତବ୍ୟରେ କହିଥିଲେ ଆମ ଦେଶରେ ଚାଷୀ ଏବେ ଅନ୍ୟତ୍ର ଖାଦ୍ୟଶସ୍ୟ ପଠାଉଛନ୍ତି। ରାଜ୍ୟ ସରକାର ଚାଷୀମାନଙ୍କୁ ଗୁରୁତ୍ୱ ଦେଉଛନ୍ତି । କୃଷକ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଓ ଉଦ୍ୟୋଗୀ ନିମନ୍ତେ ପ୍ରାଣୀ ସମ୍ପଦ ବିକାଶ ହେଉଛି । ଚାଷୀଙ୍କ ଭାତ ଥାଳିରେ ମାଛ, ମାଂସ, ଅଣ୍ଡା ଓ ଦୁଗ୍ଧର ଚାହିଦା ବଢ଼ିଲାଣି । ଜିଲାରେ ୧୬ଟି ପ୍ରାଣୀ ଚିକିତ୍ସାଳୟ ଓ ୬୮ଟି ପ୍ରାଣୀ ସହାୟକ କେନ୍ଦ୍ର ମାଧ୍ୟମରେ ପ୍ରାଣୀ ପାଳକ ଓ ପରାମର୍ଶ ସେବା ଯୋଗାଇ ଦିଆଯାଉଛି। ପ୍ରତି ବ୍ଲକରେ ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା ସେବା, ଅପହଞ୍ଚ ଇଲାକାରେ ପ୍ରାଣୀ ସେବା ଯୋଗାଇ ଦିଆଯାଉଛି । ପ୍ରଚଳିତ ସରକାରୀ ଯୋଜନାକୁ ଲୋକାଭିମୁଖୀ କରିବା ଓ ଅଧିକରୁ ଅଧିକ ଚାଷୀ ଭାଇଙ୍କୁ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ପ୍ରତି ଆକର୍ଷିତ ରହିବାର ଲକ୍ଷ୍ୟ ରହିଛି । ଜିଲାରେ ୧୫୫ ଚାଷୀଙ୍କୁ ୫୦୦ ଲେଖାଏଁ ବ୍ରଏଲାର ଫାର୍ମ, ୨ଜଣଙ୍କୁ ଲୟାର ଫାର୍ମ, ୨ଜଣଙ୍କୁ ଚିଆଁ ପାଳନ କେନ୍ଦ୍ର, ୪ଜଣଙ୍କୁ ବତକ ଫାର୍ମ, ୧୦ଜଣଙ୍କୁ ଘୁଷୁରୀ ପାଳନ, ୪୩ ଜଣଙ୍କୁ ଛେଳି ପାଳନ, ୯ଜଣଙ୍କୁ ମୁରା ମଇଁଷୀ ପାଳନ ପାଇଁ ସୁବିଧା ଦିଆଯାଇଛି। ୮୬ ଏସ୍‌ଏଚ୍‌ଜିକୁ ଛେଳି ଓ କୁକୁଡ଼ା ପାଳନ ପାଇଁ ଅନୁରୂପ ସୁବିଧା ଦିଆଯାଇଛି । ଜିଲା ମତ୍ସ୍ୟଅଧିକାରୀ ପ୍ରଭାତ କୁମାର ତ୍ରିପାଠୀ ମଞ୍ଚାସୀନ ଥିବାବେଳେ କବି ଗୋପୀନାଥ ସେଠୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।



ଉଦ୍‌ଯାପନୀ ଉତ୍ସବରେ ଯୋଗଦେଇଥିବା ଅତିଥି ।

**ଅନ୍ନଦାତାଙ୍କୁ ଅନ୍ନ ମିଳିଲାନି :** ଜିଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳାକୁ ଆସିଥିବା ଅନ୍ନଦାତା(ଚାଷୀ)ଙ୍କୁ ଅନ୍ନ ଓ ଖାଦ୍ୟ ଯୋଗାଇବାରେ ଅଣଦେଖା କରାଯାଇଥିବା ଅଭିଯୋଗ ହୋଇଛି । ଦୁଇ ଦିନ ଧରି ଅନୁଷ୍ଠିତ ମେଳାରେ କେତେଜଣ ଚାଷୀ ଭୋକିଲା ଫେରିଛନ୍ତି । ବହୁ ଚାଷୀ ଅନ୍ନ ପାଇଁ ଲଢ଼େଇ କରି ଖାଇଛନ୍ତି । ମେଳାକୁ ଚାଷୀଙ୍କୁ ଡାକି ହଟହଟା କରାଯାଇଥିବା ଅଭିଯୋଗ ହୋଇଛ।

**ଜୀବନ୍ତ ପ୍ରାଣୀ ପ୍ରଦର୍ଶନକୁ ଅଣଦେଖା:** ମେଳାରେ ଜୀବନ୍ତ ପ୍ରାଣୀ ପ୍ରଦର୍ଶନ କରାଯିବାର କୁହାଯାଇଥିଲା। ତେବେ ହାତଗଣତି କୋଟେଟି ଦେସି ଗାଇ ଓ ଛେଳିକୁ ଛାଡିଦେଲେ ଜୀବନ୍ତ ପ୍ରାଣୀ ଦେଖିବାକୁ ମିଳି ନ ଥିଲା । ପଡୋଶୀ ଜିଲା ଖୋର୍ଦ୍ଧାରେ ମଧ ଜୀବନ୍ତ ପ୍ରାଣୀ ପ୍ରଦର୍ଶନ କରାଯାଇଥିବା

### ଚାଷୀଙ୍କ ଆୟ ବୃଦ୍ଧି କରୁଛି ମତ୍ସ୍ୟ ଓ ପ୍ରାଣୀ ପାଳନ

କେତେଜଣ ଚାଷୀ କହିଛନ୍ତି । ସରକାର ମେଳା ପାଇଁ କେତେ ଅନୁଦାନ ଯୋଗାଇଛନ୍ତି ଜଣାପଡି ନ ଥିଲେ ହେଁ ସବୁ କ୍ଷେତ୍ରରେ ଚାଷୀଙ୍କୁ ଅଣଦେଖା କରାଯାଇଥିବା ଅଭିଯୋଗରେ ଦର୍ଶାଯାଇଛି।

**ସମସ୍ୟା ଉତ୍ଥାପନ ପାଇଁ ମିଳିଲାନି ସୁଯୋଗ:** ମେଳାରେ ଚାଷୀଙ୍କ ସମସ୍ୟା ଉତ୍ଥାପନ ପାଇଁ ସୁଯୋଗ ଦିଆଯାଇଥିଲା । ଢ଼େଙ୍କେଣାର ଚାଷୀ ମଗୁଳି ସ୍ୱାଇଁ କହିଥିଲେ ୫୦୦ କୁକୁଡ଼ା ଓ ଗାଇ ରଖିଛି । ମୋତେ ଏଯାବତ ସରକାରୀ ସହାୟତା ମିଳୁନି । ମୁଁ ମୋର ଚାଷକୁ ଆଗକୁ ବଢ଼ାଇବାକୁ ଆଗ୍ରହୀ। ଗୋସୁଗମ, ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ଆପଣ ଗାଇ. କୁକୁଡା ଚାଷ କରିପାରିବେ କୁହାଯାଇଥିଲା । ହେଲେ ଚାଷୀ ବହୁ କଷ୍ଟରେ ମେଳାକୁ ଆସି କିଛି ସୁଫଳ ପାଇଲେ ନାହିଁ ବୋଲି କ୍ଷୋଭର ସହ କହିଥିଲେ । ପରେ ୨ରୁ ୩ଜଣ ଚାଷୀଙ୍କୁ ସୁଯୋଗ ଦେଇ ସଂସ୍କୃତିକ କାର୍ଯ୍ୟକ୍ରମ କରାଯିବ କହି ଚାଷୀଙ୍କୁ କହିବାକୁ ସୁଯୋଗ ଦିଆଗଲାନି । ବହୁ ଚାଷୀ ନିଜର ସମସ୍ୟା ନ ଜଣାଇ ମନ ଦୁଃଖରେ ଫେରିଲେ ।

# ବିରୁଡା, ଇକିରି ପଞ୍ଚାୟତରେ ଜିଲାପାଳ

**ନୟାଗଡ଼,୨୨।୧୧(ଲୋକନାଥ ମିଶ୍ର):** ନୟାଗଡ଼ ଜିଲାପାଳ ରବୀନ୍ଦ୍ର ନାଥ ସାହୁ ନୟାଗଡ଼ ବ୍ଲକ୍ ଅନ୍ତର୍ଗତ ବିରୁଡା ଓ ଇକିରି ପଞ୍ଚାୟତକୁ ଯାଇ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି । ବିରୁଡା ପଞ୍ଚାୟତକୁ ଯାଇ ଶ୍ମଶାନ କାର୍ଯ୍ୟର ସମୀକ୍ଷା କରିଥିଲେ। ପରେ ପଞ୍ଚାୟତ କାର୍ଯ୍ୟାଳୟରେ ଥିବା ହୋମିଓପ୍ୟାଥି ଡାକ୍ତରଖାନା, ପ୍ରାଣୀ ଚିକିତ୍ସାଳୟ, ବ୍ୟାଙ୍କ, ଆରଆଇ ଅଫିସ କାର୍ଯ୍ୟର ସମୀକ୍ଷା କରିଥିଲେ। ସେହିଭଳି ଇକିରି ପଞ୍ଚାୟତରେ ସମୀକ୍ଷା କରିଥିଲେ। ୫-ଟି ହାଇସ୍କୁଲ ଅଚ୍ୟୁତାନନ୍ଦରେ ଛାତ୍ରୀଛାତ୍ରଙ୍କ ସହ ଅଲୋଚନା କରିଥିଲେ। ସ୍କୁଲର କାମ ବୁଲି ଦେଖିଥିଲେ।

# ମା'ନାରାୟଣୀଙ୍କ ପୀଠରେ ଭାଗବତ ସପ୍ତାଙ୍ଗ

**ଖଣ୍ଡପଡ଼ା,୨୨।୧୧(ଅଜୟ କୁମାର ମହାରଣା):** ପଥରଚକଡାସ୍ଥିତ ମା' ନାରାୟଣୀଙ୍କ ପୀଠରେ ବାର୍ଷିକ ଭାଗବତ ସପ୍ତାଙ୍ଗ ତଥା ଯଜ୍ଞ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି । ଶ୍ରଦ୍ଧାଳୁମାନେ ସପ୍ତାଙ୍ଗ ଯଜ୍ଞ ଦର୍ଶନ ପାଇଁ ମା' ନାରାୟଣୀଙ୍କ ପୀଠରେ ପ୍ରାତଃକାଳରୁ ଭିଡ଼ ଜମାଇଛନ୍ତି । ଜୀବ ଜଗତର ସର୍ବକଲ୍ୟାଣ ପାଇଁ ଅନୁଷ୍ଠିତ ଏହି ଯଜ୍ଞ ଆସନ୍ତା ୭ଦିନ ପର୍ଯ୍ୟନ୍ତ ଚାଲିବ ବୋଲି ମୁଖ୍ୟକର୍ତ୍ତା କୃଷ୍ଣଚନ୍ଦ୍ର ଶତପଥୀ ସୂଚନା ଦେଇଛନ୍ତି।

**ପାୱାରଗ୍ରିଡ POWERGRID**

ଓପିଟିସିଏଲ୍‌କୁ କନ୍‌ସଲ୍‌ଟାନ୍ସି ସେବା ଅଧୀନରେ ଓପିଟିସିଏଲ୍ ଗ୍ରୀଡ୍ ସବ୍‌ଷ୍ଟେସନଗୁଡ଼ିକର ରିମୋଟ୍ କଣ୍ଟ୍ରୋଲ ତଥା ମନିଟରିଂ ନିମନ୍ତେ ଷ୍ଟେଟ୍ ଟ୍ରାନ୍ସମିଶନ୍ ଆସେଟ୍ ମ୍ୟାନେଜମେଣ୍ଟ ସେଣ୍ଟର (ଏସ୍‌ଟିଏଏମ୍‌ସି) ପ୍ରତିଷ୍ଠା ପାଇଁ ବିଡ୍ ଆମନ୍ତ୍ରଣ (ଆଇଏଫ୍‌ବି) । ବିନିର୍ଦ୍ଦିଷ୍ଟତା ନଂ.: ସିସି/ଏନ୍‌ଟି/ଡବ୍ଲ୍ୟୁ-ଏସ୍‌ସିଏଡିଏ/ଡିଏମ୍/ଏ୦୦/୨୩/୦୮୨୨୮
ଏକକ ପର୍ଯ୍ୟାୟ ଦୁଇ ଲଫାପା (ଏସ୍‌ଏସ୍‌ଟିଇ) ବିଡିଂ ପଦ୍ଧତି (ପାଣ୍ଠିଯୋଗାଣ: ଘରୋଇ)
ଘରୋଇ ପ୍ରତିଯୋଗିତାମୂଳକ ବିଡିଂ ତାରିଖ: ୨୩।୧୧।୨୦୨୩
ପାୱାରଗ୍ରୀଡ୍ ନିମ୍ନଲିଖିତ ପ୍ୟାକେଜ୍ ପାଇଁ ଇ-ପୋର୍ଟାଲ୍ https://etender.powergrid.in ମାଧ୍ୟମରେ ଅନ୍‌ଲାଇନ୍ ବିଡ୍ ଆହ୍ୱାନ କରୁଛି:

| କାର୍ଯ୍ୟର ବିବରଣୀ/ସାଇଟ୍/ପ୍ରମୁଖ ସବିଶେଷ ବିବରଣ | ବିଡିଂ କାଗଜପତ୍ର ଡାଉନ୍‌ଲୋଡିଂ / ବିଡିଂ କାଗଜପତ୍ରର ମୂଲ୍ୟ | ବିଡ୍ ଦାଖଲର ଶେଷ ତାରିଖ (ସଫ୍ଟ କପି ଓ ହାର୍ଡ କପି ଭାଗ) |
|---|---|---|
| ଓପିଟିସିଏଲ୍‌କୁ କନ୍‌ସଲ୍‌ଟାନ୍ସି ସେବା ଅଧୀନରେ ଓପିଟିସିଏଲ୍ ଗ୍ରୀଡ୍ ସବ୍‌ଷ୍ଟେସନଗୁଡ଼ିକର ରିମୋଟ୍ କଣ୍ଟ୍ରୋଲ ତଥା ମନିଟରିଂ ନିମନ୍ତେ ଷ୍ଟେଟ୍ ଟ୍ରାନ୍ସମିଶନ୍ ଆସେଟ୍ ମ୍ୟାନେଜମେଣ୍ଟ ସେଣ୍ଟର (ଏସ୍‌ଟିଏଏମ୍‌ସି) ପ୍ରତିଷ୍ଠା | ତା୦୭।୧୨।୨୦୨୩ରିଖ ୧୧.୦୦ ଘଟିକା ପର୍ଯ୍ୟନ୍ତ<br>ଆଇଏନ୍‌ଆର୍ ୨୫,୦୦୦/- | ସଫ୍ଟ କପି ଭାଗ: ତା୦୭।୧୨।୨୦୨୩ରିଖ ୧୧.୦୦ ଘଟିକା ପର୍ଯ୍ୟନ୍ତ ଏବଂ ହାର୍ଡ କପି ଭାଗ: ତା୧୧।୧୨।୨୦୨୩ରିଖ ୧୧.୦୦ ଘଟିକା ପର୍ଯ୍ୟନ୍ତ |

୧. ବିଡିଂ କାର୍ଯ୍ୟକ୍ରମରେ ଯୋଗପତ୍ର/ପରିବର୍ତ୍ତନ, ଯଦି ଥାଏ, ସମେତ ଅଧିକ ବିବରଣୀ ପାଇଁ ଦୟାକରି ସଂଗ୍ରହଣ ପୋର୍ଟାଲ୍ https://etender.powergrid.in ପରିଦର୍ଶନ କରନ୍ତୁ ।
୨. ବିଡ୍‌ର ପ୍ରଥମ ଲଫାପା (ଟେକ୍ନୋ-କମର୍ସିଆଲ ଭାଗ)କୁ ବିଡ୍ ଦାଖଲର ଶେଷ ତାରିଖ ଦିନରେ ହିଁ ଖୋଲାଯିବ (ହାର୍ଡ କପି ଭାଗ) ଅର୍ଥାତ୍ ୧୧.୩୦ ଘଟିକା ପରଠାରୁ ।
୩. କେବଳ ରେଫରେନ୍ସ ଉଦ୍ଦେଶ୍ୟ ପାଇଁ ସମ୍ପୂର୍ଣ୍ଣ ବିଡିଂ କାଗଜପତ୍ର ଆମର http://www.powergrid.inରେ ମଧ୍ୟ ଉପଲବ୍ଧ ।
୪. ଏନ୍‌ଆଇଟି/ଆଇଏଫ୍‌ବି ଇ-ପୋର୍ଟାଲ https://etender.powergrid.inରେ ତା୦୪।୦୯।୨୦୨୩ରିଖରୁ ପ୍ରକାଶିତ ହୋଇସାରିଛି ।
୫. ଅନ୍ୟ କୌଣସି ସୂଚନା ପାଇଁ ଦୟାକରି ଯୋଗାଯୋଗ କରନ୍ତୁ: ୦୧୨୪-୨୮୨-୨୩୮୩/୨୩୬୬/୨୩୫୧; ୯୬୫୦୦୮୯୮୨୫/୯୫୦୧୧୦୨୦୫୧/୮୦୮୨୪୦୨୦୯୦

**ପାୱାର ଗ୍ରୀଡ୍ କର୍ପୋରେଶନ ଅଫ୍ ଇଣ୍ଡିଆ ଲିମିଟେଡ୍**
(ଭାରତ ସରକାରଙ୍କ ଏକ ଉଦ୍ୟୋଗ)
କର୍ପୋରେଟ୍ କାର୍ଯ୍ୟାଳୟ: ''ସୌଦାମିନୀ'', ପ୍ଲଟ୍ ନଂ. ୨, ସେକ୍ଟର-୨୯, ଗୁରୁଗ୍ରାମ-୧୨୨୦୦୧ (ହରିୟାଣା)
ପଞ୍ଜୀକୃତ କାର୍ଯ୍ୟାଳୟ: ବି-୯, କୁତବ ଇନ୍‌ଷ୍ଟିଚ୍ୟୁସନାଲ୍ ଏରିଆ, କଟୱାରିଆ ସରାଇ, ନୂଆଦିଲ୍ଲୀ-୧୧୦୦୧୬
www.powergrid.in, ସିଆଇଏନ: ଏଲ୍୪୦୧୦୧ଡିଏଲ୍୧୯୮୯ଜିଓଆଇ୦୩୮୧୨୧
ଏକ ମହାରତ୍ନ ପିଏସ୍‌ୟୁ
PG/CC/NIT-21/Ad-65/2023-24/Kaka

# ନେଳିଗୋଡ଼ା କ୍ଲଷ୍ଟରସ୍ତରୀୟ ବୈଠକ

**ଦଶପଲ୍ଲା,୨୨।୧୧ (ପ୍ରକାଶ କୁମାର ପାଣି)**

ଦଶପଲ୍ଲା ବ୍ଲକର ନେଳିଗୋଡ଼ା ଉପ୍ରା ବିଦ୍ୟାଳୟରେ ନେଳିଗୋଡ଼ା କ୍ଲଷ୍ଟରସ୍ତରୀୟ ପଞ୍ଚମ ମାସିକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ କ୍ଲଷ୍ଟରର ୧୧ଜଣ ପ୍ରଧାନ ଶିକ୍ଷୟିତ୍ରୀ,ଶିକ୍ଷକ ଯୋଗ ଦେଇଥିଲେ । ଏହି ବୈଠକକୁ ନୟାଗଡ଼ ଜିଲା ଶିକ୍ଷା ଓ ତାଲିମ ପ୍ରତିଷ୍ଠାନର ପ୍ରଶିକ୍ଷକ ମନୋରଞ୍ଜନ ଦାଶ ଓ ଲାଙ୍ଗୁଏଜ ଲର୍ଣ୍ଣ ଫାଉଣ୍ଡେଶନ, ଓଡ଼ିଶାର ବରିଷ୍ଠ ବିଶେଷଜ୍ଞ ସନ୍ଦୀପ ବଳ ଉଦ୍‌ଘାଟନ କରିଥିଲେ । ଏହି ବୈଠକରେ ସାଧନ କର୍ମୀ ଭାବେ ବିଆରସିସି କୁବେରମଣି ସାହୁ ଯୋଗଦେଇ ମୌଳିକ ସାକ୍ଷରତାର ଡିକୋଡିଂ ଓ ସଂଖ୍ୟା ଜ୍ଞାନର ଭାଗକ୍ରିୟା ବିଷୟରେ ତାଲିମ ପ୍ରଦାନ କରିଥିଲେ । ପ୍ରଧାନ ଶିକ୍ଷୟିତ୍ରୀ ଆରତୀ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ । ଶିକ୍ଷକ ଅଜୟ କୁମାର ବେହେରା ଉକ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

# ରାଇ ଦାମୋଦର ବେଶରେ ଦର୍ଶନ ଦେଲେ ଶ୍ରୀରଘୁନାଥଜୀଉ


ରାଇ ଦାମୋଦର ବେଶରେ ଶ୍ରୀରଘୁନାଥଜୀଉ ।

**ଓଡ଼ଗାଁ,୨୨।୧୧(ଆଦର୍ଶ କୁମାର ପଟ୍ଟନାୟକ)**

ଓଡ଼ଗାଁରେ ବିଜେ ଶ୍ରୀରଘୁନାଥ ଜୀଉଙ୍କ ପୀଠରେ କାର୍ତ୍ତିକ ଶୁକ୍ଳ ଦଶମୀ ଅବସରରେ ବୁଧବାର ଶ୍ରୀଜୀଉଙ୍କ ରାଇଦାମୋଦର ବେଶ ଅନୁଷ୍ଠିତ ହୋଇଯାଇଛି। ଭୋର ୪ଟାରେ ମନ୍ଦିରଦ୍ୱାର ଫିଟାହୋଇ ଶୋଧନ ନୀତିପରେ ସକାଳ ୫ଟାରେ ମଙ୍ଗଳ ଆଳତୀ, ଅବକାଶ, ପଞ୍ଚାମୃତସ୍ନାନ, ମଇଲମ, ତଡପ ଲାଗି, ଖଟଣୀ ନୀତି ଅନୁଷ୍ଠିତ ହୋଇଥିଲା। ଏହି ବେଶରେ ଶ୍ରୀଜୀଉଙ୍କୁ ଦେଖିବାପାଇଁ ଶ୍ରଦ୍ଧାଳୁମାନଙ୍କ ଭିଡ଼ ଜମିଥିଲା। ସନ୍ଧ୍ୟା ଆଳତୀ ପରେ ଶ୍ରୀଜୀଉଙ୍କଠାରୁ ଆଜ୍ଞାମାଳ ପାଇ ବିଜେପ୍ରତିମା ମଣି ବିମାନରେ ବସି ପଟୁଆରରେ ଏକାଦଶୀ ବେଢା ପରିକ୍ରମା କରି ନାଟ୍ୟମଣ୍ଡପକୁ ବିଜେ ହୋଇଥିଲେ। ପାଳିଆ ପଣ୍ଡା ବେଣୁଧର ନନ୍ଦଙ୍କ ଦ୍ୱାରା ଷୋଡଶ ଉପଚାର ପୂଜା, କର୍ପୂର ଆଳତୀ, ପିଷ୍ଟକ ଆଳତୀ, ବନ୍ଦାପନା ଓ ମହାଆଳତୀ ପରେ ପ୍ରଭୁ ରତ୍ନସିଂହାସନକୁ ବିଜେ କରିଥିଲେ। ପାଳିଆ ପଣ୍ଡା ପୂଜକ ପରିଷଦ ସଭାପତି ପ୍ରଫୁଲ୍ଲ କୁମାର ମହାପାତ୍ର, ସମସ୍ତ କର୍ମକର୍ତ୍ତା, ମନ୍ଦିରପରିଛା ହରିବନ୍ଧୁ ଷଡ଼ଙ୍ଗୀ, ମନ୍ଦିର ପରିଚାଳକ ଜିତେନ୍ଦ୍ର କୁମାର ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

**ପୂର୍ବ ତଟ ରେଳପଥ**
ଟେଣ୍ଡର ସଂ.MCSW-POH-ACT-23-24-22
କାର୍ଯ୍ୟର ନାମ : (i) ଛୋଟ ମରାମତି ସହିତ ଫାଷ୍ଟେନିଙ୍ଗ୍ ଆରେଞ୍ଜମେଣ୍ଟ ଏବଂ ଡ୍ରାୟର କେବୁଲର ସ୍ଥାନାନ୍ତରଣ ତଥା ଅଣ୍ଡର ସ୍ଲୁଙ୍ଗ୍ ପାଣି ଟାଙ୍କିର ସଫେଇ, (ii) ଡ୍ରିପ୍ ଟ୍ରେ (Drip tray)ରେ ୱାଟର ଲିକେଜ୍ ମରାମତି ଏବଂ (iii) ରେଳ ଡବା ମରାମତି କାରଖାନା, ମଞ୍ଚେଶ୍ୱର ଠାରେ LHB କୋଚ୍‌ଗୁଡ଼ିକର ଶୌଚାଳୟ ପ୍ୟାନ୍ ଏବଂ କମୋଡ୍ (Commode)କୁ ଧୋଇବା ।
ବିଜ୍ଞାପିତ ମୂଲ୍ୟ (₹): 58,96,329.60, EMD (₹): 1,17,900/-, ଶେଷ ହେବା ଅବଧି : 24 ମାସ ।
ବିଡ୍ ଆରମ୍ଭ ହେବା ତାରିଖ : ତା.23.11.2023 ରିଖ,
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.07.12.2023 ରିଖ 1500 ଘଟିକାରେ ।
ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ ।
ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିସ୍ତୃତ ବିବରଣୀ http://www.ireps.gov.in ରେ ଉପଲବ୍ଧ ଅଟେ ।
ଡେପୁଟି ଚିଫ୍ ମେକାନିକାଲ ଇଂଜିନିୟର(P),ରେଳ ଡବା ମରାମତି କାରଖାନା/ମଞ୍ଚେଶ୍ୱର
PR-794/O/23-24

# ଖଣ୍ଡପଡ଼ାରେ ଗୋଷ୍ଠାଷ୍ଟମୀ ଉତ୍ସବ

**ଖଣ୍ଡପଡ଼ା,୨୨।୧୧(ଅଜୟ କୁମାର ମହାରଣା)**

ଖଣ୍ଡପଡା, ଖଳିସାହି, କୋସକା, ଜଗନ୍ନାଥପ୍ରସାଦ, ବେଣାଗାଡିଅ, ସିଧାମୂଳା, ଶାଳଝରିଆ ଆଦି ଅଞ୍ଚଳରେ ଗୋଷ୍ଠାଷ୍ଟମୀ ପାରମ୍ପରିକ ରୀତିରେ ଅନୁଷ୍ଠିତ ହୋଇଯାଇଛି । କଣ୍ଟିଲୋ ନୀଳମାଧବ ଜୀଉଙ୍କ ପୀଠରେ ଗୋଷ୍ଠାଷ୍ଟମୀ ଉତ୍ସବ ପାରମ୍ପରିକ ରୀତିରେ ପାଳିତ ହୋଇଛି। ଏହି ଅବସରରେ ସ୍ଥାନୀୟ ରାଧାମୋହନଜୀଉଙ୍କ ମଠରେ ପାରମ୍ପରିକ ରୀତିରେ ପୂଜାର୍ଚ୍ଚନା କରାଯାଇଥିଲା । ଅପରାହ୍ନ ପ୍ରାୟ ସାଢେ ୪ଟାରେ ଶ୍ରୀଜୀଉଙ୍କ ବିଗ୍ରହକୁ ଏକ ଶୋଭାଯାତ୍ରାରେ ନିକଟସ୍ଥ ମାଘମେଳା ପଡ଼ିଆକୁ ବିଜେ କରାଯାଇଥିଲା । ସେଠାରେ ଗ୍ରାମର ସମସ୍ତ ଗୋରୁଙ୍କୁ ଏକାଠି କରାଯାଇ ଶ୍ରୀଜୀଉଙ୍କ ପୂଜାର୍ଚ୍ଚନା କରିବା ପରେ ଉପସ୍ଥିତ ମହିଳାମାନେ ଗୋମାତାଙ୍କୁ ବନ୍ଦାପନା କରିଥିଲେ । ସମସ୍ତ ଗୋରୁଙ୍କୁ ଘାସ ଓ ଖାଦ୍ୟ ପ୍ରଦାନ କରାଯାଇଥିଲା । ପୂଜାର୍ଚ୍ଚନା ପରେ ଶ୍ରୀଜୀଉ ମଠକୁ ପ୍ରତ୍ୟାବର୍ତ୍ତନ କରିଥିଲେ । ଏହି ପୂଜା ଦେଖିବାକୁ ଶ୍ରଦ୍ଧାଳୁ ଓ କାର୍ତ୍ତିକ ବ୍ରତ ପାଳନ କରୁଥିବା ମହିଳାମାନଙ୍କ ସମାଗମ ହୋଇଥିଲା । ସେହିପରି ବାପୁଜୀ ନଗରସ୍ଥିତ ରଘୁନାଥଜୀଉଙ୍କ ଚଳନ୍ତି ପ୍ରତିମାଙ୍କୁ ନିକଟସ୍ଥ ରାମଲୀଳାସ୍ଥଳୀକୁ ବିଜେ କରାଯାଇଥିଲା । ଗାନ୍ଧୀପାର୍କରେ ଗୋରୁମାନଙ୍କୁ ଏକାଠି କରାଯାଇ ମହିଳାମାନେ ବନ୍ଦାପନା କରି ଘାସ ଖାଇବାକୁ ଦେଇଥିଲେ । ମହିଳାମାନେ ଯେତିକି ଘାସ ଖାଇବାକୁ ବିଛାଇ ରଖିଥିଲେ ସେତିକି ଗୋରୁ ଦେଖିବାକୁ ମିଳି ନ ଥିଲା ।

# ବିକଶିତ ଭାରତ ସଂକଳ୍ପ ଯାତ୍ରା ପାଇଁ ପ୍ରସ୍ତୁତି

**ଗଣିଆ,୨୨।୧୧(ସନ୍ତୋଷ କୁମାର ପ୍ରଧାନ)**

ଗଣିଆ ବ୍ଲକ ସଦ୍‌ଭାବନା ଗୃହରେ ବୁଧବାର ବିକଶିତ ଭାରତ ସଂକଳ୍ପ ଯାତ୍ରା ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଗଣିଆ ତହସିଲଦାର ପ୍ରୀତିବାଳା ରଣା, ଅତିରିକ୍ତ ବିଡିଓ ରତନଲାଲ ଲୋହରା, ଜିପିଇଓ ଗୋବିନ୍ଦ ମହାପାତ୍ର ଉପସ୍ଥିତ ରହି କେନ୍ଦ୍ର ସରକାରଙ୍କ ବିକଶିତ ଭାରତ ସଂକଳ୍ପ ଯାତ୍ରା ସମ୍ପର୍କରେ ବୁଝାଇଥିଲେ । କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନ ହିତକର ଯୋଜନା ଲୋକଙ୍କ ପାଖରେ ପହଞ୍ଚି ହିତାଧିକାରୀମାନେ କିଭଳି ଉପକୃତ ହେଉଛନ୍ତି ସେ ନେଇ ବିଭିନ୍ନ ପଞ୍ଚାୟତର ଜନସାଧାରଣଙ୍କଠାରୁ ବୁଝିବା ସହ କେନ୍ଦ୍ର ସରକାରଙ୍କ ଲୋକାଭୀମୁଖୀ ଯୋଜନାର ସଫଳ ରୂପାୟନ କେନ୍ଦ୍ର ସୂଚନା ଓ ପ୍ରସାରଣ ବିଭାଗର ଏକ ସ୍ୱତନ୍ତ୍ର ଗାଡ଼ିରେ ଏଲଇଡି ମାଧ୍ୟମରେ ପ୍ରଦର୍ଶନ କରାଯିବ। ଏହି ଗାଡ଼ି ବ୍ଲକର ବିଭିନ୍ନ ପଞ୍ଚାୟତରେ ପରିଭ୍ରମଣ କରିବା ବେଳେ ବିଭାଗୀୟ ଅଧିକାରୀ, ସ୍ଥାନୀୟ ନିର୍ବାଚିତ ଲୋକପ୍ରତିନିଧି, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଓ ଜନସାଧାରଣ ଉପସ୍ଥିତ ରହିବାକୁ ପରାମର୍ଶ ଦିଆଯାଇଥିଲା। ଏହି ପ୍ରସ୍ତୁତି ବୈଠକରେ ବ୍ଲକର ବିଭିନ୍ନ ପଞ୍ଚାୟତର ସରପଞ୍ଚ, ପିଇଓ, ରାଜସ୍ୱ, ସ୍ୱାସ୍ଥ୍ୟ, ଶିକ୍ଷା, କୃଷି, ଜଙ୍ଗଲ ଓ ପରିବେଶ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

**ପୂର୍ବ ତଟ ରେଳପଥ**
ଇ-ଟେଣ୍ଡର ବିଜ୍ଞପ୍ତି ସଂ. SNTPBBS-072023-IDS
କାର୍ଯ୍ୟର ନାମ : ନିମ୍ନଲିଖିତ ସେକ୍ସନ ଠାରେ ଟ୍ରାକିଂ ଏବଂ ଲେଭେଲ୍ କ୍ରସିଙ୍ଗ୍ ଆଲର୍ଟ ସହିତ ହାତୀ ମାନଙ୍କର ଗତିବିଧି ର ଚିହ୍ନଟ କରିବା ନିମନ୍ତେ ଇନ୍‌ଟ୍ରୁଜନ ଡିଟେକ୍ସନ ସିଷ୍ଟମ (IDS) ର ବ୍ୟବସ୍ଥା : ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ୍ ମଣ୍ଡଳରେ ବୈରୀ- କପିଳାସ ରୋଡ୍ - ସାଳଗାଁ, ଚାରବାଟିଆ - ଗୁରୁଡ଼ିଝାଟିଆ - ମାଳ୍ପୁର - ରାଜଆଠଗଡ଼ - କୋରନ୍ଧା ରୋଡ୍, ସଦାଶିବପୁର- ହିନ୍ଦୋଳ ରୋଡ୍, ବୁଢ଼ାପଙ୍କ - ତାଳଚେର ରୋଡ୍, ରମ୍ଭା - ହୁମ୍ମା - ଗଞ୍ଜାମ, ବସନ୍ତପୁର - ସୀତାବିଞ୍ଜି, ଗୋଆଲଡିହ- ପର୍ଜନପୁର - ନୟାଗଡ଼ ଟାଉନ ଏବଂ ସମ୍ବଲପୁର ମଣ୍ଡଳରେ ମାନେଶ୍ୱର - ବାମୁର, ଢ଼ୁରେକେଲା ରୋଡ୍ - ଲଖନା, ଅରଣ୍ଡ - ଆରଙ୍ଗ ମହାନଦୀ, ନରଲା ରୋଡ୍ - ଥେରୁବାଲୀ ଏବଂ ବଲାଙ୍ଗୀର - ଦେଓଗାଁ ରୋଡ୍ ସେକ୍ସନ ।
ଆନୁମାନିକ ବିଜ୍ଞାପିତ ମୂଲ୍ୟ (ଟଙ୍କାରେ) : 72,65,96,689.20, EMD (ଟଙ୍କାରେ): ₹ 37,83,000/-, ଶେଷ ହେବା ଅବଧି : 12 ମାସ ।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.15.12.2023ରିଖ 1530 ଘଟିକାରେ ।
ଏହି ଇ-ଟେଣ୍ଡର କ୍ଷେତ୍ରରେ ଡାକ/କୋରିଅର/ଫ୍ୟାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ Firm ର ଲେଟରହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫର ଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧରୂପେ ନାକଚ କରାଯିବ ।
ଦ୍ରଷ୍ଟବ୍ୟ : ଏହି ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 ଦିନ ପୂର୍ବରୁ ୱେବସାଇଟ୍ କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।
ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବସାଇଟ୍ http://www.ireps.gov.in ରେ ଉପଲବ୍ଧ ହେବ ।
ସହାୟକ ସଂକେତ ଏବଂ ଦୂରସଂଚାର ଯନ୍ତ୍ରୀ, P-I ଭୁବନେଶ୍ୱର
PR-90/CG/23-24

**ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ, ବଣାଇ, ବନଖଣ୍ଡ**
**ବିଜ୍ଞପ୍ତି**
ଏତଦ୍ୱାରା ସର୍ବସାଧାରଣଙ୍କ ଗୋଚର ନିମନ୍ତେ ଜଣାଇ ଦିଆଯାଉଛି କି, ସ୍ୱେଚ୍ଛାକୃତ ଭାବରେ ସାପ ଉଦ୍ଧାର ଏବଂ ପୁନର୍ବାସ କରାଉଥିବା ବ୍ୟକ୍ତିମାନଙ୍କୁ ସରକାରଙ୍କ ତରଫରୁ ପ୍ରମାଣପତ୍ର ଦେବାର ବ୍ୟବସ୍ଥା କରାଯାଉଅଛି । ସେଥିପାଇଁ ଆଗ୍ରହୀ ବ୍ୟକ୍ତିବିଶେଷ (**Snake Handler**) ମାର୍ଗଦର୍ଶିକା ସଂଲଗ୍ନ ନିର୍ଦ୍ଧାରିତ ଫର୍ମରେ ବନଖଣ୍ଡ ଅଧିକାରୀ, ବଣାଇଁ ବନଖଣ୍ଡଙ୍କ କାର୍ଯ୍ୟାଳୟରେ ଏହି ବିଜ୍ଞପ୍ତି ପ୍ରକାଶ ପାଇବାର ୩୦ ଦିନ ମଧ୍ୟରେ ଆବେଦନ କରିପାରିବେ । ଏଥି ସମ୍ବନ୍ଧୀୟ ବିସ୍ତୃତ ମାର୍ଗଦର୍ଶିକା ବନଖଣ୍ଡ ଅଧିକାରୀ, ବଣାଇଁ ବନଖଣ୍ଡ ଏବଂ ବନାଞ୍ଚଳ ଅଧିକାରୀ, ବଣାଇଁ, ବାରସୁଆଁ, କୋଇଡା, କୁଳିପୋଷ, ତାମଡା, ଜର୍ଡା ଏବଂ ସୋଲଙ୍କ କାର୍ଯ୍ୟାଳୟ ତଥା ରାଜ୍ୟ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ (ବନ୍ୟପ୍ରାଣୀ) ଓ ମୁଖ୍ୟ ବନ୍ୟପ୍ରାଣୀ ତତ୍ତ୍ୱାବଧାରକଙ୍କ ୱେବସାଇଟ୍ (**www.wildlife.odisha.gov.in**) ରେ ଉପଲବ୍ଧ ଅଛି ।
ସ୍ୱା./- ବନଖଣ୍ଡ ଅଧିକାରୀ ଓ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ, ବଣାଇଁ, ବନଖଣ୍ଡ

# ଅଲଟ୍ରାସାଉଣ୍ଡ କ୍ଲିନିକ୍‌କୁ ଅନୁକମ୍ପା

### ଧରପଗଡ଼ ଶୀତଳଭଣ୍ଡାରରେ

**ନୟାଗଡ଼,୨୨।୧୧(ଲୋକନାଥ ମିଶ୍ର)**

ନୟାଗଡ଼ଜିଲାରେ ୨୦୧୧ ଜନଗଣନାଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ଜନ୍ମିତ କନ୍ୟା ଶିଶୁ ସଂଖ୍ୟାର ଅନୁପାତ ହାର ରାଜ୍ୟସ୍ତରଠାରୁ କମ ରହୁଛି । ଏନେଇ ଆବଶ୍ୟକ ସଚେତନତା କରାଯାଉନାହିଁ। ପୁଣି ଠିକ୍ ସମୀକ୍ଷା କରାଯାଉ ନ ଥିବା ଅଭିଯୋଗ ରହିଛି। ଅଲଟ୍ରାସାଉଣ୍ଡ୍ କ୍ଲିନିକଗୁଡ଼ିକୁ ଅତର୍କିତ ଭାବେ ଚଢ଼ାଉ, ଧରପଗଡ କରାଯାଉ ନାହିଁ। ଲୋକ ଦେଖାଣିଆ ଚଢ଼ାଉ ବେଳେ ସୂଚନା ଲିକ୍ ହୋଇ ଯାଉଥିବାରୁ ଅନିୟମିତତା ଲୁଚି ଯାଉଛି ବୋଲି ମତ ପ୍ରକାଶ ପାଇଛି। ଅଲଟ୍ରାସାଉଣ୍ଡ୍ କ୍ଲିନିକର ମାଲିକମାନେ ସରକାରୀ ନୀତି ନିୟମ ଭଙ୍ଗ କରୁଥିଲେ ମଧ କାର୍ଯ୍ୟାନୁଷ୍ଠାନ ନାହିଁ । ଏକାଧିକ କ୍ଲିନିକର ରିପୋର୍ଟ ଠିକ ରହୁ ନାହିଁ ବୋଲି ଅଭିଯୋଗ ହେଉଛି । ଗୋଟିଏ ରୋଗ ପାଇଁ ଭିନ୍ନ ଭିନ୍ନ ଅଲଟ୍ରାସାଉଣ୍ଡ୍ କ୍ଲିନିକରେ ରିପୋର୍ଟ ସଂଗ୍ରହ କଲେ ଅଲଗା ରହୁଛି। ଅନ୍ୟପକ୍ଷେ ଅଲଟ୍ରାସାଉଣ୍ଡ୍ କ୍ଲିନିକର ମାଲିକମାନେ କ୍ଲିନିକର ସମସ୍ତ ଦସ୍ତାବିଜ୍‌କୁ ସାଇତି ରଖିବାକୁ ବିଭିନ୍ନ ସମୟରେ ଜିଲାପାଳ ଗର୍ଭଧାରଣ ପୂର୍ବ ଏବଂ ଜନ୍ମପୂର୍ବ ଲିଙ୍ଗ ନିରୂପଣ ଅଧିନିୟମ ୧୯୯୪ ପିସିପିଏନ୍‌ଡିଟି ପରାମର୍ଶ ସମିତିର ସମୀକ୍ଷା ବୈଠକରେ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ପ୍ରତିମାସର ୫ତାରିଖ ସୁଦ୍ଧା କ୍ଲିନିକର ଆନୁସଙ୍ଗିକ ତଥ୍ୟ ଜିଲାପାଳ ଓ ଜିଲାମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ଠାରେ ପ୍ରୋ ଫର୍ମାରେ ଦାଖଲ କରିବା ନିମନ୍ତେ ଅନୁରୂପ ନିର୍ଦ୍ଦେଶ ଦେଇଥିଲେ । ଏଥିରେ ଅବହେଳା କଲେ ପଞ୍ଜୀକରଣ ରଦ୍ଦ କରିବା ପାଇଁ ଚେତାବନୀ ଦିଆଯାଇଥିଲା । ହେଲେ ଅଲଟ୍ରାସାଉଣ୍ଡର ମନମାନିକୁ ରୋକାଯାଇ ପାରୁନି ବୋଲି ଅଭିଯୋଗ ହୋଇଛି।

**TP SOUTHERN ODISHA DISTRIBUTION LIMITED** TPSODL
(Procurement Department)
BPR North Star Building,
2nd Floor, Khodasingi, Berhampur, Odisha-760010
**NOTICE INVITING TENDER** Dt.: 23.11.2023
TP Southern Odisha Distribution Ltd. invites tender from eligible vendors for following:

| Sl. No. | Tender Description | NIT Number | EMD (Rs.) | Tender Fee inclusive of GST (Rs.) | Last date and time of Payment of Tender Fee |
|---|---|---|---|---|---|
| 1 | Rate Contract for image processing and feature extraction using AI/ML. | TPSODL/OT/ 2023-24/062 | 2 Lacs | 5,000 | 16.12.2023; 18:00 Hrs. |
| 2 | Purchase of Microsoft licenses & antivirus software licenses for TPSODL | TPSODL/OT/ 2023-24/063 | 2 Lacs | 5,000 | 13.12.2023; 18:00 Hrs. |

For detailed tender, please visit Tender Section on TPSODL website https://www.tpsouthernodisha.com

# ଓଡ଼ଗାଁରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

**ଓଡ଼ଗାଁ,୨୨।୧୧(ଆଦର୍ଶ କୁମାର ପଟ୍ଟନାୟକ)**

ଓଡ଼ଗାଁ ରଘୁନାଥ ସରକାରୀ ଉଚ୍ଚବିଦ୍ୟାଳୟ ପରିସରରେ ମଙ୍ଗଳବାର ବ୍ଲକସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ବ୍ଲକ ଅଧ୍ୟକ୍ଷ ଲୋକନାଥ ସାହୁ, ଉପାଧ୍ୟକ୍ଷା ମୀରା ନାୟକ, ଜିଲା ପରିଷଦ ସଭ୍ୟ ବିରଜାଲକ୍ଷ୍ମୀ ସାହୁ, ବିଡିଓ ଜିତେନ୍ଦ୍ର କୁମାର ନାୟକ ଓ ନୟାଗଡ଼ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଆଦିପତି କଅଁର ପ୍ରମୁଖ ମିଳିତ ଭାବେ ଉଦ୍‌ଘାଟନ କରିଥିଲେ। ଭିନ୍ନକ୍ଷମମାନଙ୍କ ସ୍ୱାସ୍ଥ୍ୟପରୀକ୍ଷା କରାଯାଇଥିବା ବେଳେ ୩୬ଟି ପଞ୍ଚାୟତରୁ ମୋଟ ୩୪୨ଜଣ ପଞ୍ଜୀକୃତ କରିଥିଲେ। ସେମାନଙ୍କ ମଧ୍ୟରୁ ୯୪ ଜଣ ବିଭିନ୍ନ ସହାୟତା ପାଇବା ପାଇଁ ଆବେଦନ କରିଥିଲେ। ଏହି ଶିବିରରେ ଅସ୍ଥିଶଲ୍ୟ ବିଭାଗ ଡାକ୍ତର ବି.ଏସ.ରାଓ ଓ ଡା. ଲୋଚନ କାଟାଙ୍କ ଦ୍ୱାରା ୧୮୫ ଜଣ ଚିହ୍ନଟ ହୋଇଥିଲା ବେଳେ,ଦୃଷ୍ଟିବାଧିତ ବିଭାଗରେ ପି.ପି. ସାହୁଙ୍କ ଦ୍ୱାରା ୩୪ ଜଣ ଚିହ୍ନଟ ହୋଇଥିଲେ। ସେହିପରି, ଶ୍ରବଣ ଓ ବାକ ବାଧିତ ବିଭାଗରେ ପି.ନାୟକ ଏବଂ ଅଡିଓଲୋଜିଷ୍ଟ ନିଷ୍ଠା ରଞ୍ଜନ ଦାସଙ୍କ ଦ୍ୱାରା ୫୮ ଜଣ ଚିହ୍ନଟ ହୋଇଥିବା ବେଳେ ମାନସିକ ଅନଗ୍ରସର, ଭେଷଜ ଓ ଅନ୍ୟାନ୍ୟ ବିଭାଗର ଶତ୍ରୁଘ୍ନ ନାୟକଙ୍କ ଦ୍ୱାରା ୬୫ ଜଣ ଚିହ୍ନଟ ହୋଇଥିଲେ। ଦୂରଦୂରାନ୍ତରୁ ଆସିଥିବା ବ୍ୟକ୍ତିମାନଙ୍କ ସ୍ୱାସ୍ଥ୍ୟପରୀକ୍ଷା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା। ଡାକ୍ତରଙ୍କ ଦ୍ୱାରା ଚିହ୍ନଟ ବେଳେ ରଘୁନାଥ ସରକାରୀ ଉଚ୍ଚବିଦ୍ୟାଳୟର ଛାତ୍ରମାନେ ସହଯୋଗ କରିଥିଲେ। ସୂଚନା କେନ୍ଦ୍ର ମାଧ୍ୟମରେ ଦିବ୍ୟାଙ୍ଗମାନଙ୍କୁ ସମସ୍ତ ସୂଚନା ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀଣି ରାଜସ୍ୱିନୀ ପ୍ରଧାନ ପରିଚାଳନା କରିଥିଲେ । ରାଜେଶ ନାୟକ ଓ ନୀଳମାଧବ ମିଶ୍ର ସହଯୋଗ କରିଥିଲେ।

झारखण्ड सरकार
ग्रामीण कार्य विभाग, कार्यपालक अभियंता का कार्यालय
कम्बाईण्ड बिल्डिग, प्रथम तल्ला, एल0सी0 रोड, धनबाद
**ई–अति अल्पकालीन निविदा आमंत्रण सूचना**
ई–निविदा संख्या:- 24/RWD/DHANBAD/23-24 दिनांक :- 21.11.2023
कार्यपालक अभियंता, ग्रामीण कार्य विभाग, कार्य प्रमण्डल, धनबाद द्वारा निम्न विवरण के अनुसार e-procurement पद्धति से निविदा आमंत्रित की जाती है।

| क्र0 सं0 | आईडेन्टी फिकेशन संख्या/पैकेज संख्या | कार्य का नाम | प्राक्कलित राशि (लाख में) अंक में | अक्षर में | कार्य समाप्ति की अवधि | टेण्डर कॉल संख्या |
|---|---|---|---|---|---|---|
| 1. | RWD/DHANBAD/05/23-24 | बेड़ा नियामतपुर से खेड़काबाद तक पथ निर्माण कार्य (लं– 3.10 कि0मी0) | 27920661.00 | दो करोड़ उनासी लाख बीस हजार छह सौ एकसठ मात्र। | 15 माह | द्वितीय |

2. वेबसाईट में निविदा प्रकाशन की तिथि:– 25.11.2023
3. ई–निविदा प्राप्ति की अंतिम तिथि एवं समय:– 02.12.2023 अपराह्न 5.00 बजे तक।
4. निविदा खोलने की तिथि एवं समय:– 03.12.2023 अपराह्न 3.30 बजे।
5. निविदा आमंत्रित करने वाले पदाधिकारी का नाम एवं पता:– कार्यपालक अभियंता, ग्रामीण कार्य विभाग, कार्य प्रमण्डल, धनबाद, पिन– 826001
6. ई–निविदा प्रकोष्ठ का दूरभाष सं0– 0326–3554757
विस्तृत जानकारी के लिए वेबसाईट jharkhandtenders.gov.in में देखा जा सकता है।
कार्यपालक अभियंता
PR 311727 (Rural Work Department) 23-24 (D) ग्रामीण कार्य विभाग, कार्य प्रमण्डल, धनबाद।

# ରାଜପଥ କଡ଼ରେ ଜଳିଗଲା ଚୋରା ତେଲ ଷ୍ଟୋର


ନିଆଁ ଲାଗି ପୋଡ଼ିଯାଉଥିବା ଦୁଇ ଟ୍ରକ୍ ।


ଅଗ୍ନିଶମ କର୍ମଚାରୀ କଣ୍ଟେନରରୁ ନିଆଁ ଲିଭାଉଛନ୍ତି ।

**ରାଷ୍ଟ୍ରପତିଙ୍କ ଗସ୍ତ ପୂର୍ବରୁ ଦୁର୍ଘଟଣା**

- ୨ ଟ୍ରକ୍, ଗୋଟିଏ କଣ୍ଟେନର ଜଳି ଭସ୍ମ
- ପ୍ରାୟ୧୨ ରୁ ୧୫ ହଜାର ଲିଟର ଡିଜେଲ ମହଜୁଦ ଥିଲା

ପାରାଦୀପ,୨୨।୧୧(ଶରତ ରାଉତ)

ଆସନ୍ତା ୨୭ ତାରିଖରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ପାରାଦୀପ ଗସ୍ତରେ ଆସିବା କାର୍ଯ୍ୟକ୍ରମ ରହିଛି। ଏ ନେଇ ବିଭିନ୍ନ ବିଭାଗ ପକ୍ଷରୁ ସମଗ୍ର ପାରାଦୀପ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ଏମିତି ସମୟରେ ଦୁର୍ଘଟଣ ଘଟିଛି। ପାରାଦୀପକୁ ସଂଯୋଗ କରୁଥିବା ମୁଖ୍ୟ ୫୩ ନଂ. ଜାତୀୟ ରାଜପଥ ପାଖରେ ବଡ଼ ଧରଣର ଅଗ୍ନିକାଣ୍ଡ ଘଟିଛି। ଏଥିରେ ୨ଟି ଟ୍ରକ୍ ଓ ଗୋଟିଏ କଣ୍ଟେନର ସମ୍ପୂର୍ଣ୍ଣ ଜଳି ଯାଇଛି। ନିଆଁକୁ ଆୟତ୍ତ କରିବା ପାଇଁ ୬ ଟି ଅଗ୍ନିଶମ ଗାଡିକୁ ପ୍ରାୟ ୧୨ ଘଣ୍ଟା ଲାଗି ଯାଇଥିଲା। ଏହି ଅଗ୍ନିକାଣ୍ଡ ପଛରେ ଚୋରା ଡିଜେଲ କାରବାର ହୋଇଛି ବୋଲି ଅଗ୍ନିଶମ ବିଭାଗ ଓ ଲକ୍ ଥାନା ପୋଲିସ ପକ୍ଷରୁ କୁହାଯାଇଛି। ବୁଧବାର ସନ୍ଧ୍ୟା ସୁଦ୍ଧା ଥାନାରେ ଅଭିଯୋଗ ହୋଇ ନ ଥିବାରୁ ମାମଲା ରୁଜୁ ହୋଇନାହିଁ ବୋଲି ପୋଲିସ କହିଛି। ଟ୍ରକ ମାଲିକ ଅଭିଯୋଗ କରିବା ପରେ ସବୁ ପ୍ରକାର ତଦନ୍ତ ହେବ ବୋଲି ଆଇଆଇସି କୁଳମଣି ସେଠୀ କହିଛନ୍ତି।

ମଙ୍ଗଳବାର ରାତି ସାଢେ ୨ଟାରେ ଜାତୀୟ ରାଜପଥର ପିପିଏଲ୍ ଛକଠାରୁ ସାମାନ୍ୟ ଆଗରେ ଥିବା ଏକ ଗ୍ୟାରେଜ ପାଖରେ ନିଆଁ ଲାଗି ଥିବା ଖବର ପାଇଲୁ ବୋଲି କୁଜଙ୍ଗ ଅଗ୍ନିଶମ ବିଭାଗ ଅଧିକାରୀ କାର୍ତ୍ତିକ କୁମାର ବିଶ୍ୱାଳ କହିଛନ୍ତି। ସେମାନେ ଆସି ଘଟଣାସ୍ଥଳରେ ରାତି ସାଢେ ୩ଟାରେ ପହଞ୍ଚି ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରିଥିଲେ। ଦୁଇଟି ଟ୍ରକ୍ ଓ ଗୋଟିଏ କଣ୍ଟେନର ଭୟଙ୍କର ଭାବେ ଜଳୁଥିଲା। ପାଣି ପକାଇବା ମାତ୍ରେ ଅଧିକ ଜଳୁଥିଲା। ସେଠାରେ ତେଲ ଥିବା ଜାଣିପାରି ଅଧିକ ଗାଡି ମଗାଇଥିଲୁ। କୁଜଙ୍ଗ ଅଗ୍ନିଶମ ବିଭାଗର ୨, ପାରାଦୀପ ବନ୍ଦର ୨, ରିଫାଇନେରିର ୧, ଇଫ୍‌କୋ ୧ ମିଶାଇ ୬ ଗାଡ଼ି ପହଞ୍ଚିବା ପରେ ଫୋମ୍ ଜରିଆରେ ନିଆଁକୁ ଆୟତ୍ତ କରାଯାଇଥିଲା। ସେଠାରେ ପ୍ରାୟ ୬୦ଟି ୨୦ ଲିଟରର ବିଶିଷ୍ଟ ଡ୍ରମରେ ପ୍ରାୟ ୧୨ ହଜାର ଲିଟର ଡିଜେଲ ଥିଲା। ଏହାବାଦ୍ ଛାତ ଉପରେ ସିଣ୍ଟେକ୍ସ ଟାଙ୍କିରେ ମଧ୍ୟ ତେଲ ରହିଥିଲା। ଟ୍ରକ ମାଲିକ ଶ୍ରୀବତ୍ସ କୁମାର ନାଥ କୁହନ୍ତି, ଗ୍ୟାରେଜରେ ଆମ ଗାଡି ମରାମତି ପାଇଁ ରଖି ଯାଇଥିଲୁ। ଭୋରୁ ଶୁଣିଲି ଗାଡି ପୋଡ଼ିଯାଇଛି। ସେଠାରେ ଚୋରା ଡିଜେଲ ଗଚ୍ଛିତ ଥିବାରୁ କେହି ନିଆଁ ଲଗାଇ ଦେଇଛି ବୋଲି ସେ କହିଥିଲେ। ଗ୍ୟାରେଜ ମାଲିକ ବିଚିତ୍ର ମହାନ୍ତି କୁହନ୍ତି, ଆମ ଗ୍ୟାରେଜରେ ତେଲ ଥିଲା। କେମିତି ଜଳିଲା ଆମେ ଜାଣିନାହୁଁ।

ସେଠାରେ ଗତ ବର୍ଷେ ହେଲା ବିପୁଳ ପରିମାଣରେ ଚୋରା ତେଲ ବେପାର ଚାଲିଥିଲା। ପାରାଦୀପର ୩ଟି ତୈଳ ଟର୍ମିନାଲରୁ ଦୈନିକ ୧୮ଶହରୁ ୨୨ ଶହ ଟ୍ୟାଙ୍କର ବୋଝେଇ ହୋଇ ରାଜ୍ୟର ବିଭିନ୍ନ ସ୍ଥାନକୁ ଯାଇଥାଏ। ଟ୍ୟାଙ୍କର ଲୋଡ୍ ହେବାପରେ ପିପିଏଲ୍ ରାସ୍ତାରେ ପ୍ରାୟ ଅଧିକାଂଶ ଟ୍ୟାଙ୍କରରୁ ତେଲ ବିକ୍ରି ହୁଏ। ସେହି ତେଲକୁ ବାଉରିଆପାଳନ୍ଦା ବସ୍ତିର ୨ଜଣ ଚୋରା ବେପାରୀ ସଂଗ୍ରହ କରି ସେହି ଗ୍ୟାରେଜ ଘର ଏବଂ କଣ୍ଟେନର ଭିତରେ ଗଚ୍ଛିତ ରଖିଥାନ୍ତି। ସେଠାରୁ ବିଭିନ୍ନ ଠିକାସଂସ୍ଥାର ଲୋକମାନେ ଧାର୍ଯ୍ୟ ମୂଲ୍ୟଠାରୁ କମ୍‌ରେ ସଂଗ୍ରହ କରିଥାନ୍ତି। ଦୈନିକ ୨୦ରୁ ୨୫ ହଜାର ଲିଟର କାରବାର ହୋଇଥାଏ। ପାରାଦୀପର ପ୍ରବେଶ ପଥ ଏବଂ ଜାତୀୟ ରାଜପଥ କଡରେ ଏହା ଅବାଧରେ ଚାଲିଥିଲା ବୋଲି ସ୍ଥାନୀୟ ବାସିନ୍ଦା ଅକ୍ଷୟ ମଲ୍ଲିକ ଘଟଣାସ୍ଥଳରେ ପୋଲିସ ଓ ଅଗ୍ନିଶମ ବିଭାଗ ଅଧିକାରୀମାନଙ୍କୁ କହିଥିଲେ। ନାମକୁ ମାତ୍ର ଗ୍ୟାରେଜ ବାହାରକୁ ଦୃଶ୍ୟ ହେଉଥିଲା। କିନ୍ତୁ ବାସ୍ତବରେ ବଡଧରଣର ଚୋରା କାରବାର ହେଉଥିଲା ବୋଲି ଅଭିଯୋଗ ହେଉଛି। ଘଟଣା ସମ୍ପର୍କରେ ଆଇଆଇସି ସେଠୀଙ୍କୁ ପଚାରିବାରେ ଉକ୍ତ ଘଟଣାର ତଦନ୍ତ ଆରମ୍ଭ କରିଛୁ। ଏକ ସିସିଟିଭି ଫୁଟେଜରେ ୨ ଜଣ ଆସି ନିଆଁ ଲଗାଉଥିବା ଦେଖିବାକୁ ମିଳିଛି। ଅଭିଯୋଗ ପରେ ସତ୍ୟାସତ୍ୟ ଜଣାପଡ଼ିବ। ସମ୍ପୃକ୍ତ ଟ୍ରକ୍ ୨ଟି ତେଲ ନେବା ପାଇଁ ଆସିଥିଲେ ବୋଲି କୁହାଯାଉଛି।

# ଗହୀରମଥାରୁ ଟ୍ରଲର ଜବତ, ୧୨ ମତ୍ସ୍ୟଜୀବୀ ଗିରଫ


ଜବତ ଟ୍ରଲର ଓ ଗିରଫ ହୋଇଥିବା ମତ୍ସ୍ୟଜୀବୀ।

ରାଜନଗର,୨୨।୧୧(ଭାସ୍କର ରାଉତରାୟ)

ବିରଳ ଅଲିଭରିଡଲେ କଇଁଛଙ୍କ ଅନ୍ତୁଡିଶାଳ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟରେ ବେଆଇନ ଭାବେ ମାଛ ମାରୁଥିବା ବେଳେ ପଶ୍ଚିମବଙ୍ଗର ଗୋଟିଏ ଟ୍ରଲର ଜବତ ହୋଇଛି। ୧୨ଜଣ ମତ୍ସ୍ୟଜିବୀଙ୍କୁ ଗିରଫ କରାଯାଇଛି। ସେମାନଙ୍କ ମଧ୍ୟରୁ ୧୧ଜଣ ମତ୍ସ୍ୟଜିବୀ ପଶ୍ଚିମବଙ୍ଗର ହୋଇଥିବା ବେଳେ ଜଣେ ବାଲେଶ୍ୱର ଅଞ୍ଚଳର। ଗହୀରମଥା ରେଞ୍ଜ ଅଫିସର ପ୍ରଦୋଷ କୁମାର ମହାରଣାଙ୍କ ନେତୃତ୍ୱରେ ବନବିଭାଗ ପାଟ୍ରୋଲିଂ ଟିମ୍ ଗଭୀର ସମୁଦ୍ରରେ ପଇଁତରା ମାରୁଥିବା ବେଳେ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟର ବାବୁବାଲି ନିକଟରେ କୂଳଠାରୁ ୪ କି.ମି.ଦୂରରେ ଟ୍ରଲିଂ ନେଟ୍ ମାଧ୍ୟମରେ ମାଛ ମାରୁଥିବା ପଶ୍ଚିମବଙ୍ଗ ଏଫ୍.ବି.ପାରୁଲ ନାମକ ଏକ ଟ୍ରଲରକୁ ଜବତ କରିଥିଲେ। ଟ୍ରଲରରେ ଥିବା ପଶ୍ଚିମବଙ୍ଗ ପୂର୍ବ ମେଦିନାପୁରର ନୀଳରତନ ଦଲାଲ, କାର୍ତ୍ତିକ ଦଲାଲ, ଶୁକଦେବ ଗାଇନି, ଅଜୟ ଗାଇନି, ଶ୍ରୀମନ୍ତ ଦଳାଇ, ଜାମିନି ସିଟ, ଶୁକଦେବ ମଣ୍ଡଳ, ରବିନ୍ଦ୍ରନାଥ ଗାଇନି, ହାଓଡା ଅଞ୍ଚଳର ଲକ୍ଷ୍ମୀକାନ୍ତ ଭୂୟାଁ, ମହାନନ୍ଦ ଭୂୟାଁ, ଶ୍ରୀଦାମ ଜାନା ଓ ବାଲେଶ୍ୱରର ପଶୁପତି ପାତ୍ରଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି।

# ନାବାଳିକା ବଳାତ୍କାରୀଙ୍କୁ ୨୦ ବର୍ଷ ଜେଲଦଣ୍ଡ

**ମାଟ୍ରିକ ପରୀକ୍ଷା ଶେଷ ଦିନ ଅପହରଣ ହୋଇଥିଲେ**

ଜଗତ୍‌ସିଂହପୁର, ୨୨।୧୧
(ପ୍ରମୋଦ କୁମାର ନାୟକ)

୨୦୧୪ ମସିହାରେ କୁଜଙ୍ଗ ଥାନା ଅଞ୍ଚଳର ଜଣେ ନାବାଳିକା ମାଟ୍ରିକ ପରୀକ୍ଷା ଦେଉଥିଲେ। ଦୁର୍ଭାଗ୍ୟ ପରୀକ୍ଷା ଶେଷ ଦିନ ନାବାଳିକା ପରୀକ୍ଷା ଦେଇ ଘରକୁ ଫେରୁଥିବା ବେଳେ ତାଙ୍କୁ ଏହି ଥାନା ଅନ୍ତର୍ଗତ କାଠକୋଟ ଗ୍ରାମର ମୁଖ୍ୟ ଅଭିଯୁକ୍ତ ଯୁଧିଷ୍ଠିର ପ୍ରଧାନ (୩୮) ୪ଜଣ ସହଯୋଗୀଙ୍କ ସହାୟତାରେ ବାଟରୁ ଅପହରଣ କରି ନେଇଥିଲେ। ଏକ କାରରେ ଭୁବନେଶ୍ୱର ଓ ପରେ ଚେନ୍ନାଇ ନେଇ ସେଠାରେ ବଳାତ୍କାର କରିଥିଲେ। କେବଳ ସେତିକି ନୁହେଁ, ତାଙ୍କୁ ଦେହଜୀବୀ ଭାବେ ବ୍ୟବହାର କରିବାକୁ ବାଧ କରିଥିଲେ। ପରେ ଭୁବନେଶ୍ୱର ରେଳ ଷ୍ଟେଶନରେ ଛାଡି ଚାଲିଯାଇଥିଲେ। ଏହି ମାମଲାର ରାୟ ବୁଧବାର ପ୍ରକାଶ ପାଇଛି। ମାମଲାର ବିଚାର କରି ଭୁବନେଶ୍ୱର ଫାଷ୍ଟ ଟ୍ରାକ୍ କୋର୍ଟ ବିଚାରପତି ଅଜୟ କୁମାର ମହାନ୍ତି ଅଭିଯୁକ୍ତଙ୍କୁ ୨୦ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିବା ସହ ୪୫ ହଜାର ଟଙ୍କା ଜରିମାନା ଧାର୍ଯ୍ୟ କରିଛନ୍ତି। ଏହି ରାଶି ଅନାଦାୟ ହେଲେ ଅଧିକ ୯ ମାସ ଜେଲ ଦଣ୍ଡ ଭୋଗିବାକୁ ପଡିବ ବୋଲି ରାୟରେ ଉଲ୍ଲେଖ ଅଛି। ଅନ୍ୟପକ୍ଷେ ପୀଡିତାଙ୍କୁ କ୍ଷତିପୂରଣ ବାବଦରେ ୩ ଲକ୍ଷ ଟଙ୍କା ଦେବାକୁ ଜିଲା ଆଇନ ସେବା ପ୍ରାଧିକରଣଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏ ସମ୍ପର୍କରେ ସରକାରଙ୍କ ପକ୍ଷରୁ ମାମଲା ପରିଚାଳନା କରିଥିବା ଓକିଲ ଦୋଳଗୋବିନ୍ଦ ଦାସ କହିଛନ୍ତି, ପୀଡିତାଙ୍କୁ ଅଭିଯୁକ୍ତ ଭୁବନେଶ୍ୱର ରେଳ ଷ୍ଟେଶନରେ ଛାଡି ଦେଲା ପରେ ପୋଲିସ ଉଦ୍ଧାରକରି କଳିଙ୍ଗ ବିହାରସ୍ଥିତ ବିଶ୍ୱ ଜୀବନ ସେବାଶ୍ରମରେ ଆଶ୍ରୟ ଦେଇଥିଲା। ୯।୧୨।୧୫ରେ ସେବାଶ୍ରମ ସଂଯୋଜକ ସୀତା ବରାଳ କୁଜଙ୍ଗ ଥାନାରେ ଅଭିଯୋଗକଲା ପରେ ମାମଲା ସଂଖ୍ୟା ନଂ. ୨୫୬/୧୫ ରୁଜୁ ହୋଇଥିଲା। ଏହି ମାମଲାରେ ୧୪ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ବିଚାରପତି ଉପରୋକ୍ତ ରାୟ ଶୁଣାଇଛନ୍ତି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ
DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ଆଶୁତୋଷ


@ ଭାଗୀରଥି


@ ଦେବାଶିଷ


@ ପ୍ରଭାତ


@ ଉଦିତ୍‌ନାରାୟଣ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।



## ଯାଜପୁର ରୋଡ଼ରେ ମା' କାଳୀଙ୍କ ଭସାଣି ଶୋଭାଯାତ୍ରା









# କମନ ଫ୍ୟାସିଲିଟି ସେଣ୍ଟରର କାର୍ଯ୍ୟ ସମ୍ପନ୍ନ

**ଖଣ୍ଡପଡ଼ା,୨୨।୧୧(ଅଜୟ କୁମାର ମହାରଣା)**

ନୟାଗଡ଼ ଜିଲାପାଳଙ୍କ ପ୍ରତିଶ୍ରୁତି କ୍ରମେ ଖଣ୍ଡପଡ଼ା ବ୍ଲକ ଅଧୀନ କଣ୍ଟିଲୋଠାରେ ୩୪ ଲକ୍ଷ ୨୬ ହଜାର ଟଙ୍କା ବ୍ୟୟରେ କମନ ଫ୍ୟାସିଲିଟି ସେଣ୍ଟରର ଗୃହ ନିର୍ମାଣ କାର୍ଯ୍ୟ ସମ୍ପନ୍ନ ହୋଇଛି । ଏ ନେଇ ସାଧାରଣରେ ଆନନ୍ଦ ପ୍ରକାଶ ପାଇଛି। ହସ୍ତତନ୍ତ ଓ ବୟନ ଶିଳ୍ପ ମନ୍ତ୍ରୀ ରୀତା ସାହୁ ଉକ୍ତ ସେଣ୍ଟର ବୁଲି ଦେଖିଛନ୍ତି । ଉକ୍ତ ସେଣ୍ଟରକୁ ଆସନ୍ତା ଡ଼ିସେମ୍ବରରେ ଉଦ୍‌ଘାଟନ କରାଯିବ ବୋଲି ମନ୍ତ୍ରୀ ସାହୁ ସୂଚନା ଦେଇଛନ୍ତି । ମନ୍ତ୍ରୀଙ୍କ ପରିଦର୍ଶନ ସମୟରେ ନିଖିଳ ଉତ୍କଳ କଂସାରୀ ସମାଜ ଓଡ଼ିଶା କାର୍ଯ୍ୟକାରୀ ସଭାପତି ଅଖିଳ କୁମାର ମହାରଣା, ଖଣ୍ଡପଡ଼ା ବ୍ଲକ ଉପାଧ୍ୟକ୍ଷ ଶିଶିର କୁମାର ସାହୁ, ଭାପୁର ବ୍ଲକ ପୂର୍ବତନ ଉପାଧ୍ୟକ୍ଷ ଗୟାଧର ପରିଡ଼ା, ଖଣ୍ଡପଡ଼ା ବ୍ଲକ ବିଜେଡି ସଭାପତି ମନୋରଞ୍ଜନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ । ମନ୍ତ୍ରୀ ସାହୁ ତୁରନ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନାଯୋଗ୍ୟ, ଦୀର୍ଘବର୍ଷ ପରେ ନୟାଗଡ଼ ଜିଲା ଖଣ୍ଡପଡ଼ା ବ୍ଲକ୍ କଣ୍ଟିଲୋ ଓ ଖଳିସାହି ଠାରେ କଂସା ପିତଳ କାରିଗରମାନଙ୍କ ଉନ୍ନତି ତଥା ହସ୍ତଶିଳ୍ପର ବିକାଶ ନିମନ୍ତେ ୨ଟି କମନ ଫ୍ୟାସିଲିଟି ସେଣ୍ଟର ନିର୍ମାଣ ପାଇଁ ରାଜ୍ୟ ସରକାରଙ୍କ ହସ୍ତଶିଳ୍ପ ନିର୍ଦ୍ଦେଶାଳୟ ପକ୍ଷରୁ ୧ କୋଟି ୧୮ ଲକ୍ଷ ୨ହଜାର ଟଙ୍କାର ଅନୁଦାନ ୨୦୨୧ ଅଗଷ୍ଟ ୧୬ରେ ମଞ୍ଜୁର ହୋଇଥିଲା । ମାତ୍ର କାରିଗରମାନଙ୍କ ସ୍ୱାର୍ଥ ତଥା ହସ୍ତଶିଳ୍ପର ବିକାଶ ପ୍ରତି ଅବହେଳା କରି ସେହି ଜାଗା ଉପରେ କୋର୍ଟର ଷ୍ଟାଟସକୋ ଜାରି ହେବାକୁ ଆଳ କରି ତୁରନ୍ତ ଅନୁଦାନ ଫେରାଇ ନେବାକୁ ରାଜ୍ୟ ହସ୍ତଶିଳ୍ପ ନିର୍ଦ୍ଦେଶକ ନୟାଗଡ଼ ଜିଲାପାଳଙ୍କୁ ପତ୍ର ଲେଖିଥିଲେ। ଏ ସଂକ୍ରାନ୍ତରେ ଜଣାପଡିବା ପରେ ନିଖିଳ ଉତ୍କଳ କଂସାରୀ ସମାଜ ଓଡ଼ିଶା କାର୍ଯ୍ୟକାରୀ ସଭାପତି ମହାରଣାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ୨୦୨୨ ଜୁଲାଇ ୨୭ ରେ ତତ୍କାଳୀନ ଜିଲାପାଳ ଡ. ପୋମା ଟୁଡୁଙ୍କୁ ସାକ୍ଷାତ କରି ଘଟଣା ସମ୍ପର୍କରେ ଆଲୋଚନା କରିଥିଲେ। ଜିଲାପାଳ ଏ ସଂକ୍ରାନ୍ତରେ ଅବଗତ ହେବା ପରେ ମଞ୍ଜୁର ଅର୍ଥ ଫେରିବ ନାହିଁ, ଖୁବ୍‌ଶୀଘ୍ର କମନ ସେଣ୍ଟର କାର୍ଯ୍ୟ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ୨୦୨୨ ଜୁଲାଇ ୨୯ରେ ଖଳିସାହି ଦଶଦୋଳ ପଡ଼ିଆଠାରେ ୧୨ଲକ୍ଷ ୯୭ ହଜାର ୯ଶହ ଟଙ୍କା ଅନୁଦାନରେ ଏହି କମନ ଫ୍ୟାସିଲିଟି ସେଣ୍ଟର କାର୍ଯ୍ୟ ବିଭାଗୀୟ କନିଷ୍ଠଯନ୍ତ୍ରୀ ଓ ସ୍ଥାନୀୟ ସରପଞ୍ଚଙ୍କ ଉପସ୍ଥିତିରେ ଆରମ୍ଭ ହୋଇଥିଲା। ପରବର୍ତ୍ତୀ ସମୟରେ କଣ୍ଟିଲୋଠାରେ କମନ ଫ୍ୟାସିଲିଟି ସେଣ୍ଟରର କାର୍ଯ୍ୟ ଆରମ୍ଭ ହେବ ବୋଲି ଜିଲା ପ୍ରଶାସନ ସୂତ୍ରରୁ ଜଣାପଡିଥିଲା। ତେବେ ଜିଲା ପ୍ରଶାସନର ପ୍ରତିଶ୍ରୁତି କ୍ରମେ ବିବାଦୀୟ ପରିସ୍ଥିତିରେ ଥିବା ୮ ଡେସିମିଲ ପରିମିତ କଂସା ପିତଳ ତାଲିମ ଓ ଉତ୍ପାଦନ କେନ୍ଦ୍ର (ଟିସିପିସି) ଗୃହ ବାଦ କଣ୍ଟିଲୋ ଫ୍ୟାସିଲିଟି ସେଣ୍ଟରର ପାଇଁ ସୁରକ୍ଷିତ ଥିବା ୨୨ ଡେସିମିଲ ପରିମିତ ଜାଗାରେ ଗତ ମେ ମାସରେ ଠିକାଦାର ପୁଷ୍ପଲତା ପ୍ରଧାନଙ୍କ କ୍ଷମତାପ୍ରାପ୍ତ ପ୍ରତିନିଧି ରବିନ୍ଦ୍ର ପ୍ରଧାନଙ୍କୁ ଲେଆଉଟ (ଜାଗା ଚିହ୍ନଟ ମାପ) ପ୍ରଦାନ କରାଯାଇଥିଲା । ସମ୍ପୃକ୍ତ ଗୃହ ନିର୍ମାଣ ପାଇଁ ୩୪ ଲକ୍ଷ ୨୬ ହଜାର ଟଙ୍କା ଅନୁଦାନ ମଞ୍ଜୁର ହୋଇଛି। ତେବେ ବିବାଦୀୟ ପରିସ୍ଥିତି ଯୋଗୁ ଦୀର୍ଘ ୨ବର୍ଷ ପରେ ଉକ୍ତ କାର୍ଯ୍ୟ ଆରମ୍ଭ ହେବାକୁ ଯାଉଥିବାରୁ ସାଧାରଣରେ ଆନନ୍ଦ ପ୍ରକାଶ ପାଇଥିଲା ।


କମନ ଫ୍ୟାସିଲିଟି ସେଣ୍ଟର ପରିସରରେ ମନ୍ତ୍ରୀ ରିତା ସାହୁ ଓ ଅନ୍ୟମାନେ।

- ପରିଦର୍ଶନ କଲେ ହସ୍ତତନ୍ତ ଓ ବୟନ ଶିଳ୍ପମନ୍ତ୍ରୀ
- ଡିସେମ୍ବରରେ ହେବ ଉଦ୍‌ଘାଟନ

# ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ଋଣମେଳା

**ଗଣିଆ,୨୨।୧୧(ସନ୍ତୋଷ କୁମାର ପ୍ରଧାନ)**

ମହିଳାମାନେ ଘରେ ବସି କିଭଳି ଆତ୍ମନିର୍ଭରଶୀଳ ହେବା ସହ ଋଣ ଅର୍ଥକୁ ବିନିଯୋଗ କରି ରୋଜଗାର କରିପାରିବା ସହ ସମୟର ସଦୁପଯୋଗ କରିପାରିବେ ସେ ନେଇ ସରକାର ମିଶନଶକ୍ତି ମାଧ୍ୟମରେ ବିଭିନ୍ନ ସମୟରେ ସ୍ୱତନ୍ତ୍ର ତାଲିମ ପ୍ରଦାନ କରୁଛନ୍ତି । ବୁଧବାର ବେଲପଡ଼ାପାଟଣା ପଞ୍ଚାୟତ ସଭାଗୃହରେ ଗଣିଆ ବ୍ଲକ ମିଶନ ଶକ୍ତି ତରଫରୁ ଏକଦିବସୀୟ ଏସ୍‌ଏଚ୍‌ଜି ଗ୍ରୁପ୍ ଲୋନ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏହି କର୍ମଶାଳାରେ ବ୍ଲକର ୧ଶହ ଏସ୍‌ଏଚ୍‌ଜି ଗ୍ରୁପର ସଭ୍ୟାମାନେ ଯୋଗଦେଇଥିଲେ। କର୍ମଶାଳାରେ ଯୋଗଦେଇଥିବା ଏସ୍‌ଏଚ୍‌ଜି ଗ୍ରୁପକୁ କିଭଳି ବ୍ୟାଙ୍କକୁ ନ ଯାଇ ସୁବିଧାରେ ଲୋନ ମିଳିପାରିବ ସେ ନେଇ ସମସ୍ତ ସଭ୍ୟା ଆବଶ୍ୟକ କାଗଜପତ୍ର ପ୍ରଦାନ କରିଥିଲେ । ଏହି କର୍ମଶାଳାରେ ୧ଶହ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ୪କୋଟି ୨୭ଲକ୍ଷ ୭୫ହଜାର ଟଙ୍କା ଋଣ ପ୍ରଦାନ କରାଯାଇଛି । ମୁଖ୍ୟ ଅତିଥି ଭାବେ ଗଣିଆ ଏବିଡିଓ ରତନଲାଲ ଲୋହରା, ମିଶନ ଶକ୍ତି ବିଭାଗର ବ୍ଲକ ପ୍ରୋଗ୍ରାମ କୋର୍ଡିନେଟର ପ୍ରମୋଦ କୁମାର ବେହେରା, ଓଡ଼ିଶା ଜୀବିକା ମିଶନର ବ୍ଲକ ପ୍ରୋଜେକ୍ଟ ମ୍ୟାନେଜର କାଦମ୍ବିନୀ ନାୟକ, ବିଏଲ୍‌ସି ସୁନୀତା ମହାରଣା, ଅମ୍ବିକା ପ୍ରସାଦ ମିଶ୍ର, ଇଣ୍ଡିଆନ ବ୍ୟାଙ୍କ ବେଲପଡ଼ାପାଟଣା ଶାଖାର ପରିଚାଳକ ମୁନା ପ୍ରଧାନ ଯୋଗଦେଇଥିଲେ। କର୍ମଶାଳାରେ ଯୋଗଦେଇଥିବା ସମସ୍ତ ଏସ୍‌ଏଚ୍‌ଜି ସଭ୍ୟାମାନଙ୍କୁ କିଭଳି ଋଣ ଅର୍ଥ ବିନିଯୋଗ ଓ ପରିଶୋଧ କରିବେ ସେ ନେଇ ଅତିରିକ୍ତ ବିଡିଓ ଓ ଉପସ୍ଥିତ କର୍ମଚାରୀମାନେ ବୁଝାଇଥିଲେ।

# ଧନ୍ଦାମୂଳକ ଶିକ୍ଷାର୍ଥୀଙ୍କ ଶିଳ୍ପ ଅନୁଷ୍ଠାନ ପରିଭ୍ରମଣ



ଶିଳ୍ପ ଅନୁଷ୍ଠାନ ପରିଭ୍ରମଣରେ ଆସିଥିବା ଛାତ୍ରୀଛାତ୍ର।

**ଶରଣକୁଳ,୨୨।୧୧ (ଦୀପକ କର)**

ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ ଶରଣକୁଳସ୍ଥିତ ନାରାୟଣ ସରକାରୀ ଉଚ୍ଚ ବିଦ୍ୟାଳୟରେ ବିଦ୍ୟାଳୟ ଓ ଗଣ ଶିକ୍ଷା ବିଭାଗର ସମଗ୍ର ଶିକ୍ଷା ଯୋଜନା ଅଧୀନରେ ଚାଲୁଥିବା ଧନ୍ଦାମୂଳକ ଶିକ୍ଷା ପରିପ୍ରେକ୍ଷୀରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ଶିଳ୍ପାନୁଷ୍ଠାନ ପରିଭ୍ରମଣ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟାଳୟର ନବମ ଓ ଦଶମ ଶ୍ରେଣୀର ୭୦ ଛାତ୍ରୀଛାତ୍ର ଓ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ୧୧ ଛାତ୍ରୀ ସାମିଲ ହୋଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ କାଞ୍ଚନ ଷଡ଼ଙ୍ଗୀଙ୍କ ତତ୍ତ୍ୱାବଧାନରେ ୨ ବିଦ୍ୟାଳୟର ଛାତ୍ରୀଛାତ୍ର ଓଡ଼ଗାଁ ଅମନ ଟେକ୍ସଟାଇଲକୁ ପରିଦର୍ଶନରେ ଯାଇଥିଲେ । ପ୍ରତିଷ୍ଠାତା ମିନତୀ ସାହୁ ଏବଂ ନାରାୟଣ ଉଚ୍ଚ ବିଦ୍ୟାଳୟର ପରିଧାନ ବିଭାଗର ପ୍ରଶିକ୍ଷିକା ରୋଜାଲିନ ମିଶ୍ରଙ୍କ ସହାୟତାରେ ବିଭିନ୍ନ ସିଲେଇ ମେଶିନର ପରିଚାଳନା ଏବଂ ଟେକ୍ସଟାଇଲ ଇଣ୍ଡଷ୍ଟ୍ରିରେ କିପରି ସୁଚାରୁ ରୁପେ କାର୍ଯ୍ୟ ସମ୍ପାଦନ କରାଯିବ ସେ ବିଷୟରେ ଶିକ୍ଷାର୍ଥୀମାନଙ୍କୁ ଶିକ୍ଷା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ରଶ୍ମିରଞ୍ଜନ ମିଶ୍ର , ଗୌରାଙ୍ଗ ସାହୁ ସମେତ ବାଳିକା ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ ଚିନ୍ମୟୀ ସାହୁ ସହଯୋଗ କରିଥିଲେ। ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଭାକର ସାହୁ ଧନ୍ଦାମୂଳକ ଶିକ୍ଷାରେ ଶିଳ୍ପାନୁଷ୍ଠାନ ପରିଭ୍ରମଣର ଯଥେଷ୍ଟ ଆବଶ୍ୟକତା ରହିଛି ବୋଲି ମତ ରଖିଥିଲେ । ଧନ୍ଦାମୂଳକ ଶିକ୍ଷାର ଭାରପ୍ରାପ୍ତ ଅଧିକାରିଣୀ ପ୍ରଜ୍ଞାପରାମିତ ସାହୁ ଏବଂ ବରିଷ୍ଠ ଶିକ୍ଷକ ଜନାର୍ଦ୍ଦନ ପରିଡ଼ା ଶିକ୍ଷାକ୍ଷେତ୍ରରେ ଧନ୍ଦାମୂଳକ ଶିକ୍ଷାର ଉପାଦେୟତା ବିଷୟରେ ମତବ୍ୟକ୍ତ କରିଥିଲେ।

# ଭଲିବଲ ଟୁର୍ନାମେଣ୍ଟ, ବାଉଁଶିଆପଡ଼ା ଚାମ୍ପିୟନ


ଅତିଥିଙ୍କ ଗହଣରେ ଭଲିବଲ ଖେଳାଳି।

**ଖଣ୍ଡପଡ଼ା,୨୨।୧୧(ଅଜୟ କୁମାର ମହାରଣା)**

ଖଣ୍ଡପଡ଼ା ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖ କ୍ରୀଡ଼ାଙ୍ଗନରେ ଏକ ଦିବସୀୟ ଭଲିବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି । ଖଣ୍ଡପଡ଼ା ଯୁବକ ସଂଘ ପକ୍ଷରୁ ଆୟୋଜିତ ଟୁର୍ନାମେଣ୍ଟରେ ବାଉଁଶିଆପଡ଼ା ଟିମ୍ ୨-୧ ସେଣ୍ଟରରେ ଚମ୍ପତିପୁର ଟିମ୍‌କୁ ପରାସ୍ତ କରି ଚଳିତ ବର୍ଷ ଚାମ୍ପିୟନ ହୋଇଛି । ବିରଞ୍ଚି ନାରାୟଣ ଦାସ ଓ କ୍ରୀଡ଼ା ଶିକ୍ଷକ କୈଳାସ ଚନ୍ଦ୍ର ପ୍ରଧାନ ଖେଳକୁ ପରିଚାଳନା କରିଥିଲେ। ଟୁର୍ନାମେଣ୍ଟରେ ବାଘୁଆପଲ୍ଲୀ, ବାଇଗୁଣିଆ, ବାଉଁଶିଆପଡ଼ା, ଇଟାମାଟି, ଜଗନ୍ନାଥପ୍ରସାଦ, କଣ୍ଟିଲୋ, ଚମ୍ପତିପୁର, ତେଗଡ଼ ଓ ନାଟୁଗାଁର ଖେଳାଳୀମାନେ ଅଂଶ ଗ୍ରହଣ କରିଥିଲେ। ଯୁବ ସଙ୍ଗଠକ ମହେନ୍ଦ୍ର କୁମାର ବାରିକଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଭଲିବଲ ଟୁର୍ନାମେଣ୍ଟ ଉପଭୋଗ କରିବା ପାଇଁ ଦର୍ଶକମାନଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା । ବିଶିଷ୍ଟ ସିନେ ଅଭିନେତା ଦଲବୀର ସିଂ ଓ ଶିକ୍ଷାବିତ୍ ପ୍ରେମାଞ୍ଜନ ସିଂଙ୍କ ସ୍ମୃତିରକ୍ଷା ଉଦ୍ଦେଶ୍ୟରେ ଟ୍ରଫି ଓ ଅର୍ଥରାଶି ଚାମ୍ପିୟନ ଓ ରନର୍ସ ଅପ୍ ଟିମକୁ ପ୍ରଦାନ କରାଯାଇଥିଲା।

# ଡିସେମ୍ବର ୩ରୁ ଭକ୍ତି ସଙ୍ଗୀତ ପ୍ରତିଯୋଗିତା

**ନୟାଗଡ଼,୨୨।୧୧(ଲୋକନାଥ ମିଶ୍ର)**

ନୟାଗଡ଼ ଜିଲାର 'ସଙ୍ଗୀତଧାରା' ଅନୁଷ୍ଠାନ ପକ୍ଷରୁ ଜିଲାର ଲୁକ୍କାୟିତ ସଙ୍ଗୀତ ପ୍ରତିଭା ତଥା କଣ୍ଠଶିଳ୍ପୀମାନଙ୍କୁ ଲୋକଲୋଚନକୁ ଆଣି ସେମାନଙ୍କୁ ଉତ୍ସାହିତ କରିବା ଲକ୍ଷ୍ୟରେ ଭକ୍ତି ସଙ୍ଗୀତ ପ୍ରତିଯୋଗୀତା ଡିସେମ୍ବର ୩ରୁ ଆରମ୍ଭ ହେବାକୁ ଯାଉଛି । ଏଥିରେ ୧୪ରୁ ୨୪ବର୍ଷ ବୟସର ବାଳିକା ବାଳକ, ଉଚ୍ଚ ବିଦ୍ୟାଳୟ, ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ, ସଙ୍ଗୀତ ଅନୁଷ୍ଠାନର ଛାତ୍ରୀଛାତ୍ର ଅଂଶଗ୍ରହଣ କରିପାରିବେ। ପ୍ରତିଯୋଗୀମାନେ ଭଜନ,ଜଣାଣ,ଧର୍ମୀୟ ଲଘୁସଙ୍ଗୀତ ଆଦି ପରିବେଷଣ କରିପାରିବେ। ପ୍ରଥମ ପର୍ଯ୍ୟାୟରେ ପ୍ରତିଯୋଗୀମାନେ ବିନା ବାଦ୍ୟ ଯନ୍ତ୍ରରେ ସଙ୍ଗୀତ ପରିବେଷଣ କରିବେ । ପ୍ରଥମ ପର୍ଯ୍ୟାୟରେ ଉତ୍ତୀର୍ଣ୍ଣ ପ୍ରତିଯୋଗୀମାନେ ଦ୍ୱିତୀୟ ପର୍ଯ୍ୟାୟରେ ବାଦ୍ୟଯନ୍ତ୍ର ସହିତ ସଙ୍ଗୀତ ପରିବେଷଣ କରିବେ । ନୟାଗଡ଼, ଦଶପଲ୍ଲା, ଗଣିଆ ଓ ନୂଆଗାଁ ବ୍ଲକ୍ ପ୍ରତିଯୋଗୀମାନେ ଦଶପଲ୍ଲାଠାରେ, ଖଣ୍ଡପଡ଼ା, ଭାପୁର ବ୍ଲକ୍ ପ୍ରତିଯୋଗୀମାନେ ଖଣ୍ଡପଡ଼ାଠାରେ ଏବଂ ରଣପୁର ବ୍ଲକ୍ ପ୍ରତିଯୋଗୀମାନେ ରଣପୁରଠାରେ ଆୟୋଜିତ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବେ। ଭକ୍ତି ସଙ୍ଗୀତ ପ୍ରତିଯୋଗୀତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ନଗଦ ୧୧ ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯିବା ସହିତ 'ସଙ୍ଗୀତ କଲ୍ଲୋଳ' ଉପାଧିରେ ଭୂଷିତ କରାଯିବ । ଏଥିସହିତ ଦ୍ୱିତୀୟ ଏବଂ ତୃତୀୟ ପ୍ରତିଯୋଗୀମାନଙ୍କୁ ଯଥାକ୍ରମେ ୫ ହଜାର ଏବଂ ୩ ହଜାର ଅର୍ଥରାଶି ପୁରସ୍କାର ପ୍ରଦାନ କରାଯିବ। ଡିସେମ୍ବର ୩ରେ ନୟାଗଡ଼ ଏବଂ ଓ ବ୍ଲକର ପ୍ରତିଯୋଗୀମାନଙ୍କୁ ନେଇ ନୟାଗଡ଼ ସରସ୍ୱତୀ ଶିଶୁ ମନ୍ଦିରରେ ସକାଳ ୧୦ଟାରେ ପ୍ରଥମ ପର୍ଯ୍ୟାୟ ପ୍ରତିଯୋଗିତା ଆରମ୍ଭ ହେବ ବୋଲି ସଙ୍ଗୀତଧାରାର ସଭାପତି ନାଟ୍ୟଭୂଷଣ ବିଜୟ ଚୌଧୁରୀ ଏବଂ ସମ୍ପାଦକ ପ୍ରଶାନ୍ତ କୁମାର ଦାଶ ଜଣାଇଛନ୍ତି।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com


@ ଆଶୁତୋଷ


@ ଭାଗୀରଥି


@ ଦେବାଶିଷ


@ ପ୍ରଭାତ


@ ଉଦିତ୍‌ନାରାୟଣ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ସାମାଜିକ କାର୍ଯ୍ୟ ସମ୍ପର୍କିତ ସଚେତନତା

**ଖଣ୍ଡପଡ଼ା,୨୨।୧୧(ଅଜୟ କୁମାର ମହାରଣା)**

ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଜରିଆରେ ଖଣ୍ଡପଡ଼ା ମହିଳା ମହାବିଦ୍ୟାଳୟର ଛାତ୍ରୀମାନଙ୍କ ଦ୍ୱାରା ବିଭିନ୍ନ ସାମାଜିକ କାର୍ଯ୍ୟ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଯୁକ୍ତ ୩ରେ ଅଧ୍ୟୟନରତ ଛାତ୍ରୀମାନେ ପ୍ଲାକାର୍ଡ ଧରି ଏକ ଶୋଭାଯାତ୍ରାରେ ଖଣ୍ଡପଡ଼ା ସହର ପରିକ୍ରମା କରିଥିଲେ । ସ୍ୱଚ୍ଛ ପରିବେଶ, ସୁସ୍ଥ ପରିବେଶ, ପଲିଥିନ ବ୍ୟବହାର ନିଷେଧ ସହ ବର୍ଜ୍ୟବସ୍ତୁ ଏଣେତେଣେ ନ ପକାଇବା ପରି ଅନେକ ସାମାଜିକ କାର୍ଯ୍ୟ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରାଇଥିଲେ ।

# 'ବହୁମୁଖୀ ପ୍ରତିଭାର ଅଧିକାରୀ ଥିଲେ ମହେନ୍ଦ୍ର ସ୍ୱାଇଁ'

**ଖଣ୍ଡପଡ଼ା,୨୨।୧୧(ଅଜୟ କୁମାର ମହାରଣା)**

ଖଣ୍ଡପଡ଼ା ବ୍ଲକ୍‌ର ପୂର୍ବତନ ଅଧ୍ୟକ୍ଷ ତଥା ବରିଷ୍ଠ ସାମାଜିକ କର୍ମୀ ମହେନ୍ଦ୍ର କୁମାର ସ୍ୱାଇଁ ଜଣେ ଦରଦୀ ବନ୍ଧୁ ଥିଲେ। ସେ ଜଣେ ବ୍ୟକ୍ତି ନ ଥିଲେ, ଏକ ଅନୁଷ୍ଠାନ ଥିଲେ। ତାଙ୍କ ଜୀବଦଶାରେ ସେ ବହୁ ଅନୁଷ୍ଠାନ, ଶିକ୍ଷାନୁଷ୍ଠାନ ସହ ଜଡିତ ଥିଲେ। ଶିକ୍ଷାର ବିକାଶ ପାଇଁ ତାଙ୍କ ଅବଦାନ କମ୍ ନ ଥିଲା ବୋଲି ଶ୍ରଦ୍ଧାଞ୍ଜଳି ସଭାରେ ଯୋଗଦେଇଥିବା ଅତିଥିମାନେ ମତବ୍ୟକ୍ତ କରିଛନ୍ତି।

ଖଣ୍ଡପଡ଼ା ବ୍ଲକ୍ ଅଧୀନ ବେଣାଗାଡିଆ ଗ୍ରାମରେ ଦିବଙ୍ଗତ ଜନନେତାଙ୍କ ସ୍ମୃତିଚାରଣ ଉଦ୍ଦେଶ୍ୟରେ ଗତ ୩ଦିନ ଧରି ଆୟୋଜିତ ସଭାରେ ସ୍ୱର୍ଗତ ସ୍ୱାଇଁଙ୍କ ପୁଅ ତଥା ସ୍ଥପତି ଦୁଷ୍ମନ୍ତ କୁମାର ସ୍ୱାଇଁ ପୌରୋହିତ୍ୟ କରିଥିଲେ । ମୁଖ୍ୟ ଅତିଥି ଭାବେ ପୁରୀ ଜଗନ୍ନାଥ ମନ୍ଦିର ମା ସୁଭଦ୍ରାଙ୍କ ବାଡଗ୍ରାହୀ ରାମଦାସ ମହପାତ୍ର, ସମ୍ମାନୀତ ଅତିଥି ଜଗନ୍ନାଥ ସଂସ୍କୃତିର ଗବେଷକ ଭାସ୍କର ଚନ୍ଦ୍ର ମିଶ୍ର, ଖଣ୍ଡପଡା ପଠାଣି ସାମନ୍ତ ନାଗରିକ ଫୋରମ ସଭାପତି ଅଖିଳ କୁମାର ମହାରଣା, ବ୍ରହ୍ମଚାରିଣୀ ଅରୁନ୍ଧତୀ, ବରିଷ୍ଠ ଆଇନଜୀବି ଗିରିଜା ଶଙ୍କର ତରାସିଆ, ସାମାଜିକକର୍ମୀ ପ୍ରବୀର କୁମାର ମହାନ୍ତି, ଜିଲା ପରିଷଦ ସଭ୍ୟା ଉଜ୍ଜଳ ମହାରଣା, ବରିଷ୍ଠ ଖବରଦାତା ପ୍ରଭାକର ଶିରୋମଣି, ବିଶିଷ୍ଟ ଚିତ୍ରଶିଳ୍ପୀ ଏସ୍.ସୁଧାକର, ଭାପୁର ବ୍ଲକ ଉପାଧ୍ୟକ୍ଷ ବେଣୁଧର ପ୍ରଧାନ, ପୂର୍ବତନ ବ୍ଲକ ଉପାକ୍ଷ ଶିବ ପ୍ରସାଦ ଷଡ଼ଙ୍ଗୀ, ଶିଶୁ କବି କାଶୀନାଥ ଦାସ, ପୂର୍ବତନ ସରପଞ୍ଚ ଚନ୍ଦ୍ରକାନ୍ତ ବଳିୟାର ସିଂ, ସଂଗଠକ ସନ୍ତୋଷ କୁମାର ତ୍ରିପାଠୀ ପ୍ରମୁଖ ଯୋଗଦେଇ ଏହି ଜନନେତାଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋକପାତ କରିଥିଲେ। ଏ ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବିଶିଷ୍ଟ ବ୍ୟକ୍ତି, ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଉତ୍ତରୀୟ, ମାନପତ୍ର ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା । କଣ୍ଠଶିଳ୍ପୀ ବିଜୟ କୁମାର ପ୍ରଧାନ ଓ ସାଥୀମାନେ ଭଜନ ପରିବେଷଣ କରିଥିଲେ।


ଶ୍ରାଦ୍ଧଉତ୍ସବରେ ଯୋଗଦେଇଥିବା ଅତିଥି।

**ଶରଣକୁଳ ସର୍ବଭାରତୀୟ ଫୁଟବଲ ଟୁର୍ନାମେଣ୍ଟ**

# ଏ.ଜି. ରିକ୍ରିଏଶନ କ୍ଲବ୍ ବିଜୟୀ

**ଶରଣକୁଳ,୨୨।୧୧(ଦୀପକ କର)**

ଲଡୁକେଶ ଆଥ୍‌ଲେଟିକ୍ ଆସୋସିଏଶନ୍ ଶରଣକୁଳ ପକ୍ଷରୁ ସରକାରୀ ନାରାୟଣ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ଆୟୋଜିତ ୬୨ତମ ସର୍ବଭାରତୀୟ ଫୁଟବଲ ଟୁର୍ନାମେଣ୍ଟର ଚତୁର୍ଥ ଦିବସ ମ୍ୟାଚ୍ ଏ.ଜି. ରିକ୍ରିଏଶନ କ୍ଲବ, ଭୁବନେଶ୍ୱର ସାଇ ହାଲ୍ ସୁନାବେଡା ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଏ.ଜି. ରିକ୍ରିଏଶନ କ୍ଲବ୍ ୧-୦ଗୋଲରେ ସାଇ ହାଲ ସୁନାବେଡାକୁ ପରାସ୍ତ କରି ବିଜୟୀ ହୋଇଛି । ଖେଳର ପ୍ରଥମାର୍ଦ୍ଧ ସଂଘର୍ଷପୂର୍ଣ୍ଣ ହୋଇଥିଲେ ମଧ୍ୟ କେହି କାହାରିକୁ ଗୋଲ ଦେବାକୁ ସକ୍ଷମ ହୋଇ ନ ଥିଲେ। ତେବେ ଦ୍ୱିତୀୟାର୍ଦ୍ଧ ଖେଳର୨୧ମିନିଟ୍‌ରେ ସାଇହାଲର ଗୋଲ କିପର ଡି.ଏରିଆ ବାହାରେ ବଲକୁ ହାତରେ ଧରିଥିବା ଯୋଗୁ ରେଫରୀଙ୍କ ଏରିଆ ସୁଟ୍ ନିଷ୍ପତ୍ତିରେ ଏ.ଜି. ରିକ୍ରିଏଶନ କ୍ଲବ୍ ଗୋଲ କିପର ଅର୍ପଣ ଲାକ୍ରା ଏରିଆ ସୁଟ୍‌କୁ ସ୍କୋର କରି ଦଳ ପାଇଁ ପ୍ରଥମ ଗୋଲ ଦେଇଥିଲେ।



ସାଇ ହାଲ ଦଳ ବରାବର ସ୍ଥିତିକୁ ଆଣିବା ନିମନ୍ତେ ଲଗାତର ଆକ୍ରମଣାତ୍ମକ ଖେଳ ପ୍ରଦର୍ଶନ କରିଥିଲେ ସୁଦ୍ଧା କୌଣସି ସୁଫଳ ପାଇ ନ ଥିଲେ। ଅତିଥି ରୂପେ ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ରବିନ୍ଦ୍ର କୁମାର ସାହୁ, ବଜାଜ୍ ଅଟୋ ମୋବାଇଲ,ପ୍ରୋପାଇଟର ମନସୁର୍ ବକ୍ସ ଏବଂ ଶରଣକୁଳ ଏସ୍‌ଡିପିଓ ସୁଧାକର ସାହୁ ଯୋଗଦେଇ ଖେଳାଳୀମାନଙ୍କୁ ଉତ୍ସାହିତ କରିଥିଲେ । ଏ.ଜି. ରିକ୍ରିଏଶନ କ୍ଲବ୍‌ର ଅର୍ପଣ ଲାକ୍ରାଙ୍କୁ ଶ୍ରେଷ୍ଠ ଖେଳାଳୀ ଭାବେ ଟ୍ରଫି ସହ ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା । ଜ୍ୟୋତି ରଞ୍ଜନ ସ୍ୱାଇଁ, ଅଶୋକ କଅଁର, ସଚ୍ଚିକାନ୍ତ ଦାସିଆ, ପ୍ରସନ୍ନ ନାୟକ ଖେଳ ପରିଚାଳନା କରିଥିଲେ। ଗୁରୁବାର ପ୍ରଥମ ସେମିଫାଇନାଲ ଖେଳ ଜଗା ୟୁନାଇଟେଡ୍, ଭୁବନେଶ୍ୱର ବନାମ ୟୁନାଇଟେଡ ସ୍ପୋର୍ଟ୍ସ କ୍ଲବ, ବରଗଡ ମଧ୍ୟରେ ଅନୁଷ୍ଠିତ ହେବ।

**ଶେୟାର ବଜାର କାରବାରରେ ଉତ୍ସାହ**

ନୂଆଦିଲ୍ଲୀ: କ୍ରମାଗତ ୨ୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ବୃଦ୍ଧି ଘଟିଛି। ଏପରିକି ଚଳିତ ସପ୍ତାହର ୩ୟ କାର୍ଯ୍ୟଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢ଼ାଇଛନ୍ତି। ବିଶେଷକରି ବୁଧବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ)ର ସେନ୍ସେକ୍ସ ୯୨ (୯୨.୪୭) ପଏଣ୍ଟ ବଢ଼ି ୬୬,୦୨୩ (୬୬,୦୨୩.୨୪) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍ଏସ୍ଇ)ର ନିଫ୍ଟି-୫୦ରେ ମଧ ୨୮ (୨୮.୪୫) ପଏଣ୍ଟ ବୃଦ୍ଧି ଘଟି ୧୯,୮୧୨ (୧୯,୮୧୧.୮୫) ଅଙ୍କରେ କାରବାର ବନ୍ଦ କରିଥିଲା।




ଭାରତୀୟ ଷ୍ଟେଟ୍ ବ୍ୟାଙ୍କ କର୍ମଚାରୀ ସଂଘ ଭୁବନେଶ୍ୱର ମଣ୍ଡଳ, କଟକ ସେଣ୍ଟର ସାଧାରଣ ପରିଷଦ ବୈଠକ କଟକ ମୁଖ୍ୟ ଶାଖାରେ ଅନୁଷ୍ଠିତ ହୋଇଯାଇଛି। ତପନ କୁମାର ପାଲଙ୍କ ସଭାପତିତ୍ୱରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କର୍ମଚାରୀ ସଂଘର ନୂତନ ଭାବେ କାର୍ଯ୍ୟଭାର ଗ୍ରହଣ କରିଥିବା କର୍ମକର୍ତ୍ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଭାରତୀୟ ଷ୍ଟେଟ୍ ବ୍ୟାଙ୍କ (ଏସ୍ବିଆଇ) ଭୁବନେଶ୍ୱର ମଣ୍ଡଳର ନୂତନ ଭାବେ ନିର୍ବାଚିତ ସାଧାରଣ ସମ୍ପାଦକ ଡ. ଚିତ୍ତରଞ୍ଜନ ପଣ୍ଡାଙ୍କୁ କଟକର ସମସ୍ତ ଷ୍ଟେଟ୍ ବ୍ୟାଙ୍କ କର୍ମଚାରୀଙ୍କ ଦ୍ୱାରା ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଏହି ଅବସରରେ ପଣ୍ଡାଙ୍କ ସମେତ ସଂଘର ସଦସ୍ୟମାନେ ଉପସ୍ଥିତ ଅଛନ୍ତି।

# ସାହାରାଶ୍ରୀଙ୍କ ଅସ୍ଥି ଗଙ୍ଗାରେ ବିସର୍ଜିତ

ଭୁବନେଶ୍ୱର,୨୨।୧୧(ଅନୁରାଧା ମହାରଣା)

ସାହାରାଶ୍ରୀ ଭାବେ ପରିଚିତ ସାହାରା ଇଣ୍ଡିଆର ଚେୟାରମ୍ୟାନ ସ୍ୱର୍ଗତ ସୁବ୍ରତ ରାୟ ସାହାରାଙ୍କ ଅସ୍ଥି ବିସର୍ଜନ ନିକଟରେ ଶେଷ ହୋଇଯାଇଛି। ବୁଧବାର ହରିଦ୍ୱାର ଓ ବାରାଣସୀର ପବିତ୍ର ଗଙ୍ଗାରେ ଅସ୍ଥି ବିସର୍ଜନ ହୋଇଥିବା ବେଳେ ମଙ୍ଗଳବାର ପ୍ରୟାଗରାଜର ସଙ୍ଗମସ୍ଥଳରେ ସାହାରାଶ୍ରୀଙ୍କ ଅସ୍ଥି ବିସର୍ଜନ କରାଯାଇଥିଲା। ଏହି ଅବସରରେ ସାହାରାଶ୍ରୀଙ୍କ ସାନଭାଇ ଜୟବ୍ରତ ରାୟ, ସାହାରା ଇଣ୍ଡିଆ ପରିବାରର ଡେପୁଟି ମ୍ୟାନେଜିଂ ୱାର୍କର ଓ. ପି. ଶ୍ରୀବାସ୍ତବଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।



# ଡିଏସ୍ପି ମ୍ୟୁଚୁଆଲ ଫଣ୍ଡର ନୂତନ ଉତ୍ପାଦ

ଭୁବନେଶ୍ୱର, ୨୨।୧୧

ଡିଏସପି ମ୍ୟୁଚୁଆଲ ଫଣ୍ଡର ନୂତନ ଉତ୍ପାଦ 'ଡିଏସପି ବ୍ୟାଙ୍କିଙ୍ଗ ଆଣ୍ଡ ଫାଇନାନସିଆଲ ସର୍ଭିସେସ ଫଣ୍ଡ' ବା ଡିଏସପି ବିଏଫଏସଏଫକୁ ନିକଟରେ ଉନ୍ମୋଚନ କରାଯାଇଛି। ବିଶେଷ କରି ବ୍ୟାଙ୍କିଙ୍ଗ ଏବଂ ଫାଇନାନସିଆଲ ସେବା କ୍ଷେତ୍ରରେ ଦୀର୍ଘାବଧି ସଂରଚନାଗତ ସୁଯୋଗର ଫାଇଦା ନେବାକୁ କମ୍ପାନୀ ନିବେଶକମାନଙ୍କୁ ସୁଯୋଗ ପ୍ରଦାନ କରୁଥିବା ଏକ ଓପନ ଏଣ୍ଡେଡ ସ୍କିମ 'ଡିଏସପି ବିଏଫଏସଏଫ'ର ପ୍ରଚଳନ ସମ୍ପର୍କରେ ଘୋଷଣା କରିଛି/କରାଯାଇଛି। ଏପରିକି ଦେଶର ବ୍ୟାଙ୍କସମୂହ ବ୍ୟତୀତ ଏହି କ୍ଷେତ୍ର ସହ ଜଡିତ ହାଉସିଂ ଫାଇନାନ୍ସ କମ୍ପାନୀ, ଜୀବନ ବୀମା, ଅଣ-ଜୀବନ ବୀମା, ଏଏମସି ଏବଂ ଏକ୍ସଚେଞ୍ଜସମୂହ ଓ ଡିପୋଜିଟୋରୀ ସମେତ ପ୍ରମୁଖ ଏନବିଏଫସିଗୁଡିକ ମଧ୍ୟ ସାମିଲ ଅଛନ୍ତି। ଏ ସମ୍ପର୍କରେ ଡିଏସପି ମ୍ୟୁଚୁଆଲ ଫଣ୍ଡର ଏମଡି ଆଣ୍ଡ ସିଇଓ କଲପେନ ପାରେଖ କହିଥିଲେ, ବିଏଫଏସଆଇ କ୍ଷେତ୍ରରେ କମ୍ପାନୀସମୂହର ଅନ୍ୟାନ୍ୟ କ୍ଷେତ୍ର ତୁଳନାରେ ବିପୁଳ ଲାଭ ରହିଛି। ଏଥିସହିତ ବୀମା କମ୍ପାନୀ, ମ୍ୟୁଚୁଆଲ ଫଣ୍ଡ, ୱେଲଥ ମ୍ୟାନେଜମେଣ୍ଟ ଫାର୍ମ ସହିତ ଉକ୍ତ ଶିଳ୍ପକୁ ସମର୍ଥନ କରୁଥିବା ଟେକ ପ୍ଲାଟଫର୍ମ, ପେମେଣ୍ଟ ଓ ଫିନଟେକ ଆଦି ବହୁବିଧ ବ୍ୟବସାୟର ଯୋଗ କାରଣରୁ ଲାଭ ପରିମାଣ ମଧ୍ୟ ବୃଦ୍ଧି ପାଉଛି। ତେଣୁ ସେଗୁଡିକର ମୂଲ୍ୟ ଯେତେବେଳେ ହ୍ରାସ ପାଉଛି ଅଥବା ସ୍ଥିର ରହୁଛି ସେତେବେଳେ ଦୀର୍ଘସ୍ଥାୟୀ ଅଭିବୃଦ୍ଧି ସହିତ ଆମେ ଏହିଭଳି କ୍ଷେତ୍ରରୁ ଅର୍ଥ ଉଠାଇବାକୁ ପସନ୍ଦ କରୁଛୁ, ଏପରିକି ଋଣଦାତାମାନଙ୍କର ମଧ୍ୟ କଞ୍ଚାମାଲ ଭାବେ ଫାଇଦା ଉଠାଇବାର ବ୍ୟାପକ ସୁଯୋଗ ରହିଛି ଏବଂ ସେଥିପାଇଁ ସେମାନେ ଅସ୍ଥିର ଚକ୍ର ଦେଇ ଯାତ୍ରା କରନ୍ତି। ଚଳିତ ବର୍ଷ ବିଏଫଏସଆଇ କ୍ଷେତ୍ରରେ ଷ୍ଟକ ଗୁଡିକର ସଂଶୋଧନ ଆସିଛି ଏବଂ ଏହି କାରଣରୁ ଜଣେ ନିବେଶକଙ୍କ ନିମନ୍ତେ ନିରାପତ୍ତାସ୍ତରରେ ବୃଦ୍ଧି ଘଟୁଛି, ମୂଲ୍ୟାଙ୍କନ ଯୁକ୍ତିସଙ୍ଗତ ଥିବା ସମୟରେ ଏନଏଫଓ ପ୍ରଚଳନ କରି ଆମେ ଖୁସି ଅନୁଭବ କରୁଛୁ ବୋଲି କଲପେନ ପାରେଖ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି।

# ୨୨ ଆଙ୍କର ନିବେଶକଙ୍କଠାରୁ ୩୨୪.୬୭ କୋଟିର ପାଣ୍ଠି ହାସଲ

ଭୁବନେଶ୍ୱର, ୨୨।୧୧ (ଅଭୟ ଦାଶ)

ଫେଡ୍ ବ୍ୟାଙ୍କ ଫାଇନାନ୍ସିଆଲ ସର୍ଭିସେସ୍ ଲିମିଟେଡ୍ ପକ୍ଷରୁ ୨୨ ଆଙ୍କର ନିବେଶକଙ୍କୁ ୨୩,୧୯୧,୩୭୪ ଇକ୍ୱିଟି ଶେୟାର ଆବଣ୍ଟନ କରାଯାଇଛି। ଏପରିକି କମ୍ପାନୀର ପ୍ରସ୍ତାବିତ ଇନିସିଆଲ ପବ୍ଲିକ୍ ଅଫର (ଆଇପିଓ) ପୂର୍ବରୁ ଶେୟାର ପିଛା ୧୪୦ ଟଙ୍କା ଅନୁସାରେ ୨୨ଆଙ୍କର ନିବେଶକଙ୍କଠାରୁ ୩୨୪.୬୭ କୋଟି ଟଙ୍କାର ପାଣ୍ଠି ସଂଗ୍ରହ ହୋଇଛି। ଅପରପକ୍ଷରେ ଶେୟାର ଆବଣ୍ଟନ କରାଯାଇଥିବା ଆଙ୍କର ନିବେଶକ ଯଥା ନିପନ ଲାଇଫ୍ ଇଣ୍ଡିଆ ଟ୍ରଷ୍ଟି, ଏସ୍ବିଆଇ ଲାଇଫ୍ ଇନ୍ସ୍ୟୁରାନ୍ସ, ଏଚ୍ଡିଏଫ୍ସି ମ୍ୟୁଚୁଆଲ୍ ଫଣ୍ଡ, ଏଚ୍ଡିଏଫ୍ସି ଲାଇଫ୍ ଇନ୍ସ୍ୟୁରାନ୍ସ କମ୍ପାନୀ ଲିମିଟେଡ୍, ବନ୍ଧନ ଇମର୍ଜିଂ ବିଜନେସ୍ ଫଣ୍ଡ, ସୋସେଇଟି ଜେନେରାଲ-ଓଡିଆଇ, କୋଟାକ ମହିନ୍ଦ୍ରା ଲାଇଫ୍ ଇନ୍ସ୍ୟୁରାନ୍ସ, ଟାଟା ଏଆଇଏ ଲାଇଫ୍ ଇନ୍ସ୍ୟୁରାନ୍ସ, ବଜାଜ ଆଲିଆଞ୍ଜ ଲାଇଫ୍ ଇନ୍ସ୍ୟୁରାନ୍ସ, ନାଟିକ୍ସିସ୍ ଇଣ୍ଟରନ୍ୟାଶନାଲ ଫଣ୍ଡ, କାନାରା ଏଚ୍ଏସ୍ବିସି ଲାଇଫ୍ ଇନ୍ସ୍ୟୁରାନ୍ସ, ମାର୍ଶଲ ୱେସ୍ ଇନ୍ଭେଷ୍ଟମେଣ୍ଟ ଷ୍ଟ୍ରାଟେଜିସ ୟୁରେକା ଫଣ୍ଡ, ଏଡେଲ୍ୱାଇସ୍ ଟ୍ରଷ୍ଟିସିପ୍, ବିସିଏଡି ଫଣ୍ଡ, ଇଣ୍ଟିଗ୍ରେଟେଡ୍ କୋର୍ ଷ୍ଟ୍ରାଟେଜିସ୍ (ଏସିଆ) ପିଟିଇ, ସେଗାଟିଂ ଇଣ୍ଡିଆ ମରିସସ୍, ଗୋଲ୍ଡମ୍ୟାନ୍ ସଚ୍ସ (ସିଙ୍ଗାପୁର) ପିଟିଇ, ଇଣ୍ଡିଆ ମ୍ୟାକ୍ସ ଇନଭେଷ୍ଟମେଣ୍ଟ ଫଣ୍ଡ, କୋପଥାଲ ମରିସସ୍ ଇନ୍ଭେଷ୍ଟମେଣ୍ଟ ଲିମିଟେଡ୍, ୟୁନିଭର୍ସାଲ ସୋମ୍ପୋ ଜେନେରାଲ ଇନ୍ସ୍ୟୁରାନ୍ସ, ସିଟିଗ୍ରୁପ୍ ଗ୍ଲୋବାଲ୍ ମାର୍କେଟସ୍ ମରିସସ୍ ଓ ଏଡେଲୱାଇସ୍ ଟ୍ରଷ୍ଟିସିପ୍ ଇତ୍ୟାଦି ନିବେଶକ ସଂସ୍ଥା ଭାବେ ସାମିଲ ହୋଇଛନ୍ତି। ସେହିଭଳି ଆଙ୍କର ନିବେଶକମାନଙ୍କୁ ଆବଣ୍ଟନ କରାଯାଇଥିବା ୨,୩୧,୯୧,୩୭୪ ଇକ୍ୱିଟି ଶେୟାର ମଧ୍ୟରୁ ମୋଟ ୫ଟି ସ୍କିମ୍ରେ ଆବେଦନ କରିଥିବା ଚାରିଟି ସ୍ଥାନୀୟ ମ୍ୟୁଚୁଆଲ୍ ଫଣ୍ଡକୁ ୬,୬୪୨,୮୮୧ ଇକ୍ୱିଟି ଶେୟାର ପ୍ରଦାନ କରାଯାଇଛି। ବିଶେଷକରି ନିପନ୍ ଲାଇଫ୍ ଇଣ୍ଡିଆ ଟ୍ରଷ୍ଟି ଲିମିଟେଡ୍, ଏଚ୍ଡିଏଫ୍ସି ମ୍ୟୁଚୁଆଲ୍ ଫଣ୍ଡ, ବନ୍ଧନ ଇମର୍ଜିଂ ବିଜ୍ନେସ୍ ଫଣ୍ଡ ଓ ଏଡେଲ୍ୱାଇସ୍ ଟ୍ରଷ୍ଟିସିପ୍ ଭଳି ନିବେଶକ କମ୍ପାନୀ ସାମିଲ ଅଛନ୍ତି। ଉକ୍ତ ଇସ୍ୟୁର ବୁକ୍ ରନିଂ ଲିଡ୍ ମ୍ୟାନେଜର ଯଥା ଆଇସିଆଇସିଆଇ ସିକ୍ୟୁରିଟିଜ୍ ଲିମିଟେଡ୍, ବିଏନ୍ପି ପରିବାସ, ଇକ୍ୱିରସ୍ କ୍ୟାପିଟାଲ ପ୍ରାଇଭେଟ୍ ଲିମିଟେଡ୍ ଓ ଜେଏମ୍ ଫାଇନାନ୍ସିଆଲ ଲିମିଟେଡ୍ ଇତ୍ୟାଦି ସାମିଲ ରହିଛନ୍ତି।


## NOTICE INVITING TENDER
### OFFICE OF THE MUNICIPAL COUNCIL, NAYAGARH
### NAYAGARH (ODISHA), PIN-752069

No.C-1879: e-Mail:nacnayagarh@yahoo.co.in

**Expression of Interest Notice No.4259/ Dt.16.11.2023**

**Reference No.MUNLNGR-11/2023-24**

| | | |
|---|---|---|
| 1 | Name of Works | Construction of Fountain Pool at Old Bus-Stand in Nayagarh Municipality |
| 2 | Class of Contractor/ Agency/ Firms | MSME (DIC) & 'C' Class CONTRACTOR |
| 3 | Period of Completion | 90 days |
| 4 | Date of Publication | Dt.20.11.2023 |
| 5 | Date and Time of availability of document in the portal | From Dt.20.11.2023 at 10.00 AM to Dt.28.11.2023 upto 5.00 P.M. |
| 6 | Last Date/Time for receipt of bids in poral | Dt.28.11.2023 upto 5.00 P.M. |
| 7 | Last date of Submission of original documents in this Office | On or before dt.30.11.2023 upto 5.00 PM by Registered Post/Speed Post/Drop Box available at Municipal Office,Nayagarh |
| 8 | Date and Time of opening Technical Bid | Dt.01.12.2023 at 11.00 AM at Municipality Office, Nayagarh |
| 9 | Date and Time of Opening Financial Bid | Intimation will be given later through e-Mail |
| 10 | Name and Address of the Officer Inviting Bid | Sd./- Executive Officer Nayagarh Municipality |

Further details can be seen from e-Procurement portal https://tendersodisha.gov.in.

OIPR-13134/11/0020/2324

## CHIEF DISTRICT AGRICULTURE OFFICER: DEOGARH
## TENDER NOTICE

**TENDER NOTICE NO.1673/Dt.20.11.2023**

**No.L-160:** The Chief District Agriculture Officer, Deogarh invites sealed tender from Authorized Bidders for installation of Tentage & related work for Zilla Krushi Mahotsav & Farm Mechanization Mela 2023-24 at Bada Bagicha Ground, Pradhanpat, Deogarh. The technical specification alongwith Term & Condition and Bid documents etc. is available at the website www.deogarh.nic.in from Dt.20.11.2023. The last date of the submission of the Bid is on 06.12.2023 by 1.00 P.M.

**Sd./- CDAO, Deogarh**

OIPR-01512/11/0001/2324

## Cuttack Development Authority
ARUNODAYA BHAWAN, LINK ROAD, CUTTACK-12
Fax No-0671-2312299
e-mail-cda.cuttack@nic.in
CAD-2961

Notice No: 12703 Date: 21.11.2023

**Expression of Interest (EOI) to rent out premises for Wash Bay on "as is where is basis" at Cuttack Netaji Bus Terminal (CNBT), Cuttack**

**Brief Description of the Process:** Cuttack Development Authority (CDA) invites applications from prospective applicants to rent out premises for Wash Bay on "as is where is basis" at Cuttack Netaji Bus Terminal (CNBT), Cuttack.

The applicants are requested to make themselves aware of the site conditions and eligibility criteria mentioned in the EOI before participating in the process. The EOI can only be downloaded from CDA website **http://www.cdacuttack.nic.in** and the last date of submission of application in prescribed format and required documents by Dt. 07/12/2023 till 15:00 Hrs. C.D.A, Cuttack reserves the right to accept or reject any application(s) and to annul the selection process at any time, without incurring any liability and without assigning any reason thereof. For any assistance/clarification in this regard, the prospective applicants may contact the **Scheme Officer on 8249964517** or to reach out to **PMU-9937022079/8050398938** during office hours.

OIPR-13037/11/0168/2324 **Sd./- Secretary**

## ODISHA STATE SEEDS CORPORATION LIMITED
(A GOVERNMENT UNDERTAKING)
SANTARAPUR, BHUBANESWAR - 751002.
Tel - MD 0674 - 2340573, PBX - 2340170, Fax - 2340096

**TENDER INVITATION No- OSSC/ Engg- 90/ 2023**

No. CAD-2957:- Managing Director, Odisha State Seeds Corporation Ltd invites Percentage Rate tenders in ***Double Cover System*** through ***ONLINE MODE ONLY*** for the works below

*Values in Rs.*

| SL | Name of the Work | Cost of work without GST | EMD | Cost of Tender Document with GST | Completion period | Class of Contractor |
|---|---|---|---|---|---|---|
| 1 | Installation of LT Supply for Power Supply to 45 KW GP (Enhanced from existing 15.0 KW) by upgradation of Transformer from 25 KVA, 11/0.4 KV into 63 KVA Substation at Jajpur Road. | 7,63,238.00 without GST | 7632.00 | 7,080.00 with GST | 120 | HT Electrical |

**CRITICAL DATES**

| | | |
|---|---|---|
| A | Availability of Bid Document | 14.40 hours on dt.23.11.2023 to 17.00 hours on dt.02.12.2023 |
| B | Last Date of Receipt of tender in the Portal | 17.00 hours on dt.02.12.2023 |
| C | Date/Time of Opening of Bid | 12.30 hours on dt.03.12.2023 |

Further detail can be seen from the website https://tendersodisha.gov.in. Any addendum/ corrigendum/ cancellation can also be seen in the said website.

OIPR-01106/11/0067/2324 Sd./- **Managing Director, OSSC Ltd, BBSR**

## DEPUTY DIRECTOR OF TEXTILES, BARGARH
E-mail: ddtbargarh@gmail.com

**No. 3967** **Dated. 20 .11.2023**

## CORRIGENDUM

**No.PP-65:** Due to unavoidable circumstances the last date of receipt of Tender Papers for Tentage & allied works is extended up to Dt. 28.11.2023 till 5.00 p.m. during working days of **Office hour at the Office of Deputy Director of Textiles, Bargarh.** The sealed tender papers (Technical bid) shall be opened on dt.29.11.2023 at 11.00 A.M in the **Office of Deputy Director of Textiles, Bargarh** and presentation shall be carried out for evaluation and after that the price bid shall be opened in the presence of the tenderers or their authorized representatives. If it is found that the quoted amount of L-1 party will exceed the budget limit of the particular head then the party may be called for negotiation. The undersigned reserves the right to accept or reject any or all the tenders without assigning any reason thereof.

**Sd./- Deputy Director of Textiles, Bargarh**

OIPR-31032/11/0007/2324

idco | ODISHA NEW OPPORTUNITIES No.CAD-2953

## OFFICE OF THE DIVISIONAL HEAD (ELECTRICAL), IDCO IDCO TOWER, BHUBANESWAR

**Tender Call Notice No.BBSR/ELECT/E-4126/19-20/3077 Dt.18.11.2023**

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

**Name of the Work: SITC of 11/0.4 KV, 250 KVA S/S for Power supply to BPCL Pump house at Bargarh, Under SDO-II, Bargarh.**

| Procurement Officer | Bid Identification No. | Availability of Tender Online for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| D.H. (Elect), IDCO, IDCO Tower, Janpath, Bhubaneswar | Bid ID No. BBSR/ ELECT/e-79/ 23-24 | 28.11.2023 at 17.00 Hrs. | 05.12.2023 at 17.00 Hrs. |

Further details can be seen from the e-procurement portal www.tendersorissa.gov.in. Corrigendum or Addendum if any will not be published in newspapers and can be seen in e-Procurement portal as well as in **IDCO website.**

**Sd./-Divisional Head (Elect) IDCO, Bhubaneswar**

OIPR-14003/11/0282/2324

## Bhubaneswar Municipal Corporation
Notice No. 55258/2023-24 Date: 20.11.2023

**NOTICE FOR Enrolment of Advertisers of Agencies as licensed or Registered Advertisers to Undertake display of advertisement as per BMC's Tax on Advertisement Regulations, 2006 within jurisdiction of BMC**

No.C-1893: Bhubaneswar Municipal Corporation (BMC) invites proposal from reputed agencies for Enrolment of adveritsers or agencies as licensed or registered advertises to undertake display of advertisements as per BMC's Tax on Advertisement Regulations, 2006 within jurisdiction of BMC. Interested agencies may participate and submit their proposal. The detailed document can be downloaded from BMC website: **www.bmc.gov.in** from 11.00 A.M. of 24.11.2023 to 04.00 P.M. of 13.12.2023. The last date of receipt of technical proposals is 13.12.2023 till 4.00 P.M. and the same would be opened on 13.12.2023 at 5.00 P.M. The pre-proposal meeting is scheduled on 02.12.2023 at 03.00 P.M. in the Conference Hall at BMC Office. Proposals shall be submitted through Registered/Speed Post or Courier service at the address mentioned in the notice. Please refer the detailed documents for further details.

BMC reserves the right to cancel this invitation and/or invite fresh proposal with or without amendments to this invitation, without liability or any obligation for such invitation and without assigning any reason. BMC reserves the right to accept or reject any or all proposals without assigning any reason whatsoever.

Sd./- DC Revenue
Bhubaneswar Municipal Corporation

OIPR-13002/11/0206/2324

## Government of Odisha
No.O-1560:
### Office of the Superintending Engineer Rural Works Division, Dhenkanal
E-mail:eerwdivisiondhenkanal@yahoo.co.in

**e-Procurement Notice No.12/Building Works/2023-24**

1. Name of the Work : Building Works
2. Total No. of Works : 04 (Four) Nos.
3. Estimated Cost : Rs.38.94 to 37.77 lakh (Approx.)
4. Class Contractor : "B" & "C" Class
5. Period of Completion : 06 (Six) Calendar Months
6. EMD Required : As mentioned in the Annexure at Column-04
7. Online for bidding : 24.11.2023 at 11.00 AM to 01.12.2023 upto 5.00 P.M.
8. Last date & time of seeking tender clarification : 30.11.2023 upto 4.00 P.M.
9. Date & Time of opening of tender (Technical & Financial Bid) : 02.12.2023

Other details can be seen from the website http://tendersorissa.gov.in

**Sd./- Executive Engineer R.W.Division, Dhenkanal**

OIPR-25101/11/0019/2324

idco | ODISHA NEW OPPORTUNITIES No.CAD-2949

### OFFICE OF THE CHIEF GENERAL MANAGER (P&C), IDCO, IDCO TOWERS, BHUBANESWAR-751022

**Tender Call Notice No. H.O./P&C/EST-E-1791/01/2021/36785**

**Dated: 18.11.2023**

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-PROCUREMENT**

| Sl. No. | Name of Work | Value of Work (Approx) | Period of Completion |
|---|---|---|---|
| 1 | Providing, Laying and Commissioning of D.I. S/S (K-9) pipe in internal Water Supply distribution system of MSME Park at Basantpur, Sambalpur | Rs.88.05 Lakhs | 04 (Four) Calendar Months |

**1. Other Details:**

| Procurement Officer | Bid Identification No. | Availability of Tender on-Line for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Chief General Manager (P&C) IDCO, IDCO Towers, Bhubaneswar-751022 | Bid Id No.P&C/ES-T/E-147/2023-24 | 17.00 Hours of Dt.24.11.2023 | 17.00 Hours of Dt.11.12.2023 |

**Further details can be seen from the e-Procurement Portal www.tendersodisha.gov.in.** Corrigendum or addendum if any will not be published in newspapers and can only be seen in the e-Procurement portal **www.tenderodisha.gov.in** as well as IDCO website **www.idco.in.**

**Sd./- Chief General Manager (P&C) IDCO, Bhubaneswar**

OIPR-14003/11/0280/2324

## OFFICE OF THE MUNICIPAL COUNCIL, SONEPUR
**"e"-procurement Notice**

**Bid Identification No.: SNP-MUN-18/2023-24**

**TENDER ID: 2023_ORULB_97286**

**Tender Call Notice No.4322/Date 20.11.2023**

**No.C-1891:-** Bid documents consisting of Work, Estimated Cost, Cost of Tender Paper, EMD, Time of Completion, Class of Contractors and the set of terms and conditions of contract & other necessary documents can be seen in the Govt. Website i.e. **www.tendersodisha.gov.in**

1. Name of the Work : As per DTCN
2. No. of Works : 13 Nos.
3. Amount put to Tender : As per DTCN
4. Period of Completion : As per DTCN
5. Starting Date & Time of Bidding : From Dt.**21.11.2023** from **11.00 A.M.**
6. Last Date & Time for Receipt of tenders through online : On or before Dt.**01.12.2023** up to **05.00 PM**
7. Bids received online shall be opened on : On Dt.**02.12.2023** at **11.00 AM**
8. Name and address of the Officer inviting Bid : Executive Officer, Sonepur Municipality

Further details can be seen from the procurement portal i.e. **www.tendersodisha.gov.in**.

**Sd./- Executive Officer, Sonepur Municipality**

OIPR-13098/11/0017/2324

## SAMBALPUR MUNICIPAL CORPORATION SAMBALPUR, Odisha - 768001
Phone No. 0663-2411316 / E Mail:sambalpurm.hud@nic.in

## 'e' Procurement NOTICE
**Bid Identification No: 25/SMC_SBP/2023-24**

**No.C-1878:** The Municipal Commissioner on behalf of Municipal Corporation, Sambalpur invites tenders in Single Cover System. Bid documents consisting of specification scope of work for the Schedule of Items and the set of terms & conditions of contract and other necessary documents can be seen the Govt. website i.e. https://tendersodisha.gov.in.

1. Name of work: **"Conducting Drone Survey, Hydrographic Survey for "Rejuvenation of Water Bodies (Ama Pokhari)" under Jurisdiction of Sambalpur Municipal Corporation."**
2. Date & time of availability of the bid documents in the portal: **From 11.00 A.M. of 16.11.2023 to 05.00 PM of 25.11.2023**
3. Last Date/ Time for receipt of bids in the portal: **05.00 PM of 25.11.2023**
4. Bids will be opened on: **11.00 AM of Dt. 28.11.2023**
5. Name & address of the officer inviting bid: **Municipal Commissioner,Sambalpur Municipal Corporation, Sambalpur.**

**Sd/- Municipal Commissioner Sambalpur Municipal Corporation**

OIPR-13122/11/0054/2324

idco | ODISHA NEW OPPORTUNITIES No.CAD-2951

## OFFICE OF THE CHIEF GENERAL MANAGER (P&C), IDCO, IDCO TOWERS, JANPATH, BHUBANESWAR - 751022

**Tender Call Notice No. IDCO/H.O./P&C/ EST/E-2492/01/2023/36919, Dt.20.11.2023**

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

1 Name of the Work: Approach Road to Industrial Area Kalibeti in Khorda District including service road (2 lane with paved shoulders and crash barriers) along NH-16 and Improvement to RD Road from NH-16 with junction development, Spine Roads (2 lane with paved shoulder) including CD Works and Street Lights.
2 Estimated Cost: Rs.2100.00 lakhs
3 Period of Completion: 04 (Four) Calendar Months
4 Other Details

| Procurement Officer | Bid ID Tender Reference No. | Availability of Tender Online for Bidding | |
|---|---|---|---|
| 1 | 2 | 3 | 4 |
| Chief General Manager (P&C), IDCO, IDCO Towers, Bhubaneswar | Bid ID/Tender Reference No. P&C/EST/E-148/ 2023-24 | 30.11.2023 at 17.00 Hrs. | 15.12.2023 upto 17.00 Hrs. |

Further details can be seen from the e-Procurement Portal: **www.tendersodisha.gov.in** and Corrigendum if any will not be published in Newspapers and can only be seen in the e-Procurement portal **www.tendersodisha.gov.in** and **www.idco.in**

**Sd./- Chief General Manager (P&C) IDCO, Bhubaneswar**

OIPR-14003/11/0279/2324

## COLLECTORATE: GAJAPATI:PARALAKHEMUNDI
**(Welfare Section)**

**Email id:dwogpt@rediffmail.com, Telephone No.06815-222825**

**L.N.3012/XXV-61/2023** **Dated:20.11.2023**

**SHORT QUOTATION CALL NOTICE**

**No.F-159:** Sealed quotations are invited from reputed & experienced Tent House/ Decorator having valid PAN & GST Registration for supply of following items on Hire Basis for Event management & catering Services from 13.12.2023 to 17.12.2023 at Govt. (SSD) HSS, Rayagada,District-Gajapati for Zonal Level student Festival "Sargiful-2023". The detail Terms & Conditions with format of Technical & Financial bid of short quotation call notice no.2986/XXV, dt.18.11.2023 is available in the www.gajapati.nic.in. Your kind co-operation is higly solicited.

OIPR-19071/11/0001/2324 **Sd./- District Welfare Officer, Gajapati**

## GOVERNMENT OF ODISHA
## DEPARTMENT OF WATER RESOURCES
## OFFICE OF THE ADDITIONAL CHIEF ENGINEER, CENTRAL IRRIGATION CIRCLE, BHUBANESWAR

No. A-869 **'e' Procurement Notice No. ACECIC - 16/2023-24**

| Procurement Officer | Bid Identification No. | Name of Work | Cost of Work (Rs. in lakhs) | Bid Security (Rs.) E.M.D. | Cost of Bid Documents (Rs.) | Class of Contractor | Bid documents available online for bidding | | Date of Openign of Technical Bid | Period of Completion of Work |
|---|---|---|---|---|---|---|---|---|---|---|
| | | | | | | | From | To | | |
| ACE, CIC, Bhubaneswar | NGR - 12/ 2023-24 | Construction of C.C. Lining in Right Distributary of Kuanria Irrigation Project from RD 00.00 Km to RD 11.00 Km. | 826.86 | 826900/- (Online) | 10000/- (Online) | "A" & "Special" Class | 23.11.2023 at 10.00 hours | 07.12.2023 at 17.00 hours | 08.12.2023 at 11.00 hours | 12 (Tweleve Calendar Months) |

e-mail ID: **secic_dowr@yahoo.com**

Further details conditions can be seen from Govt. website **www.tenderodisha.gov.in**

OIPR-32160/11/0020/2324 **Sd./- Additional Chief Engineer, Central Irrigation Circle**


See Career Appointment on every Wednesday & Saturday

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ: ..............................
ଜନ୍ମ ତାରିଖ: ..............................


ଶ୍ରୀଷ୍ଟି
ପରିବାରବର୍ଗ


ପ୍ରାଂଶୁ
ପରିବାରବର୍ଗ


ପ୍ରିତମ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ବିସ୍ତୃତ ସତ୍ୟପାଠ ଦାଖଲ କଲେ ସରକାର

କଟକ,୨୨।୧୧ (କାର୍ତ୍ତିକ ସାହୁ)

## ହାଇକୋର୍ଟରେ ଡଙ୍ଗାବୁଡ଼ି ମାମଲା

- ଦୁର୍ଘଟଣାରେ କ୍ଷତିପୂରଣ ରାଶି ୫୦,୦୦୦
- ଆବେଦନକାରୀଙ୍କୁ ପ୍ରତିଜବାବ ଦାଖଲ ନିର୍ଦ୍ଦେଶ

ଡଙ୍ଗାବୁଡ଼ି ମାମଲାରେ ରାଜ୍ୟ ସରକାର ହାଇକୋର୍ଟରେ ବିସ୍ତୃତ ସତ୍ୟପାଠ ଦାଖଲ କରିଥିବା ବୁଧବାର ଶୁଣାଣିରେ ଜଣାପଡିଛି। ସତ୍ୟପାଠ ଅନୁଯାୟୀ, ୨୦୦୪ରୁ ଅଦ୍ୟାବଧି ୩୭୦୪ଟି ଡଙ୍ଗା ସରକାରୀ ଭାବେ ପଞ୍ଜୀକୃତ ହୋଇଛି। ୨୦୨୧ ଜାନୁୟାରୀ ୧ରୁ ୨୦୨୩ ନଭେମ୍ବର ୧୭ ତାରିଖ ସୁଦ୍ଧା ୩୮୭ ଡଙ୍ଗାକୁ ଖାରଜ କରାଯାଇଛି। ଡଙ୍ଗାରେ ଯାତାୟାତ କରୁଥିବା ଯାତ୍ରୀମାନେ ଡଙ୍ଗାବୀମା ଜରିଆରେ ବୀମାଭୁକ୍ତ ହୋଇଛନ୍ତି। କୌଣସି ଡଙ୍ଗା ଦୁର୍ଘଟଣା ଘଟିଲେ ଡଙ୍ଗାଯାତ୍ରୀଙ୍କୁ ବୀମା କମ୍ପାନୀ କ୍ଷତିପୂରଣ ପ୍ରଦାନ କରିବ। ଓଡ଼ିଶା ବୋଟ୍ ରୁଲ୍ସ ୨୦୦୪ ଅନୁସାରେ ଏହି ବୀମା କ୍ଷତିପୂରଣ ରାଶି ଜଣ ପିଛା ୧୦,୦୦୦ ଟଙ୍କା ରହିଥିଲା। ହେଲେ ଓଡ଼ିଶା ବୋଟ୍ ରୁଲ୍ସ ୨୦୧୯ ଅନୁସାରେ ଉକ୍ତ କ୍ଷତିପୂରଣ ରାଶି ୫୦,୦୦୦ ଟଙ୍କାକୁ ବୃଦ୍ଧି କରାଯାଇଛି। ଅପରପକ୍ଷରେ ରେଡ୍‌କ୍ରସ ଓ ଜିଲା ପ୍ରଶାସନ ପକ୍ଷରୁ ଡଙ୍ଗା ଦୁର୍ଘଟଣାରେ ମୃତାହତଙ୍କୁ କ୍ଷତିପୂରଣ ଦେବାର ବ୍ୟବସ୍ଥା ରହିଛି। ଏପରିସ୍ଥିତିରେ ସରକାରଙ୍କ ପକ୍ଷରୁ ନୂତନ ନିୟମ ପ୍ରଣୟନ ପାଇଁ ପ୍ରସ୍ତାବ ଦିଆଯାଇଛି। ଏ ସଂକ୍ରାନ୍ତରେ ପାଟଣାସ୍ଥିତ ଦି ନ୍ୟାଶନାଲ ଇନ୍‌ଲ୍ୟାଣ୍ଡ ନାଭିଗେସନ ଇନ୍‌ଷ୍ଟିଚ୍ୟୁଟ ନୂତନ ଡ୍ରାଫ୍ଟ ନିୟମ ପ୍ରସ୍ତୁତ କରି ଓଡ଼ିଶା ଇନ୍‌ଲ୍ୟାଣ୍ଡ ଭେସେଲ ରୁଲ୍ସ ୨୦୨୩ ଭାବରେ ପୋର୍ଟ ଆଣ୍ଡ୍ ଆଇଡବ୍ଲ୍ୟୁ ଓଡ଼ିଶା ନିର୍ଦ୍ଦେଶକଙ୍କ ଜରିଆରେ ରାଜ୍ୟ ସରକାରଙ୍କ ନିକଟରେ ଦାଖଲ କରିଛନ୍ତି। ତାହା ଏବେ ବାଣିଜ୍ୟ ଓ ପରିବହନ ବିଭାଗରେ ରାଜ୍ୟ ସରକାରଙ୍କ ଅନୁମୋଦନ ପାଇଁ ରହିଛି ବୋଲି ଦର୍ଶାଯାଇଛି। ହାଇକୋର୍ଟ କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଡ. ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ ଓ ବିଚାରପତି ମୁରାହରି ଶ୍ରୀ ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି କରି ଆବେଦନକାରୀଙ୍କୁ ପ୍ରତିଜବାବ ଦାଖଲ ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି। ପରବର୍ତ୍ତୀ ଶୁଣାଣି ନିମନ୍ତେ ଆସନ୍ତା ସପ୍ତାହକୁ ଧାର୍ଯ୍ୟ କରାଯାଇଛି।

ସୂଚନା ଅନୁସାରେ, ଆବେଦନକାରୀଙ୍କ ପକ୍ଷରୁ ୨୦୦୪ ଡଙ୍ଗା ଚାଳନା ନିୟମ ଠିକ୍ ଭାବେ କାର୍ଯ୍ୟକାରୀ କରାଯାଉ ନ ଥିବା ଅଭିଯୋଗ କରାଯାଇଥିଲା। ହାଇକୋର୍ଟ ରାଜ୍ୟ ସରକାରଙ୍କୁ କେତେକ ତଥ୍ୟ ଦାଖଲ ନିମନ୍ତେ ଗତ ଶୁଣାଣିରେ ନିର୍ଦ୍ଦେଶ ଦେଇଥିଲେ। ପଞ୍ଜୀକରଣ ହୋଇ ନ ଥିବା କେତେ ଡଙ୍ଗା ଚିହ୍ନଟ ହୋଇଛି, ଲାଇଫ୍ ଜ୍ୟାକେଟ ନ ଥିଲେ କ'ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି, ଡଙ୍ଗାବୁଡ଼ିରେ ମୋଟ କେତେ ଲୋକଙ୍କ ମୃତ୍ୟୁ ଘଟିଛି, କେତେ ପରିମାଣର କ୍ଷତିପୂରଣ ନିମନ୍ତେ ନିର୍ଦ୍ଦେଶ ଦିଆଯାଇଛି ଏନେଇ ବିସ୍ତୃତ ସତ୍ୟପାଠ ଦାଖଲ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଅପରପକ୍ଷରେ ସରକାରଙ୍କ ପକ୍ଷରୁ ୨୦୦୪ରୁ ନିୟମାବଳୀ ପରିବର୍ତ୍ତେ ନୂତନ ନିୟମ ପ୍ରଣୟନ ପାଇଁ ପ୍ରସ୍ତାବ ଦିଆଯାଇଛି। ଏ ସଂକ୍ରାନ୍ତରେ ପାଟଣାସ୍ଥିତ ନ୍ୟାଶନାଲ ଇନ୍‌ଲ୍ୟାଣ୍ଡ ନାଭିଗେସନ ଇନଷ୍ଟିଚ୍ୟୁଟ ନୂତନ ଡ୍ରାଫ୍ଟ ନିୟମ ପ୍ରଣୟନ କରିବା ନିମନ୍ତେ ଗତ ମାର୍ଚ୍ଚରେ ସରକାର ନିବେଦନ କରିଥିବା ସତ୍ୟପାଠରେ ଦାଖଲ କରିଛନ୍ତି। ହେଲେ ମାର୍ଚ୍ଚରୁ ନୂତନ ନିୟମ ପ୍ରଣୟନ ଲାଗି ସରକାର ନିବେଦନ କରିଥିଲେ ମଧ୍ୟ ଡିସେମ୍ବର ସୁଦ୍ଧା କାହିଁକି କାର୍ଯ୍ୟକାରୀ ହୋଇପାରିନାହିଁ, ନିୟମ ପ୍ରଣୟନ ଦିଗରେ କ'ଣ ପଦକ୍ଷେପ ନିଆଯାଇଛି ସେ ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିବା ଲାଗି ହାଇକୋର୍ଟ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ଉଲ୍ଲେଖଯୋଗ୍ୟ, କୋରାପୁଟ ଜିଲା କୋଲାବ ନଦୀର ଶାଖା ପାତାଳି ନଦୀରେ ୨୦୧୪ ମେ' ୨୪ରେ ଡଙ୍ଗାବୁଡ଼ି ଘଟଣାରେ ୬ ଜଣଙ୍କ ମୃତ୍ୟୁ ଘଟିଥିଲା। ଆଇନଜୀବୀ ପ୍ରବୀର ଦାସ ଏନେଇ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ରୁଜୁ କରି ଡଙ୍ଗାରେ ଯାତ୍ରା କରୁଥିବା ଯାତ୍ରୀଙ୍କ ନିରାପତ୍ତା ନିମନ୍ତେ ଡଙ୍ଗାର ପଞ୍ଜୀକରଣ, ଜୀବନ ରକ୍ଷାକାରୀ ସରଞ୍ଜାମ ମହଜୁଦ ବ୍ୟବସ୍ଥା ଗ୍ରହଣ ସହ ମୃତକଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା ଲେଖାଏ କ୍ଷତିପୂରଣ ରାଶି ଦେବାକୁ ଆବେଦନରେ ଦର୍ଶାଇଥିଲେ। ସେହିପରି ୨୦୧୪ ଫେବୃୟାରୀରେ ଆଉ ଏକ ଡଙ୍ଗାବୁଡ଼ି ଦୁର୍ଘଟଣା ହୀରାକୁଦରେ ହୋଇଥିଲା। ଏଥିରେ ୩୧ ଜଣଙ୍କ ପ୍ରାଣହାନି ଘଟିଥିଲା। ଏହି ଘଟଣାରେ ହାଇକୋର୍ଟ ନିଜ ଆଡୁ ଏକ ମାମଲା ରୁଜୁ କରି ରାଜ୍ୟ ସରକାରଙ୍କୁ ପକ୍ଷଭୁକ୍ତ କରିଥିଲେ। ରାଜ୍ୟର ଅନ୍ୟ ଏକ ସ୍ଥାନରେ ୨୦୧୩ରେ ଘଟିଥିବା ଡଙ୍ଗାବୁଡ଼ି ନେଇ ଏକ ମାମଲା ମଧ୍ୟ ରୁଜୁ ହୋଇଥିଲା। ୩ଟିଯାକ ମାମଲାର ଶୁଣାଣି ପୃଥକ୍ ହେଉଥିଲା। ହେଲେ ଏସବୁ ମାମଲାଗୁଡ଼ିକର ଏକତ୍ର ଶୁଣାଣି ପାଇଁ ଫେବୃୟାରୀ ୧୩ରେ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ।

# ଆମାଜନ୍ ବିରୋଧରେ ଏତଲା ଦେଲେ ସେବାୟତ

## ବେଆଇନ ଭାବେ ଅନ୍‌ଲାଇନ୍‌ରେ ନିର୍ମାଲ୍ୟ ବିକ୍ରି ଅଭିଯୋଗ

ପୁରୀ, ୨୨।୧୧(ଅଜିତ ମହାନ୍ତି)

ଅନ୍‌ଲାଇନ ସଂସ୍ଥା ଆମାଜନ୍‌ର ମନମୁଖି କାର୍ଯ୍ୟ ପୁଣି ସାମ୍ନାକୁ ଆସିଛି। ମହାପ୍ରଭୁଙ୍କ ନିର୍ମାଲ୍ୟ ବେଆଇନ୍ ଭାବେ ଅନ୍‌ଲାଇନରେ ବିକ୍ରୀ କରୁଥିବା ନେଇ ଅଭିଯୋଗ ହୋଇଛି। ଏନେଇ ଶ୍ରୀମନ୍ଦିର ଛାମୁ ଖୁଣ୍ଟିଆ ସେବକ ଶମ୍ଭୁନାଥ ଖୁଣ୍ଟିଆ ବୁଧବାର ସିଂହଦ୍ୱାର ଥାନାରେ ଏତଲା ଦେଇଛନ୍ତି।

ଖୁଣ୍ଟିଆ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ଆମାଜନ୍ ଅନଲାଇନ ମାଧ୍ୟମରେ ମହାପ୍ରଭୁଙ୍କ ନିର୍ମାଲ୍ୟ, ତିନୋଟି ଖଜା ଓ ତୁଳସୀ ବିକ୍ରୀ କରୁଛି। ଏହାର ଦାମ୍ ୧୫୦୦ ଟଙ୍କା ଥିବାବେଳେ ରିହାତି ଆକାରରେ ୭୯୯ ଟଙ୍କା ରହିଛି ବୋଲି ଦର୍ଶାଯାଇଛି। ତେବେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୌଣସି ଅନ୍‌ଲାଇନ ସଂସ୍ଥାକୁ ଏଭଳି ବେଆଇନ ଭାବେ ମହାପ୍ରଭୁଙ୍କ ନିର୍ମାଲ୍ୟ ବିକ୍ରି କରିବାକୁ ଅନୁମତି ଦିଆଯାଇ ନ ଥିବା ବେଳେ କାହା ନିର୍ଦ୍ଦେଶରେ ଆମାଜନ୍ ଏଭଳି କାର୍ଯ୍ୟ କରୁଛି ବୋଲି ଖୁଣ୍ଟିଆ ପ୍ରଶ୍ନ କରିଛନ୍ତି। ଖୁଣ୍ଟିଆ ଆହୁରି କହିଛନ୍ତି, ଏପରି ଘଟଣା ପ୍ରଥମ ଥର ନୁହେଁ ବରଂ ପ୍ରାୟ ଦୁଇବର୍ଷ ତଳେ ଅର୍ଥାତ ୨୦୨୦ ନଭେମ୍ବର ୨୯ରେ ଏପରି ଘଟଣା ସାମ୍ନାକୁ ଆସିଥିଲା। ଆମାଜନ ପକ୍ଷରୁ ଏପରି ଭାବେ ସୂଚନା ଦିଆଯାଇଥିଲା, ଯାହାକୁ ନେଇ ଥାନାରେ ଅଭିଯୋଗ ହେବା ପରେ ଶ୍ରୀମନ୍ଦିର ଛତିଶା ନିଯୋଗ ସହ ଅନ୍ୟ ନିଯୋଗ ସ୍ୱର ଉତ୍ତୋଳନ କରିଥିଲେ। ପରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଥାନାରେ ଅଭିଯୋଗ ହୋଇଥିଲା। ଫଳରେ ଆମାଜନ ଏଥିରୁ ନିବୃତ୍ତ ରହିଥିଲା। ତେବେ କିଛି ବର୍ଷ ପରେ ପୁଣି ଆମାଜନ ପକ୍ଷରୁ ଏପରି ଘଟଣା ସାମ୍ନାକୁ ଆସିଛି। ଏହି କାର୍ଯ୍ୟରେ ପବିତ୍ରତା ଉପରେ ପ୍ରଶ୍ନ ଉଠିଛି। ଏପରି କାର୍ଯ୍ୟ ପଛରେ କେଉଁମାନେ ଅଛନ୍ତି, ତାହାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ଏପରି ଘଟଣା ବାରମ୍ବାର ସାମ୍ନାକୁ ଆସୁଥିଲେ ମଧ୍ୟ ସେମାନଙ୍କ ନାମରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ଫଳରେ ଘଟଣାର ପୁନରାବୃତ୍ତି ଘଟୁଛି। ତେଣୁ ଶ୍ରୀମନ୍ଦିର ପ୍ରଶାସନ, ପୋଲିସ ପ୍ରଶାସନ ଏବଂ ରାଜ୍ୟ ସରକାର ଏଭଳି ଅସାଧୁ ଅନ୍‌ଲାଇନ ସଂସ୍ଥା ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ବୋଲି ଖୁଣ୍ଟିଆ ଦାବି କରିଛନ୍ତି।


## CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

Admission Open
JOIN AFTER
+2 ANY STREAM
OT TECHNOLOGY
ଅପରେସନ୍ ଥିଏଟର୍ ଟେକ୍ନିସିଆନ
MEDICAL IMAGING TECHNOLOGY
ଏକ୍ସରେ+ସିଟି ସ୍କାନ୍+ଏମ୍.ଆର୍.ଆଇ.
MEDICAL LAB TECHNOLOGY
ମେଡ଼ିକାଲ ଲ୍ୟାବ୍ ଟେକ୍ନିସିଆନ୍
C.S.S.D TECHNIQUES / HOSPITAL STERILIZATION
ସି.ଏସ୍.ଏସ୍.ଡ଼ି ଟେକ୍ନିସିଆନ୍
DIALYSIS TECHNOLOGY
ଡାୟାଲସୀସ୍ ଟେକ୍ନିସିଆନ
CARDIAC CARE TECHNOLOGY
କାର୍ଡ଼ିଆକ୍ କେୟାର ଟେକ୍ନିସିଆନ
ANM
ମହିଳା ସ୍ୱାସ୍ଥ୍ୟକର୍ମୀ
ANGUL CENTRE :
Ph : 91140 12123
CCS, Church Lane, Similipada, Angul
BHUBANESWAR CENTRE :
Ph : 9937440788
RMTI, Palasuni, Bhubaneswar-25

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ବିଜେଡିରେ ସାମିଲ ହେଲେ ଭାଜପା ବିଧାୟକ ପ୍ରାର୍ଥୀ ତ୍ରିପୁରାରୀ

ଭୁବନେଶ୍ୱର,୨୨।୧୧(ଅନିଲଦାସ)

କୋରାପୁଟ ନିର୍ବାଚନମଣ୍ଡଳୀର ୨୦୧୯ର ଭାଜପା ବିଧାୟକ ପ୍ରାର୍ଥୀ ତ୍ରିପୁରାରୀ ଗରଡ଼ା ବୁଧବାର ଶତାଧିକ ଭାଜପା କର୍ମୀ ଓ ସମର୍ଥକଙ୍କ ସହ ଶଙ୍ଖ ଭବନ ଠାରେ ରାଜ୍ୟସଭା ଏମପି ମାନସ ମଙ୍ଗରାଜଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି। ଦଳରେ ସାମିଲ୍ ହୋଇଥିବା ଗରଡ଼ା ଏବଂ ଅନ୍ୟ ସମସ୍ତ ଭାଜପା କର୍ମୀଙ୍କୁ ଉପଢୌକନ ଦେଇ ମଙ୍ଗରାଜ ଦଳକୁ ସ୍ୱାଗତ କରିଛନ୍ତି । ଗରଡ଼ାଙ୍କ ଏହା ହେଉଛି ଘରବାହୁଡ଼ା ଏବଂ ବିଜୁ ଜନତା ଦଳରେ ତାଙ୍କ ଯୋଗଦାନ ଫଳରେ ବିଶେଷକରି କୋରାପୁଟ ନିର୍ବାଚନମଣ୍ଡଳୀରେ ଦଳୀୟ ସଙ୍ଗଠନ ଆହୁରି ମଜଭୂତ ହେବ ବୋଲି ମଙ୍ଗରାଜ କହିଛନ୍ତି।

ବିଜେଡ଼ିରେ ସାମିଲ୍ ହୋଇଥିବା ଭାଜପା ନେତା ତ୍ରିପୁରାରୀ କହିଛନ୍ତି ଯେ ଭାଜପାର କାର୍ଯ୍ୟଶୈଳୀ, ନୀତି ନୈତିକାରେ ଅତିଷ୍ଠ ହୋଇ ଦଳରେ ଏକପ୍ରକାର କୋଣଠେସା ହୋଇ ରହିଥିଲି । ମୁଖ୍ୟମନ୍ତ୍ରୀ ତଥା ବିଜେଡ଼ି ସଭାପତି ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟକଳାପ ଓ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ବିଜେଡିରେ ହୋଇଥିବା କହିଛନ୍ତି। ଏଥିପାଇଁ ସେ ମୁଖ୍ୟମନ୍ତ୍ରୀ, ଦଳର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ଏମପି ମାନସ ମଙ୍ଗରାଜ ଓ ସମସ୍ତ ନେତୃବୃନ୍ଦଙ୍କୁ କୃତଜ୍ଞତା ଜଣାଇଛନ୍ତି।

ଏହି ମିଶ୍ରଣ ପର୍ବରେ ପୂର୍ବତନ ଭାଜପା ମଣ୍ଡଳ ସଭାପତି ବିଜୟ କୁମାର ଦଳାଇ, କୋରାପୁଟ ନଗର ଭାଜପା ସାଧାରଣ ସମ୍ପାଦକ ଅମରେନ୍ଦ୍ର ସେଠୀ, ଯୁଗ୍ମ ସମ୍ପାଦକ ଅଖିଳ ପ୍ରସାଦ ମଲ୍ଲିକଙ୍କ ସହ ଶତାଧିକ କର୍ମୀ ବିଜେଡ଼ିରେ ସାମିଲ୍ ହୋଇଛନ୍ତି । ଏହି ମିଶ୍ରଣ ପର୍ବରେ ପୂର୍ବତନ ମନ୍ତ୍ରୀ ତଥା ଜୁନାଗଡ଼ ବିଧାୟକ, ଓ କୋରାପୁଟ ଜିଲା ପର୍ଯ୍ୟବେକ୍ଷକ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର, କୋଟପାଡ଼ ବିଧାୟିକା ପଦ୍ମିନୀ ଦିଆନ, କୋରାପୁଟ ବିଧାୟକ ରଘୁରାମ ପଡ଼ାଲ, ଲକ୍ଷ୍ମୀପୁର ବିଧାୟକ ପ୍ରଭୁ ଜାନୀ, ପଟାଙ୍ଗୀ ବିଧାୟକ ପ୍ରୀତମ ପାଢ଼ୀ, ପୂର୍ବତନ ଏମପି ତଥା କୋରାପୁଟ ଜିଲା ସଭାପତି ଝୀନ ହିକକା, ପୂର୍ବତନ କୋରାପୁଟ ଜିଲା ସଭାପତି ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ, କୋରାପୁଟ ମହିଳା ବିଜେଡ଼ି ପ୍ରଭାରୀ ମୀରା ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ବିଜେଡ଼ି ମୁଖପାତ୍ର ପ୍ରିୟବ୍ରତ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।


## ପ୍ରାଂଶୁର ଜନ୍ମଦିନ ଶୁଭେଚ୍ଛା



ଦୀକ୍ଷାନ୍ତ ନାୟକ
ବାରିକସାହି, ମାଉସୀମା' ମନ୍ଦିର, ଭୁବନେଶ୍ୱର
ଜନ୍ମଦିନ ଅବସରରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ତୋତେ ଯଶସ୍ୱୀ କରନ୍ତୁ। ତୋର ଚଲାପଥ କୁସୁମିତ ହେଉ।
ଶୁଭେଚ୍ଛା ଓ ଶୁଭକାମନା ସହ:
ଜେଜେ-ଜେଜେମା', ଅଜା-ଆଇ, ବାପା-ବୋଉ, ବନ୍ଧୁ ଓ ପରିବାର
ଧ-୬୭୬୬୦


# କେନ୍ଦ୍ରୀୟ ଯୋଜନାରୁ ରାଜ୍ୟବାସୀଙ୍କୁ ବଞ୍ଚିତକରି ରଖିଛନ୍ତି ସରକାର: ଭାଜପା

ଭୁବନେଶ୍ୱର, ୨୨।୧୧(ସୁନିତ୍ ମିଶ୍ର)

କେନ୍ଦ୍ର ସରକାର ଗତ ୯ ବର୍ଷ ଶାସନରେ ଅନେକ କୃଷି ଓ କୃଷକ କଲ୍ୟାଣ ଯୋଜନାର କାର୍ଯ୍ୟାନ୍ୱୟନ କରିଛନ୍ତି। ଚାଷୀଙ୍କ ଆୟକୁ ଦ୍ୱିଗୁଣିତ କରିବା ପାଇଁ ମୋଦି ସରକାର ସଂକଳ୍ପବଦ୍ଧ । ୨୦୧୩-୧୪ ବଜେଟରେ ଚାଷୀଙ୍କ ପାଇଁ ମାତ୍ର ୨୧,୯୩୩ କୋଟି ଟଙ୍କା ବ୍ୟୟ ବରାଦ ହୋଇଥିବା ବେଳେ ମୋଦି ସରକାର ୨୦୨୩-୨୪ ଆର୍ଥିକ ବର୍ଷରେ ୧,୨୫,୦୩୬ କୋଟି ଟଙ୍କା ବ୍ୟୟବରାଦ କରିଛନ୍ତି। ହେଲେ କେନ୍ଦ୍ର ସରକାରଙ୍କ ଏହି ସୁବିଧାରୁ ଓଡ଼ିଶାବାସୀଙ୍କୁ ରାଜ୍ୟ ସରକାର ବଞ୍ଚିତ କରି ରଖିଥିବା ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ବୁଧବାର କେନ୍ଦ୍ର ସରକାରଙ୍କ ଗତ ୯ ବର୍ଷରେ ଅଣାଯାଇଥିବା ବିଭିନ୍ନ କୃଷକ କଲ୍ୟାଣକାରୀ ଯୋଜନା ଉପରେ ଆଲୋଚନା କରାଯାଇଛି। ଏହି ଅବସରରେ ମନମୋହନ କହିଛନ୍ତି, ଏ ସରକାରରେ ଓଡ଼ିଶାର କୃଷକମାନେ ସବୁଠାରୁ ଅଧିକ ଅବହେଳିତ। ଗତ ୨୩ ବର୍ଷରେ ଦୁର୍ନୀତି, ଚାଷୀ ଆତ୍ମହତ୍ୟା, ମଣ୍ଡି ଅବ୍ୟବସ୍ଥା, ଜଳସେଚନର ବିଫଳତା କଥା ପ୍ରତି ଗାଁ, ପଞ୍ଚାୟତ, ବ୍ଲକସ୍ତରରେ କିଭଳି ପହଞ୍ଚିବ ସେନେଇ କୃଷକ ମୋର୍ଚ୍ଚା ପକ୍ଷରୁ ରାଜ୍ୟ କାର୍ଯ୍ୟାଳୟଠାରେ ଆଲୋଚନା ହୋଇଥିବା ସେ କହିଛନ୍ତି। କେନ୍ଦ୍ର ସରକାରଙ୍କ ସମସ୍ତ 'କୃଷକ କଲ୍ୟାଣ ଯୋଜନା' ଗାଁ, ପଞ୍ଚାୟତ, ବ୍ଲକ ଓ ଜିଲାର ସମସ୍ତ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ସଂକଳ୍ପ ନେବାକୁ କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ କହିଛନ୍ତି।

# ଡିସେମ୍ବର ୯ ପର୍ଯ୍ୟନ୍ତ ଚାଲିବ ଭୋଟର ତାଲିକା ସଂଶୋଧନ

ଭୁବନେଶ୍ୱର, ୨୨।୧୧
(ସୁନିତ୍ ମିଶ୍ର)

ଆସନ୍ତା ସାଧାରଣ ନିର୍ବାଚନ ନିମନ୍ତେ ଭୋଟର ତାଲିକାର ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ କାର୍ଯ୍ୟକ୍ରମ ୨୦୨୩ ଅକ୍ଟୋବର ୨୭ରୁ ଆରମ୍ଭ ହୋଇଛି। ଏହି ସଂଶୋଧନ କାର୍ଯ୍ୟକ୍ରମ ଆସନ୍ତା ଡିସେମ୍ବର ୯ ତାରିଖ ପର୍ଯ୍ୟନ୍ତ ଚାଲିବ । ଏଥିଲାଗି ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶ ମତେ ରାଜ୍ୟର ସବୁ ବୁଥ୍‌ରେ ୪ଟି ସ୍ୱତନ୍ତ୍ର ଅଭିଯାନ ଦିବସ ଚାଲିଛି। ଏହାଦ୍ୱାରା ତ୍ରୁଟି ସଂଶୋଧନ ସହ ନୂତନ ଭାବେ ଭୋଟର ତାଲିକାରେ ନାମ ପଞ୍ଜୀକରଣ ନିମନ୍ତେ ଭୋଟରଙ୍କୁ ସଚେତନ କରାଯାଉଛି। ଇତିମଧ୍ୟରେ ୩ ଗୋଟି ସ୍ୱତନ୍ତ୍ର ଅଭିଯାନ ଦିବସ ଶେଷ ହୋଇଛି। ଆସନ୍ତା ୨୫ରେ ସ୍ୱତନ୍ତ୍ର ଅଭିଯାନ ଦିବସ ଶେଷ ହେଉଛି ।

ଏହିଦିନ ରାଜ୍ୟର ସବୁ ବୁଥ୍‌ରେ ବିଏଲ୍‌ଓମାନେ ଉପସ୍ଥିତ ରହି ଭୋଟରଙ୍କୁ ସମସ୍ତ ପ୍ରକାର ସହାୟତା ଯୋଗାଇଦେବା ସହ ସେମାନଙ୍କ ଭୋଟର ତାଲିକାରେ ଥିବା ତ୍ରୁଟି ସଂଶୋଧନ କରାଇବେ। ନୂତନ ଭୋଟରଙ୍କୁ ତାଲିକାରେ ନାମ ପଞ୍ଜୀକରଣ ପାଇଁ ସବୁ ପ୍ରକାର ସହଯୋଗ କରିବେ। ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ୪ ଲକ୍ଷ ୨୫ ହଜାରରୁ ଅଧିକ ନୂତନ ଭୋଟର ତାଲିକାଭୁକ୍ତ ହେବା ପାଇଁ ଆବେଦନ କରିଛନ୍ତି। ଭୋଟର ତାଲିକାରେ ଥିବା ତ୍ରୁଟି ସଂଶୋଧନ ପାଇଁ ଲକ୍ଷେ ୮୦ ହଜାର ଭୋଟର ଆବେଦନ କରିଛନ୍ତି । ଭୋଟର ତାଲିକାର ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ ପୂର୍ବରୁ ଅର୍ଥାତ୍ ଅଗଷ୍ଟ-ସେପ୍ଟେମ୍ବରରେ ବୁଥ୍‌ସ୍ତରୀୟ ଅଧିକାରୀଙ୍କ ଦ୍ୱାରା ଘରକୁ ଘର ବୁଲି ସର୍ବେକ୍ଷଣ କରାଯାଇଥିଲା । ସେତେବେଳେ ପ୍ରାୟ ୩ ଲକ୍ଷ ୮୦ ହଜାର ନୂଆ ଭୋଟରଙ୍କୁ ଭୋଟର ତାଲିକାରେ ପଞ୍ଜୀକୃତ କରାଯାଇଥିଲା। ୨ ଲକ୍ଷ ୮୦ ହଜାର ଭୋଟଙ୍କ ତାଲିକାରେ ଥିବା ତ୍ରୁଟି ସଂଶୋଧନ କରାଯାଇଥିଲା । ସେହି ଭୋଟରଙ୍କୁ ଖୁବ୍‌ଶୀଘ୍ର ଭୋଟର ଫଟୋ ପରିଚୟପତ୍ର ଯୋଗାଇ ଦିଆଯିବ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ପ୍ରକାଶ କରିଛନ୍ତି। ଉକ୍ତ କାର୍ଯ୍ୟରେ ନିୟୋଜିତ ଥିବା ସମସ୍ତ ବିଏଲ୍‌ଓ ଓ ଅନ୍ୟାନ୍ୟ ଅଧିକାରୀଙ୍କ କାର୍ଯ୍ୟକୁ ମୁଖ୍ୟ ନିର୍ବାଚନ ଅଧିକାରୀ ପ୍ରଶଂସା କରିବା ସହ ଆସନ୍ତା ଶନିବାର ହେବାକୁ ଥିବା ଶେଷ ସ୍ୱତନ୍ତ୍ର ଅଭିଯାନ ଦିବସରେ ପ୍ରତି ବୁଥ୍‌ରେ ଅଂଶଗ୍ରହଣ ନିମନ୍ତେ ଜନସାଧାରଣଙ୍କୁ ନିବେଦନ କରିଛନ୍ତି ।


# Classified Everyday
0674-2580101, 2549949


REAL ESTATE

SALE

**Twincity** ମଧ୍ୟଭାଗରେ **Grand Bazar (Nakhara NH-16)** ସମ୍ମୁଖରୁ ଅଳ୍ପ ଦୂରତାରେ ଘରବାରି **Plot** ସୁଲଭ ମୂଲ୍ୟରେ କିଣନ୍ତୁ। ଗୃହ ନିର୍ମାଣ କରନ୍ତୁ - **9658562429.** D-75270

ଜଟଣୀଗେଟ୍ NHରୁ ଅଳ୍ପଦୂରତାରେ sqft.-300/-, ଛତାବର-500/-, ନଖରା SC/Gen plot- 300/-. 7978663279. D-75268

ଭୁବନେଶ୍ୱର **KIIT University** ଜଗନ୍ନାଥମନ୍ଦିର ପାଖରେ **Boundary,** ଇଲେକ୍ଟ୍ରିସିଟିଥାଇ ପ୍ଲଟ୍‌ବିକ୍ରିହେବ-**9437205314, 9937513595.** D-75265

ଭୁବନେଶ୍ୱର ତମାଣ୍ଡୋ ଥାନା ପାଖରେ ଏବଂ ଯାଆଁଳା, ଭୁଆସୁଣୀ ମନ୍ଦିର ପାଖରେ **(General / SC) possession plot** ବହୁତ କମ୍ ମୂଲ୍ୟରେ ବିକ୍ରି ହେଉଛି। **9438315973 / 9938066403.** D-1655

ଭୁବନେଶ୍ୱର ତମାଣ୍ଡୋ **Hyundai Showroom** ପାଖରେ ଏବଂ ଯାଆଁଳା **Overbridge**ଠାରୁ **1 Km** ଦୂରରେ ସ୍ଥିତିବାନ **possession plot** ସୁଲଭ ମୂଲ୍ୟରେ ବିକ୍ରି ହେଉଛି। **Contact: 9777067303.** D-1656

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-75061

Newly healthcare benefited SPA experience therapist in Bhubaneswar. Contact: 9938843929. D-75170

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**

## LOST

Land documents missing- Notice is hereby given that the property bearing Plot No.- 385, Mutation Plot No.- 466, Drawing No.- 3204, area Acr.112 Decml. Kissam Gharabari Basagruha of Late G.C.Mohanty, S/o Late Ananta Charan Mohanty of Sahid Nagar, Bhubaneswar. The original Sale Deed and ROR, Patta of above said property has been lost somewhere and we could not found, if anybody found the above document please inform below mentioned mobile number or contact Sahid Nagar Police Station, We are not responsible if someone misutilize the above said document.

Mrs. Binodini Mohanty
and other Legal Heirs,
Cell-9437013429
D-1857

## AFFIDAVIT

By virtue of an affidavit sworn before the Executive Magistrate, Bhubaneswar, dated 21.11.2023, I Sanjaya Kumar Sethy, aged about 31 years, S/o Nakula Sethy, At- Bianal, P.O. Palasahi, P.S.- Nimapada, Dist.-Puri, Odisha, I do hereby declare that Sanjaya Sethi and Sanjaya Kumar Sethy is one and the same person i.e. myself. Henceforth I shall be known as Sanjaya Kumar Sethy for all purposes. D-1860

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରୋ। ରଙ୍ଗୀନ ଟ୪୨୦/-ରୋ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

## ମନେ ପଡ଼ନ୍ତି

### ୨୬ତମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି



୰ହାରାମଣି ଦେଈ
ଚଉଦକୁଲାଟ (ନୀଳକଣ୍ଠପୁର ମୌଜା), କେନ୍ଦ୍ରାପଡ଼ା ବ୍ଲକ୍
ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ ପରିବାରବର୍ଗ:
ପୁଅ: ଭାଗବତ ମହାନ୍ତି, ନାତି: ରଣଜିତ୍ (ବାପି), ଝିଅ: ମିତା, ପାଟା, ବୋହୂ: ଭାନୁ ।
ଧ-୧୮୩୧

### ୩୩ତମ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତ ନଟବର ଦେବତା
ଆବିର୍ଭାବ- ୩୦।୧୨।୧୯୧୮
ତିରୋଧାନ- ୩୦।୧୦।୧୯୯୦
ଚାହୁଁ ଚାହୁଁ ୩୩ବର୍ଷ ବିତିଗଲା। ତୁମର ଅନାବିଳ ସ୍ନେହ, ପରୋପକାର ଓ ଶ୍ରଦ୍ଧା ଆତ୍ମମାନଙ୍କର ମାନସପଟରୁ ଲିଭିନି ଅଦ୍ୟାବଧି ତାହା ଆମ୍ଭର ମାର୍ଗ ଦର୍ଶନ କରୁଅଛି। ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଭଗବାନଙ୍କ ନିକଟରେ ପ୍ରାର୍ଥନା ।
ଆପଣଙ୍କ ପରିବାରବର୍ଗ, ମେସର୍ସ ନଟବର ଦେବତା, ବଳରାମ ଫେବ୍ରିକ୍ସ, ଓମ୍ ଟେକ୍ସଟାଇଲ, ମାଳତୀ ନିବାସ
ଧ-୬୫୪୦୭



ହରିଦ୍ୱାରସ୍ଥିତ ପତଞ୍ଜଳି ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟଠାରେ ମଙ୍ଗଳବାର ଯୋଗଗୁରୁ ରାମଦେବ ବାବାଙ୍କ ସହ ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ନ୍ୟାଶନାଲ ସେଲ୍‌ସ ଆଣ୍ଡ ମାର୍କେଟିଂ ହେଡ୍ ହିତେଶ ଜୈନ ।



ହରିଦ୍ୱାରସ୍ଥିତ ପତଞ୍ଜଳି ଯୋଗପୀଠ ପକ୍ଷରୁ ମଙ୍ଗଳବାର ସ୍ଥାନୀୟ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍ ପରିସରରେ ଅନୁଷ୍ଠିତ ଜାତୀୟ ସମ୍ମାନରେ ପତଞ୍ଜଳି ଆୟୁର୍ବେଦ ଲିମିଟେଡ୍‌ର ସହପ୍ରତିଷ୍ଠାତା ତଥା ପରିଚାଳନା ନିର୍ଦ୍ଦେଶକ ଆଚାର୍ଯ୍ୟ ବାଲ୍‌କ୍ରିଷ୍ଣ(ବାମ)ଙ୍କ ସହ ପତଞ୍ଜଳି ଆୟୁର୍ବେଦ ଲିମିଟେଡ୍‌ର ମିଡିଆ, ବ୍ରାଣ୍ଡିଂ ଏବଂ କମ୍ୟୁନିକେଶନସ୍‌ର ସିଓଓ ଅନୀତା ନାୟାର ।

# ମିଥ୍ୟାପ୍ରଚାର ପ୍ରସାର କରିନାହୁଁ: ପତଞ୍ଜଳି

ଭୁବନେଶ୍ୱର,୨୨।୧୧
(ଅନୁରାଧା ମହାରଣା)

ଆମେ ସୁପ୍ରିମକୋର୍ଟଙ୍କୁ ସମ୍ମାନ ଦେଉଛୁ। ଯଦି ମିଥ୍ୟା ବିଜ୍ଞାପନ କିମ୍ବା ପ୍ରଚାର ଅଭିଯୋଗ ନେଇ ସୁପ୍ରିମକୋର୍ଟ ଯଦି କୋଟିଏ ଟଙ୍କାର ଜରିମାନା ଲଗାନ୍ତି କିମ୍ବା ଫାଶୀ ଦଣ୍ଡାଦେଶ ଦିଅନ୍ତି, ତେବେ ଆମର କୌଣସି ଆପତ୍ତି ନାହିଁ। ମାତ୍ର କୌଣସି ମିଥ୍ୟା ପ୍ରଚାର ପ୍ରସାର କରୁ ନ ଥିବା ପତଞ୍ଜଳି ପକ୍ଷରୁ ଦୃଢ଼ୋକ୍ତି ପ୍ରକାଶ ପାଇଛି। ଯୋଗାୟୁର୍ବେଦ, ନାଥୁରୋପାଥି, ପଞ୍ଚକର୍ମ, ଷଟ୍‌କର୍ମା, ଶହ ଶହ ଚିକିତ୍ସା, ଉପବାସ ଏବଂ ଉପାସନା ପ୍ରଣାଳୀ ମାଧ୍ୟମରେ ଲକ୍ଷ ଲକ୍ଷ ଲୋକଙ୍କୁ ରୋଗମୁକ୍ତ କରିଥିବା ପତଞ୍ଜଳି ଦାବି କରିଛି। ରକ୍ତଚାପ, ଶର୍କରା, ଥାଇରଏଡ୍, ଆଜ୍‌ମା, ଆର୍ଥ୍ରାଇଟିସ୍ ଏବଂ ମେଦବହୁଳତାଠାରୁ ଆରମ୍ଭ କରି ଯକୃତ, କିଡ୍‌ନୀ ରୋଗ ଏବଂ କର୍କଟ ପର୍ଯ୍ୟନ୍ତ ପ୍ରତି ବିପଜ୍ଜନକ ରୋଗରୁ ଲୋକଙ୍କୁ ମୁକ୍ତ କରିଥିଲୁ। ଆମ ପାଖରେ କୋଟିଏରୁ ଅଧିକ ଲୋକଙ୍କର ଆଧାର ଡାଟା ଓ କ୍ଲିନିକାଲ ପ୍ରମାଣ ରହିଛି। ପାରମ୍ପାରିକ ଚିକିତ୍ସା ଏବଂ ସନାତନ ଜ୍ଞାନ ପରମ୍ପରା ଉପରେ ଗବେଷଣା ପାଇଁ ବିଶ୍ୱର ସର୍ବୋତ୍ତମ ଅନୁସନ୍ଧାନ କେନ୍ଦ୍ର 'ପତଞ୍ଜଳି ଅନୁସନ୍ଧାନ ଫାଉଣ୍ଡେଶନ' ରହିଥିବାବେଳେ ଶହ ଶହ ବିଶ୍ୱ ପ୍ରସିଦ୍ଧ ବୈଜ୍ଞାନିକ ଅନୁସନ୍ଧାନ କରୁଛନ୍ତି ଏବଂ ୩ ହଜାରରୁ ଅଧିକ ଅନୁସନ୍ଧାନ ପ୍ରୋଟୋକଲ ଅନୁସରଣ ଆଧାରରେ ସର୍ବୋ ରିସର୍ଚ୍ଚ ପତ୍ରିକାରେ ପ୍ରକାଶ ପାଇଛି। ଯୋଗ, ଆୟୁର୍ବେଦ ଏବଂ ନାଥୁରୋପାଥିକୁ ବିରୋଧ କରୁଥିବା ମେଡିକାଲ କ୍ଷେତ୍ରର କେତେଜଣ ଡାକ୍ତର ବଡ଼ ଅସୁବିଧା ଭୋଗୁଛନ୍ତି। ଏହା ସତ୍ୟ ଯେ ସିନ୍ଥେଟିକ ମେଡ଼ିସିନ୍ ଦ୍ୱାରା ରୋଗ ନିୟନ୍ତ୍ରଣ କରାଯାଇପାରିବ, କିନ୍ତୁ ଆରୋଗ୍ୟ ହୋଇପାରିବ ନାହିଁ। ନିର୍ଦ୍ଦୋଷ ସାବ୍ୟସ୍ତ କରିବାକୁ ଯଦି ଆବଶ୍ୟକ ହୁଏ, ସମସ୍ତ ତଥ୍ୟ ଏବଂ ପ୍ରମାଣ କୋର୍ଟ ଏବଂ ଗଣମାଧ୍ୟମ ନିକଟରେ ଉପସ୍ଥାପନ କରିବାକୁ ପ୍ରସ୍ତୁତ ବୋଲି ପତଞ୍ଜଳି ପକ୍ଷରୁ ଜାରି ପ୍ରେସ୍ ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି।

# ଆସୁଛି ଆଉ ଏକ ବାତ୍ୟା: ୨୬ରେ ଲଘୁଚାପ

ଭୁବନେଶ୍ୱର,୨୨।୧୧
(ଅନିଲ ଦାସ)

ଆସୁଛି ଆଉ ଏକ ବାତ୍ୟା। ଆସନ୍ତା ୨୫ ତାରିଖରେ ଦକ୍ଷିଣ ଆଣ୍ଡାମାନ ଏବଂ ଏହାର ଆଖପାଖ ଅଞ୍ଚଳରେ ଏକ ଘୂର୍ଣ୍ଣିବଳୟ କ୍ଷେତ୍ର ସୃଷ୍ଟି ହେବ। ଏହାର ପ୍ରଭାବରେ ୨୬ ତାରିଖ ବେଳକୁ ଦକ୍ଷିଣ-ପୂର୍ବ ବଙ୍ଗୋପ ସାଗରରେ ଏକ ଲଘୁଚାପ ସୃଷ୍ଟି ହେବ। ଲଘୁଚାପ ପ୍ରଥମେ ପଶ୍ଚିମ ଦିଗ ଦେଇ ଗତିକରିବ। ଏହା ପରେ ଧୀରେ ଧୀରେ ପଶ୍ଚିମ-ଉତ୍ତର-ପଶ୍ଚିମ ଦିଗକୁ ଗତି କରି ବଳଶାଳୀ ହେବ। ନଭେମ୍ବର ୨୮ କିମ୍ବା ୨୯ ତାରିଖରେ ଏହା ବାତ୍ୟାରେ ପରିଣତ ହେବାର ସମ୍ଭାବନା ରହିଛି। ବାତ୍ୟା ଆନ୍ଧ୍ର ଉପକୂଳମୁହାଁ ହେବ। ଏହା ପରେ ଉତ୍ତର-ଉତ୍ତର- ପୂର୍ବ ଦିଗକୁ ଗତି କରି ପଶ୍ଚିମବଙ୍ଗ କିମ୍ବା ବାଂଲାଦେଶ ଆଡ଼କୁ ଗତି କରିବା ସମ୍ଭାବନା ରହିଛି ବୋଲି କେତେକ ପାଣିପାଗ ମଡେଲ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ବାତ୍ୟାର ବେଗ ଘଣ୍ଟା ପ୍ରତି ୧୦୦ରୁ ୧୫୦ କି.ମି. ହେବ ବୋଲି ଅନୁମାନ କରାଯାଉଛି। ତେବେ ୨୬ ତାରିଖ ବେଳକୁ ବାତ୍ୟାର ବେଗ ଓ ଗତିପଥ ସ୍ପଷ୍ଟ ହେବ।

# କଂଗ୍ରେସ ଭବନର ବରିଷ୍ଠ କର୍ମଚାରୀ ରାଧାମୋହନଙ୍କ ପରଲୋକ

ଭୁବନେଶ୍ୱର, ୨୨।୧୧
(ସୁନିତ୍ ମିଶ୍ର)



ରାଧାମୋହନ ସ୍ୱାଇଁ

ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟର ପୁରୁଣା କର୍ମଚାରୀ ରାଧାମୋହନ ସ୍ୱାଇଁଙ୍କର ମଙ୍ଗଳବାର ବିଳମ୍ବିତ ରାତ୍ରିରେ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ଦୀର୍ଘ ୩୦ ବର୍ଷ ହେଲା ସେ କଂଗ୍ରେସ କାର୍ଯ୍ୟାଳୟରେ ଜଣେ କର୍ମଚାରୀ ଭାବେ କାର୍ଯ୍ୟ କରିଆସୁଥିଲେ। ସେ ଜଣେ ମେଳାପୀ, ପରୋପକାରୀ ବ୍ୟକ୍ତି ଥିଲେ। ତାଙ୍କ ବିୟୋଗ ଯୋଗୁ ଚାରିଆଡେ ଶୋକର ଛାୟା ଖେଳିଯାଇଛି। ଏହି ଉପଲକ୍ଷେ ବୁଧବାର ପୂର୍ବାହ୍ନରେ ପ୍ରଦେଶ କଂଗ୍ରେସ କମିଟି(ପିସିସି) ପକ୍ଷରୁ କଂଗ୍ରେସ ଭବନରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଶୋକସଭାରେ ବହୁ କଂଗ୍ରେସ ନେତୃବୃନ୍ଦ ଯୋଗଦେଇ ରାଧାମୋହନଙ୍କ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ଶରତ କହିଛନ୍ତି, ସ୍ୱର୍ଗତ ସ୍ୱାଇଁ ଜଣେ ଶୃଙ୍ଖଳିତ କର୍ମଚାରୀ ଭାବେ ଦୀର୍ଘ ୩୦ ବର୍ଷ ଧରି ରାଜ୍ୟ କଂଗ୍ରେସ ପାଇଁ ନିଷ୍ଠାର ସହ କାର୍ଯ୍ୟ କରୁଥିଲେ। ତାଙ୍କ ଦେହାନ୍ତ ତାଙ୍କୁ ଗଭୀର ଦୁଃଖ ଦେବା ସହ ମର୍ମାହତ କରିଛି। ସ୍ୱର୍ଗତ ସ୍ୱାଇଁଙ୍କୁ ଆମେ କଂଗ୍ରେସ ପରିବାରର ଜଣେ ସଦସ୍ୟ ଭାବେ ଗ୍ରହଣ କରିଆସିଛୁ। ସେ ଜଣେ ସରଳ, ନିଷ୍ଠାବାନ୍, କର୍ମଠ ଓ ଦାୟିତ୍ୱ ସମ୍ପନ୍ନ ବ୍ୟକ୍ତି ଭାବେ କଂଗ୍ରେସ ପାଇଁ କାର୍ଯ୍ୟ କରିଆସୁଥିଲେ। ସ୍ୱାଇଁଙ୍କ ବିୟୋଗ କେବଳ କଂଗ୍ରେସ ଭବନରେ ନୁହେଁ, ସାରା ରାଜ୍ୟ କଂଗ୍ରେସପ୍ରେମୀଙ୍କ ମନରେ ଶୋକର ଛାୟା ଖେଳାଇ ଦେଇଛି ବୋଲି ସେ କହିଛନ୍ତି। ବୈଠକ ପ୍ରାରମ୍ଭରେ ସ୍ୱର୍ଗତ ସ୍ୱାଇଁଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯିବା ସହ ଅମର ଆତ୍ମାର ସଦ୍‌ଗତି ପାଇଁ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଏହି ଅବସରରେ ବହୁ କଂଗ୍ରେସ ନେତା, କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ।

## ପ୍ରଥମ ପୃଷ୍ଠାରୁ...

### ୨ କ୍ୟାପ୍ଟେନ,...

ଏହା ପୂର୍ବରୁ ମଧ୍ୟ ପୀର ପଞ୍ଜାଲ ଜଙ୍ଗଲ ଆତଙ୍କବାଦୀଙ୍କ ପାଇଁ ଆଶ୍ରୟସ୍ଥଳ ପାଲଟିଆସିଛି। ପାର୍ବତ୍ୟ ଅଞ୍ଚଳର ଫାଇଦା ଉଠାଇ ସେମାନେ ଭାରତୀୟ ଯବାନମାନଙ୍କୁ ଟାର୍ଗେଟ କରିଥାଆନ୍ତି। ଗତ ମେ' ୫ରେ ରାଜୋରି ଜିଲା କେଶରି ହିଲ୍ସ ଅଞ୍ଚଳରେ ସେନା ପକ୍ଷରୁ ଆତଙ୍କବାଦ ନିରୋଧୀ ଅପରେଶନ୍ ଚାଲିଥିବାବେଳେ ଆତଙ୍କବାଦୀମାନେ ଟାର୍ଗେଟ କରିଥିଲେ। ଏହି ଅତର୍କିତ ଆକ୍ରମଣରେ ୫ ଯବାନ ଶହୀଦ ହୋଇଥିଲେ।

### ୪୧ ଶ୍ରମିକଙ୍କ ଉଦ୍ଧାର ...

ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି। ସୂଚନା ମୁତାବକ ସିଲ୍‌କ୍ୟାରା ସୁଡ଼ଙ୍ଗର ଭଗ୍ନାବଶେଷରେ ଡ୍ରିଲିଂ କରାଯାଇ ଏହାର ୬ ମିଟର ଭିତରକୁ ଏକ ରେସ୍କ୍ୟୁ ପାଇପ୍ ପଠାଯାଇଛି। ଏହିପରି ଭାବେ ମୋଟ ୫୭ ମିଟର ମଧ୍ୟରୁ ୪୫ ମିଟର ଲମ୍ବର ସୁରକ୍ଷିତ ପଥ ଖୋଳାଯାଇ ସାରିଲାଣି। ଅର୍ଥାତ୍ ଆମେରିକା ନିର୍ମିତ ଡ୍ରିଲିଂ ମେଶିନ୍ ଜରିଆରେ ଆଉ ମାତ୍ର ୧୨ ମିଟର ଖୋଳାଯାଇପାରିଲେ ୧୧ ଦିନ ଧରି ଜୀବନ ସହ ସଂଘର୍ଷ କରୁଥିବା ଶ୍ରମିକମାନଙ୍କୁ ବାହାରକୁ ଅଣାଯାଇପାରିବ। ନୂଆଦିଲ୍ଲୀରୁ ଜାରି ଏକ ପ୍ରେସ୍ ରିଲିଜ୍‌ରେ ଅପରାହ୍ନ ୨ଟା ସୁଦ୍ଧା ହୋଇଥିବା ଉଦ୍ଧାର କାର୍ଯ୍ୟର ଅଗ୍ରଗତି ସମ୍ପର୍କିତ ସୂଚନା ଦିଅଯାଇଛି। ୬୭% ଡ୍ରିଲିଂ ସମ୍ପୂର୍ଣ୍ଣ ହୋଇଥିବା ଏଥିରେ କୁହାଯାଇଛି। ୧ ମିଟରରୁ କମ୍ ଚଉଡ଼ାର ଏକ ପାଇପ୍‌କୁ ଥରେ ପ୍ରବେଶ କରାଇବା ସମ୍ଭବ ହେଲେ ତାହା ଦେଇ ଜଣେ ପରେ ଜଣେ ଶ୍ରମିକ ଗୁରୁଣ୍ଡି ଗୁରୁଣ୍ଡି ବାହାରିପାରିବେ। ଶ୍ରମିକମାନେ ବାହାରିବା ପରେ ପ୍ରଥମେ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବ। ଏଥିପାଇଁ ସେଠାରେ ବିଶେଷଜ୍ଞ ଓ ଡାକ୍ତରମାନଙ୍କ ଏକ ୧୫ ଜଣିଆ ଟିମ୍ ଉପସ୍ଥିତ ଅଛନ୍ତି। ସୁଡ଼ଙ୍ଗ ନିକଟରେ ୧୨ଟି ଆମ୍ବୁଲାନ୍ସକୁ ମଧ୍ୟ ପ୍ରସ୍ତୁତ କରି ରଖାଯାଇଛି। ଏହାବାଦ୍ ଏକ ହେଲିକପ୍ଟରକୁ ମଧ୍ୟ ଅପରେଶନ୍‌ରେ ନିୟୋଜିତ କରାଯାଇଛି। ନିର୍ମାଣାଧୀନ ସୁଡ଼ଙ୍ଗ ନିକଟ ଚାରଧାମ ରୁଟ୍‌ରେ ଜରୁରୀ ସେବା ପ୍ରଦାନ ପାଇଁ ୮ ଶଯ୍ୟା ବିଶିଷ୍ଟ ଏକ ହସ୍ପିଟାଲ ନିର୍ମାଣ କରାଯାଇଛି।

ଇତିମଧ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମିଙ୍କ ସହ ଏକାଧିକ ଥର ଫୋନ୍‌ରେ କଥାହୋଇ ସ୍ଥିତି ସମ୍ପର୍କରେ ପଚାରି ବୁଝିଛନ୍ତି। ଖୁବ୍ ଶୀଘ୍ର 'ଭଲ ଖବର' ଆସିପାରେ ବୋଲି ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍‌ଓ)ର ପୂର୍ବତନ ପରାମର୍ଶଦାତା ଭାସ୍କର ଖୁଲ୍‌ବେ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

### ପରିବାର ଲୋକଙ୍କ ...

ପରିବାର ଲୋକେ କଥା ହୋଇଥିବା ଜଣାପଡ଼ିଛି। ବାଙ୍ଗିରିପୋଷି ବ୍ଲକ ଚନ୍ଦନପୁର ପଞ୍ଚାୟତ ବେଢ଼ାକୁଦର ଗ୍ରାମର ଧୀରେନ ନାଏକ ତାଙ୍କ ସ୍ତ୍ରୀ ଫୁଲେଶ୍ୱରୀଙ୍କ ସହ କଥା ହୋଇଛନ୍ତି। ତିରିଂ ବ୍ଲକ ବଡ଼କେଡ଼ମ ଗ୍ରାମର ରାଜୁ ନାଏକ ମଧ୍ୟ ପରିବାର ଓ ଆତ୍ମୀୟଙ୍କ ସହ କଥା ହୋଇଛନ୍ତି। ତେବେ ସେମାନେ ବାହାରକୁ ନ ଆସିବା ପର୍ଯ୍ୟନ୍ତ ମନରୁ ଶଙ୍କା ଓ ସନ୍ଦେହ ଦୂର ହୋଇପାରୁନାହିଁ ବୋଲି ଫସି ରହିଥିବା ଶ୍ରମିକଙ୍କ ପରିବାର ଲୋକେ କହିଛନ୍ତି।

### ୨୯ ନିର୍ମାଣାଧୀନ...

କର୍ଣ୍ଣାଟକ, ଛତିଶଗଡ଼, ଉତ୍ତରାଖଣ୍ଡ ଓ ଦିଲ୍ଲୀରେ ଗୋଟିଏ ଲେଖାଏ ନିର୍ମାଣାଧୀନ ସୁଡ଼ଙ୍ଗ ରହିଛି।

### ସୁଜାତା କାର୍ତ୍ତିକେୟନଙ୍କୁ ...

ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ସୂଚନାଯୋଗ୍ୟ, ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗ, ଜଙ୍ଗଲ ଓ ପରିବେଶ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ଏବେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଅତିରିକ୍ତ ଦାୟିତ୍ୱରେ ଅଛନ୍ତି। ଏଥିସହିତ ସେ ସ୍ୱତନ୍ତ୍ର ରିଲିଫ୍ କମିଶନର ଦାୟିତ୍ୱରେ ମଧ୍ୟ ଅଛନ୍ତି ।

### ଘର ଆଗରେ ନିଜକୁ ...

ଉପରେ ପେଟ୍ରୋଲ ଢାଳି ଦେଇଥିଲେ। ଏହା ଦେଖି ସ୍ଥାନୀୟ ଲୋକମାନେ କିଛି ବଡ଼ ଘଟଣା ଘଟିବ ବୋଲି ଆଭାସ ପାଇଥିଲେ। ତାଙ୍କୁ ଏଥିରୁ ବାରଣ କରିବାକୁ ସେମାନେ ଲକ୍ଷ୍ମଣଙ୍କ ପାଖକୁ ଦୌଡ଼ି ଯାଇଥିଲେ। ହେଲେ ହଠାତ୍ ଲକ୍ଷ୍ମଣ ଏକ ଲାଇଟର୍‌ରେ ନିଜ ଶରୀରକୁ ନିଆଁ ଲଗାଇ ଦେଇଥିଲେ। ଫଳରେ ଲକ୍ଷ୍ମଣ ଗାଁ ଦାଣ୍ଡରେ ହୁତୁହୁତୁ ହୋଇ ଜଳିବାକୁ ଲାଗିଥିଲେ। ପଡ଼ୋଶୀ ଓ ପରିବାର ଲୋକମାନେ ତାଙ୍କ ଉପରେ ବୋତଲ ଓ ବାଲ୍‌ଟି ଜରିଆରେ ପାଣି ଆଣି ଢାଳିଥିଲେ। ଜଣେ ଏକ ମୋଟା କପଡ଼ା ମଧ୍ୟ ଘୋଡ଼ାଇ ନିଆଁ ଲିଭାଇବାକୁ ପ୍ରୟାସ କରିଥିଲେ। ନିଆଁ ଲିଭିବା ବେଳକୁ ଲକ୍ଷ୍ମଣଙ୍କ ଶରୀରର ପ୍ରାୟ ୮୦ ପ୍ରତିଶତ ପୋଡ଼ିଯାଇଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ସଙ୍ଗେ ସଙ୍ଗେ କ୍ୟାପିଟାଲ ହସ୍ପିଟାଲ ନିଆଯାଇଥିଲା। ପରେ ସଙ୍କଟାପନ୍ନ ଅବସ୍ଥାରେ ସେଠାରୁ ଏମ୍‌ସ ସ୍ଥାନାନ୍ତର କରାଯାଇଥିଲା। ହେଲେ ବୁଧବାର ସକାଳେ ଲକ୍ଷ୍ମଣଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।

ସୂଚନା ଅନୁଯାୟୀ, ଲକ୍ଷ୍ମଣ ୮ ବର୍ଷ ତଳେ ବିବାହ କରିଥିଲେ। ତାଙ୍କର ଗୋଟିଏ ପୁଅ ଓ ଗୋଟିଏ ଝିଅ ଅଛି। ଲକ୍ଷ୍ମଣ ଏକ ଟାଟା ମେଜିକ୍ ଗାଡ଼ି ଚଳାଇ ପରିବାର ପ୍ରତିପୋଷଣ କରୁଥିଲେ। ତେବେ ସେ ନିୟମିତ ମଦ୍ୟପାନ କରୁଥିବାରୁ ପରିବାରରେ ଝଗଡ଼ା ଲାଗି ରହୁଥିଲା। ଏପରିକି ପୂର୍ବରୁ ନିଶା ନିବାରଣ କେନ୍ଦ୍ରରେ ସେ ଭର୍ତ୍ତି ହୋଇଥିଲେ ବୋଲି ସ୍ଥାନୀୟ ସରପଞ୍ଚ କହିଛନ୍ତି। ତେବେ କିଛି ଦିନ ତଳେ ଲକ୍ଷ୍ମଣ ୩୨ ଲକ୍ଷ ଟଙ୍କାରେ ଏକ ଜମି ବିକ୍ରି କରିଥିଲେ। ହେଲେ ଏସବୁ ଟଙ୍କାରୁ ସେ କିଛି ଖର୍ଚ୍ଚ କରିଦେଇଥିଲେ। ଏହି ଘଟଣାକୁ କେନ୍ଦ୍ର କରି ପରିବାରରେ ବିବାଦ ଲାଗି ରହିଥିଲା। ବିଶେଷ କରି ସ୍ତ୍ରୀ ରଶ୍ମିତାଙ୍କ ସହ କିଛିଦିନ ହେଲା ମତାନ୍ତର ଘଟିଥିଲା। ଫଳରେ ଲକ୍ଷ୍ମଣ ମାନସିକ ଚିନ୍ତାରେ ରହୁଥିଲେ। ଏ ନେଇ ଜୋନ-୪ ଏସିପି ଶୁଭନାରାୟଣ ମୁଦୁଲି କହିଛନ୍ତି, ଲକ୍ଷ୍ମଣଙ୍କ ପାରିବାରିକ ସମସ୍ୟା ଥିଲା ବୋଲି ପ୍ରାଥମିକ ଅନୁସନ୍ଧାନରୁ ଜଣାପଡ଼ିଛି। ସେହି ସମସ୍ୟାରୁ ସେ ମାନସିକ ଭାରସାମ୍ୟ ହରାଇ ଏଭଳି କାମ କରିଥିବା ଅନୁମାନ କରାଯାଉଛି ବୋଲି ସେ କହିଛନ୍ତି।

### ଜାନୁୟାରୀ ୧୫ରୁ ...

ବିଭିନ୍ନ ସୂତ୍ରରୁ ୧କୋଟି ୮୨ଲକ୍ଷ ୯୭ହଜାର ୫୪୪ ଟଙ୍କା ସଂଗୃହୀତ ହୋଇଥିବାବେଳେ ୧କୋଟି ୫୭ଲକ୍ଷ ୨୧ହଜାର ୬୪୫ ଟଙ୍କା ଖର୍ଚ୍ଚ ହୋଇଥିବା ସେ ସୂଚନା ଦେଇଥିଲେ । ସେହିପରି ଏପର୍ଯ୍ୟନ୍ତ ସମିତିର ବିଭିନ୍ନ ବ୍ୟାଙ୍କ ଆକାଉଣ୍ଟରେ ୨କୋଟି ୧୧ଲକ୍ଷ ୨୫ହଜାର ୧୫୬ଟଙ୍କା ୪୦ ପଇସା ଜମା ରହିଥିବା ସେ କହିଥିଲେ। ତେବେ ଧନୁଯାତ୍ରା ସରିବାର ବହୁ ବିଳମ୍ବରେ ବୈଠକ କରାଯିବା ଏବଂ ଆୟବ୍ୟୟ ବିବରଣୀ ଦେବାକୁ ନେଇ ବୈଠକରେ ଉପସ୍ଥିତ ଲୋକେ ଅସନ୍ତୋଷ ବ୍ୟକ୍ତ କରିବା ସହିତ ପରବର୍ତ୍ତୀ ଧନୁଯାତ୍ରା ସରିବାର ସେଭଳି ବିଳମ୍ବ ନ କରିବାକୁ ଦାବି ଉପସ୍ଥାପନ କରିଥିଲେ।

ସେହିପରି ଦୀର୍ଘବର୍ଷ ଧରି ଧନୁଯାତ୍ରା ମହୋତ୍ସବ ସମିତି ତଥା ସମିତିରେ ରହିଥିବା ସବ୍ କମିଟିଗୁଡ଼ିକର ପୁନର୍ଗଠନ ହେଉ ନ ଥିବା ଯୋଗୁ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ଆସନ୍ତା ଧନୁଯାତ୍ରାକୁ ଆହୁରି ଦେଢ଼ମାସ ବାକି ଥିବା ଯୋଗୁ ଧନୁଯାତ୍ରା ପୂର୍ବରୁ ମହୋତ୍ସବ ସମିତି ଏବଂ ସବ୍ କମିଟିଗୁଡ଼ିକର ପୁନର୍ଗଠନ କରିବାକୁ ଉପସ୍ଥିତ ଲୋକେ ଦାବି କରିଥିଲେ। ଏହା ସହିତ ଧନୁଯାତ୍ରାରେ ହେଉଥିବା ଆର୍ଥିକ କାରବାର ଉପରେ ସ୍ୱଚ୍ଛତା ରଖିବାକୁ ବୈଠକରେ ଦାବି ହୋଇଥିଲା। ଗତବର୍ଷ ଧନୁଯାତ୍ରା ସମୟରେ ଗଣମାଧ୍ୟମ ପ୍ରତିନିଧିଙ୍କ ଉପରେ ପୋଲିସ କର୍ମଚାରୀଙ୍କ ଆକ୍ରମଣ ଘଟଣାକୁ ଧନୁଯାତ୍ରା ମହୋତ୍ସବ ସମିତି ହାଲୁକାଭାବେ ଗ୍ରହଣ କରୁଥିବା ଯୋଗୁ ବୈଠକରେ ଉପସ୍ଥିତ ଖବରଦାତାମାନେ ଉଦ୍‌ବେଗ ପ୍ରକାଶ କରିଥିଲେ। ବୈଠକରେ ଏସ୍‌ପି ପି.ଏସ୍. ମୀନା, ଅତିରିକ୍ତ ଜିଲାପାଳ ଲଲାଟ କୁମାର ଲୁହା, ଉପଜିଲାପାଳ କୁମାର ନାଗଭୂଷଣ, ପୌରାଧ୍ୟକ୍ଷା କଳ୍ପନା ମାଝି ପ୍ରମୁଖ ମଞ୍ଚାସୀନ ଥିଲେ । ସେହିପରି ଧନୁଯାତ୍ରା ମହୋତ୍ସବ ସମିତିର ବିଭିନ୍ନ ସବ୍‌କମିଟି, ଜିଲା ଓକିଲ ସଂଘ ସମେତ ବିଭିନ୍ନ ଅନୁଷ୍ଠାନର ପ୍ରତିନିଧି ବୈଠକରେ ଉପସ୍ଥିତ ଥିଲେ।


**NOTIFIED AREA COUNCIL**
**BELLAGUNTHA-761119 (GANJAM)**
Phone No.06821-258244
Sri S. Rakesh Kumar Patra (ORS)
Executive Officer

**ବିଜ୍ଞାପିତ ଅଞ୍ଚଳ ପରିଷଦ**
ବେଲଗୁଣ୍ଠା-୭୬୧୧୧୯ (ଗଞ୍ଜାମ)
ଦୂରଭାଷ: ୦୬୮୨୧-୨୫୮୨୪୪
ଶ୍ରୀ ଏସ୍. ରାକେଶ କୁମାର ପାତ୍ର (ଓ.ରା.ସେ.)
କାର୍ଯ୍ୟନିର୍ବାହୀ ଅଧିକାରୀ

E-Mail ID: eonacbellaguntha@gmail.com

L. No. 1712 // Date: 18.11.2023

**QUOTATION CALL NOTICE**

No.C-1881:- Sealed quotation is invited from the intending registered bidders/agencies/companies etc. having eligibility for: **Preparation of Comprehensive Storm Water Drainage Master Plan and Detailed Project Report of Bellaguntha NAC area.**

The bidder shall receive the detailed quotation paper from the NAC office Helpdesk and Office website www.nacbellaguntha.in/downloads from 20.11.2023 at 11.00 AM to 06.12.2023 up to 11.00 AM. The sealed quotations with necessary documents should reach the office of the Executive Officer, NAC, Bellaguntha on or before 06.12.2023 by 01.00 PM and the same will be opened at 4.00 PM on the same day in presence of the quotationers or their authorized representatives. The quotation details regarding pre bid meeting, bid query etc. is available in the EOI Document.

The authority reserves the rights to accept or reject any or all the quotations without assigning any reason thereof.

OIPR-13113/11/0040/2324 — Sd./- Executive Officer, NAC, Bellaguntha



**GOVERNMENT OF ODISHA** — No. O-1566

**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, ANGUL**

E-Mail: sencrwangul@yahoo.co.in, Ph.: 06764-236404

**e-Procurement NOTICE for Bridge Works in Odisha**

**Bid Identification No. Bridge Online AGL - 28/2023-24**

No. 2894 — Dt.20.11.2023

1. Name of the work : Bridge Works
2. Total No. of Work : 03 Nos.
3. Estimated Cost : Rs.187.97 Lakhs to Rs.242.39 Lakhs
4. Class of Contractor : 'B" & 'A' Class
5. Period of Completion : As per Annexure
6. Other Details :

| Procurement Officer | Bid Identification No. | Availability of Tender Online for Bidding | | Last date & Time of seeking tender clarification | Date & time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Angul | Bridge Online AGL-28/2023-24 | 30.11.2023 at 10.00 A.M. | 14.12.2023 upto 5.00 P.M. | 12.12.2023 upto 1.00 P.M. | 15.12.2023 at 11.00 A.M. | Will be intimated Separately |

(1) For detailed Notice inviting tenders, please visit to the website **www.tendersorissa.gov.in**.

OIPR-25180/11/0037/2324 — Sd./- Chief Construction Engineer, Rural Works Circle, Angul



**ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ବ୍ରହ୍ମପୁର**

**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BERHAMPUR**

At: Ambapua, P.O.- Engineering School, Near Income Tax Office, Berhampur - 760011
(E-mail: serwbpr2004@yahoo.com, Tel/Fax: 0680-2404287)

**NATIONAL COMPETITIVE BIDDING THROUGH e-Procurement**

No. O-1561 — Bid Identification No. Online Tender / 79-2023-24/BPR

| Identification No. | Name of Work | No. of Works | Approx. Estimated Cost (in Lakh) | Class of Contractor | Period of Completion |
|---|---|---|---|---|---|
| Online Tender / 79-2023-24/BPR | Bridge Works (BSY) for 2023-24 | 02 Nos. | From Rs.566.58 lakhs to Rs.677.15 lakhs | "A" Class and "Special" Class as applicable | 18 (Eighteen) Calendar Months as provided |

| Procurement Officer | Bid Identification No. | Availability of Tender Online for Bidding | |
|---|---|---|---|
| | | From | To |
| Chief Construction Engineer, R.W. Circle, Berhampur | Online Tender / 79-2023-24/BPR | 29.11.2023 at 10.00 A.M. | 12.12.2023 upto 3.00 P.M. |

(i) EMD/Bid Security, Cost of Bid document is to be transferred through Online as per the procedure mentioned in the DTCN.
(ii) Non-submission of the information/documents through online by the bidder as per the items mentioned in the eligible criteria of the DTCN will also liable for rejection of his tender.

Further details & Corrigendum if any can be seen from the website: **www.tendersodisha.gov.in**.

OIPR-25071/11/0084/2324 — Sd./- Chief Construction Engineer, R.W. Circle, Berhampur



**CORRIGENDUM NOTICE FOR EXTENSION OF TENDER DATE**

**OFFICE OF THE CSO-cum-DISTRICT MANAGER**

**ODISHA STATE CIVIL SUPPLIES CORPORATION LTD., BALANGIR**

**Corrigendum Notice No. 7824 Dt.20.11.2023**

**Ref.:** Tender Call Notice No. 7233 Dt.02.11.2023 for hiring of vehicle for monitoring paddy procurement operation during KMS 2023-24.

No. CAD-2944: The date for submission and opening of tender documents has been extended for hiring of vehicle for monitoring paddy procurement operation during KMS 2023-24.

The revised Scheduled is:-

| | |
|---|---|
| Sale of Tender Papers | 23.11.2023 to 29.11.2023 upto 05.00 P.M. |
| Last date for submission of tender documents | By 30.11.2023 upto 05.00 P.M. by Registered Post/Speed Post/Courier |
| Opening of Technical Bid & Price Bid | On 01.12.2023 at 05.00 P.M. (Chamber of the ADM, Balangir) |
| Help Desk Contact No. | **OSCSC Ltd., Balangir** District Manager - 9438200035 Office - 06652-232672 |

1. All other terms and conditions shall however remain unaltered as thereof in the original tender call notice.
2. If the office happens to be closed on the date of opening of tenders, tenders will be opened on the next working day in the same time.
3. District tender committe reserves the right to cancel any/all of the tenders at any time without assigning any reason thereof.

OIPR-07031/11/0010/2324



**ODISHA MINING CORPORATION LIMITED**
OMC House, Bhubaneswar-751001,Odisha
CIN: U13100OR1956SGC000313, www.omcltd.in

OMC | ODISHA NEW OPPORTUNITIES — Mining Happiness

**ADVERTISEMENT FOR RECRUITMENT OF NON-EXECUTIVES IN OMC LTD.**

No. 84/OMC — Date:20.11.2023

**WALK-IN-INTERVIEW**

**No.CAD-2963:**OMC, a Gold category State PSU and being one of the largest State PSUs in Mining Sector in the Country, undertakes exploration, mining and trading of Iron, Chrome, Bauxite & Lime stone ores. Inspired by the vision to emerge as the market leader and to play a catalytic role in the growth of industrialization, OMC caters to the requirements of mineral based industries. The Corporation has registered annual turnover of **Rs.14449.57 Crore** in FY 2022-23 and is on a high growth trajectory. The Corporation intends to fill up the following Non-Executive posts in regular mode through direct recruitment by the Walk-in-Interview process.

| Sl. No | Name of the Post | Total | UR | SEBC | SC | ST | Scale of Pay | Qualification | Age as on 01.11.2023 |
|---|---|---|---|---|---|---|---|---|---|
| 1 | Foreman (Min.) | 34 | 20 | 4 | 5 | 5 | Pay Level- 9 (Rs.35400-112400/-) | Diploma in Mining with Foreman Competency Certificate issued by DGMS as per MMR (Metalliferous Mines Regulations), 1961. | Not below 18 years and above 38 years |
| 2 | Surveyor | 15 | 5 | 2 | 3 | 5 | | Diploma in Mines Survey/Mining Engineering from a AICTE recognized Institute with Survey Certificate of Competency in Mining Survey from DGMS as per MMR (Metalliferous Mines Regulations), 1961. | |
| 3 | Blaster-III | 3 | 2 | 0 | 0 | 1 | Pay Level- 5 (Rs.21700- 69100/-) (one extra increment at the time of entry) | HSC with Blaster's Certificate of Competency issued by DGMS as per MMR (Metalliferous Mines Regulations), 1961 | |
| 4 | Mining Mate-III | 55 | 22 | 3 | 9 | 21 | Pay Level- 5 (Rs.21700- 69100/-) (one extra increment at the time of entry) | HSC with Mining Mate Certificate of Competency issued by DGMS as per MMR (Metalliferous Mines Regulations), 1961 | |

**DATE, TIME & PLACE OF WALK-IN-INTERVIEW**

| DATE | TIME | POST | VENUE OF INTERVIEW |
|---|---|---|---|
| 06.12.2023 | 08:00 AM | Surveyor | Community Centre, OMC Colony of Regional Office, Barbil, Dist- Keonjhar |
| | 11:00 AM | Blaster | |
| | 03:00 PM | Mining Mate | |
| 07.12.2023 | 08:00 AM | Mining Mate | |
| | 03:00 PM | Foreman (Min.) | |
| 08.12.2023 | 08:00 AM | Foreman (Min.) | |

• Candidates belonging to domicile of Odisha only can appear. • Interested candidates fulfilling the eligibility criteria for respective posts may attend the walk-in-interview as per the above schedule. • For details please visit OMC website:**https://omcltd.in/en/people/career/employment-opportunities.**

OIPR-30005/11/0186/2324 — **Sd/-GENERAL MANAGER (P&A)**

## ରିଲିଜ୍ ଅପେକ୍ଷାରେ... ହିଟ୍‌ଲର


ଦୀପକ

ନୂଆ ଓଡ଼ିଆ ସିନେମା 'ହିଟ୍‌ଲର' ଖୁବ୍‌ଶୀଘ୍ର ପରଦା ଉପରକୁ ଆସିବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ଖାସ୍ କଥା ହେଲା, ଏଥିରେ ଦୀପକ ଟାଇଟଲ ଭୂମିକାରେ ଅଭିନୟ କରିବା ସହ ଏକ ଭିନ୍ନଧରଣର ଚରିତ୍ରରେ ଅବତୀର୍ଣ୍ଣ ହୋଇଛନ୍ତି। ଚନ୍ଦନ ଫିଲ୍ମସ୍ ବ୍ୟାନରରେ ପ୍ରସ୍ତୁତ ହୋଇଥିବା ଏହି ଫିଲ୍ମଟିର କାହାଣୀରେ ଆକ୍ସନ ଏବଂ ଫ୍ୟାମିଲି ଡ୍ରାମା ଭରିରହିଛି। ଡ. ପ୍ରକାଶ ଶ୍ରୀଚନ୍ଦନଙ୍କ ଦ୍ୱାରା ପ୍ରଯୋଜିତ ଏହି ସିନେମାର ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି କୋରିଓଗ୍ରାଫର-କମ୍-ନିର୍ଦ୍ଦେଶକ ସୁଧାକର ବସନ୍ତ। ଦିଲ୍ଲୀପ ଶ୍ରୀଚନ୍ଦନଙ୍କ କାହାଣୀକୁ ଆଧାରକରି ସଂଳାପ ରଚନା କରିଛନ୍ତି ମନୋରଞ୍ଜନ ରାଉଳ। ଅଜିତ୍ ପ୍ରକାଶ ସିନେମାଟୋଗ୍ରାଫି ଦାୟିତ୍ୱ ତୁଲାଇଛନ୍ତି। ଏଥିରେ ଦୀପକଙ୍କ ବ୍ୟତୀତ ଅର୍ଲିନ, ଅଙ୍କିତା, ସୁକାନ୍ତ ପାତ୍ର, ହରିହର ମହାପାତ୍ର, ଦିବ୍ୟା, ସିଆ, ରାଜଶ୍ରୀ, ଦୁର୍ଗା, ପଲଶ କୁମାର, ମଧୁସୂଦନ ରାଓଙ୍କୁ ମଧ୍ୟ ଦେଖିବାକୁ ମିଳିବ। ଫିଲ୍ମରେ ସଂଯୋଜିତ ତଥା ଡା. ନିର୍ମଳ ନାୟକଙ୍କ ରଚିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ଅନ୍ୟତମ ଆଗଧାଡ଼ିର ସଙ୍ଗୀତ ନିର୍ଦ୍ଦେଶକ ଅଭିଜିତ୍ ମଜୁମ୍‌ଦାର। ଏହାପୂର୍ବରୁ ଏହି ବ୍ୟାନରରେ 'ମହା ଶଙ୍କରା' ନିର୍ମିତ ହୋଇଥିଲା। 'ଆମ ବ୍ୟାନରରେ ଆମେ ସବୁବେଳେ କାହାଣୀ ଏବଂ ତା'ସହ କଳାକାର ଚୟନକୁ ଗୁରୁତ୍ୱ ଦେଉ। ତା'ସହ ଫିଲ୍ମର ସଂଳାପ, ସଙ୍ଗୀତ ଏବଂ ଉପସ୍ଥାପନା ଦିଗ ପ୍ରତି ମଧ୍ୟ ଶତପ୍ରତିଶତ ଦୃଷ୍ଟି ଦିଆଯାଏ। ରିଲିଜ୍ ହେବାକୁ ଥିବା 'ହିଟ୍‌ଲର' ଫିଲ୍ମଟି ମଧ୍ୟ ଓଡ଼ିଆ ଦର୍ଶକଙ୍କ ମନକୁ ଛୁଇଁବ ବୋଲି କୁହନ୍ତି ଏହାର ପ୍ରଯୋଜକ।

## ଭାଗ୍ୟବତୀ ସାରା


ସାରା

ସୈଫ୍ ତନୟା ସାରା ଅଲ୍ଲୀ ଖାଁଙ୍କ ଖୁସି କହିଲେ ନ ସରେ। କେମିତି ବା ଖୁସି ହେବେନି କହୁନାହାନ୍ତି? ଅସଲ କଥା ହେଲା, ଏବେ ଭାଗ୍ୟଦେବୀ ତାଙ୍କ ପ୍ରତି ପ୍ରସନ୍ନ ହୋଇଛନ୍ତି। ତାଙ୍କ ଅଭିନୀତ 'ଏ ୱତନ ମେରି ୱତନ'ର ପୋଷ୍ଟ ପ୍ରଡକ୍ସନ କାମ ଚାଲୁରହିଛି। ତା'ସହ ବ୍ୟାକ୍-ଟୁ-ବ୍ୟାକ୍ ତିନୋଟି ସିନେମାର ପ୍ରାରମ୍ଭିକ କାମ ମଧ୍ୟ ଚାଲୁରହିଛି। ତେଣୁ ଏଭଳି ସ୍ଥିତିରେ ଜଣେ ଖୁସି କିପରି ନ ହେବ କହୁନାହାନ୍ତି? ନିଜ କ୍ୟାରିୟର ବିଷୟରେ ସାରା କୁହନ୍ତି, 'ମୋ ଅଭିନୀତ ପ୍ରଥମ ସିନେମା ଥିଲା 'କେଦାରନାଥ'। ୨୦୧୮ରେ ମୁଁ ବଲିଉଡ୍‌ରେ ଏଣ୍ଟ୍ରି କରିଥିଲି। ମାତ୍ର ପାଞ୍ଚବର୍ଷର କ୍ୟାରିୟର ଭିତରେ ମୁଁ ମାତ୍ର ୮ଟି ସିନେମାରେ ଅଭିନୟ କରିଛି। ହେଲେ ବିଶ୍ୱାସ ରହିଛି ମୋ ପ୍ରତି ଭାଗ୍ୟଦେବୀ ଦିନେ ନା ଦିନେ ପ୍ରସନ୍ନ ହେବେ। ଏବେ ତ ତିନୋଟି ସିନେମାର ପ୍ରାରମ୍ଭିକ କାମ ଚାଲୁରହିଛି ଏବଂ ସେଗୁଡ଼ିକର ଶୁଟିଂ ଖୁବ୍‌ଶୀଘ୍ର ଆରମ୍ଭ ହେବ। ତେଣୁ ସେହି ଫିଲ୍ମଗୁଡ଼ିକର ଶୁଟିଂ ଶେଷ କରିବା ପରେ ଆଉ ଯାହା ନୂଆ ସିନେମା ଲାଗି ସାଇନ୍ କରିବି। କାରଣ ବର୍ତ୍ତମାନ ମୋ ହାତରେ ଡେଟ୍ ନାହିଁ। ତେଣୁ ମୁଁ ଅଯଥାରେ ପୁଳାଏ ସିନେମା ସାଇନ୍ କରି ପ୍ରଯୋଜକମାନଙ୍କୁ ହଇରାଣ କରିବାକୁ ଚାହୁଁନାହିଁ। ମୁଁ ଜାଣିଛି, ଆକ୍ଟିଂ ଲାଇନ୍ ଏକ ଶିଉଳିପୂର୍ଣ୍ଣ ରାସ୍ତା। ଦେଖିଚାହିଁ ପାଦ ନ ରଖିଲେ ଅସୁବିଧା। ତେଣୁ ମୁଁ ଯୋଜନା ମୁତାବକ ଆଗଉଛି।' ଦେଖାଯାଉ ଉପରୋକ୍ତ ସିନେମାଗୁଡ଼ିକ ସାରାଙ୍କ ଅଭିନୟ ଜୀବନକୁ କେତେ ମାଇଲେଜ୍ ଦେଉଛି!

## ଅଡିଶନ ଟେନ୍‌ସନ


ଭୂମି

ବଡ଼ ପରଦାରେ ମୁହଁ ଦେଖାଇବାକୁ ଅନେକ କଳାକାର ଆଶା ରଖିଥାଆନ୍ତି। ଆଉ ସେଥିରୁ ବା ଭୂମି ବାଦ୍ ପଡ଼ିବେ କିପରି? ଯେତେବେଳେ ତାଙ୍କୁ ପ୍ରଥମ ସିନେମା ଅଫର ମିଳିଲା ସେତେବେଳେ ସେ ଖୁସିରେ ଉଛୁଳି ଉଠିଥିଲେ। କିନ୍ତୁ ଏଥିପାଇଁ ତାଙ୍କୁ କମ୍ ପରିଶ୍ରମ କରିବାକୁ ପଡ଼ି ନ ଥିଲା। ଭୂମି ପେଦେନ୍‌କରଙ୍କ ଅଭିନୀତ ପ୍ରଥମ ସିନେମା 'ଦମ୍ ଲଗାକେ ହୈସା'ର ନାୟିକା ଭୂମିକାରେ କିଏ ଅଭିନୟ କରିବ ସେଥିଲାଗି ନବାଗତାଙ୍କର ଲାଇନ୍ ବେଶ୍ ଲମ୍ବା ଥିଲା। ଏହି ଅଡିଶନରେ କେତେଜଣ ଅଂଶଗ୍ରହଣ କରିଥିଲେ ଜାଣନ୍ତି? ୧୦୦ ଜଣ ନବାଗତା ଉକ୍ତ ଭୂମିକାକୁ ନେଇ ଆଶା ରଖିଥିଲେ। ହେଲେ ସେମାନଙ୍କ ମଧ୍ୟରୁ ଜଣେ ବାଜି ମାରି ନେଇଥିଲେ। ସେହି ଅଭିନେତ୍ରୀ ଜଣକ ହେଲେ ଭୂମି। ଏ ନେଇ ସେ କୁହନ୍ତି, 'ଅଡିଶନ ଦେବା ବେଳେ ନିଜ ଉପରେ ଶତ ପ୍ରତିଶତ ଭରସା ଥିଲା। ଯାହାହେଉ ଶେଷରେ ଭଗବାନ୍ ମୋ ଡାକ ଶୁଣିଥିଲେ। ଯେତେବେଳେ ଏହାର ନିର୍ଦ୍ଦେଶକ ମୋ ନାମ ଘୋଷଣା କଲେ ସେତେବେଳେ ମୋ ଖୁସିର ସୀମା ରହି ନ ଥିଲା। ଇଏ ତ ଗଲା ଅଡିଶନ କଥା। ଶୁଟିଂ ପୂର୍ବରୁ ପ୍ରଯୋଜନା ସଂସ୍ଥା ମୋତେ ଓଜନ କମାଇବାକୁ କହିଥିଲା। ତାହାକୁ ମଧ୍ୟ ମୁଁ ସଫଳତାର ସହ କରିବାରେ ସକ୍ଷମ ହୋଇଥିଲି।' ଭୂମି ଅଭିନୟ କରିଥିବା ଅନ୍ୟ ସିନେମାଗୁଡ଼ିକ ମଧ୍ୟରେ ରହିଛି - 'ଟୟଲେଟ : ଏକ୍ ପ୍ରେମ କଥା', 'ଲଷ୍ଟ ଷ୍ଟୋରିଜ୍', 'ବାଲା', 'ପତି ପତ୍ନୀ ଔର ଓ', 'ଭୂତ୍', 'ଦୁର୍ଗାମତି', 'ବଧାଇ ଦୋ' ଏବଂ 'ଦ ଲେଡି କିଲର'।

## ଅତୀତରୁ

- କାମିନୀ ତ୍ରିପାଠୀଙ୍କ ପ୍ରଯୋଜନାରେ ପ୍ରସ୍ତୁତ ହୋଇଥିଲା ଓଡ଼ିଆ ସିନେମା 'କାଚଘର'। ଏହାର ନିର୍ଦ୍ଦେଶନା ଦେଇଥିଲେ ବିଶିଷ୍ଟ ଅଭିନେତା ବ୍ୟୋମକେଶ ତ୍ରିପାଠୀ। ବିଭିନ୍ନ ଭୂମିକାରେ ସୁରେଶ, ଜ୍ୟୋତ୍ସ୍ନା, ବିନୋଦ, ବିନି ପ୍ରମୁଖ କଳାକାରଙ୍କୁ ଦେଖିବାକୁ ମିଳିଥିଲା।
- ଓଡ଼ିଆ ଚଳଚ୍ଚିତ୍ର 'ରକ୍ତଗୋଲାପ'ର ନିର୍ଦ୍ଦେଶନା ଦେଇଥିଲେ କେ. ଭୀମେଶ୍ୱର ରାଓ। ଶ୍ରୀରାମ ପଣ୍ଡା ନାୟକ ସାଜିଥିବା ବେଳେ ତାଙ୍କ ନାୟିକା ଭୂମିକାରେ ଅଭିନୟ କରିଥିଲେ ସେ ସମୟର ଅନ୍ୟତମ ଲୋକପ୍ରିୟ ନାୟିକା ବନଜା ମହାନ୍ତି। ଗୀତଗୁଡ଼ିକୁ ସ୍ୱର ଦେଇଥିଲେ ଧନଞ୍ଜୟ ଶତପଥୀ।
- ତତେ କିଏ କଲା ବନଚାରୀରେ ଜଟାଧାରୀ, ଆହେ ଦୁଃଖହାରୀ ମୋ ଦୁଃଖ କିଏ ହରିବ, ରାମ ଯିବେ ବନବାସ- ଗୀତଗୁଡ଼ିକୁ ଥରେ ମନେପକାନ୍ତୁ ନା! ଏଭଳି ଲୋକପ୍ରିୟ ଗୀତଗୁଡ଼ିକୁ ସ୍ୱର ଦେଇଥିଲେ ପ୍ରଫୁଲ୍ଲ କର ଆଉ ଚଳଚ୍ଚିତ୍ରଟି ଥିଲା 'ରାମାୟଣ'। ଧୀର ବିଶ୍ୱାଳଙ୍କ ପ୍ରଯୋଜନାରେ ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ ଉତ୍ତମ ମହାନ୍ତି, ଶୁଭ୍ରା ପତି, ଧୀର ବିଶ୍ୱାଳ ପ୍ରମୁଖ କଳାକାର।
- ଅଜିତ୍ ଦାସ-ମହାଶ୍ୱେତା ରାୟଙ୍କୁ ନେଇ ନିର୍ମିତ ହୋଇଥିଲା 'ବାଟ ଅବାଟ'। ବୃନ୍ଦାବନ ଜେନା ନିର୍ଦ୍ଦେଶନା ଦେଇଥିବା ବେଳେ ସଙ୍ଗୀତ ଦାୟିତ୍ୱ ତୁଲାଇଥିଲେ ଭୁବନ-ହରି।
- ଓଡ଼ିଆ ଚଳଚ୍ଚିତ୍ର 'ବତାସୀ ଝଡ଼'ର ନାୟକ ଭୂମିକାରେ ଅଭିନୟ କରିଥିଲେ ଅକ୍ଷୟ ମହାନ୍ତି (କାଶ୍ୟପ)। ଆରତି ଦାସ ଏହାର ପ୍ରଯୋଜନା କରିଥିବା ବେଳେ ନିର୍ଦ୍ଦେଶନା ଦେଇଥିଲେ ରମେଶ ମହାନ୍ତି। ଏଥିରେ କାଶୀ ରଥ, ଜୟାଙ୍କୁ ମଧ୍ୟ ଦେଖିବାକୁ ମିଳିଥିଲା।

## କେମିତି ଏ ସମ୍ପର୍କ


ଆକାଶ-ଏଲିନା

ସମ୍ପର୍କ ଯେତେବେଳେ ମଧୁର ଥାଏ ତାହା ମନକୁ ବେଶ୍ ପୁଲକିତ କରି ରଖେ। ହେଲେ ଯେତେବେଳେ ଏଥିରେ ସନ୍ଦେହର ଭାଇରସ୍ ପ୍ରବେଶ କରେ ସେତେବେଳେ ତାହା ଭିନ୍ନ ରୂପ ନିଏ। ଠିକ୍ ସେହିଭଳି ସମ୍ପର୍କକୁ ନେଇ ରଚିତ ହୋଇଛି ଏକ ଭିନ୍ନ ଧରଣର କାହାଣୀ। ଆଉ ତାକୁ ଆଧାର କରି ନିର୍ମିତ ହୋଇଛି ନୂଆ ଓଡ଼ିଆ ସିନେମା 'କେମିତି ଏ ସମ୍ପର୍କ'। ନବାଗତ ରୂପେଶ କୁମାର ଏହାର ପ୍ରଯୋଜନା କରିଛନ୍ତି। କେବଳ ସେତିକି ନୁହେଁ, ଏହି ଚିତ୍ରର କାହାଣୀ ମଧ୍ୟ ସେ ରଚନା କରିଛନ୍ତି। ନିର୍ଦ୍ଦେଶନା ଦାୟିତ୍ୱ ତୁଲାଇଛନ୍ତି ବରିଷ୍ଠ ନିର୍ଦ୍ଦେଶକ ହିମାଂଶୁ ପରିଜା(ଚଣ୍ଡୀ)। ଡା. ନିର୍ମଳ ନାୟକଙ୍କ ରଚିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ଅଭିଜିତ୍ ମଜୁମ୍‌ଦାର। ଜେଜେଏନଜେ ବ୍ୟାନରରେ ପ୍ରସ୍ତୁତ ଏହି ଚିତ୍ରର ସଂଳାପ ରଚନା କରିଛନ୍ତି ଚିନ୍ମୟ ଦାସପଟ୍ଟନାୟକ। ଖାସ୍ କଥା ହେଲା, ଏହାର ଲିଡ୍ ରୋଲ୍‌ରେ ଅଭିନୟ କରିଛନ୍ତି ଆକାଶ ଦାସନାୟକ। ତା'ସହ ଏଭଳି ଏକ ଭୂମିକାକୁ ନେଇ ବେଶ୍ ଖୁସି ଅଛନ୍ତି ସେ। ଏହି ଫିଲ୍ମରେ ତାଙ୍କ ଅପୋଜିଟ୍‌ରେ ଦୁଇଜଣ ନାୟିକା- ଏଲିନା ସାମନ୍ତରାୟ ଏବଂ ଲିପ୍ସା ମିଶ୍ରଙ୍କୁ ଦେଖିବାକୁ ମିଳିବ। ଏମାନଙ୍କ ବ୍ୟତୀତ ପ୍ରଦ୍ୟୁମ୍ନ ଲେଙ୍କା, ଅସିତ୍ ପତି, ଜୀବନ ପଣ୍ଡା, ଉଷଶୀ ମିଶ୍ର, ନମିତା ଦାସ, ଗୁଞ୍ଜୁ, ସନ୍ତୁ, ମିଲନ ଏବଂ ଶିଶୁ କଳାକାର ଲତାଶା ଖୁରାନା ପ୍ରମୁଖ ଅଭିନୟ କରିଛନ୍ତି। ଏହାର ପୋଷ୍ଟ ପ୍ରଡକ୍ସନ କାମ ଚାଲୁରହିଛି ଏବଂ ଆସନ୍ତା ଜାନୁୟାରୀରେ ଏହା ରିଲିଜ୍ ହେବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ଫିଲ୍ମଟିର କ୍ରିଏଟିଭ ହେଡ୍ ଅଛନ୍ତି ପ୍ରଣୟ ଜେଠୀ।

## କେଇ ପଦ କଥା...

'ଦଙ୍ଗଲ' ଚଳଚ୍ଚିତ୍ରର ବବିତା ପୋଘଟ ଭୂମିକାରେ ଅବତୀର୍ଣ୍ଣ ହୋଇଥିଲେ ସାନ୍ୟା ମାଲହୋତ୍ରା। ଏଭଳି ଭୂମିକାକୁ ତୁଲାଇବା ପାଇଁ ସେ ଜାତୀୟ ରେସ୍‌ଲିଂ ପ୍ରଶିକ୍ଷକ କ୍ରିପା ଶଙ୍କର ବିଷ୍ଣୋଇଙ୍କ ନିକଟକୁ ଯାଇଥିଲେ। ତାଙ୍କ ନିକଟରେ କିଛି ମାସ ଟ୍ରେନିଂ ନେଇଥିଲେ। ଆଉ ସେହି ସମୟରେ ସେ ଦେଇଥିବା ଟିପ୍ସକୁ ଅକ୍ଷରେ ଅକ୍ଷରେ ପାଳନ କରିଥିଲେ ସାନ୍ୟା। ''ଯେତେବେଳେ ଏହି ଭୂମିକା ପାଇଁ ଚୟନ କରାଗଲା, ସେବେଠାରୁ ପ୍ରସ୍ତୁତି ଆରମ୍ଭ କରିଥିଲି। ଯେହେତୁ ଏହାର କାହାଣୀ ରେସ୍‌ଲିଂ ଉପରେ ଆଧାରିତ ତେଣୁ ଏଭଳି ଫାଇଟ୍ ପାଇଁ ମୋତେ ଟ୍ରେନିଂ ନେବାକୁ ପଡ଼ିଥିଲା। କ୍ରିପାଙ୍କ ନିକଟରୁ ଏ ନେଇ ଟ୍ରେନିଂ ନେଇଥିଲି ଏବଂ ତାଙ୍କ ଟିପ୍ସକୁ ମୁଁ ଅକ୍ଷରେ ଅକ୍ଷରେ ପାଳନ କରିଥିଲି।'

## ହୁମା ଯାହା ଚାହୁଁଥିଲେ...

ବେଳେବେଳେ ଆମେ ଚାହୁଁଥିବା କଥା ହାତପାଆନ୍ତାରେ ମିଳିଯାଏ। କଥା କ'ଣ କି, ବଡ଼ ପରଦାରେ ଅଭିନୟ କରିବା ପରେ ହୁମାଙ୍କର ଆଉ ଏକ ଆଶା ଥିଲା। ତାହା କ'ଣ ଜାଣନ୍ତି? ସେ ଆଶା ରଖିଥିଲେ ଓଟିଟି ପ୍ଲାଟ୍‌ଫର୍ମରେ ପାଦ ରଖିବାକୁ। ଯାହା ହେଉ ତାହା ନିକଟରେ ପୂରଣ ହୋଇଛି। ପୁଣି ଏକାଥରେ ଏକ ପ୍ରଯୋଜନା ସଂସ୍ଥା ନିର୍ମାଣ କରୁଥିବା ତିନୋଟି ଭିନ୍ନ ଧରଣର ୱେବ୍ ସିରିଜ୍‌ରେ ସେ ଅଭିନୟ କରିବାକୁ ଯାଉଛନ୍ତି। ଏ ନେଇ ହୁମା କ୍ୟୁରେସି କୁହନ୍ତି, 'ବର୍ତ୍ତମାନ ଓଟିଟି ପ୍ଲାଟ୍‌ଫର୍ମର ଚାହିଦା କାହିଁରେ କେତେ। କେବଳ ମୁଁ ନୁହେଁ, ଅନେକ ନାମୀ କଳାକାର ଏଥିରେ ପୂର୍ବରୁ ପାଦ ରଖିସାରିଛନ୍ତି। ଯେତେବେଳେ ମୋତେ ଏ ନେଇ ଅଫର ମିଳିଲା ସେତେବେଳେ ବେଶ୍ ଉତ୍ସାହିତ ହୋଇପଡ଼ିଥିଲି। ଏହି ସୁଯୋଗ ବିଷୟରେ ଥଣ୍ଡା ମିଜାଜ୍‌ରେ ଚିନ୍ତା କରିଥିଲି। ତା'ପରେ ସେମାନଙ୍କ ପ୍ରସ୍ତାବକୁ ଗ୍ରୀନ୍ ସିଗ୍‌ନାଲ ଦେଖାଇଥିଲି। ସବୁଠାରୁ ଖାସ୍ କଥା ହେଲା, ଏହି ପ୍ରଯୋଜନା ସଂସ୍ଥା ମୋତେ ଏକାଥରେ ତିନୋଟି ୱେବ୍ ସିରିଜ ପାଇଁ ଚୁକ୍ତିବଦ୍ଧ କରିଛି। ଦର୍ଶକଙ୍କ ସହ ସବୁବେଳେ ଜଡ଼ିତ ରହିବାକୁ ଏହା ହେଉଛି ଏକ ଉତ୍ତମ ମାଧ୍ୟମ। ତେବେ ଏହି ୱେବ୍ ସିରିଜ୍‌ଗୁଡ଼ିକ ଦର୍ଶକଙ୍କ ମନକୁ ଛୁଇଁବ ବୋଲି ଆଶା ରଖିଛି।' ତେବେ ଏହି ଦୁନିଆ ହୁମାଙ୍କ କ୍ୟାରିୟରକୁ କେତେ ମାଇଲେଜ୍ ଦେଉଛି ତାହା ଦେଖିବାକୁ ବାକି ରହିଲା।


ହୁମା

## ବନ୍ଧୁ ଚାମ୍ପିୟନ

କାର୍ତ୍ତିକ ଆର୍ଯ୍ୟନ ଏକ ସ୍ପୋର୍ଟସ ବାୟୋପିକ୍‌ରେ ଅଭିନୟ କରୁଛନ୍ତି। ଫିଲ୍ମଟିର ଟାଇଟଲ ରହିଛି 'ଚନ୍ଦୁ ଚାମ୍ପିୟନ'। ଜଣେ ଖେଳାଳି କିପରି ବିଭିନ୍ନ ବାଧାବିଘ୍ନର ସମ୍ମୁଖୀନ ହେବା ସତ୍ତ୍ୱେ ନିଜ ଲକ୍ଷ୍ୟସ୍ଥଳରେ ପହଞ୍ଚିପାରୁଛି ତାହା ଏଥିରେ ଦେଖିବାକୁ ମିଳିବ। ଆଉ ଏପରି ଏକ ଭୂମିକାକୁ ଶତପ୍ରତିଶତ ଜଷ୍ଟିସ୍ ଦେବାକୁ ଲାଗିପଡ଼ିଛନ୍ତି କାର୍ତ୍ତିକ। ଶୁଟିଂ ଚାଲୁ ରହିଥିବା ଏହି ଫିଲ୍ମଟିର ନିର୍ଦ୍ଦେଶନା ଦେଉଛନ୍ତି କବୀର ଖାଁ। ଏଥିରେ କାର୍ତ୍ତିକଙ୍କ ବ୍ୟତୀତ କ୍ୟାଟ୍ରିନା କୈଫ୍ ଏବଂ ଶ୍ରଦ୍ଧା କପୁର ମଧ୍ୟ ଅଭିନୟ କରୁଛନ୍ତି। ଅନ୍ୟପକ୍ଷରେ ଏହି ଅଭିନେତା ନିକଟରେ ଏକ ନୂଆ ନିଷ୍ପତ୍ତି ନେଇଛନ୍ତି। ଏଣିକି ଆକ୍ଟିଂ ସହ ଆଉ ଏକ କ୍ଷେତ୍ରରେ ସେ ପାଦଦେବାକୁ ଯାଉଛନ୍ତି। ଏଥିପାଇଁ ସେ ନିଜକୁ ପ୍ରସ୍ତୁତ ମଧ୍ୟ କରିସାରିଲେଣି। କେବଳ ସେତିକି ନୁହେଁ, ନିଜର ନୂଆ ଯୋଜନାକୁ ରୂପରେଖ ଦେବା ପାଇଁ ସେ ଏକ ସଂସ୍ଥା ଗଠନ କରିଛନ୍ତି। ଏଥିରେ ତାଙ୍କ ବ୍ୟତୀତ ତାଙ୍କର କେତେଜଣ ସାଙ୍ଗ ମଧ୍ୟ କାମ କରିବେ। ଏପରି ନିଷ୍ପତ୍ତି ସମ୍ପର୍କରେ କାର୍ତ୍ତିକ କୁହନ୍ତି, 'ଥରେ ମୋର ଜଣେ ବନ୍ଧୁଙ୍କ ସହ ଆଲୋଚନା କରିଥିଲି। ସେହି ସମୟରେ ସେ ମୋତେ ସୋସିଆଲ ସର୍ଭିସ୍‌ରେ ଜଡ଼ିତ ରହିବାକୁ ପରାମର୍ଶ ଦେଇଥିଲେ। ଏହା ଉପରେ ସେତେବେଳେ ବିଶଦ୍ ଭାବେ ଆଲୋଚନା କରିଥିଲୁ। ଏ ନେଇ ପ୍ରାୟ ଗୋଟିଏ ସପ୍ତାହ ମୁଁ ଭଲ ଭାବରେ ଚିନ୍ତା କରିଥିଲି। ଏବେ ସମାଜସେବା କରିବାକୁ ମାଇଣ୍ଡ ମେକ୍‌ଅପ କରିସାରିଛି। ତା'ସହ ମୋର ପ୍ରତିଟି ଫିଲ୍ମରୁ ମୋତେ ଯାହା ରେମ୍ୟୁନେରେଶନ ମିଳିବ ସେଥିରୁ କିଛି ଏଥିଲାଗି ଖର୍ଚ୍ଚ କରିବି।' କାର୍ତ୍ତିକଙ୍କ ଅଭିନୀତ 'ଭୁଲ୍ ଭୁଲେୟାଁ-୨' ବକ୍ସ ଅଫିସ୍‌ରେ ଭଲ ବିଜନେସ୍ କରିଥିଲା।



କାର୍ତ୍ତିକ

# ଆଜିଠୁ ଟି୨୦ ସିରିଜ୍

## ଯୁବ ଖେଳାଳିଙ୍କ ଉପରେ ଭାରତର ଫୋକସ୍



କୋଚ୍ ଭିଭିଏସ୍ ଲକ୍ଷ୍ମଣଙ୍କ ସହ ଆଲୋଚନାରତ ଅଧିନାୟକ ସୂର୍ଯ୍ୟକୁମାର ଯାଦବ।

**ବିଶାଖାପଟ୍ଟନମ,୨୨।୧୧(ପି.ଟି.)**

ବିଶ୍ୱକପ ଫାଇନାଲ ପରାଜୟର ଗ୍ଲାନି ମଧ୍ୟରେ ଆରମ୍ଭ ହେବାକୁ ଯାଉଛି ଅଷ୍ଟ୍ରେଲିଆ ବିପକ୍ଷ ଟି୨୦ ସିରିଜ୍। ୫ ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜର ପ୍ରଥମ ମ୍ୟାଚ୍ ବିଶାଖାପଟ୍ଟନମରେ ଖେଳାଯିବ। ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ଆହତ ହୋଇ ଅନୁପସ୍ଥିତ ଥିବା ବେଳେ ସୂର୍ଯ୍ୟକୁମାର ଯାଦବ ଭାରତୀୟ ଦଳର ନେତୃତ୍ୱ ନେବେ। ଭାରତୀୟ ଦଳରେ ଏକାଧିକ ଯୁବ ଖେଳାଳି ଖେଳୁଥିବାରୁ ସେମାନଙ୍କ ପ୍ରଦର୍ଶନ ଉପରେ ସମସ୍ତଙ୍କ ନଜର ରହିବ। ବିଶ୍ୱକପ ପରାଜୟରେ ଭାରତୀୟ ଫ୍ୟାନ ମାନେ ମର୍ମାହତ ହୋଇଥିବା ବେଳେ ଏଥିରୁ ବାହାରିବା ପାଇଁ ନିଶ୍ଚିତ ସମୟ ଲାଗିବ। ତେବେ ସୂର୍ଯ୍ୟକୁମାର ଯାଦବ ନିଜ ଫେଭରିଟ୍ ଫର୍ମାଟକୁ ଫେରିଥିବା ବେଳେ ଦଳକୁ ବିଜୟୀ କରିବାକୁ ଚେଷ୍ଟା କରିବେ। ତେବେ ସୂର୍ଯ୍ୟ କେବଳ ସିରିଜ୍ ବିଜୟୀ ହେବାକୁ ପ୍ରାଥମିକତା ଦେବେ ନାହିଁ ବରଂ ବିଭିନ୍ନ ଯୁବ ଖେଳାଳି ମାନଙ୍କୁ ନେଇ ପରୀକ୍ଷା ନୀରିକ୍ଷା ମଧ୍ୟ କରିବେ। ଆସନ୍ତା ବର୍ଷ ଟି୨୦ ବିଶ୍ୱକପ ଥିବାରୁ ସେ ନେଇ ଖେଳାଳି ମାନଙ୍କୁ ଆଗୁଆ ପ୍ରସ୍ତୁତ କରିବାକୁ ପଡିବ। ଜୁନ୍ ଓ ଜୁଲାଇ ମାସରେ ଆମେରିକାରେ ଟି୨୦ ବିଶ୍ୱକପ ଖେଳାଯିବ।

ଭାରତୀୟ ଦଳରେ ଯଶସ୍ୱୀ ଜୟସ୍ୱାଲ, ରିଙ୍କୁ ସିଂ, ତିଲକ ବର୍ମା, ଜିତେଶ ଶର୍ମା ଓ ମୁକେଶ କୁମାରଙ୍କ ଉପରେ ସମସ୍ତଙ୍କ ନଜର ରହିବ। ଏହି ସମସ୍ତ ଖେଳାଳି ବିଗତ କିଛି ମାସ ତଳେ ହିଁ ଅନ୍ତର୍ଜାତୀୟ କ୍ରିକେଟରେ ପଦାର୍ପଣ କରିଥିଲେ ମଧ୍ୟ ନିଜର ଏକ ଛାପ ଛାଡିବାରେ ସମର୍ଥ ହୋଇଛନ୍ତି। ରୋହିତ ଶର୍ମା, ବିରାଟ କୋହଲି ଓ ଲୋକେଶ ରାହୁଲଙ୍କ ଅନୁପସ୍ଥିତିରେ ଏହି ଖେଳାଳି ମାନଙ୍କ ଉପରେ ଭାରତୀୟ ପ୍ରଶଂସକଙ୍କ ନଜର ରହିବ। ଏହି ଖେଳାଳି ମାନଙ୍କ ମଧ୍ୟରୁ ରିଙ୍କୁ ସିଂ ଫିନିଶର ଭୂମିକାରେ ସବୁଠାରୁ ପ୍ରଭାବୀ ପ୍ରଦର୍ଶନ କରିଥିବା ବେଳେ ଯଶସ୍ୱୀ ଜୟସ୍ୱାଲ, ତିଲକ ବର୍ମା ଓ ମୁକେଶ କୁମାର ମଧ୍ୟ କିଛି ମ୍ୟାଚରେ ନିଜର ଛାପ ଛାଡିବାରେ ସକ୍ଷମ ହୋଇଛନ୍ତି। ଇଶାନ କିଶନଙ୍କୁ ଭାରତୀୟ ଦଳକୁ ଡାକରା ମିଳିଥିବା ବେଳେ ଜୀତେଶ ଶର୍ମା ବେଞ୍ଚରେ ବସିବା ସ୍ପଷ୍ଟ ହୋଇଛି। ଏହି ଖେଳାଳି ମାନେ ପୂର୍ବରୁ ୱେଷ୍ଟଇଣ୍ଡିଜ୍, ଆୟର୍ଲାଣ୍ଡ ଓ ଏସିଆନ୍ ଗେମ୍ସର ଦୁର୍ବଳ ଦଳ ମାନଙ୍କ ବିପକ୍ଷରେ ଖେଳିଥିବା ବେଳେ ଗୁରୁବାର ଏମାନଙ୍କ ପ୍ରକୃତ ପରୀକ୍ଷା ହେବ। ଏକ ଶକ୍ତିଶାଳୀ ଅଷ୍ଟ୍ରେଲିଆ ଦଳ ବିପକ୍ଷରେ କିଭଳି ପ୍ରଦର୍ଶନ କରୁଛନ୍ତି ତା ଉପରେ ସମସ୍ତଙ୍କ ନଜର ରହିବ। ଏହି ସିରିଜ୍ ପରେ ଦକ୍ଷିଣ ଆଫ୍ରିକା ଓ ଆଫଗାନିସ୍ତାନ ସିରିଜ୍ ଆସୁଥିବା ବେଳେ ଏହି ଖେଳାଳି ମାନେ ପ୍ରଭାବୀ ପ୍ରଦର୍ଶନ କରିବାକୁ ଚାହିଁବେ। ଆଇପିଏଲ୍ ପୂର୍ବରୁ ଭାରତୀୟ ଖେଳାଳିଙ୍କ ନିକଟରେ ୨ ମାସର ସମୟ ରହିଥିବା ବେଳେ ୧୧ ଟି୨୦ ମ୍ୟାଚ୍ ଖେଳାଯିବ। ଅନ୍ତରୀଣ ମୁଖ୍ୟ କୋଚ୍ ରହିଥିବା ଭିଭିଏସ୍ ଲକ୍ଷ୍ମଣଙ୍କ ନିକଟରେ ବ୍ୟାଟିଂ ଅର୍ଡରକୁ ନେଇ ଚିନ୍ତା ରହିବ। ଦକ୍ଷିଣ ଆଫ୍ରିକା ସିରିଜ୍ ବେଳକୁ ଶୁବମନ ଗିଲ୍ ପ୍ରତ୍ୟାବର୍ତ୍ତନ କରୁଥିବା ବେଳେ ଏହା ଓପନିଙ୍ଗ ଯୋଡିକୁ ନେଇ ସମସ୍ୟା ସୃଷ୍ଟି କରିପାରେ। ଋତୁରାଜ ଗାଏକ୍ୱାଡ ଓପନ କରିବା ସ୍ପଷ୍ଟ ହୋଇଥିବା ବେଳେ ତାଙ୍କ ସହିତ ଯଶସ୍ୱୀ ଜୟସ୍ୱାଲ କିମ୍ବା ଇଶାନ କିଶନଙ୍କ ମଧ୍ୟରୁ ଜଣେ ଓପନ କରିବେ। ସୂର୍ଯ୍ୟକୁମାର ଯାଦବ ୩/୪ ନମ୍ବର ସ୍ଥାନରେ ବ୍ୟାଟିଂ କରିବେ। ଏହି ଦଳରେ ୭ ଜଣ ବାମହାତୀ ବ୍ୟାଟର ରହିଥିବା ବେଳେ ଏହା ଏକ ସମସ୍ୟା ହୋଇପାରେ। ଫିନିଶର ଭାବରେ ରିଙ୍କୁ ଓ ଜିତେଶ ଖେଳିବାର ସମ୍ଭାବନା ଅଧିକ। ବୋଲିଂରେ ଲେଗ୍ ସ୍ପିନର ରବି ବିଷ୍ଣୋଇଙ୍କୁ ଏକାଧିକ ମ୍ୟାଚ୍‌ରେ ସୁଯୋଗ ମିଳିବ। ଦ୍ୱିତୀୟ ସ୍ପିନର ଭାବରେ ଅକ୍ଷର ପଟେଲ ଖେଳିବାର ସମ୍ଭାବନା ଅଧିକ।

ଅନ୍ୟ ପକ୍ଷରେ ବିଶ୍ୱକପ ବିଜୟ ପରେ ଆତ୍ମବିଶ୍ୱାସର ସହ ଏହି ସିରିଜ୍ ଖେଳିବ ଅଷ୍ଟ୍ରେଲିଆ। ସନ୍ ଆବୋଟ୍, ଟ୍ରାଭିସ୍ ହେଡ୍, ଜୋଶ ଇଂଲିଶ, ଗ୍ଲେନ୍ ମ୍ୟାକ୍ସୱେଲ, ଷ୍ଟିଭ୍ ସ୍ମିଥ, ମାର୍କସ୍ ଷ୍ଟୋଇନିସ୍ ଓ ଆଡାମ ଜାମ୍ପାଙ୍କ ପରି ବିଶ୍ୱକପ ଖେଳିଥିବା ଖେଳାଳିଙ୍କ ମଧ୍ୟରୁ ମାତ୍ର ୭ ଜଣ ଟି ୨୦ ଦଳ ସହ ରହିବେ। ସେହିପରି ଦଳର ଏକାଧିକ ଖେଳାଳି ଆଇପିଏଲ ଖେଳୁଥିବାରୁ ଏହା ଅଷ୍ଟ୍ରେଲିଆ ପାଇଁ ସହାୟକ ହେବ। ବିଶାଖାପଟ୍ଟନମ ପିଚ୍‌ରେ ଦ୍ରୁତ ବୋଲରଙ୍କୁ ସାମାନ୍ୟ ସହାୟତା ମିଳିବା ନେଇ ଆଶା କରାଯାଏ।

**ସମୟ: ସନ୍ଧ୍ୟା୭.୦୦**
**ପ୍ରସାରଣ: ସ୍ପୋର୍ଟ୍ସ ୧୮**

# ସୁରଜମଲ ସାହା କଲେଜ ଗ୍ରୁପ୍ ଚାମ୍ପିୟନ




ଆନ୍ତଃ ମହାବିଦ୍ୟାଳୟ ଭାରୋତ୍ତୋଳନ ଓ ସୁନ୍ଦରସ୍ୱାସ୍ଥ୍ୟ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନେ ଅତିଥିଙ୍କ ଗହଣରେ।

**ଭୁବନେଶ୍ୱର, ୨୨।୧୧ (ତପନ ସ୍ୱାଇଁ)**

ଉତ୍କଳ ବିଶ୍ୱବିଦ୍ୟାଳୟର ଆନ୍ତଃ ମହାବିଦ୍ୟାଳୟ ମହିଳା ଓ ପୁରୁଷ ଭାରୋତ୍ତୋଳନ ଏବଂ ସୁନ୍ଦରସ୍ୱାସ୍ଥ୍ୟ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଛି। ଉତ୍କଳ ବିଶ୍ୱବିଦ୍ୟାଳୟର ପିଜି ଆଥଲେଟିକ୍ କ୍ଲବ ଦ୍ୱାରା ଆୟୋଜିତ ଏହି ପ୍ରତିଯୋଗିତା ଭୁବନେଶ୍ୱରସ୍ଥିତ ଉତ୍କଳ କରାଟେ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଥିଲା। ଏଥିରେ ୧୨ଟି ମହାବିଦ୍ୟାଳୟର ୪୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ବିଭିନ୍ନ ଓଜନ ବିଭାଗରେ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାରେ ପୁରୀର ସୁରଜମଲ ସାହା କଲେଜ ଗ୍ରୁପ୍ ଚାମ୍ପିୟନ ଏବଂ ଭୁବନେଶ୍ୱରସ୍ଥିତ ଦେବରାୟ ନୟାପଲ୍ଲୀ କଲେଜ ରନରଅପ୍ ହୋଇଥିଲା। ଉତ୍କଳ କରାଟେ ସ୍କୁଲର ପ୍ରତିଷ୍ଠାତା ହରିପ୍ରସାଦ ପଟ୍ଟନାୟକ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଉତ୍କଳ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପରିଷଦର ନିର୍ଦ୍ଦେଶକ ବିଜୟ କୁମାର ସୁନ୍ଦରରାୟ ମୁଖ୍ୟ ଅତିଥି, ଓଡ଼ିଶା ବଡିବିଲ୍ଡିଂ ଆସୋସିଏଶନ ସଭାପତି ସୁମିତ୍ରା ତ୍ରିପାଠୀ ଓ ସମ୍ପାଦକ ପ୍ରସନ୍ନ ମହାସୁଆର ସମ୍ମାନିତ ଅତିଥିଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ଭାରୋତ୍ତୋଳନ ପ୍ରତିଯୋଗିତାରେ ଚିତ୍ତରଞ୍ଜନ ସ୍ୱାଇଁ ଏବଂ ସୁନ୍ଦରସ୍ୱାସ୍ଥ୍ୟରେ ପ୍ରଫୁଲ୍ଲ ଚନ୍ଦ୍ର ଗୁରୁ, ଉମା ଚରଣ ଶତପଥୀ ଓ ରାଜେଶ ବାବୁ ଆଚାରୀ ଚୟନକର୍ତ୍ତାଭାବେ ଯୋଗ ଦେଇଥିଲେ। ପିଜି ଆଥଲେଟିକ୍ କ୍ଲବ ଉପସଭାପତି ଡ. କାର୍ତ୍ତିକରଞ୍ଜନ ମଲିକଙ୍କ ତତ୍ତ୍ୱାବଧାନରେ ପ୍ରତିଯୋଗିତା ପରିଚାଳିତ ହୋଇଥିଲା। ତାଙ୍କୁ ସହଯୋଗ କରିଥିଲେ ସୁବ୍ରତ ନାୟକ, ବେଣୁଧର ଦାସ, ଚତୁର୍ଭୁଜ ଜେନା, ପ୍ରବୀର ମହାନ୍ତି ଓ ଦକ୍ଷବ୍ରହ୍ମା ରାଉତରାୟ।

# ସେମିରେ ଓଡ଼ିଶା ସଚିବାଳୟ ଦଳ



ସେମିଫାଇନାଲରେ ପ୍ରବେଶ କରିଥିବା ଓଡ଼ିଶା ସଚିବାଳୟ ପୁରୁଷ ଦଳ।

**ସର୍ବଭାରତୀୟ ବେସାମରିକ ହକି**

**ଭୁବନେଶ୍ୱର, ୨୨।୧୧ (ତପନ ସ୍ୱାଇଁ)**

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ସର୍ବଭାରତୀୟ ବେସାମରିକ ହକିର ସେମିଫାଇନାଲରେ ଓଡ଼ିଶା ସଚିବାଳୟ ପୁରୁଷ ଦଳ ପ୍ରବେଶ କରିଛି। ଏହି ଦଳ ବୁଧବାର ଉତ୍ତରାଖଣ୍ଡକୁ ୬-୩ ଗୋଲ୍‌ରେ ପରାସ୍ତ କରିଛି । ଦଳ ପକ୍ଷରୁ ବିବେକ ଲାକ୍ରା, ସୁମିତ୍ ଡୁଙ୍ଗଡୁଙ୍ଗ୍ ୨ଟି ଲେଖାଏ ଏବଂ ସଞ୍ଜୀବ କେରକେଟା ଓ ପିଟର ସୋରେଙ୍ଗ ଗୋଟିଏ ଲେଖାଏ ଗୋଲ୍ ଦେଇଥିଲେ। ସଚିବାଳୟ ଦଳ ଗୁରୁବାର ଅପରାହ୍ନ ୧୨ଟା ୩୦ରେ ପ୍ରଥମ ସେମିଫାଇନାଲରେ ଚଣ୍ଡିଗଡ଼ର ଆରଏସ୍‌ବି ସହିତ ମୁକାବିଲା କରିବ। ୨ୟ ସେମିଫାଇନାଲରେ କେନ୍ଦ୍ରୀୟ ସଚିବାଳୟ ହରିୟାଣାକୁ ଭେଟିବ। ସେହିପରି ମହିଳା ବର୍ଗରେ ଓଡ଼ିଶା ସଚିବାଳୟ ହକି ଦଳ ପ୍ରଥମ ସେମିଫାଇନାଲରେ ଛତିଶଗଡ଼କୁ ଏବଂ ୨ୟ ସେମିଫାଇନାଲରେ କେନ୍ଦ୍ରୀୟ ସଚିବାଳୟ ହରିୟାଣାକୁ ଭେଟିବ।

**ଚାମ୍ପିୟନ୍ସ ଲିଗ୍‌ରେ ପାଲେଷ୍ଟାଇନ୍ ପତାକା**

# ସେଲ୍ଟିକ୍‌କୁ ଫାଇନ୍

**ନିୟନ,୨୨।୧୧(ପି.ଟି.)**

ଚାମ୍ପିୟନ୍ସ ଲିଗ୍ ଫୁଟବଲର ଏକ ମ୍ୟାଚ୍ ସମୟରେ ପାଲେଷ୍ଟାଇନ ସମର୍ଥନରେ ପତାକା ପ୍ରଦର୍ଶନ କରାଯାଇଥିଲା। ଷ୍ଟାଡିୟମରେ ଶହ ଶହ ପତାକା ଉଡି ପାଲେଷ୍ଟାଇନର ସମର୍ଥନ କରାଯାଇଥିବା ବେଳେ ୟୁଫା ପକ୍ଷରୁ ସେଲ୍ଟିକ କ୍ଲବ ଉପରେ ୧୭,୫୦୦ ୟୁରୋର ଫାଇନ୍ ଲାଗୁ କରାଯାଇଛି। ସ୍କଟିସ୍ କ୍ଲବ୍ ସେଲ୍ଟିକ୍‌ର ସମର୍ଥକ ମାନେ ଖୋଲା ଖୋଲି ପାଲେଷ୍ଟାଇନକୁ ସମର୍ଥନ କରି ଥାଆନ୍ତି। ଅକ୍ଟୋବର ୨୫ ତାରିଖରେ ଆଟଲେଟିକୋ ମାଡ୍ରିଡ୍ ସହିତ ମ୍ୟାଚ୍ ସମୟରେ ଶହ ଶହ ପାଲେଷ୍ଟାଇନ ଜାତୀୟ ପତାକା ଉଡିଥିଲା। କ୍ଲବ୍ ପକ୍ଷରୁ ଅନୁରୋଧ କରାଯାଇଥିଲେ ମଧ୍ୟ ଫ୍ୟାନ୍ ମାନେ କର୍ଣ୍ଣପାତ କରି ନ ଥିଲେ। ଏହା ପୂର୍ବରୁ ଫାଶୀବାଦ ସମର୍ଥିତ ସ୍ଲୋଗାନ ପାଇଁ କ୍ଲବ ପାଇଁ ଅକ୍ଟୋବର ୪ ତାରିଖରେ କ୍ଲବ ଉପରେ ୨୦ ହଜାର ୟୁରୋର ଫାଇନ୍ ହୋଇଥିଲା। ସେହିପରି ମ୍ୟାଚ୍ ସମୟରେ ବାଣ ଫୁଟାଇବା କାରଣରୁ ଅତିରିକ୍ତ ୧୧୫୦୦ ୟୁରୋ ଫାଇନ୍ ଲାଗୁ କରାଯାଇଛି।

# ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ କ୍ରିକେଟ ଉଦ୍‌ଘାଟିତ



ଉଦ୍‌ଘାଟନୀ ଉତ୍ସବରେ ବିଭିନ୍ନ ଦଳର ପ୍ରତିଯୋଗୀମାନେ।

**ଭାଗ ନେଲେ ୩୦ ଜିଲାର ବାଳିକା ବାଳକ**

**ସମ୍ବଲପୁର,୨୨।୧୧(ବି.ଶଙ୍କର)**

ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ ବାଳିକା ବାଳକ କ୍ରିକେଟ ଟୁର୍ନାମେଣ୍ଟ ବୁଧବାର ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ବୁର୍ଲା ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆଠାରେ ଉଦ୍‌ଘାଟିତ ହୋଇଯାଇଛି। ଜିଲା ଶିକ୍ଷା ଅଧିକାରୀ ମୀନାରାଣୀ ମଙ୍ଗଳଙ୍କ ସଭାପତିତ୍ୱରେ ଉଦ୍‌ଘାଟନୀ ଉତ୍ସବ ହୋଇଥିଲା। ସମ୍ବଲପୁର ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ବିକାଶ ଚନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥି ଓ ଜିଲା ଉନ୍ନୟନ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ଧର୍ମେନ୍ଦ୍ର ମଲ୍ଲିକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଶାରୀରିକ ଶିକ୍ଷା ବିଭାଗର ସହକାରୀ ନିର୍ଦ୍ଦେଶକ କୈଳାସ ଚନ୍ଦ୍ର ପ୍ରଧାନ ଅନ୍ୟତମ ଅତିଥି ଭାବେ ଯୋଗଦେଇ ରାଜ୍ୟ କ୍ରୀଡା ସଂସଦ ପକ୍ଷରୁ ବିବରଣୀ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଡ. ମୁରଲୀଧର ବେହେରା ଓ ଜୟଶ୍ରୀ ଦୋରା, ଜିଲା ଶାରୀରିକ ଶିକ୍ଷା ଅଧିକାରୀ ସୁଜାତା ପଟ୍ଟନାୟକ ମଞ୍ଚାସୀନ ଥିଲେ। ଆୟୋଜକ କମିଟି ତରଫରୁ ସରକାରୀ ଉଚ୍ଚ ବିଦ୍ୟାଳୟ ବୁର୍ଲାର ପ୍ରଧାନଶିକ୍ଷକ କରନ ଶର୍ମା ଧନ୍ୟବାଦ ଅର୍ପଣ କରିଥିଲେ। ଟୁର୍ନାମେଣ୍ଟରେ ସମଗ୍ର ଓଡ଼ିଶାର ୩୦ କ୍ରୀଡ଼ାଜିଲାର ୫୧୬ଜଣ ବାଳକ ଓ ୯୦ ଜଣ ବାଳିକା କ୍ରିକେଟ ଖେଳାଳି, ୫୭ ଜଣ କୋଚ ଓ ୯୭ ଜଣ ଟିମ ଅଫିସିଆଲ ଯୋଗଦାନ କରିଛନ୍ତି। ଆସନ୍ତା ୨୬ ତାରିଖରେ ବୁର୍ଲା ଫୁଟବଲ ପଡ଼ିଆରେ କାର୍ଯ୍ୟକ୍ରମ ଉଦ୍‌ଯାପିତ ହେବ। ମ୍ୟାଚଗୁଡ଼ିକ ବୁର୍ଲାର ତିନୋଟି ପଡ଼ିଆରେ ଓ ସମ୍ବଲପୁର ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ ଓ କମିଶନର୍ସ କଲୋନୀ କ୍ରିକେଟ ପଡ଼ିଆରେ ଅନୁଷ୍ଠିତ ହେବ। ପ୍ରଧାନଶିକ୍ଷୟିତ୍ରୀ ଦୀପାଳି ଚୌଧୁରୀ ଓ ସିଆର୍‌ସିସି ଅସୀମ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଆଭେଶଙ୍କ ସହ ଟ୍ରେଡ୍ ହେଲେ ପଡିକଲ

**ନୂଆଦିଲ୍ଲୀ,୨୨।୧୧(ପି.ଟି.):** ଭାରତୀୟ ଦଳର ଦ୍ରୁତ ବୋଲର ଆଭେଶ ଖାନ୍‌ଙ୍କୁ ଟ୍ରେଡ୍ କରିଛି ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ। ଟପ୍ ଅର୍ଡର ବ୍ୟାଟର ଦେବଦତ୍ତ ପଡିକଲଙ୍କ ସହିତ ଆଭେଶଙ୍କୁ ଟ୍ରେଡ କରାଯାଇଛି। ଆଭେଶଙ୍କୁ ଲକ୍ଷ୍ନୌ ୧୦ କୋଟି ଟଙ୍କାରେ କିଣିଥିଲା। ବିଗତ ୨ ସିଜନରେ ୨୨ ମ୍ୟାଚ୍‌ରୁ ସେ ୨୬ ଉଇକେଟ ନେଇଛନ୍ତି। ନିଲାମୀରେ କିଣା ଯାଇଥିବା ମୂଲ୍ୟରେ ହିଁ ଆଭେଶଙ୍କୁ ଟ୍ରେଡ୍ କରିଛି ଲକ୍ଷ୍ନୌ। ଅନ୍ୟ ପକ୍ଷରେ ବାମହାତୀ ଓପନର ପଡିକଲଙ୍କୁ ରାଜସ୍ଥାନ ୭.୭୫ କୋଟି ଟଙ୍କାରେ କିଣିଥିଲା। ସେ ମଧ୍ୟ ନିଲାମୀରେ କିଣା ଯାଇଥିବା ମୂଲ୍ୟରେ ହିଁ ଟ୍ରେଡ୍ ହୋଇଛନ୍ତି। ୫୭ ଆଇପିଏଲ୍ ମ୍ୟାଚ୍‌ରେ ପଡିକଲ ଗୋଟିଏ ଶତକ ଓ ୯ ଅର୍ଦ୍ଧଶତକ ସହ ୧୫୨୧ ରନ୍ ସ୍କୋର କରିଛନ୍ତି।

# ଓଡ଼ିଶାର ତନ୍‌ଭି ପତ୍ରୀଙ୍କ ସହଜ ବିଜୟ

**ଜାତୀୟ ସବ୍‌ଜୁନିୟର ବ୍ୟାଡ୍‌ମିଣ୍ଟନ**

**ବଲାଙ୍ଗୀର, ୨୨।୧୧**
**(ବୀରେନ୍ଦ୍ର କୁମାର ଝାଙ୍କର)**

ସ୍ଥାନୀୟ ପୃଥ୍ୱୀରାଜ ହାଇସ୍କୁଲ ଇନ୍‌ଡୋର ଷ୍ଟାଡିୟମରେ ଚାଲିଥିବା ୩୫ତମ ଜାତୀୟ ସବ୍‌ଜୁନିୟର ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପର ଦ୍ୱିତୀୟ ଦିବସରେ ବୁଧବାର ଚିତ୍ତାକର୍ଷକ ଖେଳ ଦେଖିବାକୁ ମିଳିଛି। ପୂର୍ବାହ୍ନରେ ୧୩ ବର୍ଷରୁ କମ୍ ବର୍ଗ ବାଳକ ଏବଂ ବାଳିକା ବିଭାଗ ଖେଳ ହୋଇଥିଲା। ବାଳକ ବର୍ଗରେ ଟପ୍‌ସିଡ୍ କର୍ନାଟକର ପୁଷ୍କର ସାଏ ୨୧-୧୩ ଓ ୨୧-୧୪ ସେଟ୍‌ରେ ତାମିଲନାଡୁର ଦକ୍ଷଣ ଏସ୍.ଏଲ.ଙ୍କୁ ପରାସ୍ତ କରି ପରବର୍ତ୍ତୀ ରାଉଣ୍ଡକୁ ଉନ୍ନୀତ ହୋଇଥିଲେ। ସୌର୍ଯ୍ୟ ଯାଦବ ୨୨-୨୦ ଓ ୨୧-୧୫ ସେଟ୍‌ରେ ରାଜସ୍ଥାନର ସ୍ଥଭିକ୍ ଅଗ୍ରୱାଲଙ୍କୁ ପରାସ୍ତ କରିଥିଲେ। ସେହିପରି ଉତ୍ତରପ୍ରଦେଶର ଦିବ୍ୟାଂଶ ସିଂ, ମହାରାଷ୍ଟ୍ରର ଆତିଦ୍ୟ ୟାଉଲ, ହରିଆଣାର ଯତିନ୍ କୁମାର, ପଶ୍ଚିମବଙ୍ଗର ସ୍ୱୟଂଦ୍ୱିତି ଘୋଷ, ଆସାମର ଅର୍ନବ ଚୁଟିଆ, ମଧ୍ୟପ୍ରଦେଶର ପାର୍ଥ ଶର୍ମା, ତାମିଲନାଡୁର ଦଶ୍ୱନ୍ତ, ହରିଆଣାର ଆର୍ଯ୍ୟାନ୍ ଡାଙ୍ଗୀ ନିଜ ପ୍ରତିଦ୍ୱନ୍ଦ୍ୱୀ ଖେଳାଳିଙ୍କୁ ପରାସ୍ତ କରି ପରବର୍ତ୍ତୀ ରାଉଣ୍ଡକୁ ଉନ୍ନୀତ ହୋଇଛନ୍ତି।

ବାଳିକା ବର୍ଗର କର୍ନାଟକର ଶାଇନା ମଣିମୁଥୁ ୨୧-୧୧ ଓ ୨୧-୧୦ ସେଟ୍‌ରେ ଆସାମର ଆରାଧ୍ୟା ବୁରାଗୋହାଁଇଙ୍କୁ ପରାସ୍ତ କରି ପରବର୍ତ୍ତୀ ରାଉଣ୍ଡକୁ ଉନ୍ନୀତ ହୋଇଛନ୍ତି। ତାମିଲନାଡୁର ଧାନ୍‌ଜା ଏସ୍.ଜେ. ୨୧-୧୦ ଓ ୨୧-୧୬ ସେଟ୍‌ରେ ମହାରାଷ୍ଟ୍ରର ସୋୟାରା ସେଲାରଙ୍କୁ ପରାସ୍ତ କରିଥିଲେ। ଓଡ଼ିଶାର ତନ୍‌ଭି ପତ୍ରୀ ୨୧-୧୦ ଓ ୨୧-୧୦ ସେଟ୍‌ରେ ତ୍ରିପୁରାର ଦେ ଅଦ୍ରିଜାଙ୍କୁ ପରାସ୍ତ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଆନ୍ଧ୍ରପ୍ରଦେଶର ଲକ୍ଷ୍ମୀ ସାଏ ଆରାଧ୍ୟା ରାଚାପୁଡି, ଉତ୍ତରପ୍ରଦେଶର ଅଗ୍ରୀମା ସିଂ, ତେଲେଙ୍ଗାନାର ଅବ୍‌ନି ବିକ୍ରମ ଗୋବିନ୍ଦ, ଗୁଜୁରାଟର ଆର୍ଶିଆ, ହରିଆଣାର ଜୁଏଲ ରାଣା, ପଶ୍ଚିମବଙ୍ଗର ଆର୍ଯ୍ୟାମା ଚକ୍ରବର୍ତ୍ତୀ, ଆସାମର ଶୁଭଶ୍ରୀ ସ୍ମିତା ବରୁଆତି, ମହାରାଷ୍ଟ୍ରର ସରଜୁ ରଞ୍ଜନେ, ତାମିଲନାଡୁର ୟାଝିନି ଏସ୍‌କେ, କର୍ନାଟକର କୀର୍ତ୍ତି ବାଲାଜୀ, ପଞ୍ଜାବର ମେହବିଶ୍ କୌର ପ୍ରତିଦ୍ୱନ୍ଦ୍ୱୀଙ୍କୁ ପରାସ୍ତ କରି ପରବର୍ତ୍ତୀ ରାଉଣ୍ଡକୁ ଉନ୍ନୀତ ହୋଇଛନ୍ତି। ଗୁରୁବାର ତୃତୀୟ ଦିନରେ ପରବର୍ତ୍ତୀ ରାଉଣ୍ଡକୁ ଉନ୍ନୀତ ଖେଳାଳିଙ୍କ ମଧ୍ୟରେ ଟକ୍କର ହେବ। ଏହି ଜାତୀୟ ଚାମ୍ପିୟନଶିପରେ ଭାରତୀୟ ବ୍ୟାଡମିଣ୍ଟନ ସଂଘ ଉପସଭାପତି ଏସ୍. ମୁରଲୀଧରଣ, ଅନ୍ତର୍ଜାତୀୟ ଖେଳାଳି ସମ୍ପନ୍ନ ଉଦୟ ସାନେ, ବୈଷୟିକ କମିଟିର ରାକେଶ ଶେଖର, ଆଇନ୍‌ସି ଦଥାନ, ସୁଧୀର ଭାର୍ବେ, ସାଙ୍ଗଠନିକ ସମ୍ପାଦକ ଲିଲିନ୍ କୁମାର, ରାଜ୍ୟ ସଂଘ ଉପସଭାପତି ପ୍ରଦୀପ ପଟ୍ଟନାୟକ ଉପସ୍ଥିତ ରହିଛନ୍ତି। ଜିଲା ବ୍ୟାଡମିଣ୍ଟନ ସଂଘ ସମ୍ପାଦକ ତଥା ଆୟୋଜକ କମିଟି ସଂଯୋଜକ ସୁରୁଲାଲ ମଟାରୀ ସମସ୍ତ କାର୍ଯ୍ୟ ତଦାରଖ କରୁଛନ୍ତି। ବ୍ୟଡମିଣ୍ଟନ ଖେଳ ଦେଖିବାକୁ ସ୍ଥାନୀୟ ପୃଥ୍ୱୀରାଜ ହାଇସ୍କୁଲ ଇନ୍‌ଡୋର ଷ୍ଟାଡିୟମରେ ଛାତ୍ରୀଛାତ୍ର ଓ ଅଭିଭାବକଙ୍କ ଭିଡ ଲାଗି ରହିଛି।







ବଲାଙ୍ଗୀରରେ ଚାଲିଥିବା ଜାତୀୟ ସବ୍‌ଜୁନିୟର ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାରେ ବୁଧବାର ମ୍ୟାଚ ଖେଳିବା ଅବସରରେ ଦୁଇ ପ୍ରତିଯୋଗୀ।

# କିଟ୍ ଟେନିସ୍ ଦଳକୁ ସର୍ବଭାରତୀୟ ଯୋଗ୍ୟତା




କିଟ୍ ବିଶ୍ୱବିଦ୍ୟାଳୟ ପୁରୁଷ ଟେନିସ୍ ଦଳ।

**ଭୁବନେଶ୍ୱର, ୨୨।୧୧ (ତପନ ସ୍ୱାଇଁ)**

ରାୟପୁରର ପଣ୍ଡିତ ରବି ଶୁକ୍ଳା ୟୁନିଭର୍ସିଟି ଆନୁକୂଲ୍ୟରେ ଚାଲିଥିବା ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ ଟେନିସ ପ୍ରତିଯୋଗିତାରେ ପ୍ରଭାବୀ ପ୍ରଦର୍ଶନ କରି କିଟ୍ (ମହିଳା ଓ ପୁରୁଷ) ଟେନିସ ଦଳ ସର୍ବଭାରତୀୟ ସ୍ତରରେ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି। ଫଳରେ ଉଭୟ ମହିଳା ଓ ପୁରୁଷ ଦଳ ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ଆନ୍ତଃ ଜୋନ୍ ଟୁର୍ନାମେଣ୍ଟ ଏବଂ ୪ର୍ଥ ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସରେ ଖେଳିବ। ବୁଧବାର ଅନୁଷ୍ଠିତ କ୍ୱାର୍ଟର ଫାଇନାଲରେ କିଟ୍ ପୁରୁଷ ଦଳ ୨-୦ରେ ବାରାଣସୀର ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟକୁ ପରାସ୍ତ କରିଛି। କିଟ୍ ମହିଳା ଦଳ ମଧ୍ୟ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟକୁ ହରାଇ ସେମିଫାଇନାଲରେ ପ୍ରବେଶ କରିଛି। ଗୁରୁବାର ହେବାକୁଥିବା ସେମିଫାଇନାଲରେ କିଟ୍ ପୁରୁଷ ଦଳ ବାରଣସୀର ମହାତ୍ମା ଗାନ୍ଧୀ କାଶି ବିଦ୍ୟାପୀଠକୁ ଏବଂ ମହିଳା ଦଳ ଓଡ଼ିଶାର ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟକୁ ଭେଟିବ। କିଟ୍ ପୁରୁଷ ଦଳରେ କବିର ହଂସ, ଅଥର୍ବ ଶର୍ମା, ଅଂଶୁମାନ ସିଂ, ପ୍ରତ୍ୟୁଷ ମହାନ୍ତି ଓ ଆଶିଷ କୁମାର ପରିଡ଼ା ଏବଂ ମହିଳା ଦଳରେ ଋତୁପର୍ଣ୍ଣା ଚୌଧୁରୀ, ଅଭିଳାଷ ବିସ୍ତା, ରିୟା ମର୍ଦ୍ଦରାଜ ଓ ଆକୃତି ସାମିଲ ରହିଛନ୍ତି। ମହମ୍ମଦ ଅନମୁଲ ହକ୍ କୋଚ୍ ଅଛନ୍ତି।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଗୁରୁବାର, ନଭେମ୍ବର ୨୩/୨୦୨୩ Bhubaneswar, Thursday, November 23/ 2023

# ୬ ଫ୍ରାଞ୍ଚାଇଜ ବ୍ୟୟ କଲେ ୩.୯ କୋଟି

## ଅଲ୍‌ଟିମେଟ ଖୋ ଖୋ ଲିଗ୍-୨

- ପ୍ଲେୟର୍ସ ଡ୍ରାଫ୍ଟରେ ୧୪୫ ଖେଳାଳି ଚୟନ
- ଓଡ଼ିଶା ଜଗରନଟ୍ସର ଶକ୍ତିଶାଳୀ ଦଳ ମନୋନୟନ

ଭୁବନେଶ୍ୱର, ୨୨।୧୧
(ତପନ ସ୍ୱାଇଁ)

ସ୍ୱଦେଶୀ କ୍ରୀଡ଼ା ଖୋ ଖୋକୁ ଅଧିକ ଲୋକପ୍ରିୟ ଓ ବିକଶିତ କରିବା ପାଇଁ ୨୦୨୨ରେ ଆରମ୍ଭ ହୋଇଥିବା ଅଲ୍‌ଟିମେଟ ଖୋ ଖୋ ଲିଗ୍‌ର ଦ୍ୱିତୀୟ ସଂସ୍କରଣ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ପ୍ଲେୟର୍ସ ଡ୍ରାଫ୍ଟ ମାଧ୍ୟମରେ ଅଂଶଗ୍ରହଣ କରିବାକୁ ଯାଉଥିବା ୬ ଦଳର ଖେଳାଳି ଚୟନ ପ୍ରକ୍ରିୟା ବୁଧବାର ଏଠାରେ ଅନୁଷ୍ଠିତ ହୋଇଯାଇଛି। ୬ ଫ୍ରାଞ୍ଚାଇଜ୍ ୩.୯ କୋଟି ଟଙ୍କା ବ୍ୟୟରେ ୧୪୫ ଖେଳାଳି ଚୟନ କରିଛନ୍ତି। ଏମାନଙ୍କ ମଧ୍ୟରୁ ୩୩ ଜଣ ଖେଳାଳିଙ୍କ ବୟସ ୧୬ରୁ ୧୮ ବର୍ଷ ମଧ୍ୟରେ ରହିଛି। ଦଳରେ ଅଧିକ ଏନର୍ଜି ଓ ସ୍ପିଡ୍ ଭରିବା ପାଇଁ ଫ୍ରାଞ୍ଚାଇଜ୍‌ଗୁଡ଼ିକ ଯଥାସାଧ୍ୟ ଉଦ୍ୟମ କରିଛନ୍ତି। ଫଳରେ ପ୍ରତିଭାସମ୍ପନ୍ନ ଉଦୀୟମାନ ଖେଳାଳିଙ୍କୁ ସୁଯୋଗ ଦିଆଯାଇଛି। ୧୬ ବର୍ଷୀୟ ଓଡ଼ିଶାର ସୁନୀଲ ପାତ୍ର ମୁମ୍ବାଇ ଖିଲାଡ଼ି ଦଳରେ ସାମିଲ ହୋଇଛନ୍ତି। ସେହିପରି ପୁଡୁଚେରୀର ୧୭ ବର୍ଷୀୟ ଏମ୍. ମୁଗିଲାନ ଏବଂ ମହାରାଷ୍ଟ୍ରର ଗଣେଶ ବୋରକର ଯଥାକ୍ରମେ ଚେନ୍ନାଇ କ୍ୱିକ୍ ଗନ୍ସ ଏବଂ ରାଜସ୍ଥାନ ୱାରିୟର୍ସ ଦଳରେ ସ୍ଥାନ ପାଇଛନ୍ତି।

"ଅଲ୍‌ଟିମେଟ ଖୋ ଖୋ ଲିଗ୍ ସିଜନ-୨ ପାଇଁ ମୋଟ ୨୭୨ ଖେଳାଳିଙ୍କ ନାମ ଡ୍ରାଫ୍ଟ ପ୍ରକ୍ରିୟାକୁ ଆସିଥିଲା। ସେମାନଙ୍କ ମଧ୍ୟରୁ ଫ୍ରାଞ୍ଚାଇଜ୍ ୧୪୫ ଖେଳାଳି ଚୟନ କରିଛନ୍ତି। ପ୍ରତିଯୋଗିତାରେ ଭାଗ ନେବାକୁ ଯାଉଥିବା ୩୩ ଖେଳାଳିଙ୍କ ବୟସ ୧୬ରୁ ୧୮ ମଧ୍ୟରେ ହୋଇଥିବାରୁ ଦଳଗୁଡ଼ିକର ଆଭରେଜ ବୟସ ୨୨.୫ ରହିଛି। ପ୍ରଥମ ସଂସ୍କରଣ ଅପେକ୍ଷା ଦ୍ୱିତୀୟ ସଂସ୍କରଣ ଅଧିକ ଆକର୍ଷଣୀୟ ଓ ରୋମାଞ୍ଚକ ହେବାନେଇ ଆଶା ରହିଛି" ବୋଲି ଲିଗ୍‌ର ସିଇଓ ତଥା କମିଶନର ତେନ୍‌ଜିଂ ନିୟୋଗି ପ୍ରକାଶ କରିଛନ୍ତି। ଖୋ ଖୋ ଫେଡେରେଶନ ଅଫ୍ ଇଣ୍ଡିଆ ସହଭାଗିତାରେ ଅମିତ ବର୍ମନ ଅଲ୍‌ଟିମେଟ ଖୋ ଖୋକୁ ପ୍ରମୋଟ କରୁଛନ୍ତି।

ପ୍ରଥମ ସିଜନର ଚାମ୍ପିୟନ ଓଡ଼ିଶା ଜଗରନଟ୍ସ ଦଳ ଏଥର ମଧ୍ୟ ଯୁବ ଓ ଅଭିଜ୍ଞ ଖେଳାଳିଙ୍କୁ ନେଇ ଏକ ଶକ୍ତିଶାଳୀ ଦଳ ଗଠନ କରିଛି। "ଗତବର୍ଷ ଆମ ଦଳ ଖୁବ୍ ଭଲ ଖେଳିଥିଲା। ତେଣୁ ଏଥର ଆମେ ପ୍ରମୁଖ ଖେଳାଳିଙ୍କୁ ଅପରିବର୍ତ୍ତିତ ରଖିଛୁ। ଖୋ ଖୋ ଏକ କୌଶଳଯୁକ୍ତ ଖେଳ ହୋଇଥିବାରୁ ଆମେ କୋଚ୍‌ମାନଙ୍କୁ ସମସ୍ତ ଦାୟିତ୍ୱ ଦେଇଛୁ ଏବଂ ତାଙ୍କ ସହ ଆଲୋଚନା କରି ଦଳ ଚୟନ କରିଛୁ। ଦଳରେ କେତେକ ନୂଆ ଏବଂ ପ୍ରତିଭାସମ୍ପନ୍ନ ଖେଳାଳି ସାମିଲ ହୋଇଛନ୍ତି। ତେଣୁ ଆମେ ଟାଇଟଲ ବଜାୟ ରଖିବାକୁ ଆଶା ରଖିଛୁ" ବୋଲି ରାଜ୍ୟ କ୍ରୀଡ଼ା ବିଭାଗର ଓଏସ୍‌ଡି ଲିଲନ ପ୍ରସାଦ ସାହୁ ପ୍ରକାଶ କରିଛନ୍ତି। ଫ୍ରାଞ୍ଚାଇଜ୍‌ମାନେ ଦଳରେ ଅପରିବର୍ତ୍ତିତ ରଖିଥିବା ଖେଳାଳିଙ୍କୁ ୬ ଲକ୍ଷ ଟଙ୍କା ଲେଖାଏ ପ୍ରଦାନ କରିଛନ୍ତି। ଏହା ବ୍ୟତୀତ ୪ ବର୍ଗ ଯଥା 'ଏ' ପାଇଁ ୫ ଲକ୍ଷ, 'ବି' ୩ ଲକ୍ଷ, 'ସି' ୧.୫ ଲକ୍ଷ ଓ 'ଡି' ପାଇଁ ୧ ଲକ୍ଷ ଟଙ୍କା ଲେଖାଏ ପ୍ରଦାନ କରାଯାଇଛି। ତାରକା ଖେଳାଳିଙ୍କ ମଧ୍ୟରେ ବିଜୟ ହାଜରେ, ଆଦିତ୍ୟ ଗନପୁଲେ ଓ ଲକ୍ଷ୍ମଣ ଗୱାସଙ୍କୁ ପ୍ରଥମେ ଯଥାକ୍ରମେ ରାଜସ୍ଥାନ ୱାରିୟର୍ସ, ତେଲ୍‌ଗୁ ଯୋଦ୍ଧାସ ଓ ଚେନ୍ନାଇ କ୍ୱିକ୍ ଗନ୍ସ ନେଇ ଯାଇଥିଲେ। ଭାରତର ପ୍ରଥମ ଫ୍ରାଞ୍ଚାଇଜ୍‌ଭିତ୍ତିକ ଖୋ-ଖୋ ଲିଗ୍‌ର ୨ୟ ସଂସ୍କରଣର ଆକ୍ସନ୍ ସୋନି ପିକ୍ଚର୍ସ ନେଟ୍‌ୱର୍କ ଇଣ୍ଡିଆ (ଏସ୍‌ପିଏନ୍‌ଆଇ)ର ସ୍ପୋର୍ଟ୍ସ ଚ୍ୟାନେଲ୍‌ରେ ପ୍ରସାରିତ ହେବ।

**ଓଡ଼ିଶା ଜଗରନଟ୍ସ ଦଳ:** ଦିଲୀପ ଖାଣ୍ଡଭି, ଦୀପେଶ ମୋରେ, ଗୋଥାମ ଏମ୍.କେ. ବିଶାଲ (ସମସ୍ତେ ରିଟେନ ଖେଳାଳି), ଓଁକାର ସୋନାୱାନେ, ରୋହନ ଶିଙ୍ଗଡେ, ଅକ୍ଷୟ ମାଶାଲ, ମହେଶ ପି., ମନୋଜ ପାଟିଲ, ଅବିନାଶ ଦେଶାଇ, ମନୋଜ କୁମାର, ଭିସାକ ଏସ., ଦେବେନ୍ଦ୍ର ନାଥ, ନିଖିଲ କୁମାର, ବିଶାଲ ଓରାମ, ସଞ୍ଜୟ କୁମାର ଭି., ଦୀପକ କୁମାର ସାହୁ, ନିଖିଲ ବି. ମହମ୍ମଦ ମିରାଜୁଲ, ସୁଶାନ୍ତ କାଲଧୋନେ, ସୋଭାଗ୍ ଭି. ଶ୍ରୀଗାଣ୍ଡା, ନିରଞ୍ଜନ ସାମଲ, ସବିର ଅହମଦ, ସୁରେଶ କୁମାର ଓ ସିଦ୍ଧେଶ୍ୱର ଗୁଡ୍ଡୁ।


ଅଲ୍‌ଟିମେଟ ଖୋ ଖୋ ଲିଗ୍‌ର ଦ୍ୱିତୀୟ ସଂସ୍କରଣ ପାଇଁ ବୁଧବାର ଭୁବନେଶ୍ୱରରେ ଅନୁଷ୍ଠିତ ପ୍ଲେୟର୍ସ ଡ୍ରାଫ୍ଟ ଖେଳାଳି ଚୟନ କାର୍ଯ୍ୟକ୍ରମରେ ଉପସ୍ଥିତ ବିଭିନ୍ନ ଫ୍ରାଞ୍ଚାଇଜ୍ ମାଲିକ ଓ କର୍ମକର୍ତ୍ତା।

# ରୋନାଲ୍ଡୋଙ୍କୁ ଆଶ୍ୱସ୍ତି

## ବଳାତ୍କାର କ୍ଷତିପୂରଣ ମାମଲା ଖାରଜ କଲେ କୋର୍ଟ


କ୍ରିଷ୍ଟିଆନୋ ରୋନାଲ୍ଡୋ

ରେନୋ, ୨୨।୧୧ (ପି.ଟି.)

ଏକ ଆମେରିକୀୟ ଅପିଲ କୋର୍ଟ ୨୦୦୯ ଭେଗାସ୍ ବଳାତ୍କାର ମାମଲାରେ ମହିଳାଙ୍କ ଆବେଦନକୁ ଖାରଜ କରିବା ସହିତ ଫୁଟବଲ ତାରକା କ୍ରିଷ୍ଟିଆନୋ ରୋନାଲ୍ଡୋଙ୍କ ସପକ୍ଷରେ ରାୟ ପ୍ରଦାନ କରିଛନ୍ତି। ୨୦୦୯ରେ ମହିଳା ଜଣଙ୍କ କ୍ରିଷ୍ଟିଆନୋ ରୋନାଲ୍ଡୋଙ୍କ ନାମରେ ବଳାତ୍କାର ଅଭିଯୋଗ ଆଣିଥିଲେ। କୋର୍ଟ ବାହାରେ ଏହି ମାମଲାର ସମାଧାନ କରିବା ସହିତ ମହିଳାଙ୍କୁ ୩ ଲକ୍ଷ ୭୫ ହଜାର ଡଲାର କ୍ଷତିପୂରଣ ପ୍ରଦାନ କରିଥିଲେ। ୨୦୧୦ରେ ସେ ଅର୍ଥ ନେବା ସହିତ ଚୁକ୍ତିନାମା ସ୍ୱାକ୍ଷର କରିଥିଲେ। ତେବେ ୨୦୧୮ରେ କାଥରିନ୍ ମାୟୋର୍ଗା ନାମ୍ନୀ ଏହି ମହିଳା ଜଣଙ୍କ ଏହି ମାମଲକୁ ପୁନର୍ବାର ଅଭିଯୋଗ କରିଥିଲେ। କ୍ଷତିପୂରଣ ପାଇଁ କରାଯାଇଥିବା ଏହି ମାମଲାକୁ କୋର୍ଟ ଖାରଜ କରି ଦେଇଥିବା ବେଳେ ୨୦୨୨ରେ ଆଉ ଥରେ ଆବେଦନ କରିଥିଲେ କାଥରିନ୍। ୩ ଜଣିଆ ଖଣ୍ଡପୀଠ ମାମଲାର ଶୁଣାଣି କରି ଏହାକୁ ଆଉଥରେ ଖାରଜ କରିବା ସହିତ ଓକିଲ ଲେସ୍‌ଲୀ ମାର୍କ ଷ୍ଟୋଭାଲଙ୍କୁ ୩ ଲକ୍ଷ ୩୫ ହଜାର ଡଲାରର ଫାଇନ୍ ଦେବା ପାଇଁ ଆଦେଶ ଦେଇଛନ୍ତି।

## କେକେଆର୍‌କୁ ଫେରିଲେ ଗମ୍ଭୀର

**କୋଲକାତା, ୨୨।୧୧ (ପି.ଟି.):** ପୁଣି ଥରେ ଆଇପିଏଲ୍ ଫ୍ରାଞ୍ଚାଇଜି କୋଲକାତା ନାଇଟ ରାଇଡର୍ସ(କେକେଆର) ସହିତ ଯୋଡି ହୋଇଛନ୍ତି ଗୌତମ ଗମ୍ଭୀର। ପୂର୍ବରୁ ଅଧିନାୟକ ଭାବରେ ଦୁଇ ଥର ଦଳକୁ ଚାମ୍ପିୟନ କରିଥିବା ଗମ୍ଭୀର ନୂଆ ଦାୟିତ୍ୱରେ ଦଳ ସହିତ ଯୋଡି ହେଉଥିବା ନେଇ ସ୍ପଷ୍ଟ କରିଛନ୍ତି। ୨୦୧୧ରୁ ୨୦୧୭ ପର୍ଯ୍ୟନ୍ତ ଦଳର ନେତୃତ୍ୱ ନେଇଥିବା ଗମ୍ଭୀର ୨୦୧୨ ଓ ୨୦୧୪ରେ ୨ଥର ଦଳକୁ ଚାମ୍ପିୟନ କରାଇଥିଲେ। ଟି୨୦ ଓ ଦିନିକିଆ ବିଶ୍ୱକପ ବିଜୟରେ ଭାରତର ହିରୋ ରହିଥିବା ଗମ୍ଭୀର ଆଇପିଏଲ୍‌ରୁ ଅବସର ନେବା ପରେ ଲକ୍ଷ୍ନୌ ଫ୍ରାଞ୍ଚାଇଜିର ମେଣ୍ଟର ଦାୟିତ୍ୱ ସମ୍ଭାଳିଥିଲେ। ୨୦୨୧ ଓ ୨୦୨୨ ଉଭୟ ସିଜନରେ ଗମ୍ଭୀରଙ୍କ ମେଣ୍ଟରଶିପ୍‌ରେ ଦଳ ପ୍ଲେ ଅଫ୍‌ରେ ପ୍ରବେଶ କରିଥିଲେ ମଧ୍ୟ ଟାଇଟଲ ଜିତିବାରେ ବିଫଳ ହୋଇଥିଲା। ସଞ୍ଜୀବ ଗୋଏଙ୍କାଙ୍କ ଦଳ ଜଷ୍ଟିନ୍ ଲାଙ୍ଗରଙ୍କୁ ମେଣ୍ଟର ଭାବରେ ନିଯୁକ୍ତି ଦେବା ପରେ ଗମ୍ଭୀର ବିଦା ହେବା ପରିସ୍ଥିତି ସୃଷ୍ଟି ହୋଇଥିଲା। ଏହ ସହ କେକେଆର ସିଇଓ ଭେଙ୍କି ମାଇସୋର ଏହି ଖବରକୁ ବୁଧବାର ସ୍ପଷ୍ଟ କରିଥିଲେ। ସେ ଚନ୍ଦ୍ରକାନ୍ତ ପଣ୍ଡିତଙ୍କ ସହିତ ମିଶି କାର୍ଯ୍ୟ କରିବେ ବୋଲି ଭେଙ୍କି ଘୋଷଣା କରିଛନ୍ତି।

## ତୃତୀୟ ସ୍ଥାନକୁ ଉଠିଲେ କୋହଲି

ଦୁବାଇ, ୨୨।୧୧ (ପି.ଟି.)

ବୁଧବାର ଆଇସିସି ପକ୍ଷରୁ ଦିନିକିଆ କ୍ରିକେଟ ର୍ୟାଙ୍କିଙ୍ଗ ପ୍ରକାଶ ପାଇଛି। ଭାରତୀୟ ଯୁବ ବ୍ୟାଟର ଶୁବମନ ଗିଲ୍ ପ୍ରଥମ ସ୍ଥାନ ବଜାୟ ରଖିଥିବା ବେଳେ ତୃତୀୟ ସ୍ଥାନକୁ ଉନ୍ନୀତ ହୋଇଛନ୍ତି ବିରାଟ କୋହଲି। ଦିନିକିଆ କ୍ରିକେଟ ବିଶ୍ୱକପରେ ନିଜର ପ୍ରାଇମ ଫର୍ମରେ ନଜର ଆସିଥିବା କୋହଲି ୭୬୫ ରନ୍ ସଂଗ୍ରହ କରିଥିଲେ। କୋହଲି ୭୯୧ ରେଟିଂ ପଏଣ୍ଟ ସହିତ ତୃତୀୟ ସ୍ଥାନକୁ ଉନ୍ନୀତ ହୋଇଛନ୍ତି। କେବଳ ବିରାଟ କୋହଲି ନୁହନ୍ତି ଭାରତୀୟ ଅଧିନାୟକ ରୋହିତ ଶର୍ମା ମଧ୍ୟ ଗୋଟିଏ ସ୍ଥାନ ଉପରକୁ ଉଠି ଚତୁର୍ଥ ସ୍ଥାନରେ ପହଞ୍ଚିଛନ୍ତି।

## ଜାତିସଂଘରେ ରୁଷିଆ-ଆଇଓସି ମୁହାଁମୁହିଁ

### ଅଲିମ୍ପିକ୍ସ ସନ୍ଧିକୁ ନେଇ ବିବାଦ

ୱାଶିଂଟନ୍, ୨୨।୧୧ (ପି.ଟି.)

ଅଲିମ୍ପିକ୍ସ ସନ୍ଧିକୁ ନେଇ ମିଳିତ ଜାତିସଂଘରେ ମୁହାଁମୁହିଁ ହୋଇଛନ୍ତି ରୁଷିଆ ଓ ଅନ୍ତର୍ଜାତୀୟ ଅଲିମ୍ପିକ୍ସ କାଉନ୍‌ସିଲ୍ (ଆଇଓସି)। ୨୦୨୪ରେ କେଉଁ ପ୍ରକାରର ଅଲିମ୍ପିକ୍ସ ସନ୍ଧି ରହିବ ତାହାକୁ ନେଇ ବୁଧବାର ଜାତିସଂଘରେ ଭୋଟିଂ ହୋଇଥିଲା। ଭୋଟିଂରେ ଏହା ସପକ୍ଷରେ ୧୧୮ ରାଷ୍ଟ୍ର ଭୋଟ୍ ଦେଇଥିବା ବେଳେ କେବଳ ରୁଷିଆ ଓ ସିରିଆ ଏହା ବିପକ୍ଷରେ ଭୋଟ ଦେଇଥିଲେ। ତେବେ ଅନ୍ୟ ରାଷ୍ଟ୍ର ମାନେ ଭୋଟ ଦାନରୁ ନିବୃତ୍ତ ରହିଥିଲେ। ପ୍ୟାରିସ୍ ଅଲିମ୍ପିକ୍ସ କମିଟି ପାରମ୍ପରିକ ସନ୍ଧି ଲାଗୁ କରିବା ପାଇଁ ଦାବିକରିଛି। ୨ବର୍ଷ ତଳେ ବେଜିଂ ୱିଣ୍ଟର ଅଲିମ୍ପିକ୍ସ ପୂର୍ବରୁ ରୁଷିଆ ଏହି ସନ୍ଧିରେ ସ୍ୱାକ୍ଷର କରିଥିଲା। ଏହାର ଦୁଇ ଦିନ ପରେ ୟୁକ୍ରେନ୍ ଉପରେ ଆକ୍ରମଣ କରିବା ପରଠାରୁ ଆଇଓସି ଓ ରୁଷିଆ ମଧ୍ୟରେ ବିବାଦ ଦେଖା ଦେଇଥିଲା। ରୁଷିଆକୁ ବାସନ୍ଦ କରାଯାଇଥିବା ବେଳେ ଏହାର ଖେଳାଳି ମାନେ ବିନା ଜାତୀୟ ପତାକାରେ ଅଂଶଗ୍ରହଣ କରିଥିଲେ। ଏହାପରେ ଆଇଓସି ସଭାପତି ଥୋମାସ ବାକ୍ ଓ ରୁଷିଆ ମଧ୍ୟରେ ସମ୍ପର୍କ ତିକ୍ତ ହୋଇଥିଲା। ବୁଧବାର ରୁଷ ରାଷ୍ଟ୍ରଦୂତ ମାରିଆ ଜାବୋଲୋତ୍ସକାୟା ଆଇଓସିକୁ ସମାଲୋଚନା କରିଥିଲେ। ରୁଷିଆ ଆଥଲେଟଙ୍କୁ ବ୍ୟାନ କରାଯିବା ଗ୍ରହଣୀୟ ନୁହେଁ ବୋଲି ସେ କହିଥିଲେ।

ଅଲିମ୍ପିକ୍ସ ସନ୍ଧି ଅନୁସାରେ ଏହି କ୍ରୀଡା ସମୟରେ ସମସ୍ତ ଦେଶ ଅନ୍ୟ ଦେଶ ମାନଙ୍କୁ ଅବାଧରେ ବିମାନ ଚଳାଚଳ ପାଇଁ ଅନୁମତି ପ୍ରଦାନ କରିଥାନ୍ତି। ଖେଳାଳି ମାନଙ୍କ ପହଞ୍ଚିବା ପାଇଁ ଏହି ବ୍ୟବସ୍ଥା କରାଯାଇଥାଏ। ଅଲିମ୍ପିକ୍ସର ୭ ଦିନ ପୂର୍ବରୁ ତଥା ପାରାଲିମ୍ପିକ୍ସର ୭ ଦିନ ପର୍ଯ୍ୟନ୍ତ ଏହି ବ୍ୟବସ୍ଥା ଲାଗୁ ହୋଇଥାଏ। ତେବେ ୨୧ ମାସ ଧରି ଲାଗି ରହିଥିବା ରୁଷିଆ-ୟୁକ୍ରେନ ଯୁଦ୍ଧ ଓ ଇସ୍ରାଏଲ-ହମାସ ମଧ୍ୟରେ ୬ ସପ୍ତାହ ଧରି ଲାଗି ରହିଥିବା ଯୁଦ୍ଧ କାରଣରୁ ଏହାକୁ ନେଇ ଆଶଙ୍କା ଦେଖା ଦେଇଛି।

# ବ୍ରାଜିଲକୁ ହରାଇଲା ଆର୍ଜେଣ୍ଟିନା

## ଫୁଟ୍‌ବଲ ମ୍ୟାଚ୍‌ରେ ହିଂସା

ରିଓ ଡି ଜେନେରିଓ, ୨୨।୧୧ (ପି.ଟି.)

ବ୍ରାଜିଲ ଓ ଆର୍ଜେଣ୍ଟିନା ମଧ୍ୟରେ ବିଶ୍ୱକପ ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚ୍‌ରେ ହିଂସା ଦେଖିବାକୁ ମିଳିଛି। ମାରାକାନା ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚ୍‌ରେ ଦୁଇ ଦଳର ସମର୍ଥକଙ୍କ ମଧ୍ୟରେ ହିଂସାକାଣ୍ଡ ଘଟିବା କାରଣରୁ ମ୍ୟାଚ୍ ବିଳମ୍ବରେ ଆରମ୍ଭ ହୋଇଥିଲା। ଲିଓନେଲ୍ ମେସିଙ୍କୁ ଦେଖିବା ପାଇଁ ଷ୍ଟାଡିୟମରେ ଅସମ୍ଭାଳ ଭିଡ ହୋଇଥିଲା। ଉଭୟ ସମର୍ଥକଙ୍କ ମଧ୍ୟରେ ଧସ୍ତାଧସ୍ତି ହେବାକୁ ପୋଲିସକୁ ଲାଠି ଚାର୍ଜ କରିବାକୁ ପଡିଥିଲା। ନିକୋଲାସ ଓଷ୍ଟାମେଣ୍ଡିଙ୍କ ଏକମାତ୍ର ଗୋଲ ବଳରେ ଆର୍ଜେଣ୍ଟିନା ୧-୦ ଗୋଲରେ ବ୍ରାଜିଲକୁ ପରାସ୍ତ କରିଛି। ମେସି ୭୮ ମିନିଟରେ ପଡିଆ ଛାଡିଥିବା ବେଳେ ଉଭୟ ବ୍ରାଜିଲ ଓ ଆର୍ଜେଣ୍ଟିନା ସମର୍ଥକ ତାଙ୍କୁ ଷ୍ଟାଣ୍ଡିଂ ଓଭେଶନ୍ ପ୍ରଦାନ କରିଥିଲେ।

ମ୍ୟାଚ୍‌ର ପ୍ରଥମାର୍ଦ୍ଧ ଗୋଲ ଶୂନ୍ୟ ରହିଥିଲା। ତେବେ ଦ୍ୱିତୀୟାର୍ଦ୍ଧର ୬୩ ତମ ମିନିଟରେ ନିକୋଲାସ ଓଷ୍ଟାମେଣ୍ଡି ଏକ ଗୋଲ ଦେଇ ଦଳକୁ ଆଗୁଆ କରିଥିଲେ। ମେସି ୭୮ ତମ ମିନିଟରେ ପଡିଆ ଛାଡିବା ବେଳକୁ ଷ୍ଟାଡିୟମ ବାର୍ସେଲୋନା ଓ ଇଣ୍ଟର ମାୟାମି ଜର୍ସିରେ ଭର୍ତ୍ତି ହେବା ପରି ଦୃଶ୍ୟମାନ ହୋଇଥିଲା। ୮୧ ତମ ମିନିଟରେ ବ୍ରାଜିଲ ମିଡଫିଲ୍ଡର ଜୋଏଲିଣ୍ଟନ ଆର୍ଜେଣ୍ଟିନାର ରୋଡ୍ରିଗୋ ଡେ ପଲ୍‌ଙ୍କୁ ଫାଉଲ୍ ମାରିବାରୁ ରେଡକାର୍ଡ ପାଇଥିଲେ। ଫଳରେ ୧୦ ଜଣିଆ ବ୍ରାଜିଲ ରକ୍ଷଣାତ୍ମକ ଢଙ୍ଗରେ ଖେଳିଥିଲା। ଅନ୍ୟ ମ୍ୟାଚ୍‌ରେ କଲମ୍ବିଆ ୧-୦ରେ ପାରାଗୁଏ, ଉରୁଗୁଏ ୩-୦ରେ ବଲିଭିଆ ଓ ଇକ୍ୱେଡର ୧-୦ରେ ଚିଲିକୁ ପରାସ୍ତ କରିଥିଲା।


ଫୁଟବଲ ଖେଳ ହିଂସା ସମୟରେ ପୋଲିସର କାର୍ଯ୍ୟାନୁଷ୍ଠାନ।

ଗଣ୍ଠି ବ୍ୟଥା ପାଇଁ ନୂଆ ନୂଆ ପ୍ରୟୋଗ କରିବା ଛାଡ଼ନ୍ତୁ
ସବୁଠାରୁ ବିଶ୍ୱସନୀୟ ଡା.ଅର୍ଥୋ ତେଲକୁ ଆପଣାନ୍ତୁ
Dr. Juneja's
ଡା.ଅର୍ଥୋ®
Ayurvedic Oil, Capsules, Spray & Ointment
ଆପଣ ଜାଣନ୍ତି କି? ଭଲ ପରିଣାମ ପାଇଁ ଡା.ଅର୍ଥୋ ତେଲକୁ ଜାନୁ ବସ୍ତି ଥେରାପିରେ ବ୍ୟବହାର କରିବାର ଉପାୟ
ଜାନୁ ବସ୍ତି ଥେରାପି କ'ଣ
ଏମିତି ତ ଆଣ୍ଠୁ ବ୍ୟଥାର ଉପଚାର ପାଇଁ ଅନେକ ପ୍ରକାର ଔଷଧ, ଥେରାପି ଏବଂ ସର୍ଜରୀର ବିକଳ୍ପ ରହିଛି କିନ୍ତୁ ସେଗୁଡ଼ିକ ମଧ୍ୟରୁ ଗୋଟିଏ ହେଉଛି ଜାନୁ ବସ୍ତି ଥେରାପି, ଯାହାକି ବିଶେଷ ରୂପେ ଆଣ୍ଠୁରେ ହେଉଥିବା ବ୍ୟଥାର ସମସ୍ୟାକୁ ଠିକ୍ କରିବାରେ ସହାୟତା କରିଥାଏ ।
ଜାନୁ ବସ୍ତି ଥେରାପି କେମିତି କରାଯିବା ଉଚିତ
ଏହି ଥେରାପି କରିବା ପାଇଁ ରୋଗୀଙ୍କୁ ସିଧା କରି ଶୁଆଇ ଦିଆଯାଏ । ତା'ପରେ ବେସନ ବା ଚଣା ଅଟାକୁ ପର୍ଯ୍ୟାପ୍ତ ମାତ୍ରାରେ ପାଣି ସହିତ ଚକଟି ଦିଅନ୍ତୁ, ଆଣ୍ଠୁ ଚାରିପଟେ ଚକଟା ଅଟାର ମୋଟା ପ୍ରାଚୀର ତିଆରି କରନ୍ତୁ । ଏହା ପରେ ଡା.ଅର୍ଥୋ ଆୟୁର୍ବେଦ ତେଲକୁ ସେଥିରେ ଯଥେଷ୍ଟ ମାତ୍ରାରେ ଭରିଦିଅନ୍ତୁ । ରୋଗୀ ସ୍ଥିର ରହିବେ ଏବଂ 15ରୁ 20 ମିନିଟ୍ ଯାଏଁ ଡା.ଅର୍ଥୋ ତେଲ ସେହିଭଳି ଭରି ହୋଇ ରହିବାକୁ ଦିଅନ୍ତୁ । ଭଲ ପରିଣାମ ପାଇଁ ଏହି ତେଲକୁ ପୁନର୍ବାର ପ୍ରୟୋଗ କରନ୍ତୁ ନାହିଁ ବରଂ ନୂଆ ତେଲ ବ୍ୟବହାର କରନ୍ତୁ ।
ଜାନୁ ବସ୍ତି ଥେରାପି କେମିତି କାମ କରିଥାଏ
ଆୟୁର୍ବେଦରେ ତେଲକୁ ବାତ ଦୋଷ ଶାନ୍ତ କରିବା ନିମନ୍ତେ ସବୁଠାରୁ ମହତ୍ତ୍ୱପୂର୍ଣ୍ଣ ଉପାଦାନ ବିବେଚନା କରାଯାଇଥାଏ । ଏହା ବାତ ଦୋଷ କାରଣରୁ ସୃଷ୍ଟି ହେଉଥିବା ଗଣ୍ଠି ସମ୍ବନ୍ଧୀୟ କଷ୍ଟକୁ କମ୍ କରିବାରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ତୁଲାଇଥାଏ । ଏହି ପଦ୍ଧତିରେ ଡା. ଅର୍ଥୋ ଆୟୁର୍ବେଦିକ ତେଲକୁ ପର୍ଯ୍ୟାପ୍ତ ମାତ୍ରାରେ ଆଣ୍ଠୁ ଉପରେ ସ୍ଥିର କରି ରଖାଯାଇଥାଏ ଏବଂ ଏହାଦ୍ୱାରା ଏହି ତେଲ ଆଣ୍ଠୁର ତନ୍ତୁରେ ପ୍ରବେଶ କରି ଗତିଶୀଳତାକୁ ବଢ଼ାଇବାରେ ସହାୟତା କରିଥାଏ । ବାରମ୍ବାର ଏହାକୁ କରାଗଲେ ଗଣ୍ଠିର ତନ୍ତୁକୁ ଶକ୍ତି ମିଳିଥାଏ । ଏହି ପ୍ରକ୍ରିୟା ପ୍ରତି ସପ୍ତାହରେ ଏକରୁ ଦୁଇଥର କରାଯାଇପାରିବ ।

Clinically Tested*
*For efficacy and safety.
24x7 Helpline: 78769 77777 | www.drorthooil.com | Available at all medical & general stores

4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ